ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୩୦/୨୦୨୩ (୧୬ ପୃଷ୍ଠା) Bhubaneswar, Friday, June 30/2023 Page 16 ₹ 7.00

୪୯ଶ ଭାଗ ୨୧୫ ସଂଖ୍ୟା VOLUME 49 ISSUE 215 ମୂଲ୍ୟ ₹୭/-

www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul

# ୨ ଯୁବକଙ୍କୁ ହତ୍ୟା ପରେ ଜାଳିଦେଲେ

**ଅପରାଧୀଙ୍କୁ ଦଣ୍ଡ ଦେବାକୁ ନ୍ୟାୟ ବ୍ୟବସ୍ଥା ରହିଥିଲେ ସୁଦ୍ଧା ଏବେ କିଛି ଲୋକ ଆଇନକୁ ହାତକୁ ନେବାକୁ ପଛାଉନାହାନ୍ତି। କ୍ରୋଧର ବଶବର୍ତ୍ତୀ ହୋଇ ଅମାନୁଷିକ କାର୍ଯ୍ୟ କରୁଛନ୍ତି। ଗଞ୍ଜାମ ଜିଲା ଦିଗପହଣ୍ଡିରେ ବୁଧବାର ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୨ ଯୁବକଙ୍କୁ ପିଟି ହତ୍ୟା କରିବା ପରେ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ କେତେଜଣ ଲୋକ ଜାଳି ଦେଇଥିବା ଘଟଣା ଦେଖିବାକୁ ମିଳିଛି। ପୋଲିସ ଅର୍ଦ୍ଧଦଗ୍ଧ ମୃତ ଶରୀରକୁ ଜବତ କରି ତଦନ୍ତ ଆରମ୍ଭ କରିଛି।**

ବ୍ରହ୍ମପୁର/ଦିଗପହଣ୍ଡି, ୨୯।୬
(ସୁବାସ ଚନ୍ଦ୍ର ପାଢ଼ୀ/ଅଶେଷନାଥ ମିଶ୍ର)

## ■ ଦିଗପହଣ୍ଡି ମହୁଡ଼ାରେ ଡବଲ ମର୍ଡର
## ■ ଗାଁ ପୁରୁଷଶୂନ୍ୟ, ୧୫ ଅଟକ

ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଅନ୍ତର୍ଗତ ମହୁଡ଼ା ଗ୍ରାମରେ ବୁଧବାର ରାତିରେ ଡବଲ୍ ମର୍ଡର ହୋଇଛି। ୨ଯୁବକଙ୍କୁ ପିଟି ହତ୍ୟା କରିବା ପରେ ପ୍ରମାଣ ନଷ୍ଟ କରିବା ପାଇଁ ମୃତଦେହକୁ କିଛି ବାଟ ଘୋଷାଡ଼ି ଆଣି ପେଟ୍ରୋଲ ପକାଇ ପୋଡ଼ିଦେବା ଉଦ୍ୟମ କରାଯାଇଥିଲା। ଖବର ପାଇ ପୋଲିସ ଦରପୋଡ଼ା ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକଦ୍ୱୟ ହେଲେ ସଦର ଥାନା ଅନ୍ତର୍ଗତ ଲାଠି ଗ୍ରାମରେ ଭଡ଼ାରେ ରହୁଥିବା ଶିବରାମ ଗୌଡ଼ ଓରଫ ଶିବ (୩୪) ଓ ସ୍ଥାନୀୟ ପାଢ଼ୀ ସାହିର ବିଘ୍ନରାଜ ପୁରୋହିତ ଓରଫ ଲିଟୁ (୩୮)। ଶିବରାମଙ୍କ ନାଁରେ ପୂର୍ବରୁ ଦିଗପହଣ୍ଡି ଥାନାରେ ଏକ ଆପରାଧିକ ମାମଲା ରହିଛି। ମହୁଡ଼ା ଗ୍ରାମର କେତେଜଣ ଲୋକଙ୍କ ସହ ଶିବରାମ ଓ ଲିଟୁଙ୍କ ଝଗଡ଼ାକୁ ନେଇ ଏପରି କାଣ୍ଡ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି। ଗ୍ରାମର ପ୍ରାୟ ୧୫ଜଣଙ୍କୁ ଅଟକ ରଖାଯାଇ ତଦନ୍ତ ଜାରି ରହିଥିବା ବ୍ରହ୍ମପୁର ଏସ୍‌ପି ସର୍ବଣା ବିବେକ ଏମ୍. ସୂଚନା ଦେଇଛନ୍ତି। କିଛିଦିନ ତଳେ ଲାଠି ଗ୍ରାମର କେତେଜଣ ☞ପୃଷ୍ଠା-୪



ହତ୍ୟାକାଣ୍ଡ ସ୍ଥଳରେ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଚାଲିଛି।

### ଆଜିର ସମ୍ପାଦକୀୟ

## ଏଆଇ ଓ ଆର୍ଥିକ ସୂଚନା

### ଆଜିର ମନ୍ତବ୍ୟ

“ ଜୁନ୍ ୨୩ରେ ପାଟନା ବୈଠକରେ ଯୋଗଦେଇଥିବା ସବୁ ନେତା ଦୁର୍ନୀତିଗ୍ରସ୍ତ। ୨୦ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଦୁର୍ନୀତିରେ ଜଡ଼ିତ ଏହି ନେତାମାନଙ୍କୁ ୨୦୨୪ ଲୋକ ସଭା ନିର୍ବାଚନରେ ବିହାରବାସୀ ମୁହଁତୋଡ଼ ଜବାବ ଦେବେ।

– ଅମିତ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ

# ପ୍ରଥା ଭାଙ୍ଗି ବହିଷ୍କାର, ଚ୍ୟାଲେଞ୍ଜକୁ ଡରି ନିଷ୍ପତ୍ତି ବଦଳାଇଲେ ରାଜ୍ୟପାଳ

ଚେନ୍ନାଇ, ୨୯।୬

ଏକ ବିବାଦୀୟ ଘଟଣାକ୍ରମରେ ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବି ଗୁରୁବାର ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ବିନା ପରାମର୍ଶରେ ବିଦ୍ୟୁତ୍ ଓ ଅବକାରୀ ବିଭାଗ ମନ୍ତ୍ରୀ ଭି. ସେନ୍ଥିଲ ବାଲାଜୀଙ୍କୁ କ୍ୟାବିନେଟ୍‌ରୁ ବହିଷ୍କାର କରିବା ପରେ ନିଷ୍ପତ୍ତି ପ୍ରତ୍ୟାହାର କରିଛନ୍ତି। ଜଣେ ରାଜ୍ୟପାଳ ପ୍ରଚଳିତ ପ୍ରଥା ଭାଙ୍ଗି ଏଭଳି ପଦକ୍ଷେପ ନେବା ଦେଶରେ ପ୍ରଥମ ଘଟଣା। ଏହାକୁ ନେଇ ରାଜ୍ୟର ଦ୍ରାବିଡ ମୁନେତ୍ରା କାଝାଗାମ୍ (ଡିଏମ୍‌କେ) ସରକାର ଏବଂ ରାଜ୍ୟପାଳ ମୁହାଁମୁହିଁ ହୋଇଛନ୍ତି। ମନ୍ତ୍ରିମଣ୍ଡଳର ଜଣେ ସଦସ୍ୟଙ୍କୁ ବହିଷ୍କାର କରିବା ଅଧିକାର ରାଜ୍ୟପାଳଙ୍କର ନାହିଁ। ରାଜ୍ୟପାଳଙ୍କ ☞ପୃଷ୍ଠା-୪



ମନ୍ତ୍ରୀ ଭି. ସେନ୍ଥିଲ ବାଲାଜୀ






**ଭାରତ ସହ ଅସ୍ଥାୟୀ ବ୍ୟବସାୟିକ ଭିଜା ନେଇ ଆଲୋଚନା କରିବ ବ୍ରିଟେନ**

ମୁକ୍ତ ବାଣିଜ୍ୟ ଚୁକ୍ତିନାମାର ଅଂଶ ସ୍ୱରୂପ ବ୍ରିଟେନ ଭାରତ ସହ ଅସ୍ଥାୟୀ ବ୍ୟବସାୟିକ ଭିଜା ସମ୍ପର୍କରେ ଆଲୋଚନା କରିବ। ବ୍ରିଟେନରେ ସ୍ଥାୟୀ ରହଣି କିମ୍ବା ଭାରତୀୟମାନଙ୍କର ବ୍ରିଟେନ୍ ଶ୍ରମ ବଜାରରେ ପ୍ରବେଶ ନେଇ କୌଣସି ଚୁକ୍ତିନାମା ହେବ ନାହିଁ। ଗତବର୍ଷ ଜାନୁୟାରୀରେ ବ୍ରିଟେନ ଭାରତ ସହ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ନେଇ ଆଲୋଚନା ଆରମ୍ଭ କରିଥିଲା। ଦ୍ରୁତ ବୁଝାମଣା ପାଇଁ ଗୁଣବତ୍ତାକୁ ବଳି ଦିଆଯାଇପାରିବ ନାହିଁ ବୋଲି ବ୍ରିଟିଶ ପ୍ରଧାନମନ୍ତ୍ରୀ ଋଷି ସୁନକ କହିଛନ୍ତି।

## ସଂକ୍ଷେପରେ

### ଟେକ୍ସାସରେ ଗ୍ରୀଷ୍ମଲହରି: ୧୩ ମୃତ

**ୱାଶିଂଟନ, ୨୯।୬:** ଟେକ୍ସାସ୍ ଏବଂ ଲୁଇସିଆନାରେ ପ୍ରବଳ ଗ୍ରୀଷ୍ମ ଲହରି ଜାରି ରହିଛି। ଅସହ୍ୟ ଗ୍ରୀଷ୍ମ ପ୍ରଭାବରେ ଟେକ୍ସାସରେ ୧୩ ଜଣଙ୍କ ମୃତ୍ୟୁ ଘଟିଲାଣି। ମିସିସିପି ଏବଂ ଟେନିସିରେ ତାପମାତ୍ରା ୩ ଅଙ୍କରେ ପହଞ୍ଚିପାରେ ବୋଲି ସରକାର ସତର୍କ କରାଇଛନ୍ତି। କାଲିଫର୍ନିଆରେ ଚଳିତ ବର୍ଷର ପ୍ରଥମ ସର୍ବାଧିକ ଗ୍ରୀଷ୍ମଲହର ଅନୁଭୂତ ହୋଇଛି। ଦକ୍ଷିଣପୂର୍ବ ଅଞ୍ଚଳରେ ତାପମାତ୍ରା ୧୦୦ ଡିଗ୍ରୀ ଫାରେନ୍‌ହାଇଟ (୩୮ ଡିଗ୍ରୀ ସେଲ୍‌ସିୟସ୍) ଅତିକ୍ରମ କରିବାକୁ ଯାଉଥିବାବେଳେ କେତେକ ଅଞ୍ଚଳରେ ଏହା ୧୧୫ ଡିଗ୍ରୀ ଫାରେନ୍‌ହାଇଟ୍ (୪୬ ଡିଗ୍ରୀ ସେଲ୍‌ସିୟସ)ରେ ପହଞ୍ଚିବ ବୋଲି ଆଶଙ୍କା କରାଯାଉଛି।

### କାନାଡାରେ ପ୍ରଫେସରଙ୍କ ସମେତ ୩ ଜଣଙ୍କୁ ଛୁରାମାଡ଼

**ଟରଣ୍ଟୋ, ୨୯।୬:** କାନାଡାର ୱାଟରଲୁ ସହରରେ ଥିବା ଏକ ବିଶ୍ୱବିଦ୍ୟାଳୟରେ ବୁଧବାର କ୍ଲାସ୍ ଚାଲିଥିବାବେଳେ ଜଣେ ପ୍ରଫେସର ଓ ଦୁଇଜଣ ଛାତ୍ରଙ୍କୁ ଛୁରାମାଡ଼ ହୋଇଛି। ସନ୍ଦିଗ୍ଧ ଆକ୍ରମଣକାରୀଙ୍କୁ ପୋଲିସ ଗିରଫ କରିଛି। ଆକ୍ରମଣ ପଛର ଉଦ୍ଦେଶ୍ୟ ଜଣାପଡ଼ିନାହିଁ। ତଦନ୍ତକାରୀ ଅଫିସରମାନେ ସନ୍ଦିଗ୍ଧଙ୍କୁ ଜେରା କରୁଛନ୍ତି। ଆକ୍ରମଣକାରୀ ୟୁନିଭର୍ସିଟି କମ୍ୟୁନିଟିର ଜଣେ ସଦସ୍ୟ। ତେବେ ସେ ସେଠାର ଛାତ୍ର କି ନୁହେଁ ତାହା ସ୍ପଷ୍ଟ ହୋଇନାହିଁ। ଫିଲୋସଫି ୨୦୨ରେ ଲିଙ୍ଗଗତ ପ୍ରସଙ୍ଗରେ କ୍ଲାସ୍ ହେଉଥିବାବେଳେ ଆକ୍ରମଣ ହୋଇଥିଲା।

### ପିଲାଙ୍କ ଉପରେ ସଶସ୍ତ୍ର ସଂଘର୍ଷର ପ୍ରଭାବ: ୟୁଏନ୍‌ଏସ୍‌ଜି ରିପୋର୍ଟରୁ ଭାରତ ବାଦ୍

**ଜାତିସଂଘ, ୨୯।୬ (ପି.ଟି.):** ଜାତିସଂଘ ମହାସଚିବ (ୟୁଏନ୍‌ଏସ୍‌ଜି) ଆଣ୍ଟୋନିଓ ଗୁଟେରେସ୍ ସଶସ୍ତ୍ର ସଂଘର୍ଷର ପିଲାମାନଙ୍କ ଉପରେ ପ୍ରଭାବ ସମ୍ପର୍କିତ ରିପୋର୍ଟରୁ ଭାରତକୁ ବାଦ୍ ଦେଇଛନ୍ତି। ଭାରତ ସରକାର ନେଇଥିବା ପଦକ୍ଷେପଗୁଡ଼ିକ ପିଲାମାନଙ୍କୁ ଉତ୍ତମ ସୁରକ୍ଷା ଦେବ ବୋଲି ଜାତିସଂଘ ମୁଖ୍ୟଙ୍କ ଚଳିତ ବର୍ଷର ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଗୁଟେରେସ୍‌ଙ୍କ କାର୍ଯ୍ୟାଳୟର ସ୍ୱତନ୍ତ୍ର ପ୍ରତିନିଧିମାନେ ଗତବର୍ଷ ଜୁଲାଇରେ ଶିଶୁ ସୁରକ୍ଷା କ୍ଷେତ୍ର ଚିହ୍ନଟ ଲାଗି ଟେକ୍‌ନିକାଲ ମିଶନରେ ସାମିଲ ହୋଇଥିଲେ। ଗତବର୍ଷ ନଭେମ୍ବରରେ ଭାରତ ସରକାର ଜମ୍ମୁ-କଶ୍ମୀରରେ ଶିଶୁ ସୁରକ୍ଷାକୁ ସୁଦୃଢ଼ କରିବା ଲାଗି ଏକ କର୍ମଶାଳା ଆୟୋଜନ କରିଥିଲେ। ଏଥିରେ ଜାତିସଂଘ ସାମିଲ ହୋଇଥିଲା।

### ଅଗଷ୍ଟରୁ ଚାଲିବ ୧୦୦% ଇଥାନଲ୍ ଚାଳିତ ଗାଡ଼ି

**ନୂଆଦିଲ୍ଲୀ, ୨୯।୬:** ଆସନ୍ତା ଅଗଷ୍ଟରୁ ଦେଶରେ ଶତପ୍ରତିଶତ ଇଥାନଲ ଦ୍ୱାରା ଚାଳିତ ଗାଡ଼ି ଲଞ୍ଚ କରାଯିବ ବୋଲି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି। ଗୁରୁବାର ଗଣମାଧମକୁ ଏକ ସାକ୍ଷାତ୍‌କାର ଦେଇ ଗଡ଼କରୀ କହିଛନ୍ତି, ଦେଶରେ ଖୁବ୍ ଶୀଘ୍ର ଇଥାନଲ୍‌ରେ ଗାଡ଼ି ଚାଲିବ। ଅନେକ ମୋଟରସାଇକେଲ ନିର୍ମାଣକାରୀ କମ୍ପାନୀ ଇଥାନଲ ଦ୍ୱାରା ଚାଳିତ ଗାଡ଼ି ନିର୍ମାଣ କଲେଣି। ଟୟୋଟା କମ୍ପାନୀର କାମ୍‌ରି କାର୍ ୬୦% ପେଟ୍ରୋଲ ଓ ୪୦% ଇଲେକ୍ଟ୍ରିସିଟିରେ ଚାଲୁଥିବାବେଳେ ଆଗାମୀ ଦିନରେ ଦେଶକୁ ୬୦% ଇଥାନଲ ଓ ୪୦% ବିଦ୍ୟୁତ୍ ଦ୍ୱାରା ଚାଳିତ ଗାଡ଼ି ଆସିବ। ଏହି ଗାଡ଼ି କମ୍ ଦାମ୍‌ରେ ଉପଲବ୍ଧ ହେବାକୁ ଥିବାବେଳେ ଏହାର ବ୍ୟବହାର ଯୋଗୁ ପ୍ରଦୂଷଣ ରୋକାଯାଇପାରିବ। ଇଥାନଲ ଦ୍ୱାରା ଚାଳିତ ଗାଡ଼ିଗୁଡ଼ିକୁ କୃଷକମାନେ ତିଆରି କରିଛନ୍ତି। କାରଣ ଆଜିର ଦିନରେ ଆଖୁରସରୁ ଇଥାନଲ୍ ଉତ୍ପନ୍ନ କରାଯାଉଛି ବୋଲି ସେ କହିଛନ୍ତି।



ପ୍ୟାରିସରେ ପୋଲିସ-ଜନତା ଖଣ୍ଡଯୁଦ୍ଧ ବେଳେ ଜଳିଯାଉଥିବା ଗାଡ଼ିଗୁଡ଼ିକର ନିଆଁ ଲିଭାଉଛନ୍ତି ଅଗ୍ନିଶମ ବାହିନୀ। (ଫଟୋ ସୌଜନ୍ୟ: ରଏଟର୍ସ)

# ପୋଲିସ ପାଇଁ ଫ୍ରାନ୍ସ ଜଳୁଛି

## ଡେଲିଭରି ଡ୍ରାଇଭରଙ୍କୁ ପୋଲିସର ହତ୍ୟା ପ୍ରତିବାଦରେ ଦେଶବ୍ୟାପୀ ଆନ୍ଦୋଳନ

**ଫ୍ରାନ୍ସରେ ବିବାଦୀୟ ପେନ୍‌ସନ ସଂସ୍କାର ବିରୋଧରେ ପ୍ରାୟ ୬ ମାସ ଧରି ଚାଲିଥିବା ହିଂସାତ୍ମକ ଆନ୍ଦୋଳନ ନ ଥମୁଣୁ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁଙ୍କ ସାମ୍ନାକୁ ଆସିଛି ଆଉ ଏକ ବଡ଼ ଚ୍ୟାଲେଞ୍ଜ। ପୋଲିସର ହିଂସାତ୍ମକ କାର୍ଯ୍ୟ ଓ ଆଇନ ପ୍ରବର୍ତ୍ତନକାରୀ ଏଜେନ୍ସିଗୁଡ଼ିକରେ ବର୍ଣ୍ଣଭେଦ କରାଯାଉଥିବା ନେଇ ଦୀର୍ଘଦିନ ଧରି ଅଭିଯୋଗ ହୋଇଆସୁଥିବାବେଳେ ମଙ୍ଗଳବାର ରାତିରେ ଜଣେ ୧୭ ବର୍ଷୀୟ ଡେଲିଭରି ଡ୍ରାଇଭରଙ୍କୁ ପୋଲିସ ଗୁଳିକରି ହତ୍ୟା କରିଛି। ଏହାର ପ୍ରତିବାଦରେ ଦେଶବାସୀ ରାଜରାସ୍ତାକୁ ଓହ୍ଲାଇ ଜଳାପୋଡ଼ା, ଭଙ୍ଗାରୁଜା କରୁଛନ୍ତି। ପୋଲିସ କର୍ତ୍ତବ୍ୟ ପାଳନ ଆଳରେ ହିତାହିତ ଜ୍ଞାନ ଭୁଲି ସାଧାରଣ ଜନତାଙ୍କ ଉପରେ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଲେ ପରିଣତି କ'ଣ ହୁଏ ତା'ର ପ୍ରମାଣ ଦେଇଛି ଫ୍ରାନ୍ସର ଏହି ସଦ୍ୟ ସଂଘର୍ଷ।**

ପ୍ୟାରିସ୍, ୨୯।୬
(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

ରାଜଧାନୀ ପ୍ୟାରିସ୍‌ର ପଶ୍ଚିମ ଉପକଣ୍ଠ ନଣ୍ଟେରେଠାରେ ମଙ୍ଗଳବାର ରାତିରେ ପୋଲିସ ଟ୍ରାଫିକ୍ ଯାଞ୍ଚ କରୁଥିଲା। ସେହି ରାସ୍ତା ଦେଇ ଉତ୍ତର ଆଫ୍ରିକୀୟ ସ୍ୱଳ୍ପବୟସ୍କ ଡ୍ରାଇଭର ନହେଲ ଏମ୍. ଏକ ଷ୍ଟେଶନାରି କାର୍‌ରେ ଯାଉଥିବାବେଳେ ଦୁଇଜଣ ଫରାସୀ ପୋଲିସ ଅଧିକାରୀ ତାଙ୍କୁ ଅଟକାଇଥିଲେ। ଦୁହିଁଙ୍କ ମଧ୍ୟରୁ ଜଣେ ଅଫିସର 'ତୁମ ମୁଣ୍ଡରେ ଗୁଳି ବାଜିବାକୁ ଯାଉଛି' କହି ତାଙ୍କୁ ଅତି ନିକଟରୁ ଗୁଳି କରିଥିଲେ। ଗୁଳିମାଡ଼ରେ ନାବାଳକ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିଲା। ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ଏହାର ଭିଡିଓ ସାରା ଦେଶକୁ ସ୍ତବ୍ଧ କରିଦେଇଛି।

ନହେଲଙ୍କ ହତ୍ୟାର ପ୍ରତିବାଦରେ ମୁଣ୍ଡ ଟେକିଥିବା ଆନ୍ଦୋଳନର ନିଆଁ ଦୁଇଦିନ ମଧ୍ୟରେ ସମଗ୍ର ଫ୍ରାନ୍ସକୁ ବ୍ୟାପିଛି। ବିକ୍ଷୋଭକାରୀମାନେ ପ୍ୟାରିସ୍ ସମେତ ବିଭିନ୍ନ ସହରରେ ଜଳାପୋଡ଼ା ଓ ଭଙ୍ଗାରୁଜା କରିଛନ୍ତି। ସେମାନେ ପୋଲିସ ଗାଡ଼ି ଓ ସରକାରୀ ଅଫିସଗୁଡ଼ିକରେ ନିଆଁ ଲଗାଇ ଦେଇଛନ୍ତି। ଲିଲେ, ଟୋଉଲୋଜ୍, ଆମିଏନ୍ସ, ଡିଜୋନ୍ ସମେତ ଅନେକ ସହରରେ ପୋଲିସ-ଜନତା ଖଣ୍ଡଯୁଦ୍ଧ ଦେଖିବାକୁ ମିଳିଛି। ଆଇନ ଅମାନ୍ୟ ଅଭିଯୋଗରେ ୨୦୦ରୁ ଊର୍ଦ୍ଧ୍ୱ ଦଙ୍ଗାକାରୀଙ୍କୁ ଗିରଫ କରାଯାଇଛି। ମୋନ୍ସ-ଏନ୍-ବାରୋଏଉଲ୍ ମେୟର କହିଛନ୍ତି, ଦଙ୍ଗାରେ ସହରର କିଛି ଭାଗ ଜଳିପୋଡ଼ି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି ଗୁରୁବାର ରାତିରେ ୪୦,୦୦୦ ପୋଲିସଙ୍କୁ ମୁତୟନ କରାଯାଇଛି। ହତ୍ୟାସ୍ଥଳ ନିକଟରେ କଳା ପୋଷାକ ଓ ମାସ୍କ ପିନ୍ଧିଥିବା ବିକ୍ଷୋଭକାରୀମାନେ ସ୍ଲୋଗାନ ଦେଉଛନ୍ତି, 'ଜଷ୍ଟିସ୍ ଫର୍ ନହେଲ'। କାନ୍ଥବାଡ଼ରେ 'ନହେଲଙ୍କ ପାଇଁ ନ୍ୟାୟ' ଏବଂ 'ପୋଲିସ ହତ୍ୟା କରେ' ସ୍ଲୋଗାନ ଲେଖାଥିବା ପୋଷ୍ଟର ଛାଇଯାଇଛି। ଜନାକ୍ରୋଶ ଉଗ୍ରରୂପ ଧାରଣ କରିବାରୁ ନହେଲଙ୍କ ହତ୍ୟାକାରୀ ଅଫିସରଙ୍କ ବିରୋଧରେ ମାଜିଷ୍ଟ୍ରେଟ୍ ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଆମେରିକା ଓ ବ୍ରିଟିଶ୍ ସିଷ୍ଟମ୍‌ଠାରୁ ଫ୍ରାନ୍ସର ଆଇନ ବ୍ୟବସ୍ଥା ଭିନ୍ନ। ତେଣୁ ଫ୍ରାନ୍ସର ଆଇନ ବ୍ୟବସ୍ଥା ଅନୁସାରେ ଦୁଇଜଣ ମାଜିଷ୍ଟ୍ରେଟ୍‌ଙ୍କୁ ତଦନ୍ତ ଭାର ଦିଆଯାଇଛି।

ସରକାରୀ ଓକିଲ ପାସ୍କାଲ ପ୍ରାଚେଙ୍କ ମତରେ ଏହି ଘଟଣାରେ ସମ୍ପୃକ୍ତ ଅଫିସର ନିଜ ବନ୍ଧୁକ ବ୍ୟବହାର ନେଇ ଆଇନଗତ ସର୍ତ୍ତ ପୂରଣ କରି ନ ଥିବା ସଂଗୃହୀତ ପ୍ରମାଣରୁ ଜଣାପଡ଼ିଛି। ତାଙ୍କୁ ଗିରଫ କରି ହାଜତରେ ରଖାଯାଇଛି। ଅନ୍ୟପକ୍ଷେ ଦେଶରେ ଲାଇସେନ୍ସ ହାସଲ ପାଇଁ ନହେଲ ପ୍ରାପ୍ତ ବୟସ୍କ ନ ହୋଇ କାର୍ ଡ୍ରାଇଭିଂ କରୁଥିଲେ। ଅଫିସରଙ୍କ ନିର୍ଦ୍ଦେଶ ନ ମାନିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ପୋଲିସ କହିଛି। ରାଷ୍ଟ୍ରପତି ଇମାନୁଏଲ ମାକ୍ରଁ ଏହି ହତ୍ୟାକୁ ଅକ୍ଷମଣୀୟ ଅପରାଧ କହି ନିନ୍ଦା କରିଛନ୍ତି। ସେ ବରିଷ୍ଠ ମନ୍ତ୍ରୀମାନଙ୍କ ସହ ଜରୁରୀ ବୈଠକ କରିଛନ୍ତି। ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ମାକ୍ରଁ ଦେଶବାସୀଙ୍କୁ ପରାମର୍ଶ ଦେଇଛନ୍ତି।



୧୭ ବର୍ଷୀୟ ନହେଲଙ୍କୁ ପୋଲିସର ହତ୍ୟା ପ୍ରତିବାଦରେ ଆୟୋଜିତ ବିକ୍ଷୋଭ ଶୋଭାଯାତ୍ରାର ନେତୃତ୍ୱ ନେଉଛନ୍ତି ତାଙ୍କ ମା' ମୋଉନିଆ।

## କେନ୍ଦ୍ର କ୍ୟାବିନେଟ୍‌ରେ ଅଦଳବଦଳ ଚର୍ଚ୍ଚା

**ଜୁଲାଇ ୩ରେ ମନ୍ତ୍ରୀ ପରିଷଦ ବୈଠକ**

ନୂଆଦିଲ୍ଲୀ, ୨୯।୬(ପି.ଟି.)

ଆସନ୍ତା ବର୍ଷ ଲୋକ ସଭା ନିର୍ବାଚନ ଓ ଚଳିତ ବର୍ଷ ଶେଷ ଭାଗରେ କେତେକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟର ବିଧାନସଭା ନିର୍ବାଚନ ଥିବାରୁ ଏହା ପୂର୍ବରୁ ଭାଜପା ସଂଗଠନକୁ ଅଧିକ ସୁଦୃଢ଼ କରିବା ଉପରେ ଦଳ ଗୁରୁତ୍ୱ ଦେଉଛି। ସେଥିପାଇଁ କେନ୍ଦ୍ର ମନ୍ତ୍ରିମଣ୍ଡଳ ସମେତ ଭାଜପା ସାଂଗଠନିକ ସ୍ତରରେ ବଡ଼ ଅଦଳବଦଳ ନେଇ ଚର୍ଚ୍ଚା ଜୋର୍ ଧରିଛି। ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାଜପା ଶୀର୍ଷ ନେତାମାନଙ୍କ ସହ ବ୍ୟସ୍ତବହୁଳ ବିଚାରବିମର୍ଶ କରିବା ପରେ ତାଙ୍କ ମନ୍ତ୍ରିମଣ୍ଡଳରେ ସମ୍ଭାବ୍ୟ ପରିବର୍ତ୍ତନକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଇଛି। ଉକ୍ତ ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଗତ କିଛିଦିନ ହେଲା ଶାହା, ନଡ୍ଡା ଏବଂ ଭାଜପା ସାଧାରଣ ସମ୍ପାଦକ (ସଂଗଠନ) ବି.ଏଲ୍. ସନ୍ତୋଷଙ୍କ ମଧ୍ୟରେ ସାଂଗଠନିକ ଓ ରାଜନୈତିକ ପ୍ରସଙ୍ଗକୁ ନେଇ ଅନେକ ଥର ବିଚାରବିମର୍ଶ ହେଲାଣି। ଆସନ୍ତା ଜୁଲାଇ ୩ରେ ମୋଦିଙ୍କ ଅଧ୍ୟକ୍ଷତାରେ ମନ୍ତ୍ରିପରିଷଦ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ପ୍ରଗତି ମଇଦାନସ୍ଥିତ ନବନିର୍ମିତ କନ୍‌ଭେନଶନ ସେଣ୍ଟରରେ ଏହି ବୈଠକ ବସିପାରେ ବୋଲି କୁହାଯାଉଛି। ଜୁଲାଇ ତୃତୀୟ ସପ୍ତାହରେ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଆରମ୍ଭ ହେବାକୁ ଥିବାବେଳେ ଏହା ପୂର୍ବରୁ ମନ୍ତ୍ରୀ ପରିଷଦ ବୈଠକ ଅନୁଷ୍ଠିତ ହେବ।

## ଆଜାଦଙ୍କ ଆକ୍ରମଣରେ ବ୍ୟବହୃତ ଗାଡ଼ି ଜବତ

ଲକ୍ଷ୍ନୌ, ୨୯।୬(ପି.ଟି.)

ଦଳିତ ନେତା ତଥା ଭୀମ୍ ଆର୍ମି ମୁଖ୍ୟ ଚନ୍ଦ୍ରଶେଖର ଆଜାଦଙ୍କୁ ଗୁଳିମାଡ଼ ବେଳେ ଆକ୍ରମଣକାରୀ ବ୍ୟବହାର କରିଥିବା ଗାଡ଼ିକୁ ଉତ୍ତରପ୍ରଦେଶ ସାହରନପୁର ଜିଲାରୁ ଜବତ କରାଯାଇଥିବା ପୋଲିସ କହିଛି। ଆକ୍ରମଣ ପୂର୍ବରୁ ଫେସ୍‌ବୁକ୍ ପେଜ୍‌ରେ ଆଜାଦଙ୍କୁ ହତ୍ୟା ଧମକ ଦିଆଯାଇଥିଲା। ଆମେଠି ଜିଲା ପୋଲିସ ଆଇପିସିର ଦଫା ୫୦୬ରେ ମାମଲା ରୁଜୁ କରିଛି। ଆଜାଦଙ୍କୁ ଉପଯୁକ୍ତ ସୁରକ୍ଷା ଯୋଗାଇଦେବା ଦାବିରେ ଭୀମ୍ ଆର୍ମି ଓ ଆଜାଦ ସମାଜ ପାର୍ଟିର କର୍ମୀମାନେ ପରିବର୍ତ୍ତନ ଚୌକରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବୁଧବାର ସନ୍ଧ୍ୟାରେ ସାହରନପୁରର ଦେଓବନ୍ଦଠାରେ ଅଜଣା ଆକ୍ରମଣକାରୀ ଆଜାଦଙ୍କୁ ଗୁଳି କରିଥିଲେ।

## ସବୁ ପଞ୍ଚାୟତରେ ହେବ ଡିଜିଟାଲ ପେମେଣ୍ଟ

ନୂଆଦିଲ୍ଲୀ, ୨୯।୬(ପି.ଟି.)

ଆସନ୍ତା ସ୍ୱାଧୀନତା ଦିବସଠାରୁ ଦେଶର ସବୁ ପଞ୍ଚାୟତ ୟୁପିଆଇକ୍ଷମ ହେବ ବୋଲି କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ପଞ୍ଚାୟତଗୁଡ଼ିକରେ ହେଉଥିବା ସମସ୍ତ ଉନ୍ନୟନ କାର୍ଯ୍ୟ ଏବଂ ରାଜସ୍ୱ ସଂଗ୍ରହ ପାଇଁ ଡିଜିଟାଲ ପେମେଣ୍ଟ ବ୍ୟବହାରକୁ ବାଧ୍ୟତାମୂଳକ କରାଯିବ। ରାଜ୍ୟଗୁଡ଼ିକ ଏହା ଘୋଷଣା କରିବା ସହ ମୁଖ୍ୟମନ୍ତ୍ରୀ, ଏମ୍‌ପି, ବିଧାୟକମାନଙ୍କ ଭଳି ବ୍ୟକ୍ତିମାନଙ୍କ ଉପସ୍ଥିତିରେ ୟୁପିଆଇକ୍ଷମ ପଞ୍ଚାୟତଗୁଡ଼ିକର ଉଦ୍‌ଘାଟନ କରିବେ। ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଲେଖାଯାଇଥିବା ଚିଠିରେ ଏହା ଉଲ୍ଲେଖ ରହିଛି। ବର୍ତ୍ତମାନ ସୁଦ୍ଧା ୯୮ ପ୍ରତିଶତ ପଞ୍ଚାୟତରେ ୟୁପିଆଇ ଭିତ୍ତିକ ପେମେଣ୍ଟ ବ୍ୟବହାର ଆରମ୍ଭ ହୋଇଯାଇଥିବା ପଞ୍ଚାୟତିରାଜ ମନ୍ତ୍ରଣାଳୟ ସଚିବ ସୁନୀଲ କୁମାର କହିଛନ୍ତି। ସେବା ପ୍ରଦାନକାରୀ ଏବଂ ଭେଣ୍ଡରମାନଙ୍କ ସହ ଶୁକ୍ରବାର ବୈଠକ କରିବା ପାଇଁ ପଞ୍ଚାୟତଗୁଡ଼ିକୁ କୁହାଯାଇଛି। ଗୁଗଲପେ, ଫୋନ୍‌ପେ, ପେଟିଏମ୍, ଭିମ୍, ମୋବିକୁଇକ୍, ହ୍ୱାଟ୍ସଆପ୍‌ପେ, ଆମାଜନପେ ଏବଂ ଭାରତପେ ଆଦି ୟୁପିଆଇ ପ୍ଲାଟ୍‌ଫର୍ମଗୁଡ଼ିକର କର୍ମଚାରୀମାନଙ୍କ ଯୋଗାଯୋଗ ବିବରଣୀ ମନ୍ତ୍ରଣାଳୟ ପକ୍ଷରୁ ଶେୟାର କରାଯାଇଛି। ଜୁଲାଇ ୧୫ ସୁଦ୍ଧା ପଞ୍ଚାୟତଗୁଡ଼ିକୁ ଉପଯୁକ୍ତ ସେବା ପ୍ରଦାନକାରୀ ଚୟନ କରିବାକୁ ହେବ ଏବଂ ଜୁଲାଇ ୩୦ ସୁଦ୍ଧା ଭେଣ୍ଡର ଚୂଡ଼ାନ୍ତ କରିବାକୁ ପଡ଼ିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଜାରି ଗାଇଡ୍‌ଲାଇନରେ କୁହାଯାଇଛି।

## ରକ୍ତିମ ହୋଇଗଲା ନଦୀଜଳ

ଟୋକିଓ, ୨୯।୬

ଜାପାନ ଓକିନାୱା ଦ୍ୱୀପ ନାଗୋ ସହରରେ ପ୍ରବାହିତ ନଦୀ ଜଳ ହଠାତ୍ ଲାଲ୍ ରଙ୍ଗ ଧାରଣ କରିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଥିଲା। ନଦୀ ଜଳ ରକ୍ତିମ ବର୍ଣ୍ଣ ହୋଇଯିବାରୁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଏହାର କିଛି ସମୟ ପରେ ସ୍ଥାନୀୟ ଅଞ୍ଚଳରେ ଥିବା ଓରିଓନ୍ ବ୍ରେୱେରିଜ୍ ବିୟର୍ ଫ୍ୟାକ୍ଟ୍ରିରୁ ସ୍ପଷ୍ଟୀକରଣ ଆସିଲା ଯେ, କାରଖାନାରେ ବ୍ୟବହୃତ ଫୁଡ୍ କଲରିଂ ଡାଏ ଲିକ୍ ହୋଇ ବର୍ଷାଜଳ ନିଷ୍କାସନ ଲାଗି ବ୍ୟବହାର କରାଯାଉଥିବା ଡ୍ରେନ୍ ଦ୍ୱାରା ନଦୀ ଜଳରେ ଯାଇ ମିଶିଛି। ଫଳରେ ନଦୀ ଜଳର ବର୍ଣ୍ଣ ଲାଲ ରଙ୍ଗ ହୋଇଯାଇଛି। ଫୁଡ୍ କଲର ମିଶିଥିବା ନଦୀ ଜଳକୁ ବ୍ୟବହାର କରିବା ଦ୍ୱାରା କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେବ ନାହିଁ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ନଦୀ ଜଳର ରଙ୍ଗ ପରିବର୍ତ୍ତନକୁ ନେଇ ସ୍ଥାନୀୟ ଲୋକଙ୍କଠାରେ ଯେଉଁ ଭୟର ବାତାବରଣ ସୃଷ୍ଟି ହୋଇଛି ସେ ଲାଗି ଓରିଓନ୍ ବ୍ରେୱେରିଜ୍ କ୍ଷମା ମାଗିଛି।

ଲାଲ୍ ନଦୀ ଜଳର ଫଟୋ ଏବଂ ଭିଡିଓ ଏବେ ସୋସିଆଲ ମିଡିଆରେ ବହୁଳ ପ୍ରସାର ହେବାରେ ଲାଗିଛି। ମଙ୍ଗଳବାର ସ୍ଥାନୀୟ ସମୟ ସକାଳ ୯ଟା ୩୦ ମିନିଟ୍‌ରେ କମ୍ପାନୀର ଏକ କୁଲିଂ ସିଷ୍ଟମରୁ ଫୁଡ୍ କଳର ଲିକ୍ ହୋଇଥିବା ଜଣାପଡ଼ିଛି। କମ୍ପାନୀର କୁଲିଂ ପ୍ରୋସେସ୍ ପାଇଁ ଫୁଡ୍ କଳର (ପ୍ରୋପାଇଲିନ୍ ଗ୍ଲାଇକୋଲ)କୁ ବ୍ୟବହାର କରାଯାଉଥିଲା। ସାଧାରଣ ଭାବେ ଏହାକୁ ଡ୍ରଗ୍ ଏବଂ କସ୍‌ମେଟିକ୍ କାରଖାନାରେ ବିଶେଷ କରି ବ୍ୟବହାର କରାଯାଉଥିବାବେଳେ ଏହା ମଣିଷ ଶରୀରରେ କୌଣସି କ୍ଷତିକାରକ ପ୍ରଭାବ ପକାଇବ ନାହିଁ ବୋଲି ଆମେରିକୀୟ ଏଜେନ୍ସୀ ଟକ୍ସିକ୍ ସବ୍‌ଷ୍ଟାନ୍‌ସେସ୍ ଆଣ୍ଡ୍ ଡିଜିଜ୍ ରେଜିଷ୍ଟ୍ରି ସୂଚନା ଦେଇଛି। କମ୍ପାନୀରୁ କେଉଁଭଳି ଫୁଡ୍ କଳର ଲିକ୍ ହେଲା ସେ ନେଇ କର୍ତ୍ତୃପକ୍ଷ ତଦନ୍ତ ଚଳାଇଥିବା ସହ ଭବିଷ୍ୟତରେ ଏଭଳି ଘଟଣା ଘଟିବ ନାହିଁ ବୋଲି ଓରିଓନ୍ ବ୍ରେୱେରିଜ୍ ଅଧ୍ୟକ୍ଷ ହାଜିମେ ମୁରାନୋ ପ୍ରତିକ୍ରିୟାରେ କହିଛନ୍ତି।







ପୁରୀ: ଗୁରୁବାର ତିନି ରଥରେ ବଡ଼ଠାକୁର ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥ ସୁନାବେଶରେ ଦର୍ଶନ ଦେଉଛନ୍ତି। **(ଫଟୋ– ଯଜ୍ଞେଶ୍ୱର ମହାନ୍ତି)**

# ସୁନାବେଶରେ ଦର୍ଶନ ଦେଲେ ଦାରୁଦିଅଁ

### ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦେଖି ମଧ୍ୟରାତ୍ରି ପର୍ଯ୍ୟନ୍ତ ବଢ଼ିଲା ଦର୍ଶନ ସମୟ

ପୁରୀ, ୨୯।୬ (ଅଜିତ୍ ମହାନ୍ତି)

ପବିତ୍ର ଆଷାଢ଼ ଶୁକ୍ଳ ଏକାଦଶୀ ତିଥିରେ ଗୁରୁବାର ରଥ ଉପରେ ସୁନାବେଶରେ ଦର୍ଶନ ଦେଇଛନ୍ତି ଦାରୁଦିଅଁ। ଲକ୍ଷାଧିକ ଭକ୍ତ ମହାପ୍ରଭୁଙ୍କ ଦୁର୍ଲଭ ସୁନାବେଶ ଦର୍ଶନ କରି କୃତାର୍ଥ ହେବା ସହ ଆତ୍ମତୃପ୍ତି ଲାଭ କରିଛନ୍ତି। ଅନ୍ୟପକ୍ଷରେ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଦର୍ଶନ ସମୟକୁ ଅଧିକ ୧ ଘଣ୍ଟା ଅର୍ଥାତ୍ ରାତି ୧୨ଟା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ଏବଂ ଦେବୀ ସୁଭଦ୍ରା ବୁଧବାର ବାହୁଡ଼ା ଯାତ୍ରାରେ ରଥାରୂଢ଼ ହୋଇ ଗୁଣ୍ଡିଚା ମନ୍ଦିର ଆଡ଼ପମଣ୍ଡପରୁ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିବା ପରେ ଗୁରୁବାର ରଥ ଉପରେ ସୁନାବେଶରେ ଦର୍ଶନ ଦେଇଛନ୍ତି। ଏଥିପାଇଁ ଶ୍ରୀବିଗ୍ରହମାନେ ମହଣ ମହଣ ସୁନା ଅଳଙ୍କାରରେ ସଜେଇ ହୋଇଥିଲେ। ପ୍ରାୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତ ସୁନାବେଶ ଦର୍ଶନ କରି ଭାବ ବିହ୍ୱଳିତ ହୋଇପଡ଼ିଥିଲେ। ରଥରେ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ କଲେ କୋଟି ଜନ୍ମର ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି। ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁଯାୟୀ ରଥରେ ମହାପ୍ରଭୁଙ୍କ ବିଭିନ୍ନ ନୀତି ସମ୍ପନ୍ନ କରାଯାଇଥିଲା। ମଇଲମ ଓ ଏକାଦଶୀ ସର୍ବାଙ୍ଗ ନୀତି ବଢିବା ପରେ ବେଶ ହୋଇ ତିନିରଥରେ ମଧ୍ୟାହ୍ନ ଧୂପ ସମ୍ପନ୍ନ ହୋଇଥିଲା। ପରେ ମଇଲମ ଓ ଶାଢ଼ି ଖଣ୍ଟୁଆ ଲାଗି ଶେଷ ହେବା ପରେ ସୁନାବେଶ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଭଣ୍ଡାର ଘରୁ ଭଣ୍ଡାର ମେକାପଙ୍କ ତତ୍ତ୍ୱାବଧାନରେ ସୁନା ଅଳଙ୍କାରଗୁଡିକୁ ରଥ ଉପରକୁ ଅଣାଯାଇଥିଲା। ଅପରାହ୍ନ ୫ଟା ୫ ମିନିଟ୍‌ରେ ସୁନାବେଶ ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ଶେଷ ହୋଇଥିଲା। ତିନିଠାକୁରଙ୍କୁ କଣ୍ଠମାଳା, ଶ୍ରୀଭୁଜ, ଶ୍ରୀପୟର, ରତ୍ନପଦକ, ରତ୍ନ କିରୀଟ, କରପଲ୍ଲବ, ମୁଦି, ବଳା, ବାହୁଟି, କାନ୍ତ, କଟି ମେଖଳା ଆଦି ବହୁବିଧ ରତ୍ନଅଳଙ୍କାରରେ ସଜ୍ଜିତ କରାଯାଇଥିଲା। ନୀତି ସମ୍ପନ୍ନ ପରେ ଦର୍ଶନ ଆରମ୍ଭ ହୋଇଥିଲା। ଭକ୍ତମାନେ ମାର୍କେଟ ଛକଠାରୁ କରାଯାଇଥିବା ବ୍ୟାରିକେଡ ଦେଇ ଧାଡ଼ିରେ ଆସିଥିଲେ। ସେମାନେ ନନ୍ଦିଘୋଷ ରଥର ବାମ ପାର୍ଶ୍ୱ ଦେଇ ତିନି ରଥ ସମ୍ମୁଖକୁ ଆସି ଶ୍ରୀବିଗ୍ରହମାନଙ୍କ ସୁନାବେଶ ଦର୍ଶନ କରି ତାଳଧ୍ୱଜ ରଥର ଡାହାଣ ପାର୍ଶ୍ୱ ଦେଇ ପ୍ରସ୍ଥାନ କରିଥିଲେ। ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ୯୦ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ସେହିପରି ପୋଲିସ ପକ୍ଷରୁ ଡ୍ରୋନ କ୍ୟାମେରା ମାଧ୍ୟମରେ ଟ୍ରାଫିକ ବ୍ୟବସ୍ଥା ପରିଚାଳନା କରାଯାଇଥିଲା।

# ମୃତକଙ୍କ ଆତ୍ମୀୟଙ୍କ ପାଇଁ ୩ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା

### ବାହୁଡ଼ା ଯାତ୍ରା ଦୁର୍ଘଟଣା

- ମୁଖ୍ୟମନ୍ତ୍ରୀଙ୍କ ଶୋକ
- ତ୍ରିପୁରା ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେଲେ ନବୀନ

ଭୁବନେଶ୍ୱର, ୨୯।୬ (ଅନିଲ ଦାସ)

ପବିତ୍ର ବାହୁଡ଼ା ଯାତ୍ରା ସମୟରେ ବୁଧବାର ରାଜ୍ୟରେ ଓ ରାଜ୍ୟ ବାହାରେ ବିଦ୍ୟୁତ୍ ତାର ଲାଗି ୧୦ ଜଣଙ୍କର ମୃତ୍ୟୁ ହୋଇଛି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଛନ୍ତି। କେନ୍ଦୁଝର ଜିଲା କେନ୍ଦୁଆ ଗ୍ରାମଠାରେ ୩ ଜଣ ଓ କୋରାପୁଟ ଜିଲା କୋଲାବ ନଗରଠାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। ଏହି ଦୁର୍ଘଟଣାରେ ଆହତମାନଙ୍କୁ ବିନା ମୂଲ୍ୟରେ ଉପଯୁକ୍ତ ଚିକିତ୍ସା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ସହିତ ସେମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ସେହପରି ବାହୁଡ଼ା ଯାତ୍ରା ବେଳେ ତ୍ରିପୁରାରେ ୬ ଜଣଙ୍କର ମୃତ୍ୟୁକୁ ନେଇ ମୁଖ୍ୟମନ୍ତ୍ରୀ ଗଭୀର ମର୍ମାହତ ହୋଇଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ଗଭୀର ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ନିଜର ସମବେଦନା ଜଣାଇଛନ୍ତି। ଏଥିସହିତ ନବୀନ ତ୍ରିପୁରା ମୁଖ୍ୟମନ୍ତ୍ରୀ ମାଣିକ ଶାହଙ୍କ ସହିତ ଗୁରୁବାର ଫୋନ୍‌ରେ କଥା ହୋଇ ଦୁଃଖଦ ଘଟଣାରେ ଜୀବନହାନିକୁ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏଭଳି ଦୁଃଖଦ ସମୟରେ ଓଡ଼ିଶାର ଲୋକମାନେ ତ୍ରିପୁରାବାସୀଙ୍କ ସହ ଦୃଢ଼ ଭାବେ ରହିଛନ୍ତି। ଏହି ଦୁର୍ଘଟଣାରେ ଆହତମାନଙ୍କର ଆଶୁ ଆରୋଗ୍ୟ କାମନା କରିବା ସହ ତ୍ରିପୁରା ସରକାରଙ୍କୁ ସମସ୍ତ ପ୍ରକାର ସହାୟତା ପାଇଁ ସହଯୋଗର ହାତ ବଢ଼ାଇଛନ୍ତି। ଏଥିସହିତ ଓଡ଼ିଶା ମୋ ପରିବାରର ନିର୍ଦ୍ଦେଶକ ଡି.କେ. ରାଉତରାୟଙ୍କୁ ସହାୟତା ଯୋଗାଇ ଦେବାକୁ ତ୍ରିପୁରା ପଠାଇଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘର କରିବୁ ତୁ ସାଇରେ
ପରତେ ନ ଯିବୁ ବାଇରେ
ପରିହାସ କରିବୁ ଆଈରେ।**

ସାଇଭାଇରେ ଘର କରିଥିଲେ ବିପଦ ଆପଦ ବେଳେ ସାହାଯ୍ୟ ଓ ସମର୍ଥନ ମିଳିବାରେ କୌଣସି ଅସୁବିଧା ରହି ନ ଥାଏ। ପର କଥାରେ ଚାଲିଲେ ବିପଦରେ ପଡିବାର ସମ୍ଭାବନା ରହିଥାଏ। ସେହିପରି ବୁଢ଼ୀ ମା' ଓ ଆଈଙ୍କ ଭଳି ବୟସ୍କା ମହିଳାଙ୍କ ସହ ଥଟ୍ଟା ପରିହାସ କରିବା ଗ୍ରହଣୀୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘର ଝିଅ ପରକୁ
ପର ଝିଅ ଘରକୁ।**

ସାଧାରଣତଃ ଝିଅ ଘର ଯୋଗ୍ୟା ହେଲେ ତାକୁ ପରଗୋତ୍ରୀ କରିଦିଆଯାଏ। ସେହିପରି ନିଜ ଝିଅ ପରଘରକୁ ବୋହୂ ହୋଇ ଚାଲିଗଲା ଭଳି ପର ଝିଅ ମଧ୍ୟ ସମୟକ୍ରମେ ନିଜ ଘରକୁ ବୋହୂ ହୋଇ ଆସିଥାଏ। ଏହା ହିଁ ସାମାଜିକ ରୀତି ନୀତି ବା ଚଳଣି ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




# ବ୍ରାହ୍ମଣୀରେ ଟାଣିନେଲା କୁମ୍ଭୀର, ଜଣେ ମୃତ

କେନ୍ଦ୍ରାପଡ଼ା, ୨୯।୬ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ଘାଗରାଡିଆ ଗ୍ରାମର ଜଣେ ବ୍ୟକ୍ତିଙ୍କୁ କୁମ୍ଭୀର ଗୁରୁବାର ଟାଣିନେବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଘାଗରାଡିଆ ଗ୍ରାମର ଗଙ୍ଗାଧର ତରାଇ (୫୬)। ସକାଳୁ ପାଖ ବ୍ରାହ୍ମଣୀ ନଦୀକୁ ଶୌଚ ହେବା ପାଇଁ ସେ ଯାଇଥିବା ବେଳେ ଛକି ରହିଥିବା କୁମ୍ଭୀର ପାଣି ଭିତରକୁ ତାଙ୍କୁ ଟାଣି ନେଇଥିଲା। ତାଙ୍କୁ ଉଦ୍ଧାର ପାଇଁ ଅଗ୍ନିଶମ ବାହିନୀ ଓ ଗ୍ରାମବାସୀ ଖୋଜାଖୋଜି କଲା ପରେ ନଦୀର କିଛି ଦୂରରୁ ତାଙ୍କ କ୍ଷତବିକ୍ଷତ ଶରୀରକୁ ଉଦ୍ଧାର କରାଯାଇଛି। ମୃତଦେହ ଉଦ୍ଧାର ପରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପୋଲିସ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ସୂଚନାଯୋଗ୍ୟ, ଚଳିତ ମାସ କେନ୍ଦ୍ରାପଡ଼ା ଜିଲାରେ କୁମ୍ଭୀର ମୁହଁରେ ଜୀବନ ଯିବା ଏହା ତୃତୀୟ ଘଟଣା। ପହିଲି ରଜ ୧୪ ତାରିଖରେ ପଟ୍ଟାମୁଣ୍ଡାଇ ନିମପୁର ଗ୍ରାମର ଆଶୁତୋଷ ଆଚାର୍ଯ୍ୟ(୧୦)ଙ୍କୁ ବ୍ରାହ୍ମଣୀ ନଦୀରେ କୁମ୍ଭୀର ଟାଣି ନେଇ ମାରି ଦେଇଥିଲା। ୨୧ ତାରିଖରେ ରାଜନଗର ହାତିଆଗଡ଼ି ଗାଁର ସୀତାରାଣୀ ଦାସ(୪୫)ଙ୍କୁ କୁମ୍ଭୀର କେନାଲରେ ଟାଣି ନେଇ ମାରି ଦେଇଥିଲା। ଗୁରୁବାର ଗଙ୍ଗାଧରଙ୍କୁ କୁମ୍ଭୀର ଟାଣି ନେଇ ମାରି ଦେଇଛି। କୁମ୍ଭୀର ଆକ୍ରମଣରେ ୩ଟି ଅମୂଲ୍ୟ ଜୀବନହାନି ହୋଇଛି। ଏହି ମଣିଷଖିଆ କୁମ୍ଭୀରକୁ ତୁରନ୍ତ ଧରି ସ୍ଥାନାନ୍ତର କରିବା ପାଇଁ ସ୍ଥାନୀୟ ଅଞ୍ଚଳରେ ଦାବି ହୋଇଛି।

# ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ କେନ୍ଦ୍ର ଜଙ୍ଗଲ ମନ୍ତ୍ରୀ

**ଶିମିଳିପାଳ ସୁରକ୍ଷା ପ୍ରସଙ୍ଗ**

ଭୁବନେଶ୍ୱର,୨୯।୬(ଅନିଲଦାସ)

ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ କାର୍ଯ୍ୟରତ ୨ଜଣ ଫରେଷ୍ଟ ଗାର୍ଡ ଶିକାରୀଙ୍କ ଗୁଳିରେ ନିହତ ଘଟଣାକୁ ନେଇ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଉଦ୍‌ବେଗ ପ୍ରକାଶ କରିଛି। ଶିମିଳାପାଳ ଏବଂ ଫରେଷ୍ଟ ଗାର୍ଡଙ୍କ ସୁରକ୍ଷାକୁ କଡାକଡି କରିବାକୁ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୁପେନ୍ଦର ଯାଦବ ମୁଖମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ। ବାଘ ଓ ସେମାନଙ୍କ ସୁରକ୍ଷାରେ ନିୟୋଜିତ କର୍ମଚାରୀମାନଙ୍କ ସୁରକ୍ଷାକୁ ନିଶ୍ଚିତ କରିବା ପାଇଁ ଦୃଢ ପଦକ୍ଷେପ ନେବା ଆବଶ୍ୟକ। ଫରେଷ୍ଟ ଗାର୍ଡଙ୍କ ହତ୍ୟା ଘଟଣା ପରେ ମନ୍ତ୍ରଣାଳୟର ଜଙ୍ଗଲ ଡାଇରେକ୍ଟର ଜେନେରାଲ ତଥା ସ୍ୱତନ୍ତ୍ର ସଚିବଙ୍କ ଅଧ୍ୟକ୍ଷତାରେ ଏକ ଟିମ୍ ଶିମିଳିପାଳ ଅଭୟାରଣ୍ୟ ଗସ୍ତ କରିଥିଲେ। ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଟିମ ଦାଖଲ କରିଥିବା ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଏଭଳି ଘଟଣା ଯେପରି ପୁନରାବୃତ୍ତି ନ ହେବ ସେନେଇ ପଦକ୍ଷେପ ନେବାକୁ କେନ୍ଦ୍ରମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି।

# ଖବରଦାତାଙ୍କ ବିୟୋଗ

ବ୍ରହ୍ମପୁର,୨୯।୬(ସ୍ମୃତି ରଞ୍ଜନ ମହାଲିକ)



ଜ୍ୟୋତିର୍ବିଦ ବାଇକୋଳି ମହାପାତ୍ରଙ୍କ ନାତି ତଥା ଖବରଦାତା ଡ. ଜଗନମୋହନ ମହାପାତ୍ର(୫୭)ଙ୍କ ଗୁରୁବାର ପୂର୍ବାହ୍ନରେ ପରଲୋକ ଘଟିଛି। ପୂର୍ବାହ୍ନରେ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମରଶରୀରକୁ ପ୍ରଥମେ ଗଜପତିନଗରସ୍ଥିତ ବାସଭବନକୁ ଅଣାଯାଇଥିଲା। ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ସମେତ ବିଭିନ୍ନ ଦଳର ନେତା ଓ କର୍ମୀମାନେ ତାଙ୍କର ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି। ଜଗନମୋହନଙ୍କ ବିୟୋଗରେ ବ୍ରହ୍ମପୁର ଖବରକାଗଜ ବିତରକ ସଂଘର ସଭାପତି ହରିକୃଷ୍ଣ ପାଢ଼ୀ, ସଂପାଦକ ସନ୍ତୋଷ ପାଣିଗ୍ରାହୀ ଓ କୋଷାଧ୍ୟକ୍ଷ ଭାଗିରଥୀ ବେହେରା, ଶଙ୍କର ବେହେରା ଓ ସହ ସଂପାଦକ ବିଶ୍ୱନାଥ ବେହେରା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ୨ ଯୁବକଙ୍କୁ ହତ୍ୟା...

ପ୍ରଥମ ପୃଷ୍ଠାରୁ...

ଯୁବକ ମହୁଡ଼ା ଗ୍ରାମରେ ଗଣ୍ଡଗୋଳ କରିଥିଲେ। ଏହାର ପ୍ରତିବାଦରେ ମହୁଡ଼ା ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ପୋଲିସ ଗଣ୍ଡଗୋଳ ସୃଷ୍ଟି କରିଥିବା ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ବୁଧବାର ସନ୍ଧ୍ୟାରେ ଲାଠି ଗ୍ରାମର ଶିବରାମ ଓ ତାଙ୍କ ସାଙ୍ଗ ଲିଟୁ ମହୁଡ଼ା ଗ୍ରାମକୁ କୌଣସି କାମରେ ଯାଇଥିଲେ। ଶିବରାମ ଘରକୁ ନ ଫେରିବାରୁ ରାତି ପ୍ରାୟ ସାଢ଼େ ୯ଟାରେ ତାଙ୍କ ସ୍ତ୍ରୀ ଲକି ଫୋନ୍ କରିଥିଲେ। କାମ ସାରି ଯିବି ବୋଲି ଶିବରାମ କହିଥିଲେ। ହେଲେ ସ୍ୱାମୀ ଫେରିବାରେ ବିଳମ୍ବ ହେବା କାରଣରୁ ଘଣ୍ଟାଏ ପରେ ଲକି ଆଉ ଥରେ ଫୋନ କରିଥିଲେ, ମାତ୍ର କିଛି ଉତ୍ତର ମିଳି ନ ଥିଲା। ଏହାର କିଛି ସମୟ ପରେ ଶିବରାମଙ୍କ ଫୋନ୍ ବନ୍ଦ ହୋଇଯାଇଥିଲା। ସେପଟେ ମହୁଡ଼ାରେ କିଛି ଅପରାଧ ଘଟିଥିବା ନେଇ ଦିଗପହଣ୍ଡି ପୋଲିସ ଖବରପାଇ ବିଳମ୍ବିତ ରାତିରେ ସେଠାରେ ପହଞ୍ଚିଥିଲା। ଏକ ପୋଖରୀ ନିକଟରେ ୨ ଜଣଙ୍କ ମୃତଦେହ ଜଳୁଥିବା ଦେଖି ପାଣି ପକାଇ ଲିଭାଇଥିଲା। ଆଖପାଖ ଲୋକଙ୍କୁ ପଚରାଉଚରା କରି ରାତି ପ୍ରାୟ ୩ଟାରେ ପୋଲିସ ଲାଠି ଗ୍ରାମରୁ ଲକି ଓ ଲିଟୁଙ୍କ ଭାଇ ଉମା ପୁରୋହିତଙ୍କୁ ଘଟଣାସ୍ଥଳକୁ ଆଣିଥିଲା। ସେଠାରେ ଉଭୟେ ଦରପୋଡ଼ା ମୃତଦେହ ଚିହ୍ନଟ କରିଥିଲେ। ବ୍ରହ୍ମପୁର ଏସ୍‌ପି, ଚିକିଟି ଏସ୍‌ଡିପିଓ, ଦିଗପହଣ୍ଡି ଥାନା ଅଧିକାରୀ, ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଥିଲେ। ଗ୍ରାମରେ ଯୁବକଦ୍ୱୟଙ୍କୁ ପିଟି ହତ୍ୟା କରିବା ପରେ ମୃତଦେହକୁ ଘୋଷାଡ଼ି ପୋଖରୀ ପାର୍ଶ୍ୱକୁ ନିଆଯାଇଥିବାରୁ ବାଟସାରା ରକ୍ତଛିଟା ପଡ଼ିଛି। ଶିବରାମ ନେଇଥିବା ବାଇକ୍ ଘଟଣାସ୍ଥଳରେ ପଡ଼ିଥିବାରୁ ଅଭିଯୁକ୍ତମାନେ ସେଥିରୁ ପେଟ୍ରୋଲ କାଢ଼ି ମୃତଦେହରେ ପକାଇ ନିଆଁ ଲଗାଇ ଦେଇଥିବା ପୋଲିସ ଅନୁମାନ କରୁଛି। ଶିବରାମଙ୍କ ସ୍ତ୍ରୀ ଲକି ମହାରଣାଙ୍କ ଅଭିଯୋଗକୁ ଆଧାର କରି ପୋଲିସ ଏକ ହତ୍ୟା ମାମଲା(ନଂ. ୨୩୫/୨୩) ରୁଜୁ କରି ତଦନ୍ତ ଚଳାଇଛି। ଗିରଫ ଭୟରେ ମହୁଡ଼ା ଗାଁ ଏବେ ପୁରୁଷଶୂନ୍ୟ ହୋଇପଡ଼ିଛି। ଖୁବ୍‌ଶୀଘ୍ର ହତ୍ୟାକାରୀଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି।

# ଦୁର୍ଘଟଣା ପରେ ଏନ୍‌ଏଚ୍‌ଏଆଇ ତତ୍ପର

## ବରଯାତ୍ରୀଙ୍କ ଉପରେ ଟ୍ରକ୍ ମାଡ଼ିଯିବା ଘଟଣା

- ଡ୍ରେନ୍ ସଫାହେଲା, ଲାଗିଲା ଷ୍ଟ୍ରିଟ୍ ଲାଇଟ୍
- ଜବରଦଖଲ ଉଚ୍ଛେଦ ହେଉନି
- ବାରିକେଡ୍, ଓଭର ବ୍ରିଜ୍ ନିର୍ମାଣ ଦାବି

କେନ୍ଦୁଝର,୨୯।୬(ଦୀପକ ମିଶ୍ର)

କେନ୍ଦୁଝର ଜିଲା ଟାଉନ ଥାନା ଅଧୀନ ୨୦ନଂ. ଜାତୀୟ ରାଜପଥର ଷଠିଘର ସାହିରେ ମଙ୍ଗଳବାର ବିଳମ୍ବିତ ରାତିରେ ବରଯାତ୍ରୀ ଶୋଭାଯାତ୍ରା ଉପରେ ଟ୍ରକ୍ ମାଡ଼ିଯିବାରୁ ୫ ଜଣଙ୍କର ମୃତ୍ୟୁ ହୋଇଥିଲା। ଘଟଣାରେ ୯ଜଣ ଗୁରୁତର ହୋଇଥିଲେ। ଦୁର୍ଘଟଣାକୁ ନେଇ ଏନ୍‌ଏଚ୍‌ଏଆଇର ଏକ ବୈଷୟିକ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରିବା ପରେ ରାସ୍ତାପାର୍ଶ୍ୱରେ ଥିବା ଡ୍ରେନ୍ ସଫା କରାଯାଇଛି। ଉକ୍ତ ସ୍ଥାନରେ ଷ୍ଟ୍ରିଟ୍ ଲାଇଟ ଲାଗିବା ସହ ଭାଙ୍ଗିଯାଇଥିବା ମେଡିଆନକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯାଇଛି। ଦୁର୍ଘଟଣା ପରେ ଭାରତର ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) କର୍ତ୍ତୃପକ୍ଷ ତତ୍ପର ହୋଇ ପଡ଼ିଥିବା ବେଳେ ଏହାଦ୍ୱାରା ସ୍ଥାନୀୟ ଲୋକଙ୍କ ଦୀର୍ଘ ଦିନର ଦାବି ମଧ୍ୟରୁ କିଛି ପୂରଣ ହୋଇଛି। ମାତ୍ର ମୁଖ୍ୟ ଦାବି ଓଭର ବ୍ରିଜ୍ ନିର୍ମାଣ ସହ ଦୁର୍ଘଟଣା ପାଇଁ ଦାୟୀ କିଏ, ଏହା ଯାଞ୍ଚ ହେବା ଆବଶ୍ୟକ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।
ପ୍ରକାଶ ଯେ, ଉକ୍ତ ସ୍ଥାନରେ ଜାତୀୟ ରାଜପଥ ପାର୍ଶ୍ୱକୁ ଲାଗି ବହୁ ଘର ରହିଛି। ରାସ୍ତାକଡ଼ରେ ଡ୍ରେନ୍ ଥିବା ବେଳେ ନିୟମିତ ସଫେଇ କରାଯାଉ ନ ଥିବାରୁ ସାରୁବୁଦା ହୋଇ ଡ୍ରେନ୍‌ରେ ପାଣି ଯିବାରେ ସମସ୍ୟା ହେଉଥିଲା। ଫଳରେ ଡ୍ରେନ୍ ପାଣି ରାସ୍ତା ଉପରେ ଯାଉଥିଲା। ଦୁର୍ଘଟଣା ପରେ ସଦର ତହସିଲଦାର ଆଶିଷ ମହାପାତ୍ରଙ୍କ ଉପସ୍ଥିତିରେ ଡ୍ରେନ୍‌ରୁ ସାରୁବୁଦା ସଫେଇ କରାଯାଇଛି। ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଏନ୍‌ଏଚ୍‌ଏଆଇର ୩୦ ମିଟର ଜମି ରହିଥିଲେ ହେଁ ରାସ୍ତା ୧୦ ମିଟର ଲେଖାଏଁ ଜବରଦଖଲରେ ରହିଛି। ଅନେକ ସ୍ଥାନରେ ଲୋକେ ବାଡ଼ବୁଜି ଅବରୋଧ କରିଛନ୍ତି। ଦୀର୍ଘଦିନ ହେବ ଉକ୍ତ ସମସ୍ୟା ରହିଥିଲେ ହେଁ ଏନ୍‌ଏଚ୍‌ଏଆଇ ଉଚ୍ଛେଦ କରୁ ନ ଥିବାରୁ ଯାତାୟାତରେ ସମସ୍ୟା ଦେଖାଦେଇଛି। ଏହା ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ରାସ୍ତା ପାର୍ଶ୍ୱ ଜବରଦଖଲ ହୋଇ ନ ଥିଲେ ମୃତ ଏବଂ ଆହତଙ୍କ ସଂଖ୍ୟା କମିଥାଅନ୍ତା ବୋଲି ଦୁର୍ଘଟଣାରେ ଆହତ ଷଠିଘର ସାହିର ରମେଶ ପାତ୍ର କହିଛନ୍ତି। ଏନ୍‌ଏଚ୍‌ଏଆଇ ଟିମ୍ ଦୁର୍ଘଟଣାସ୍ଥଳ ପରିଦର୍ଶନ କରିବା ପରେ ଡ୍ରେନ୍ ସଫେଇ ହେବା ସହ ମେଡିଆନ ଭାଙ୍ଗିଥିବା ସ୍ଥାନରେ ମରାମତି ସହ ମେଟାଲ ବିମ୍ କ୍ରାସ୍ ବ୍ୟାରିୟର ଲଗାଯାଇଛି। ସେହିପରି ଉକ୍ତ ସ୍ଥାନରେ ଯୁଦ୍ଧକାଳୀନଭିତ୍ତିରେ ବୁଧବାର ରାତିରେ ଅନ୍ଧାର ରହୁଥିବା ସ୍ଥାନରେ ୨ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଛି। ଉକ୍ତ ସ୍ଥାନରେ ତୁରନ୍ତ ବ୍ୟାରିକେଡ୍ ସହ ଓଭର ବ୍ରିଜ୍ ନିର୍ମାଣ କରିବାକୁ ଷଠିଘର ସାହିର ଟୁକୁ ପାତ୍ର, ଡାକ୍ତର ପାତ୍ର ପ୍ରମୁଖ ଦାବି କରିଛନ୍ତି। ଏନ୍‌ଏଚ୍‌ଏଆଇର ଅଥରିଟି ଇଞ୍ଜିନିୟର ଲକ୍ଷ୍ମୀଧର ନାୟକ କହିଛନ୍ତି, ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ରାସ୍ତାରେ ଲାଇଟ୍ ଲଗାଯାଇଛି। ଭାଙ୍ଗିଯାଇଥିବା ମେଡିଆନ ମରାମତି କରାଯିବା ସହ ରାସ୍ତାକଡ଼ ଡ୍ରେନ୍ ସଫା କରାଯାଇଛି। ଓଭର ବ୍ରିଜ୍ ନିର୍ମାଣ ନେଇ ଏବେ କିଛି ଚିନ୍ତା କରାଯାଇ ନ ଥିବା ବେଳେ ରାସ୍ତାକଡ଼ରେ ଶୀଘ୍ର ବ୍ୟାରିକେଡ୍ କରାଯିବ। ଜବରଦଖଲ ଯୋଗୁ ସର୍ଭିସ୍ ରୋଡ୍‌ରେ ଯାତାୟାତ ସମସ୍ୟା ହେଉଛି। ଏନେଇ ତହସିଲଦାରଙ୍କ ସହ ଆଲୋଚନା ହୋଇଥିବା ସେ କହିଥିଲେ। ଏ ସଂକ୍ରାନ୍ତରେ ତହସିଲଦାର ମହାପାତ୍ର କହିଛନ୍ତି, ଜବରଦଖଲ ଉଚ୍ଛେଦ ନେଇ ପଦକ୍ଷେପ ଗ୍ରହଣ କରାଯିବ।

## ଡ୍ରାଇଭରଙ୍କ ପତ୍ତା ମିଳୁନି, ମାଲିକଙ୍କୁ ପଚରାଉଚୁରା

କେନ୍ଦୁଝର, ୨୯।୬ (ନରେଶ ଚନ୍ଦ୍ର ପଟ୍ଟନାୟକ) : କେନ୍ଦୁଝର ସହର ନିକଟ ଷଠିପୁର ଗ୍ରାମ ନିକଟ ଏନ୍‌ଏଚ୍ ୨୦ରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ବରଯାତ୍ରୀ ଶୋଭାଯାତ୍ରା ଉପରେ ଟ୍ରକ ଚଢ଼ିଯିବାରୁ ୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୯ ଜଣ ଆହତ ହୋଇଥିଲେ। ଉକ୍ତ ଘଟଣାରେ ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିଥିବା ବେଳେ ଡ୍ରାଇଭର ନିଖୋଜ ଅଛନ୍ତି। ଚାଳକଙ୍କ ଘର ଝାଡ଼ଖଣ୍ଡ ଅଞ୍ଚଳରେ କୁହାଯାଉଥିବା ବେଳେ ତାଙ୍କର ପତ୍ତା ମିଳିନାହିଁ। ଉକ୍ତ ଟ୍ରକ୍ ଜଣେ ହିନ୍ଦୀ ଶିକ୍ଷକଙ୍କ ସ୍ତ୍ରୀଙ୍କ ନାମରେ ଥିବା ପୋଲିସ ଜାଣିବାକୁ ପାଇଛି। ଘଟଣା ସମ୍ପର୍କରେ ଶିକ୍ଷକ ଓ ତାଙ୍କ ସ୍ତ୍ରୀଙ୍କୁ ପଚରାଉଚୁରା କରାଯାଇଥିବା ଟାଉନ ଥାନା ଅଧିକାରୀ ସୁନୀଲ କର କହିଛନ୍ତି। ବେପରୁଆ ଭାବେ ଗାଡ଼ି ଚାଳନା ଯୋଗୁ ଦୁର୍ଘଟଣା ଘଟିଛି। ଆଗକୁ ମଦ୍ୟପାନ କରି ଗାଡିଚାଳନା ଉପରେ ଧ୍ୟାନ ଦେଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଏସ୍‌ଡିପିଓ ମହେନ୍ଦ୍ର ନାଥ ମୁର୍ମୁ କହିଛନ୍ତି।



ରାସ୍ତାକଡ଼ ଡ୍ରେନ୍ ସଫା କରାଯାଉଛି।


ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ସୁବର୍ଣ୍ଣପୁର ଜିଲା ଝାରତରଭାରୁ ଖମ୍ବେଶ୍ୱରୀପାଲି ଷ୍ଟେସନ ମଧ୍ୟରେ ଗୁରୁବାର ସ୍ପିଡ୍ ଟ୍ରାଏଲ୍ କରାଯାଉଛି।

## ପ୍ରଥା ଭାଙ୍ଗି ବହିଷ୍କାର...

ଏହି କାର୍ଯ୍ୟାନୁଷ୍ଠାନକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍ ଚେତାବନୀ ଦେବା ପରେ ରାଜ୍ୟପାଳ ଆର୍ଟର୍ନି ଜେନେରାଲଙ୍କ ପରାମର୍ଶକ୍ରମେ ବିଳମ୍ବିତ ରାତିରେ ନିଷ୍ପତ୍ତି ବଦଳାଇଛନ୍ତି। କେନ୍ଦ୍ରରେ କ୍ଷମତାସୀନ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ(ଏନ୍‌ଡିଏ) ସରକାର ୨୦୨୪ ଲୋକ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଅଣଭାଜପା ଶାସିତ ରାଜ୍ୟଗୁଡ଼ିକରେ ବିରୋଧୀଙ୍କୁ ଦମନ କରିବା ପାଇଁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)କୁ ଅସ୍ତ୍ରରୂପେ ବ୍ୟବହାର କରୁଥିବା ଅଭିଯୋଗ ହେଉଛି। ଏହିକ୍ରମରେ ଗତ ୧୪ ତାରିଖରେ ତାମିଲନାଡୁ ମନ୍ତ୍ରୀ ତଥା ଡିଏମ୍‌କେ ନେତା ଥିରୁ ଭି. ସେନ୍ଥିଲ ବାଲାଜୀଙ୍କୁ ନିଯୁକ୍ତି ପାଇଁ ଟଙ୍କା ମାମଲାରେ ୧୮ ଘଣ୍ଟା ଜେରା ପରେ ଇଡି ଗିରଫ କରିଥିଲା। ଗିରଫଦାରି ପରେ ସ୍ୱାସ୍ଥ୍ୟ ହଠାତ୍ ବିଗିଡ଼ିଯିବାରୁ ତାଙ୍କୁ ଚେନ୍ନାଇସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରି ଏଞ୍ଜିଓଗ୍ରାମ୍ କରାଯାଇଥିଲା। ସେ ଏବେ ଜେଲରେ ଅଛନ୍ତି। ବିନା ବିଭାଗରେ ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍ ତାଙ୍କୁ ମନ୍ତ୍ରିମଣ୍ଡଳରେ ରଖିଥିବାବେଳେ ରାଜ୍ୟପାଳ ଏକପାଖିଆ ଭାବେ ତାଙ୍କୁ ବହିଷ୍କାର କରିବାକୁ ନିଷ୍ପତ୍ତି ନେଇଥିଲେ। ନିଯୁକ୍ତି ପାଇଁ ଲାଞ୍ଚ ନେବାଠାରୁ ଆରମ୍ଭ କରି ମନିଲଣ୍ଡରିଂ ସମେତ ବିଭିନ୍ନ ଆପରାଧିକ ମାମଲାରେ ସମ୍ପୃକ୍ତ ସେନ୍ଥିଲ ବାଲାଜୀଙ୍କୁ ମନ୍ତ୍ରୀ ପରିଷଦରୁ ରାଜ୍ୟପାଳ ବରଖାସ୍ତ କଲେ ବୋଲି ରାଜଭବନ ପକ୍ଷରୁ ଜାରି ବିବୃତିରେ କୁହାଯାଇଥିଲା। ଏହାକୁ ତାମିଲନାଡୁ ସରକାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବାକୁ ପ୍ରସ୍ତୁତ ହେଉଥିବାବେଳେ ରାଜ୍ୟପାଳ ନିଷ୍ପତ୍ତି ବଦଳାଇଥିବା ଜଣାପଡ଼ିଛି। ଡିଏମ୍‌କେ ନେତା ଏ. ସରବାନନ୍ କହିଛନ୍ତି, ରାଜ୍ୟପାଳ ସମ୍ବିଧାନକୁ ଅଣଦେଖା କରି ମନ୍ତ୍ରୀଙ୍କୁ ବହିଷ୍କାର କରିବା ଅତ୍ୟନ୍ତ ନିନ୍ଦନୀୟ। ବାମପନ୍ଥୀଙ୍କ ସମେତ ଡିଏମ୍‌କେର ସହଯୋଗୀ ଦଳଗୁଡ଼ିକ ମଧ୍ୟ ରାଜ୍ୟପାଳଙ୍କ କାର୍ଯ୍ୟକୁ ନିନ୍ଦା କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଖୁସି ମନରେ କାମ କରିବେ ଏବଂ ବନ୍ଧୁ ପରିଜନଙ୍କ ସ୍ନେହ, ଶ୍ରଦ୍ଧାରେ ଦୁଃଖ ଲାଘବ ହେବ। କର୍ମକ୍ଷେତ୍ରରେ ସାମାନ୍ୟ ଭୁଲରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ସତ୍‌ସଙ୍ଗ, ଆନୁଷ୍ଠାନିକ କାମ କିମ୍ବା ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇପାରନ୍ତି। ଘରେ ସ୍ତ୍ରୀଙ୍କ ଅମନଯୋଗୀ ଓ ଚିଡ଼ା ସ୍ୱଭାବ ପାଇଁ କ୍ଷୁବ୍ଧ ହୋଇପାରନ୍ତି।

**ବୃଷ** – ପାରିବାରିକ ଅଶାନ୍ତିରେ ମନର ଦୁଃଖକୁ ଲୁଚାଇ ରଖି ହସି ହସି କଥା କହିବେ। ଏହା ସାଙ୍ଗକୁ ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ। ସାଂସ୍କୃତିକ କାର୍ଯ୍ୟ, ବାଣିଜ୍ୟ, ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିବେ। ରାଜନୈତିକ କ୍ଷେତ୍ର କିମ୍ବା ପ୍ରଶାସନିକ ସ୍ତରରେ ତତ୍ପରତା ଲାଗି ରହିପାରେ।

**ମିଥୁନ** – ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ଖର୍ଚ୍ଚାନ୍ତ ହେବା ସାଙ୍ଗକୁ ବିଳମ୍ବରେ ସଫଳତା ପାଇବେ। ପିଲାଙ୍କ ସମସ୍ୟାକୁ କେନ୍ଦ୍ରକରି ଓ ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

**କର୍କଟ** – ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇପାରନ୍ତି କିମ୍ବା ହିତୈଷୀଙ୍କ ସୁନଜରରେ ଆସିପାରନ୍ତି। ପୁଷ୍ୟା ନକ୍ଷତ୍ର ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ପାଇବେ ନାହିଁ। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା ହେତୁ ସାମୟିକ ଚିନ୍ତା ଉଦ୍ରେକ ହୋଇପାରେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେ କରୁଛନ୍ତି ସେପରି କିଛି ହେବନି। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଆଦୃତି ଲାଭ କରିବେ। ଆଲୋଚନା ପରିସରରେ କିମ୍ବା ସଭାସମିତିରେ ସମ୍ମାନିତ ହୋଇପାରନ୍ତି। ରାଜନୈତିକ କ୍ଷେତ୍ରରେ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**କନ୍ୟା** – ଆଜି ସକାଳୁ ସକାଳୁ ବନ୍ଧୁ ମିଳନ ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ସାହାଯ୍ୟର ପ୍ରତିଶ୍ରୁତି ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହି ଦୂରେଇ ରହିବେ। ଆତ୍ମୀୟସ୍ୱଜନ କାର୍ଯ୍ୟକଳାପ ଆପଣଙ୍କ ପାଇଁ ଚିନ୍ତାର କାରଣ ହୋଇପାରେ। ବାଣିଜ୍ୟ, ବ୍ୟବସାୟ, ପରିବହନ ତଥା ଆଇନ ଅଦାଲତରୁ ସୁଫଳ ପାଇବେ।

**ତୁଳା** – ଅନ୍ୟମାନଙ୍କ ଉପରେ ନିର୍ଭର ନ କରି ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ। ସଭାସମିତିରେ ଯୋଗଦେଲେ ଲାଭବାନ ହେବେ। କର୍ମକ୍ଷେତ୍ରରେ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ। ଆର୍ଥିକ ସ୍ଥିତି ଭଲ ରହିଥିବାରୁ କାମଗୁଡ଼ିକ ସମ୍ପନ୍ନ କରିବାରେ ଅସୁବିଧା ରହିବ ନାହିଁ।

**ବିଛା** – ପ୍ରତ୍ୟେକ କ୍ଷେତ୍ରରେ ଦୁର୍ଭାବନା ବଢ଼ିଚାଲିବ ଓ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରିବେ ନାହିଁ। ଅଧସ୍ତନ କର୍ମଚାରୀଙ୍କ ମନମୁଖିଆ ଚିନ୍ତାଧାରା କେତେ ନୂତନ ସମସ୍ୟା ସୃଷ୍ଟି କରିପାରେ। ପାରସ୍ପରିକ ଆଲୋଚନା ମାଧ୍ୟମରେ ପାରିବାରିକ ତିକ୍ତତାର ସମାପ୍ତି ଘଟାଇ ଉତ୍ସୁକତାର ସହ କାମ କରି ପ୍ରଶଂସିତ ହେବେ।

**ଧନୁ** – ପାରିବାରିକ ଜଞ୍ଜାଳ ବୃଦ୍ଧି ମାନସିକ ସନ୍ତୁଳନ ନଷ୍ଟ କରିବାରେ ସହାୟକ ହୋଇପାରେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପୁରାତନ ରୋଗରେ କଷ୍ଟ ପାଇବେ। ଆଜିର ଦୂରଯାତ୍ରା ସଫଳ ହେବ ଓ ଲକ୍ଷ୍ୟ ହାସଲରେ ସମର୍ଥ ହୋଇପାରିବେ। କୌଣସି ବନ୍ଧୁଙ୍କ ସକାଶେ ପ୍ରତୀକ୍ଷା ଜନିତ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ।

**ମକର** – ବିଭିନ୍ନ ପ୍ରକାର ସମସ୍ୟା ମଧ୍ୟରେ ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ କିନ୍ତୁ କାମ ଅଟକିବ ନାହିଁ। କର୍ମକ୍ଷେତ୍ରରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ,ଯାହାକି ସମସ୍ୟା ସୃଷ୍ଟି କରିପାରେ। ବାଣିଜ୍ୟ, ବ୍ୟବସାୟରେ କେତେକ ପ୍ରତିବନ୍ଧକ ଲକ୍ଷ୍ୟ କରାଯାଇପାରେ। ବନ୍ଧୁଙ୍କ ସହ ଆଜିର ମନୋରଞ୍ଜନ ପ୍ରୀତିପ୍ରଦ ହେବ।

**କୁମ୍ଭ** – ନିଜ ପରିସରର ପରିସ୍ଥିତି ପ୍ରତି ଦୃଷ୍ଟି ଦେଇ କାମ କରି ଚାଲନ୍ତୁ ସଫଳତା ପାଇବାରେ କୌଣସି ଅସୁବିଧା ରହିବ ନାହିଁ। କିନ୍ତୁ ବିଶେଷ ଭ୍ରମଣହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ବନ୍ଧୁମାନେ ଠିକ୍ ଖବର ଦେବାରେ ହେଳା କରିପାରନ୍ତି, ଯାହାକି ଉଦ୍‌ବେଗର କାରଣ ହୋଇପାରେ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ।

**ମୀନ** – ସମ୍ଭାବ୍ୟ ଅଘଟଣକୁ ବୁଦ୍ଧିମତ୍ତାର ସହ ଟାଳିଦେଇ ପାରିଥିବାରୁ ଟେନ୍‌ସନ୍ ଆଜି କମିଯିବ। ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ପାରିବାରିକ କ୍ଷେତ୍ର ଭୋଗ ବିଳାସ ଓ ହସ ଖୁସିରେ ଅତିବାହିତ ହେବ। ନିଜର ଅନ୍ତରଙ୍ଗ ବନ୍ଧୁଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ରହିପାରନ୍ତି।

ଆଜି ଆଷାଢ଼ ଶୁକ୍ଳ ଦ୍ୱାଦଶୀ, ଶୁକ୍ରବାର, ରଥ ଉପରେ ଅଧରପଣା ନୀତି, ରାମାନୁଜ ବୈଷ୍ଣବ ସମ୍ମତ ଏକାଦଶୀ ଉପବାସ, ଜୁନ୍ ୩୦ ତାରିଖ, ରାଶି ନକ୍ଷତ୍ର-ବିଶାଖା/ତୁଳା, ଦିବା ଘ. ୧୦।୧୮ ଗତେ ବିଛା ଚନ୍ଦ୍ର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୦୭ ଗତେ ଘ.୦୭।୦୦ ମଧ୍ୟେ, ଘ.୧୨।୧୬ ଗତେ ଘ.୦୨।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୧୧ ଗତେ ଘ.୧୧।୫୦ ମଧ୍ୟେ ରାହୁକାଳ।

# ଏଆଇ ଓ ଆର୍ଥିକ ସୂଚନା



ଡାରୋନ୍ ଆକେମୋଗ୍ଲୁ

୧୯୪୪ର ବିବାଦୀୟ ତଥା ପ୍ରଭାବଶାଳୀ ପୁସ୍ତକ 'ଦାସତ୍ୱର ମାର୍ଗ' ପାଇଁ ଫ୍ରିଡ୍‌ରିକ ଭନ୍ ହାୟକ ବେଶ୍ ଜଣାଶୁଣା। କିନ୍ତୁ ଅର୍ଥନୀତିରେ ତାଙ୍କର ସବୁଠୁ ପ୍ରଶଂସନୀୟ କାର୍ଯ୍ୟ ହେଉଛି ଏକ ଛୋଟ ପ୍ରବନ୍ଧ। ତାହାର ନାମ 'ଦି ୟୁଜ୍ ଅଫ୍ ନଲେଜ ଇନ୍ ସୋସାଇଟି' ବା 'ସମାଜରେ ସୂଚନା ବା ତଥ୍ୟର ଉପଯୋଗ'। ପସନ୍ଦ, ପ୍ରାଥମିକତା ଏବଂ ଉତ୍ପାଦକତା ଭଳି ଆର୍ଥିକ ମୌଳିକ ସିଦ୍ଧାନ୍ତ ସମ୍ପର୍କିତ ବିକ୍ଷିପ୍ତ ତଥ୍ୟଗୁଡ଼ିକୁ କିଭଳି ହାସଲକରି ତାହାକୁ ବ୍ୟବହାର କରାଯାଇପାରିବ, ତାହା ଉକ୍ତ ପ୍ରବନ୍ଧରେ ଦର୍ଶାଯାଇଛି। ଉକ୍ତ ପ୍ରବନ୍ଧ ସେଣ୍ଟ୍ରାଲ ପ୍ଲାନିଂ (କେନ୍ଦ୍ରୀୟ କ୍ଷମତା କିମ୍ବା ସରକାର ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ନିଷ୍ପତ୍ତି ନେବା ପ୍ରକ୍ରିୟା) ସମ୍ପର୍କରେ ଏକ ସଶକ୍ତ ସମୀକ୍ଷା ବିକାଶ କରିଛି। ଏହା ଯୁକ୍ତି ବାଢ଼ିଛି ଯେ, କୌଣସି କେନ୍ଦ୍ରୀକୃତ ପ୍ରାଧିକରଣ ପର୍ଯ୍ୟାପ୍ତ ତଥ୍ୟ ସଂଗ୍ରହ କରିପାରୁନାହିଁ। ବିକ୍ଷିପ୍ତ ଭାବେ ଥିବା ଅସମ୍ପୂର୍ଣ୍ଣ ତଥା ଅଲଗା ଅଲଗା ଭାବେ ସମସ୍ତଙ୍କ ପାଖରେ ଥିବା ବିରୋଧାଭାସୀ ସୂଚନାକୁ ବି ବିକାଶ କରିପାରୁନାହିଁ। ଅନେକ ଲକ୍ଷ ଉତ୍ପାଦ ମଧ୍ୟରେ ବ୍ୟକ୍ତିଗତ ପସନ୍ଦ ନ ଜାଣିଲେ ମଧ୍ୟ ଅଧିକାଂଶ ଉତ୍ପାଦକତା ଓ ସୃଜନତାରେ ସେମାନଙ୍କ ଜ୍ଞାନକୁ କେମିତି ବ୍ୟବହାର କରାଯାଇପାରିବ ସେ କ୍ଷେତ୍ରରେ କେନ୍ଦ୍ରୀୟ ଯୋଜନାକାରୀମାନଙ୍କୁ ବିଫଳ ହେବାକୁ ପଡ଼ିଛି। ଅନ୍ୟପକ୍ଷରେ ମାର୍କେଟ ଅର୍ଥ ବ୍ୟବସ୍ଥାଗୁଡ଼ିକ ଏଭଳି ତଥ୍ୟ ବା ସୂଚନାକୁ ଦକ୍ଷ ଏବଂ ପ୍ରଭାବୀଶୈଳୀରେ ବିକାଶକରି ଏକତ୍ରିତ କରିପାରୁଛି। ପ୍ରାଇସ ସିଗ୍‌ନାଲ ବା ମୂଲ୍ୟ ସଙ୍କେତ ମାର୍କେଟ ସହଭାଗୀଙ୍କ ପସନ୍ଦ ଓ ପ୍ରାଥମିକତା ସମ୍ପର୍କିତ ତଥ୍ୟ ସରଳରେ ପହଞ୍ଚାଇଦିଏ। ଦୃଷ୍ଟାନ୍ତ ଭାବେ ହାୟକ ଦର୍ଶାନ୍ତି ଯେ, ଟିନ୍ (ଟିଣ) ଦୁର୍ଲଭ ହୋଇଗଲେ ଏହାର ମୂଲ୍ୟ ବଢ଼େ ଏବଂ ଟିନ୍ ବ୍ୟବହାର କରୁଥିବା ସମସ୍ତ ବ୍ୟକ୍ତି ଜାଣିବା ଦରକାର ଯେ, ଟିନ୍ ଅନ୍ୟତ୍ର ଅଧିକ ଲାଭପ୍ରଦ ରୂପେ ବ୍ୟବହୃତ ହୋଇଛି । ପରିଣାମ ସ୍ୱରୂପ ସେମାନେ ଟିନ୍‌ରୁ ଅଧିକରୁ ଅଧିକ ଲାଭ ଉଠାଇବା ନିଶ୍ଚିତ ହୋଇଛି। ହାୟକ ଯୁକ୍ତି ବାଢ଼ନ୍ତି ,ମାର୍କେଟ ବ୍ୟବସ୍ଥା ଏ ବାବଦରେ ନୂଆ, ଭଲ ତଥା ଉପଯୋଗୀ ମୂଲ୍ୟ ସଙ୍କେତ ସନ୍ଧାନ କରି ସୃଷ୍ଟି କରିପାରିବ।

ସେଣ୍ଟ୍ରାଲ ପ୍ଲାନିଂର ତଥ୍ୟ ଆଧାରିତ ସମୀକ୍ଷା ପ୍ରଦାନ ପାଇଁ ହାୟକ ବେଶ୍ ଜଣାଶୁଣା। ଅଧିକ ବ୍ୟାପକ ବିକେନ୍ଦ୍ରୀକରଣର ଆହ୍ୱାନ ଭାବେ ତାଙ୍କ ଯୁକ୍ତି ଭଲକରି ବୁଝିହୁଏ ଓ ଗ୍ରହଣୀୟ ମଧ୍ୟ। ସେ ଉଲ୍ଲେଖ କରିଛନ୍ତି , ମୁଖ୍ୟତଃ ଏବକାର ପରିବର୍ତ୍ତନ ସହ ଖାପଖୁଆଇ ଚାଲିବା ଦ୍ୱାରା ସମାଜର ଆର୍ଥିକ ସମସ୍ୟା ଦେଖାଯାଉଛି ବୋଲି ଯଦି ଆମେ ସ୍ୱୀକାର କରିବା , ତେବେ ଯେଉଁମାନେ ଏହି ପରିସ୍ଥିତି ସହ ଅଭ୍ୟସ୍ତ ସେମାନଙ୍କ ଉପରେ ଆମେ ଅନ୍ତିମ ନିଷ୍ପତ୍ତି ଛାଡ଼ିଦେବା ଉଚିତ। ଶେଷରେ ହାୟକ ସିଦ୍ଧାନ୍ତରେ ପହଞ୍ଚିଛନ୍ତି ଯେ, ବିକେନ୍ଦ୍ରୀକରଣର କିଛି ଢାଞ୍ଚା ବିଶେଷକରି ମାର୍କେଟ ଅର୍ଥ ବ୍ୟବସ୍ଥା ଏବଂ ମୂଲ୍ୟ ବ୍ୟବସ୍ଥା ଦ୍ୱାରା ଆମେ ସମସ୍ୟାଗୁଡ଼ିକୁ ସମାଧାନ କରିବା ଦରକାର।



ଅନେକ ଦଶନ୍ଧି ଧରି ସମସ୍ତ ପ୍ରକାର ନୀତିନିୟମ ରଦ୍ଦ କରିବା ପାଇଁ ହାୟକଙ୍କ ଯୁକ୍ତି ଏକ ଆଧାର ହୋଇଆସିଛି। ଆର୍ଥିକ କାର୍ଯ୍ୟକଳାପ(ଯଥା ନୂଆ ଉତ୍ପାଦ ରିଲିଜ୍‌ର ସଞ୍ଚାଳନ ପାଇଁ ପଦକ୍ଷେପ) କିମ୍ବା ମୂଲ୍ୟର ଯେ କୌଣସି ନିୟମ ଯଦି ମୂଲ୍ୟ ବ୍ୟବସ୍ଥାର କାର୍ଯ୍ୟକାରିତାରେ ବାଧା ଆଣେ ତେବେ ସେସବୁ ସବୁବେଳେ ପରିବର୍ତ୍ତନଶୀଳ ପୃଥିବୀରେ ଅନୁକୂଳ ଏବଂ ଗ୍ରହଣୀୟ ବିକେନ୍ଦ୍ରୀକୃତ ପ୍ରକ୍ରିୟାକୁ କ୍ଷତି କରିବ। କିନ୍ତୁ ଏବେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା ମୁଖ୍ୟତଃ ଜେନେରେଟିଭ ଏଆଇ ମଡେଲଗୁଡ଼ିକ ପୂର୍ବରୁ ଥିବା ପ୍ରଚୁର ତଥ୍ୟକୁ ଅନେକ ଶହ କୋଟି ମାନଦଣ୍ଡ ମାଧ୍ୟମରେ ଏନ୍‌କୋଡ୍ କରୁଛି। ଏହାସହ ସେସବୁର ପ୍ରକ୍ରିୟାକରଣ, ବିକାଶ ଓ ପ୍ରୟୋଗ କରୁଛି। ତେବେ ଏହା ହାୟକଙ୍କ ଯୁକ୍ତି ପ୍ରତି ଦୁଇଟି ଆହ୍ୱାନ ସୃଷ୍ଟି କରୁଛି। ପ୍ରଥମରେ, ବ୍ୟାପକ ସ୍ତରରେ ସୂଚନା ସଂଗ୍ରହ, ସଞ୍ଚାଳନ ଓ ଉପସ୍ଥାପନ କରିବାରେ ଏଆଇର ଦକ୍ଷତାକୁ ଦେଖିଲେ ଏବକାର ମାର୍କେଟ ବ୍ୟବସ୍ଥାଠାରୁ ସେଣ୍ଟ୍ରାଲ ପ୍ଲାନିଂକୁ ଅଧିକ ପ୍ରଭାବୀ କରିପାରିବ କି ନାହିଁ ତାହାକୁ ନେଇ ଜଣେ ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ଏଆଇ ସୋସିଆଲିଜମ୍ ବା ଏଆଇ ସମାଜବାଦ (କିମ୍ବା ସ୍ୱଚାଳିତ ବିଳାସମୟ ସାମ୍ୟବାଦ)କୁ ନେଇ କିଛି ଆଶା ରହିଛି। ଶ୍ରେଷ୍ଠ ତଥା ମନେକରାଯାଉଥିବା ପରୋପକାରୀ ଆର୍ଥିକ ଆବଣ୍ଟନଗୁଡ଼ିକ ନିର୍ଦ୍ଧାରଣ କରିବା ପାଇଁ କେନ୍ଦ୍ରୀୟ ଯୋଜନାକାରୀଙ୍କୁ ଏଆଇ ପଥ ଦେଖାଇବ। କିନ୍ତୁ ଏଆଇ ସମାଜବାଦ ହେଉଛି ଏକ କୌତୂହଳପ୍ରଦ ଚିନ୍ତନର ପ୍ରୟୋଗ, ଯାହା କେବଳ ହାୟକଙ୍କ ସମୀକ୍ଷାକୁ ସମ୍ୟକ୍ ପ୍ରସ୍ତୁତ କରିଦେବ । ଏପରିକି ମାର୍କେଟ ଅର୍ଥ ବ୍ୟବସ୍ଥା ତଥ୍ୟ ସଂଗ୍ରହ ଓ ସମସ୍ତ ଗଣନା କ୍ଷେତ୍ରରେ ଯାହା କରିସାରିଲାଣି ଏଆଇ ଯଦି ତାହାସବୁ କରିବ, ତେବେ ଏକ ସେଣ୍ଟ୍ରାଲ ଅଥରିଟି ହାତରେ କ୍ଷମତାର କେନ୍ଦ୍ରୀକରଣ ଚିନ୍ତାର କାରଣ ହେବ।

୧୯୩୦ ଦଶନ୍ଧିର ପ୍ରାରମ୍ଭରେ ଦୁର୍ଭିକ୍ଷରେ ୫୦ ଲକ୍ଷ ୟୁକ୍ରେନୀୟଙ୍କର ମୃତ୍ୟୁ ଘଟିଥିଲା। ଏହା ଆବଶ୍ୟକ ଆବଣ୍ଟନ ଆକଳନରେ ଷ୍ଟାଲିନ୍‌ଙ୍କ ବିଫଳତା ଯୋଗୁ ହୋଇ ନ ଥିଲା। ଅପରପଟେ ତାଙ୍କ ପାଖରେ ପର୍ଯ୍ୟାପ୍ତ ସୂଚନା ଥିଲା ଏବଂ ବିଭିନ୍ନ ଅଞ୍ଚଳରୁ ଯେତେ ପାରେ ସେତେ ସମ୍ଭବ ଶସ୍ୟ ସଂଗ୍ରହ କରିବା ପାଇଁ ଏହାକୁ ଉପଯୋଗ କରିଥିଲେ। ସେଣ୍ଟ୍ରାଲ ପ୍ଲାନିଂ ଉପରେ ହାୟକଙ୍କ ସମୀକ୍ଷାର ପରିବର୍ତ୍ତନ ସହ ଖାପଖୁଆଇବା ଉପରେ ଧ୍ୟାନ ରହିଛି ଏବଂ ସେଥିପାଇଁ ଏହା ଅଧିକରୁ ଅଧିକ ତଥ୍ୟ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେଇଛି। ହାୟକ ଉଲ୍ଲେଖ କରିଛନ୍ତି, ସେ ଯେଉଁ ପ୍ରକାର ତଥ୍ୟ ଉପରେ ଧ୍ୟାନ ଦେଇଛନ୍ତି, ତାହା ସେହି ପ୍ରକାର ତଥ୍ୟ, ଯାହା ବାସ୍ତବରେ ପରିସଂଖ୍ୟାନରେ ପ୍ରବେଶ କରିପାରିବ ନାହିଁ। ପରିଣାମ ସ୍ୱରୂପ, ସବୁ ଶକ୍ତିଶାଳୀ ଲାର୍ଜ ଲାଙ୍ଗୁଏଜ୍ ମଡେଲ (ଏଲ୍‌ଏଲ୍‌ଏମ୍) ବିକ୍ଷିପ୍ତ ତଥ୍ୟର ବାସ୍ତବତା ସହ କାର୍ଯ୍ୟ କରିପାରିଲା ନାହିଁ।

ହାୟକଙ୍କ ମତରେ ଏଆଇର ଏକ ଦ୍ୱିତୀୟ ଓ ଗମ୍ଭୀର ଆହ୍ୱାନ ଅଛି। ଚାଟ୍‌ଜିପିଟି -୪ ଭଳି ଜେନେରେଟିଭ ଏଆଇ ଯୁଗରେ ମାର୍କେଟଗୁଡ଼ିକ ତଥ୍ୟର ବିକେନ୍ଦ୍ରୀକୃତ ଉପଯୋଗକୁ ସଞ୍ଚାଳନ କରିବ ବୋଲି ଆମେ ବିଶ୍ୱାସ କରିବା କି ? ଆଲ୍‌ଫାବେଟ (ଗୁଗଲ) ଏବଂ ମାଇକ୍ରୋସଫ୍ଟ ନେତୃତ୍ୱରେ ହୋଇଥିବା ଜ୍ଞାନକୌଶଳର ବିକାଶ କେନ୍ଦ୍ରୀକୃତ ତଥ୍ୟ କିମ୍ବା ସୂଚନା ବିଜ୍‌ନେସ୍‌ରେ ଅଧିକ ଉପଯୋଗ ହେଉଛି। ଏହି ଦୁଇ ବୃହତ୍ କର୍ପୋରେଟଙ୍କ ସହ ଅନ୍ୟ କମ୍ପାନୀଗୁଡ଼ିକ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ଏଲ୍‌ଏଲ୍‌ଏମ୍ ପାଇଁ ଉଚ୍ଚସ୍ତରର କେନ୍ଦ୍ରୀକରଣ ଆବଶ୍ୟକ ହୋଇପାରେ ଓ ସମାନ ପ୍ରକାର ମଡେଲରୁ ମାନବତାର ଏକ ସିଂହଭାଗ ତଥ୍ୟ ପାଇବା ଭଳି ଏକ ସ୍ଥିତି ପରିକଳ୍ପନା କରିବା ସହଜ ହେବ । ଚାଇନାର କମ୍ୟୁନିଷ୍ଟ ପାର୍ଟି ଯେଭଳି ତଥ୍ୟ ନିୟନ୍ତ୍ରଣ କରିଛି ମାଇକ୍ରୋସଫ୍ଟ ଓ ଗୁଗଲ ସେଭଳି କରୁନାହାନ୍ତି। ବିକେନ୍ଦ୍ରୀକରଣର ଏବେ ସୁଦ୍ଧା ଆବଶ୍ୟକତା ଓ ଆକର୍ଷଣ ଅଛି। କିନ୍ତୁ ଏହାକୁ ନୂଆ ଏଆଇ ଯୁଗରେ ପାଳନ କରିବା ପାଇଁ ଆମକୁ ନିୟମ ମୁତାବକ ସବୁଦିଗରୁ ହାୟକଙ୍କ ଯୁକ୍ତି ଆଡ଼କୁ ନଜର ପକାଇବାକୁ ପଡ଼ିପାରେ।

**ପ୍ରାଧ୍ୟାପକ, ଅର୍ଥନୀତି ( ଏମ୍‌ଆଇଟି)**

## ରୋଷଘର ଓ କୋଠଭୋଗ



ଡ. ରାଜକିଶୋର ମିଶ୍ର

ମହାପ୍ରସାଦର ଉତ୍ପତ୍ତିସ୍ଥଳ ଶ୍ରୀମନ୍ଦିରର ପବିତ୍ର ରୋଷଘର। ଶ୍ରୀମନ୍ଦିର ପରିସରର ଦକ୍ଷିଣପୂର୍ବ କୋଣରେ, ଭିତରବେଢ଼ା ଏବଂ ବାହାରବେଢ଼ାର ମଧ୍ୟବର୍ତ୍ତୀ ସ୍ଥାନରେ ପ୍ରାୟ ୧୫୦ଫୁଟ ଦୈର୍ଘ୍ୟ ଓ ୧୦୦ଫୁଟ ପ୍ରସ୍ଥ ବିଶିଷ୍ଟ ରୋଷଘର ଅବସ୍ଥିତ। ୧୦ଟି ଧୂଆଁନଳା ଥିବା ଏହି ପାକଶାଳାଟି ମାଙ୍କଡାପଥରରେ ନିର୍ମିତ। ୬୦୦ରୁ ଅଧିକ ସୁଆର ଓ ସେମାନଙ୍କର ପ୍ରାୟ ୪୦୦ ସହକାରୀ ପ୍ରତିଦିନ ରୋଷଘରେ କାମ କରନ୍ତି। ବିଗ୍ରହମାନଙ୍କୁ ଅର୍ପଣ ହେଉଥିବା ଭୋଗଦ୍ରବ୍ୟଗୁଡ଼ିକ ପ୍ରସ୍ତୁତି ହେବା ପାଇଁ ରହିଛି ତିନିପ୍ରକାର ଚୁଲି, ଯାହା ଅନ୍ନଚୁଲି, ଅହିଆ, ପିଠାଚୁଲି ନାମରେ ପରିଚିତ। ରୋଷଶାଳାରେ ପ୍ରବେଶ କରିବାର ଅଧିକାର ଓ ରାନ୍ଧିବା ଅଧିକାର କେବଳ ସୁଆରମାନଙ୍କର ହିଁ ରହିଛି। କିମ୍ବଦନ୍ତୀ କହେ ଯେ, ସୁଆରମାନେ ବ୍ରାହ୍ମଣ ବିଦ୍ୟାପତି ଓ ଶବର ଲଳିତାଙ୍କ ବଂଶଧର। ରୋଷଶାଳା ଚଟାଣ ଉପରେ ପ୍ରାୟ ୪ ଫୁଟ ଉଚ୍ଚ ଓ ୨ ଫୁଟ ପ୍ରସ୍ଥ ବିଶିଷ୍ଟ ଲମ୍ବା ଲମ୍ବା ମାଟିର ପ୍ଲାଟଫର୍ମ ରହିଛି। ଏହି ପ୍ଲାଟଫର୍ମ ଉପରେ ଧାଡ଼ି ଧାଡ଼ି ହୋଇ ରହିଛି ଚୁଲିସବୁ। ସବୁଠାରୁ ଅଧିକା ରହିଛି ଅନ୍ନଚୁଲି (ଏକଶହରୁ ଊର୍ଦ୍ଧ୍ୱ), ଯେଉଁଥିରେ ଅନ୍ନ, ଖେଚୁଡ଼ି, କାନିକା ପ୍ରଭୃତି ରନ୍ଧାଯାଏ। ପ୍ରତି ଅନ୍ନଚୁଲିରେ ଏକାଥରକେ ୯ଟି ଅନ୍ନହାଣ୍ଡି ବସି ରନ୍ଧାଯାଏ। ଡାଲି, ତରକାରି, ଶାଗ, ବେସର, ମହୁର, ଖଟା ପ୍ରଭୃତି ରନ୍ଧା ଯାଉଥିବା ଅହିଆଚୁଲିର ସଂଖ୍ୟା ପ୍ରାୟ ଏକଶତ ଏବଂ ପିଠା ପ୍ରସ୍ତୁତ କରିବା ପାଇଁ ରହିଛି ୧୦ଟି ପିଠା ଚୁଲି। କାଠ ହିଁ ମନ୍ଦିର ରୋଷଶାଳାର ଏକମାତ୍ର ଇନ୍ଧନ। କୋଇଲା, ଗ୍ୟାସ୍ ବା ବିଦ୍ୟୁତ୍ ଶକ୍ତି ରନ୍ଧାଶାଳାରେ ଗ୍ରହଣୀୟ ନୁହେଁ। ରୋଷଘରର ଅଧିଷ୍ଠାତ୍ରୀ ଦେବୀ ମା' ଲକ୍ଷ୍ମୀଙ୍କର ଗୋଟିଏ ପଥର ମୂର୍ତ୍ତି ମଧ୍ୟ ରହିଛି ରୋଷଶାଳା ରାସ୍ତାରେ। ରୋଷଘର ଦ୍ୱାରରେ ପୁଣି ରୋଷଗଣେଶଙ୍କର ଆସ୍ଥାନ। ସୁଆରମାନେ ତାଙ୍କ ସେବାରେ ନିୟୋଜିତ। କୋଠଭୋଗ ରୋଷରେ ଶ୍ରୀମନ୍ଦିରର କୋଠଭୋଗ ରନ୍ଧାଯାଏ। କୋଠଭୋଗ ପାଇଁ ଏକ 'ସରଘର' ରହିଛି, ଯେଉଁଠାରେ କି କୋଠଭୋଗ 'ଅମୁଣିଆ' (ଅର୍ଥାତ୍ ତିଆରି ହୋଇଥିବା ମାତ୍ର ଭୋଗ ଲାଗି ନ ଥିବା) ରଖାଯାଏ।

ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ବର୍ତ୍ତମାନର ଶ୍ରୀଜଗନ୍ନାଥ ମନ୍ଦିର ଉତ୍କଳୀୟ ଭାସ୍କର୍ଯ୍ୟ ତଥା କଳା ନୈପୁଣ୍ୟର ଏକ ଅନବଦ୍ୟ କୃତି। ରହସ୍ୟମୟ ଶ୍ରୀଜଗନ୍ନାଥଙ୍କ ରୀତି, ନୀତି, ବେଶ, ଭୋଗ, ଯାନିଯାତ୍ରା ସବୁଥିରେ ଏକ ସ୍ୱାତନ୍ତ୍ର୍ୟ ରହିଅଛି। ସମଗ୍ର ଭାରତବର୍ଷରେ ଏପରି କୌଣସି ନୀତିବହୁଳ ମନ୍ଦିର ନାହିଁ, ଯାହାକି ଶ୍ରୀମନ୍ଦିର ସହିତ ତୁଳନୀୟ ହୋଇପାରିବ। ଶ୍ରୀଜୀଉଙ୍କ ରାଜଭୋଗ ବା କୋଠଭୋଗର ସମସ୍ତ ଖର୍ଚ୍ଚ ଶ୍ରୀମନ୍ଦିର ପ୍ରଶାସନ ବହନ କରିଥାଏ। ଦୈନନ୍ଦିନ କୋଠ ଭୋଗ ସାମଗ୍ରୀ ମଧ୍ୟରେ ଥାଳି ଚାଉଳ-୫୮ କି.ଗ୍ରା. ୮୪୦ ଗ୍ରାମ୍, ଚୂନା ଚାଉଳ-୨୯ କି.ଗ୍ରା. ୬୫୦ଗ୍ରାମ୍, ମୁଗ-୭ କି.ଗ୍ରା. ୨୫୦ ଗ୍ରାମ୍, ଖିସ୍‌ମିସ୍ - ୫୦ଗ୍ରାମ୍, ବିରି-୧୮କି.ଗ୍ରା, ଓମ୍‌ଫେଡ୍ ଘିଅ - ୨୯ କି.ଗ୍ରା. ୯୦୬ଗ୍ରାମ୍, ଗୁଡ଼ - ୨୮ କି.ଗ୍ରା. ୭୯୨ ଗ୍ରାମ୍, ଚିନି - ୨୦ କି.ଗ୍ରା. ୯୬୨ ଗ୍ରାମ୍, ଅଟା - ୨୫ କି.ଗ୍ରା, ସୁଜି-୬୦୦ ଗ୍ରାମ୍, ବେସନ - ୩୦୦ଗ୍ରାମ୍, ଜୀରା - ୧୫୦ ଗ୍ରାମ୍, ମରିଚ-୭୫ ଗ୍ରାମ୍, ଅଳେଇଚ - ୧୧୫ ଗ୍ରାମ୍, ଲୁଣ - ୨ କି.ଗ୍ରା. ୫୦୦ ଗ୍ରାମ୍, ରାଶିତେଲ - ୫୦ ଗ୍ରାମ୍, ହଳଦୀ- ୫୦ ଗ୍ରାମ୍, ମଧୁରୀ - ୭୫ ଗ୍ରାମ୍, ହରଡ଼ଡାଲି - ୧କି.ଗ୍ରା., ଡାଲଚିନି - ୫୦ ଗ୍ରାମ୍, ଲବଙ୍ଗ - ୧୦ଗ୍ରାମ୍, ହେଙ୍ଗୁ - ୧୦ ଗ୍ରାମ୍, ଜାଇଫଳ - ୧୨ ଗ୍ରାମ୍, ଲିଆ - ୫ ଗଉଣି ବା ୨ କି.ଗ୍ରା., ନଡ଼ିଆ (ବଲ୍ଲଭ ନିମନ୍ତେ) - ୧୨ଟା, କୋଠଭୋଗ (ନଡ଼ିଆ) - ୪ଟା, ପରିବା ମଧ୍ୟରେ କଖାରୁ - ୨ କି.ଗ୍ରା. ୫୦୦ ଗ୍ରାମ୍, ବାଇଗଣ - ୨ କି.ଗ୍ରା., ପୋଟଳ - ୨୫୦ ଗ୍ରାମ୍, ଅଦା - ୩୦୦ ଗ୍ରାମ୍, ଦେଶୀଆଳୁ - ୨୫୦ ଗ୍ରାମ୍, କଦଳୀ- ୧୨ଟା, ଶାଗ - ୨ ବିଡ଼ା, ତେନ୍ତୁଳି - ୧୦୦ ଗ୍ରାମ୍।

ଶ୍ରୀଜୀଉମାନଙ୍କ ଦୈନନ୍ଦିନ କୋଠଭୋଗ ତଥା ବିଭିନ୍ନ ନୀତିରେ ଯେଉଁ ମାଟି ନିର୍ମିତ ପାତ୍ରର ଆବଶ୍ୟକ ହୋଇଥାଏ, ତାହା ହେଲା ଆଳି କୁଡ଼ୁଆ - ୪୦ଟି, ଅଙ୍ଗବାସ ଓଳି - ୧୯୫ଟି, ତାଡ଼-୬ଟି, ଟିପେଇ ହାଣ୍ଡି - ୨୧ଟି, ପାହାନ୍ତି - ୨ଟି, ଅଧା - ୧ଟି, ସାନ ପୁଳି - ୮୧ଟି, ପୁଳିସରା - ୨୪ଟି, ପାଳିସରା - ୬୦ଟି, ବଡ଼ା - ୬୦ଟି, କଟାସରା - ୧୪ଟି, ନମାଳି - ୨୪ଟି। ପ୍ରତ୍ୟହ ତଥା ବିଶେଷ ପର୍ବପର୍ବାଣି ଦିନଗୁଡ଼ିକରେ ଏକ ସ୍ୱତନ୍ତ୍ର ଶୈଳୀରେ ମହାସୁଆରମାନଙ୍କ ଦ୍ୱାରା ଅନେକ ପ୍ରକାର ସୁମିଷ୍ଟପିଷ୍ଟକ, ଅନ୍ନ, ବ୍ୟଞ୍ଜନାଦି ପ୍ରସ୍ତୁତ ହୋଇ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ନୈବେଦ୍ୟ ହେଉଅଛି, ଯାହାକି ଦୀର୍ଘ ଶହ ଶହ ବର୍ଷର ପରମ୍ପରାକୁ ଉଜ୍ଜୀବିତ କରିଆସୁଅଛି।

ମୋ : ୭୦୦୮୧୮୧୮୨୦

## ଏଇ ଭାରତରେ

ଶ୍ରେୟାଂଶ ଭଣ୍ଡାରି ଏବଂ ରମେଶ ଧାମି ପୁରୁଣା ଜୋତାକୁ ଅପ୍‌ସାଇକେଲ କରି ସେଗୁଡ଼ିକୁ ପିଲାଙ୍କୁ ଦାନ କରୁଛନ୍ତି। ଏଥିପାଇଁ ଏହି ଦୁଇ ବନ୍ଧୁ ୨୦୧୩ରେ 'ଗ୍ରୀନ୍ ସୋଲ' ଷ୍ଟାର୍ଟଅପ୍ ଆରମ୍ଭ କରି ପୁରୁଣା ଜୋତା ଅପ୍‌ସାଇକେଲ କରିଥିଲେ। ଶ୍ରେୟାଂଶ ଓ ରମେଶ ଜୋତାଗୁଡ଼ିକୁ ଅପ୍‌ସାଇକେଲ କରିବା ପରେ ପ୍ରଥମେ ତାହାକୁ ବିକ୍ରି କରିବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ଖାଲି ପାଦରେ ପିଲା ସ୍କୁଲ ଯାଉଥିବା ଦେଖି ସେମାନଙ୍କ ପାଇଁ ଜୋତା ତିଆରି କରିବାକୁ ଚାହିଁଥିଲେ। ସେମାନେ ବିଭିନ୍ନ ସ୍ଥାନରୁ ପୁରୁଣା ଜୋତା ସଂଗ୍ରହ କରିବା ପରେ ଅନେକ ପ୍ରକ୍ରିୟାରେ ତାହାକୁ ଅପ୍‌ସାଇକେଲ କରୁଛନ୍ତି। ଏଥିପାଇଁ ଏହି ଦୁଇ ବନ୍ଧୁ ଅହମଦାବାଦର ଏଣ୍ଟରପ୍ରିନ୍ୟୁୟରଶିପ୍ ଡେଭଲପ୍‌ମେଣ୍ଟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆରେ ପ୍ରଶିକ୍ଷଣ ନେଇଛନ୍ତି। ଜୋତା ତିଆରି ପ୍ରକ୍ରିୟାରେ କମ୍ କାର୍ବନ ନିର୍ଗମନ ହେଉଛି। ସେମାନେ ଏବେ ସୁଦ୍ଧା ୫,୮୦,୦୦୦ ଜେତୋ ଅପ୍‌ସାଇକେଲ କରିସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

୩୦ ଜୁନ୍ ୧୯୯୮

- ଏକ ଦୁର୍ନୀତି ମାମଲାରେ ଅଭିଯୁକ୍ତ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବିଏନ୍‌ପି) ଅଧ୍ୟକ୍ଷା ବେଗମ ଖାଲେଦା ଜିଆଙ୍କୁ ଜିଲା ତଥା ଦୌରା ବିଚାରପତିଙ୍କ ଜାମିନ ପ୍ରଦାନ।
- ଦିଲ୍ଲୀକୁ ପୂର୍ଣ୍ଣାଙ୍ଗ ରାଜ୍ୟପାହ୍ୟା ଓ ୩ ନୂତନ ରାଜ୍ୟ ଗଠନ ପାଇଁ କେନ୍ଦ୍ର କ୍ୟାବିନେଟ ନିଷ୍ପତ୍ତି।
- ଆସାମର ଉତ୍ତର ଲକ୍ଷ୍ମୀପୁର ଜିଲାରେ ବନ୍ୟା ଯୋଗୁ ୧୩ ଜଣଙ୍କ ପ୍ରାଣହାନି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | 4 | | | | | | 9 |
| | | | | 3 | | | 2 | |
| 7 | | | | | | 5 | 8 | 1 |
| | 7 | | | | | | | |
| 9 | | 6 | | | | | | 3 |
| | 5 | | 8 | | | | 4 | |
| | 4 | | | | | | | |
| 8 | 3 | | 9 | | 5 | | | 6 |
| | | | | | 2 | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 2 | 3 | 5 | 9 | 8 | 7 | 1 | 4 |
| 8 | 4 | 9 | 7 | 2 | 1 | 6 | 3 | 5 |
| 5 | 7 | 1 | 3 | 6 | 4 | 9 | 8 | 2 |
| 1 | 6 | 8 | 2 | 4 | 9 | 5 | 7 | 3 |
| 9 | 5 | 7 | 8 | 1 | 3 | 2 | 4 | 6 |
| 2 | 3 | 4 | 6 | 5 | 7 | 8 | 9 | 1 |
| 7 | 9 | 2 | 4 | 3 | 6 | 1 | 5 | 8 |
| 3 | 1 | 5 | 9 | 8 | 2 | 4 | 6 | 7 |
| 4 | 8 | 6 | 1 | 7 | 5 | 3 | 2 | 9 |

ଗତକାଲିର ଉତ୍ତର

# କୁମ୍ଭୀର ଆକ୍ରମଣ ଭୟ



ଡ. ସୁଧାକର କର

ବର୍ଷାଦିନ ସହିତ ନଦୀରେ ବଢ଼ି ଆସିଲେ କୁମ୍ଭୀର ଆକ୍ରମଣର ଆଶଙ୍କା ଓ ଭୟ ଥାଏ, ଯାହାକି ଚିନ୍ତାର ବିଷୟ। ଏଥିପାଇଁ ନଦୀକୂଳରେ ବାସ କରୁଥିବା ଅଧିବାସୀ ଏବଂ ବନ୍ୟପ୍ରାଣୀ ସଂସ୍ଥା ଖୁବ୍ ସତର୍କତା ଅବଲମ୍ବନ କରିବା ଉଚିତ। ୧୪ ଜୁନ୍ ୨୦୨୩ରେ ଏକ ଖବରକାଗଜରେ ''ବ୍ରାହ୍ମଣୀରେ ଅଭାବନୀୟ ଘଟଣା: ମା' ହାତରୁ ପୁଅକୁ ଟାଣିନେଲା କୁମ୍ଭୀର'' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଉକ୍ତ ଲେଖାଟିକୁ ପଢ଼ିଲି। ଏଥିସହିତ ଅନ୍ୟାନ୍ୟ ପ୍ରିଣ୍ଟ ତଥା ଇଲେକ୍ଟ୍ରୋନିକ ମିଡିଆରେ ଏହି ଖବର ମଧ୍ୟ ପ୍ରଚାର ହେଲା। ପଟ୍ଟାମୁଣ୍ଡାଇ ବ୍ଲକ ନିମପୁର ଗାଁର ୧୦ ବର୍ଷର ବାଳକ ଆଶୁତୋଷ ଆଚାର୍ଯ୍ୟ ମା' ସହିତ ବ୍ରାହ୍ମଣୀ ନଦୀରେ ଗାଧୋଇବା ସମୟରେ କୁମ୍ଭୀର ଆକ୍ରମଣରେ ପ୍ରାଣ ହରାଇଲା। ଏହା ଖୁବ୍ ଦୁଃଖଦ ଘଟଣା, ଯାହାକି ଆମ ସମସ୍ତଙ୍କୁ ବ୍ୟଥିତ ଓ ମର୍ମାହତ କରିଛି।

ବ୍ରାହ୍ମଣୀ-ଖରସ୍ରୋତା ଏବଂ ବୈତରଣୀ ନଦୀଗୁଡ଼ିକର ତଳମୁଣ୍ଡ କେନ୍ଦ୍ରାପଡ଼ା ଜିଲା ଭିତରକନିକା ଅଭୟାରଣ୍ୟ ତଥା ଜାତୀୟ ଉଦ୍ୟାନ ମଧ୍ୟରେ ପ୍ରବାହିତ ହୋଇ ଶେଷରେ ବଙ୍ଗୋପସାଗର ଜଳରାଶିରେ ମିଶିଛି। ଏହି ନଦୀଗୁଡ଼ିକରୁ ଅନେକ ଛୋଟବଡ଼ ଶାଖା ନଦୀ-ନାଳ ଜାତୀୟ ଉଦ୍ୟାନ ମଧ୍ୟରେ ପ୍ରବାହିତ ହେବା ଦ୍ୱାରା ଘଞ୍ଚ ଲୁଣା ଜଙ୍ଗଲର ସୃଷ୍ଟି ହୋଇଛି, ଯାହାଫଳରେ ଏହି ଅଞ୍ଚଳଟି ବଉଳା କୁମ୍ଭୀରମାନଙ୍କର ରହିବା ଏବଂ ବଂଶ ବୃଦ୍ଧି କରିବା ପାଇଁ ଏକ ଉପଯୁକ୍ତ ବାସସ୍ଥଳୀ ରୂପେ ପରିଗଣିତ ହୋଇଛି। ଏହି ଜୁଆରିଆ ନଦୀ-ନାଳ ସହିତ ଲୁଣା ଜଙ୍ଗଲରେ ଜାତିଜାତିକା ମାଛ, କଙ୍କଡ଼ା ଓ ଚିଙ୍ଗୁଡ଼ି ମିଳନ୍ତି। ଫଳରେ କୁମ୍ଭୀରଙ୍କର ଖାଦ୍ୟାଭାବ ହୁଏ ନାହିଁ। କୁମ୍ଭୀର ଅଳ୍ପାହାରୀ ସରୀସୃପ ଜାତୀୟ ଜୀବ। ଥରେ ଖାଇଲେ ୪-୫ଦିନ ପର୍ଯ୍ୟନ୍ତ ଖାଆନ୍ତି ନାହିଁ ଏବଂ ଯଦି ଖାଦ୍ୟ ନ ମିଳେ, ଏମାନେ ଏକ ମାସରୁ ଊର୍ଦ୍ଧ୍ୱ ସମୟ ବଞ୍ଚିବାର ମଧ୍ୟ ନଜିର ଅଛି।

ଏହା ସତ୍ୟ ଯେ, ଭିତରକନିକାରେ ୧୯୭୫ ମସିହା ମଧ୍ୟଭାଗରୁ କାର୍ଯ୍ୟକାରୀ ହେଉଥିବା ସଂରକ୍ଷଣ ଓ ଗବେଷଣା ଖୁବ୍ ସଫଳ ହୋଇ ଦେଶ ତଥା ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଛି। କିନ୍ତୁ ଭିତରକନିକା ନଦୀ-ନାଳରେ କୁମ୍ଭୀର ସଂଖ୍ୟା ଏପରି ବୃଦ୍ଧି ପାଇ ନାହିଁ, ଯାହାଫଳରେ ତାଙ୍କ ପାଇଁ ଖାଦ୍ୟର ଅଭାବ ହେବ। ଭିତରକନିକା ନଦୀ-ନାଳରେ ପ୍ରାପ୍ତ ବୟସ୍କ ମାଈ ଏବଂ ଅଣ୍ଡିରା କୁମ୍ଭୀର ପ୍ରାୟ ୩୦୦ ଅଛନ୍ତି। ଏଥିମଧ୍ୟରୁ ଜାତୀୟ ଉଦ୍ୟାନର ନଦୀ-ନାଳରେ ୯୦ ଭାଗରୁ ଊର୍ଦ୍ଧ୍ୱ କୁମ୍ଭୀର ଥିବାବେଳେ ୧୦ ଭାଗରୁ କମ୍ କୁମ୍ଭୀର ଜାତୀୟ ଉଦ୍ୟାନ ସୀମା ବାହାରେ କିଛି ଅଭୟାରଣ୍ୟ ମଧ୍ୟରେ ଅଛନ୍ତି। କୁମ୍ଭୀରମାନଙ୍କର ବଂଶବୃଦ୍ଧି ଓ ଖାଦ୍ୟାଭାବ କାରଣରୁ ଭିତରକନିକା ନଦୀ-ନାଳ ଛାଡ଼ି ନଦୀର ଉପରମୁଣ୍ଡକୁ ଏମାନେ ପ୍ରବେଶ କରୁଥିବା ଧାରଣା ଠିକ୍ ନୁହେଁ।

ବର୍ଷାଦିନେ ନଦୀରେ ବଢ଼ି ଆସିଲେ, ନଦୀର ଉପରମୁଣ୍ଡରୁ ପ୍ରଚୁର ମିଠାପାଣି ସମୁଦ୍ରକୁ ପ୍ରବାହିତ ହୁଏ। ଏହି ସମୟରେ ସମୁଦ୍ରରୁ ବହୁତ ମାଛ ନଦୀର ଉପର ମୁଣ୍ଡକୁ ଉଠିଯାଆନ୍ତି। ଏହାର ସୁବିଧା ନେଇ ଅଭୟାରଣ୍ୟ ମଧ୍ୟରେ ଥିବା ଗୋଟିଏ ବା ଦୁଇଟି କୁମ୍ଭୀର ନଦୀ (ବ୍ରାହ୍ମଣୀ-ଖରସ୍ରୋତା, ବୈତରଣୀ)ର ଉପର ମୁଣ୍ଡକୁ ଉଠି ଯାଆନ୍ତି। ମାତ୍ର ଅକ୍ଟୋବରରେ ବଢ଼ିପାଣି କମିବା ପରେ ଜାତୀୟ ଉଦ୍ୟାନରେ ପ୍ରବାହିତ ହେଉଥିବା ନଦୀ-ନାଳକୁ କୁମ୍ଭୀର ପୁଣି ଫେରିଆସିଥାନ୍ତି।



ଯେଉଁସବୁ କାରଣ ଯୋଗୁ କୁମ୍ଭୀର ଆକ୍ରମଣ ଦ୍ୱାରା ଏପରି ଅଭାବନୀୟ ଓ ଦୁଃଖଦ ଘଟଣା ଘଟିଥାଏ, ସେ ସବୁକୁ ଏଡ଼ାଇବା ପାଇଁ ନଦୀକୂଳରେ ବସବାସ କରୁଥିବା ଅଧିବାସୀ ଏବଂ ବନ୍ୟପ୍ରାଣୀ ବିଭାଗ ଖୁବ୍ ସତର୍କତା ଅବଲମ୍ବନ କରିବା ଉଚିତ। କୁମ୍ଭୀର ଆକ୍ରମଣରୁ ରକ୍ଷା ପାଇବା ପାଇଁ କେତେକ ଉପାଦେୟ ପରାମର୍ଶ ତଥା ପ୍ରତିଷେଧକମୂଳକ ସତର୍କତା ନିମ୍ନରେ ପ୍ରଦାନ କରାଗଲା:
୧-ଗାଧୋଇବା, ଲୁଗା ସଫା କରିବା, ବାସନ ମାଜିବା ପ୍ରଭୃତି କାର୍ଯ୍ୟ ପାଇଁ ଜୁଆରିଆ ନଦୀ-ନାଳକୁ ପ୍ରବେଶ କରନ୍ତୁ ନାହିଁ। ଗାଁରେ ଥିବା ନଳକୂପ ଏବଂ ପାଇପ ଦ୍ୱାରା ଯୋଗାଯାଇ ଥିବା ପାଣିକୁ ବ୍ୟବହାର କରନ୍ତୁ।
୨-ନଦୀ-ନାଳ କୂଳକୁ ଖୋଲା ଶୌଚାଳୟ ରୂପେ ବ୍ୟବହାର କରନ୍ତୁ ନାହିଁ କିମ୍ବା ନଦୀକୁ ଶୌଚ ହେବାକୁ ଆଦୌ ପଶନ୍ତୁ ନାହିଁ।
୩-ପିଲାମାନଙ୍କୁ ନଦୀ-ନାଳରେ ଗାଧୋଇବା ତଥା ପହଁରିବାକୁ ସମ୍ପୂର୍ଣ୍ଣ ବାରଣ କରନ୍ତୁ।
୪-ରାଜନଗର ବନ୍ୟପ୍ରାଣୀ ବିଭାଗ ଗ୍ରାମକୁ ଲାଗି ବହିଯାଇଥିବା ନଦୀ-ନାଳର ସୁବିଧାଜନକ ସ୍ଥାନରେ ବାଡ଼ଘେରାଇ ବ୍ୟାରିକେଡ୍ ତିଆରି କରିଛନ୍ତି। ଏ ପର୍ଯ୍ୟନ୍ତ ବିଭିନ୍ନ ନଦୀ-ନାଳରେ ଗ୍ରାମବାସୀଙ୍କର ସୁରକ୍ଷିତ ଗାଧୋଇବା ପ୍ରଭୃତି କାର୍ଯ୍ୟ ପାଇଁ ୧୦୦ରୁ ଊର୍ଦ୍ଧ୍ୱ ବ୍ୟାରିକେଡ୍ ତିଆରି କରିଛନ୍ତି। ଯଦି ଆପଣଙ୍କ ଗ୍ରାମକୁ ଲାଗି ନଦୀ-ନାଳରେ ବ୍ୟାରିକେଡ୍ ନାହିଁ ତୁରନ୍ତ ରାଜନଗର ବନ୍ୟପ୍ରାଣୀ ବିଭାଗକୁ ଯୋଗାଯୋଗ କରନ୍ତୁ। ସରକାରୀ ସ୍ତରରେ ବ୍ୟାରିକେଡ୍ ତିଆରି କରିବା ପାଇଁ ସମୟ ଲାଗୁଛି। ଗ୍ରାମବାସୀ ମିଳିତ ଭାବେ ଶ୍ରମଦାନ କରି ଏକ ଅସ୍ଥାୟୀ ବ୍ୟାରିକେଡ୍ ତିଆରି କରି ବ୍ୟବହାର କରିପାରିବେ। ପୁରୁଣା ବ୍ୟାରିକେଡ୍‌ର ଯଦି ମରାମତି ଦରକାର ପଡ଼େ ତୁରନ୍ତ ରାଜନଗର ବନ୍ୟପ୍ରାଣୀ ଡିଭିଜନ ସହିତ ଯୋଗାଯୋଗ କରନ୍ତୁ।
୫-ସାଧାରଣତଃ କୁମ୍ଭୀରମାନେ କୋଲଟାର ବୋଳା ଯାଇଥିବା କଳାରଙ୍ଗର ଆହୁଲା ମରା ଡଙ୍ଗା-ଡିଙ୍ଗି ପାଖକୁ ଆସନ୍ତି ନାହିଁ। ତେଣୁ ଅନୁଭୂତିରୁ ଆମେ ଡଙ୍ଗା-ଡିଙ୍ଗି ବ୍ୟବହାରକୁ ଖୁବ୍ ଉପଯୋଗୀ ମନେ କରୁଛୁ। ବିନା ଡଙ୍ଗା ବା ଡିଙ୍ଗିରେ ନଦୀ-ନାଳ ଅତିକ୍ରମ କରନ୍ତୁ ନାହିଁ।
୬-ନଦୀକୂଳ ତଥା ନଦୀପଠାକୁ ଗୃହପାଳିତ ପଶୁମାନଙ୍କୁ ଛାଡନ୍ତୁ ନାହିଁ। ଅଥବା ସେମାନଙ୍କୁ ପହଁରାଇ ନଦୀ-ନାଳ ପାର କରନ୍ତୁ ନାହିଁ।
୭- ନଦୀ-ନାଳ ମଧ୍ୟରେ ଜାଲ ବିଛାଇ ମାଛ ଧରିବା ସମୟରେ ଡଙ୍ଗା-ଡିଙ୍ଗିର ବ୍ୟବହାର କରନ୍ତୁ।

ନଦୀ-ନାଳରେ କୁମ୍ଭୀର ଆକ୍ରମଣକୁ ରୋକିବା ପାଇଁ ରାଜନଗର ବନ୍ୟପ୍ରାଣୀ ଡିଭିଜନ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପଦକ୍ଷେପ ଯଥା ନଦୀକୂଳରେ ନୂଆ ବ୍ୟାରିକେଡ୍ ତିଆରି କରିବା, ପୁରୁଣା ବ୍ୟାରିକେଡ୍‌କୁ ବର୍ଷାଦିନ ପୂର୍ବରୁ ମରାମତି କରିବା, ନଦୀ-ନାଳରେ ନିୟମିତ ବ୍ୟବଧାନରେ ପଇଁତରା ମାରି କୁମ୍ଭୀର ଗତିବିଧି ସମ୍ବନ୍ଧରେ ଲୋକଙ୍କୁ ଅବଗତ କରାଇବା, ପୁରୁଣା ସାଇନ ବୋର୍ଡ଼କୁ ବଦଳାଇ ନୂତନ ସାଇନବୋର୍ଡ଼କୁ ନଦୀକୂଳ ଗାଁରେ ଲଗାଇବା ପ୍ରଭୃତି ତ୍ୱରାନ୍ୱିତ କରାଯାଉଅଛି। ନଦୀକୂଳିଆ ଗ୍ରାମବାସୀଙ୍କର ପୂର୍ଣ୍ଣ ସହଯୋଗ ଏବଂ ବନବିଭାଗର ନିଷ୍ଠାପର ଉଦ୍ୟମ ଦ୍ୱାରା କୁମ୍ଭୀର ଆକ୍ରମଣ ଭଳି ଦୁଃଖଦ ଘଟଣାକୁ ରୋକାଯାଇପାରିବ।

**ଅବସରପ୍ରାପ୍ତ ଗବେଷଣା ଅଧିକାରୀ (ବନ୍ୟପ୍ରାଣୀ), ଓଡ଼ିଶା ବନ ବିଭାଗ, ଭୁବନେଶ୍ୱର**

## ପାଠକ ଶ୍ରେଷ୍ଠ ବିଚାରକ

### ନିମନ୍ତ୍ରଣପତ୍ର ନିର୍ଭୁଲ୍ ଲେଖାଯାଉ

ମହାଶୟ,

ଆଜିକାଲି ଅନେକ ଲୋକ ନିମନ୍ତ୍ରଣପତ୍ର ଓଡ଼ିଆରେ ଲେଖୁଛନ୍ତି। ଏହା ଅତି ଖୁସିର କଥା। ପ୍ରକୃତରେ ମାତୃଭାଷାକୁ ଭଲ ପାଇବା, ମାତୃଭାଷା ପାଇଁ ଗର୍ବ ଅନୁଭବ କରିବା ଓ ମାତୃଭାଷାକୁ ବ୍ୟବହାର କରିବା ଆମର କର୍ତ୍ତବ୍ୟ। ଏବେ କେତେକ ନିମନ୍ତ୍ରଣପତ୍ରରେ ବନାନ ଓ ବ୍ୟାକରଣଜନିତ ଭୁଲ୍ ଥିବା ଲକ୍ଷ୍ୟ କରାଯାଉଛି। ବ୍ୟବହୃତ ହେଉଥିବା ଅଶୁଦ୍ଧ ଶବ୍ଦଗୁଡ଼ିକର ଉଦାହରଣ ଦିଆଯାଇପାରେ। ସେଗୁଡ଼ିକ ହେଲା ସପରିବାରେ, ସକୁଟୁମ୍ବେ, ସବାନ୍ଧବେ, ଦମ୍ପତ୍ତି, ଆଳତୀ, ଆହୁତୀ, ଈତି, ସମ୍ମାନୀୟ, ଲବ୍‌ଧ ପ୍ରତିଷ୍ଠିତ, ସ୍ୱର୍ଗତଃ, ସୁନାମଧନ୍ୟ, ତ୍ରୁଟୀ, ମାର୍ଜନୀୟ, ଦେବାଦେବୀ, ଅପରାହ୍ନ, ପୂର୍ବାହ୍ନ, ପୌରହିତ୍ୟ, ଧ୍ୟାନ ଓ ସବିନୟ ପୂର୍ବକ । ଏଗୁଡ଼ିକର ଶୁଦ୍ଧରୂପ ହେଲା ଯଥାକ୍ରମେ ସପରିବାର ସକୁଟୁମ୍ବ, ସବାନ୍ଧବ, ଦମ୍ପତି, ଆଳତି, ଆହୁତି, ଇତି, ସମ୍ମାନନୀୟ, ଲବ୍ଧ ପ୍ରତିଷ୍ଠିତ, ସ୍ୱର୍ଗତ, ସ୍ୱନାମଧନ୍ୟ, ତ୍ରୁଟି, ମାର୍ଜନୀୟ, ଦେବଦେବୀ, ଅପରାହ୍ଣ, ପୂର୍ବାହ୍ଣ, ପୌରୋହିତ୍ୟ, ଧ୍ୟାନ ଓ ସବିନୟ।

**-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମରଣ ପରେ ଅମର ହେବ
ସେ ଆଶା ନାହିଁ ପୋଷି,
ସେ ଖାଲି ମନଭୁଲାଣି ମିଛ କଥା,
ଅଳ୍ପ ଏହି ଜୀବନ-କାଳ
ନ ପାରେ ମନ ତୋଷି
କଳ୍ପନାର ସେ ଲାଗି ବାଚାଳତା !
(ଅମର ଆଶା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ୪ରେ ଲଘୁଚାପ ସମ୍ଭାବନା

## ଦକ୍ଷିଣ ଓଡ଼ିଶାରେ ବଢ଼ିବ ବର୍ଷା

ଭୁବନେଶ୍ୱର, ୨୯।୬(ଅନିଲ ଦାସ)

ଆସନ୍ତା ୪ ତାରିଖରେ ଦକ୍ଷିଣ ଓଡ଼ିଶା ଉପକୂଳ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶାର ଅଧିକାଂଶ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷ କରି ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ନବରଙ୍ଗପୁର, ସୁନ୍ଦରଗଡ଼, ନୟାଗଡ଼ ଆଦି ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦୁର୍ବଳ ରହିଛି। ଦକ୍ଷିଣ ପଶ୍ଚିମ ଦିଗ ସମୁଦ୍ରରୁ ସ୍ଥଳ ଭାଗକୁ ପବନର ବେଗ ଅଧିକ ରହୁଥିବାରୁ ଜଳୀୟ କଣା ଅଧିକ ପ୍ରବାହିତ ହେଉଛି। ଏହା ସତ୍ତ୍ୱେ ପାଗ ଅନୁକୂଳ ହେଉ ନ ଥିବାରୁ ବର୍ଷା ହେଉ ନାହିଁ। ଆସନ୍ତା ୩ ତାରିଖ ଯାଏ ରାଜ୍ୟରେ ବର୍ଷା ପରିମାଣ କମ୍ ରହିବ। କେଉଁଠି ଅସରାଏ କିମ୍ବା ଦି'ଅସରା ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଲଘୁଚାପ ଯୋଗୁ ୪ରୁ ୬ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ ଓଡ଼ିଶାରେ ବର୍ଷା ପରିମାଣ ବଢ଼ିବ। ଉପକୂଳରେ ବର୍ଷା ସେତେଟା ଅଧିକ ହେବ ନାହିଁ। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ପାଗ ଶୁଖିଲା ରହିଥିବା ବେଳେ ଢେଙ୍କାନାଳରେ ୬୨ ମିଲିମିଟର ଏବଂ ସମ୍ବଲପୁରରେ ୧୧ ମିଲିମିଟରେ ବର୍ଷା ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବର୍ଷା ହେବାର କୌଣସି ସୂଚନା ନାହିଁ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ରାଜ୍ୟରେ ମୌସୁମୀ ଦୁର୍ବଳ ଥିବାରୁ ବର୍ଷା ପରିମାଣ ହ୍ରାସ ପାଇଛି। ରାଜ୍ୟର ଅଧାରୁ ଅଧିକ ଜିଲାରେ ନିଅଣ୍ଟିଆ ବର୍ଷା ରହିଛି। ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଜୁନ୍ ପହିଲାରୁ ୨୯ ତାରିଖ ମଧ୍ୟରେ ରାଜ୍ୟରେ ସ୍ୱାଭାବିକଠାରୁ ୨୦ ପ୍ରତିଶତ କମ୍ ବର୍ଷା ହୋଇଛି। ସ୍ୱାଭାବିକ ଭାବେ ଏହି ସମୟରେ ରାଜ୍ୟରେ ୨୦୧.୪ ମିଲିମିଟର ବର୍ଷା ହେବାକୁ ଥିବା ବେଳେ ହୋଇଛି ୧୬୧.୪ ମିଲିମିଟର। ରାଜ୍ୟର ୧୮ ଜିଲାରେ ବର୍ଷାଭାବ ଦେଖାଦେଇଛି। ରାୟଗଡ଼ାରେ ସ୍ୱାଭାବିକଠାରୁ ୭୨ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ କଳାହାଣ୍ଡି ୬୩, କନ୍ଧମାଳ ୫୯, କେନ୍ଦ୍ରାପଡ଼ା ୫୮, ମୟୂରଭଞ୍ଜ ୫୫, ନବରଙ୍ଗପୁର ଜିଲାରେ ସ୍ୱାଭାବିକଠାରୁ ୪୭ ପ୍ରତିଶତ କମ୍ ବର୍ଷା ହୋଇଛି। ଅନ୍ୟାନ୍ୟ ଜିଲାରେ ମଧ୍ୟ ୨୦ରୁ ୪୦ ପ୍ରତିଶତ କମ୍ ବର୍ଷା ହୋଇଛି।

# ବିଶିଷ୍ଟ ପରିସଂଖ୍ୟାନବିତ୍‌ଙ୍କ ପରାମର୍ଶକୁ କାର୍ଯ୍ୟଧାରାରେ ପରିଣତ କର: ମନ୍ତ୍ରୀ

## ୧୭ତମ ପରିସଂଖ୍ୟାନ ଦିବସ ପାଳିତ

ଭୁବନେଶ୍ୱର, ୨୯।୬(ସୁନିତ୍ ମିଶ୍ର)

ଭାରତୀୟ ପରିସଂଖ୍ୟାନର ଜନକ ପ୍ରଶାନ୍ତ ଚନ୍ଦ୍ର ମହାଲନୋବିସ୍‌ଙ୍କର ୧୩୦ତମ ଜୟନ୍ତୀ ଉପଲକ୍ଷେ ଗୁରୁବାର ୧୭ତମ ରାଜ୍ୟସ୍ତରୀୟ ପରିସଂଖ୍ୟାନ ଦିବସ ପାଳିତ ହୋଇଯାଇଛି। ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଯୋଗଦେଇ ବିଭାଗର କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ବିଶିଷ୍ଟ ପରିସଂଖ୍ୟାନବିତ୍‌ଙ୍କ ପରାମର୍ଶକୁ କାର୍ଯ୍ୟଧାରାରେ ପରିଣତ କରିବାକୁ କହିଛନ୍ତି। ମୁଖ୍ୟବକ୍ତା ଭାବେ ପୂର୍ବତନ ମୁଖ୍ୟ ପରିସଂଖ୍ୟାନବିତ୍ ତଥା ଭାରତ ସରକାରଙ୍କ ପୂର୍ବତନ ପରିସଂଖ୍ୟାନ ସଚିବ ଟି.ସି.ଏ. ଅନନ୍ତ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ଏବଂ ରୂପାୟନରୁ ପରିସଂଖ୍ୟାନ ସୃଷ୍ଟି କରାଯାଇ ସରକାରୀ କାର୍ଯ୍ୟଧାରାକୁ ଅଧିକ କ୍ରିୟାଶୀଳ କରିବାକୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ସେ ଓଡ଼ିଶାର ହୀରାକୁଦ ନଦୀବନ୍ଧର ଯୋଜନା ସମୟରେ ମହାଲନୋବିସ୍‌ଙ୍କ ଅବଦାନକୁ ସ୍ମରଣ କରିଥିଲେ। ସରକାରଙ୍କ ପ୍ରତ୍ୟେକ ଯୋଜନା ଏବଂ କାର୍ଯ୍ୟକ୍ରମ ରୂପାୟନ ସମୟରେ ପରିସଂଖ୍ୟାନ ଅଧିକାରୀଙ୍କୁ ସାମିଲ କରାଗଲେ କାର୍ଯ୍ୟକ୍ରମର ସୁଫଳ ମିଳିପାରିବ ବୋଲି ସେ କହିଛନ୍ତି। ଉତ୍ସବରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଯୋଗଦେଇ ତଥ୍ୟ ଏବଂ ଯୋଜନା ପ୍ରସ୍ତୁତିରେ ବୈଷୟିକ କୌଶଳ ପ୍ରୟୋଗକରି ଆଧୁନିକ ପଦ୍ଧତିରେ ତଥ୍ୟ ସଂଗ୍ରହ ଏବଂ ପର୍ଯ୍ୟାଲୋଚନା ଉପରେ ଗୁରୁତ୍ୱ ଦେଇଥିଲେ।

# ଏଆଇ ଭଳି ବିଷୟକୁ ଦେଢ଼ଶହ ବର୍ଷ ତଳୁ କଳ୍ପନା କରିଥିଲେ ଫକୀରମୋହନ: ଧର୍ମେନ୍ଦ୍ର



ଭୁବନେଶ୍ୱର, ୨୯।୬(ସୁନିତ୍ ମିଶ୍ର)

ମହାତ୍ମା ଗାନ୍ଧୀଙ୍କ ଖଦି ଓ ଲବଣ ସତ୍ୟାଗ୍ରହର ବହୁ ପୂର୍ବରୁ ବ୍ୟାସକବି ଫକୀରମୋହନ ସେନାପତି ଲେଖନୀ ଚାଳନା ମାଧ୍ୟମରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ବିଷୟରେ ଜାଗ୍ରତ କରିଥିଲେ। ବର୍ତ୍ତମାନ ସମୟର ଅତ୍ୟାଧୁନିକ ବିଜ୍ଞାନ ଏବଂ ଏଆଇ ଭଳି ବିଷୟକୁ ସେ ଦେଢ଼ଶହ ବର୍ଷ ପୂର୍ବରୁ କଳ୍ପନା କରିଥିଲେ ବୋଲି ଗୁରୁବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ମହାପ୍ରଭୁଙ୍କ 'ସୁନାବେଶ' ଉପଲକ୍ଷେ ନୂଆଦିଲ୍ଲୀରେ ପ୍ରବାସୀ ଓଡ଼ିଆ ବିକାଶ ସମିତି ପକ୍ଷରୁ ଆୟୋଜିତ 'ଫକୀରମୋହନ ସେନାପତି ଦ ମେକିଂ ଅଫ୍ ଆନ୍ ଅଥର' ଇଂଲିଶ ପୁସ୍ତକର ଉନ୍ମୋଚନ କାର୍ଯ୍ୟକ୍ରମରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି, ଫକୀରମୋହନ ଥିଲେ ଗାନ୍ଧୀ ଚେତନାର ଅଗ୍ରଦୂତ। ଗାନ୍ଧିଜୀ କହିଥିବା କଥାକୁ ବହୁ ପୂର୍ବରୁ ସେ ନିଜ ଲେଖନୀ ଚାଳନା ମାଧ୍ୟମରେ ଲେଖି ସାରିଥିଲେ। ଭାରତୀୟ ମୁକ୍ତି ସଂଗ୍ରାମର ଲୁଗା ଓ ଲୁଣ ଭଳି ୨ଟି ମୁଖ୍ୟ ପ୍ରସଙ୍ଗ ଉପରେ ସେ ଲେଖିଥିଲେ। ସେଗୁଡ଼ିକ ହେଉଛି, 'ଓଳି ତଳେ ଲୁଣ କୋଟିଏ ମହଣ, ଆଉ ମୋହ କଥା ଶୁଣ, ବୋଇଲେ କି ହେବ, ଖାଇବାକୁ ହେବ ଲିଭରପୁଲରୁ ଲୁଣ'। ସେହିପରି ଲୁଗା ବା ଖଦି ବସ୍ତ୍ର ଉପରେ ସେ ଉଲ୍ଲେଖ କରିଥିଲେ, 'ମାଞ୍ଚେଷ୍ଟର ତନ୍ତୀ ଲୁଗା ବୁଣୁଛନ୍ତି, ତୁମ୍ଭମାନଙ୍କ ସକାଶେ, ବୁଢୁ ତନ୍ତୀ ବଂଶ ହେଉ ସର୍ବନାଶ, ଯାଆନ୍ତୁ ସେ ବନବାସେ'। ୧୯୦୮ରେ ଫକୀରମୋହନ ତାଙ୍କ 'ଅରଟ' ପ୍ରବନ୍ଧରେ ଲୁଗା ବୁଣା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରୁ ତାଙ୍କର ବିଚକ୍ଷଣ ଦୂରଦୃଷ୍ଟି ଅନୁମେୟ। ଆଧୁନିକ ଓଡ଼ିଆ ସାହିତ୍ୟର ଜନକ ବ୍ୟାସକବି ଫକୀରମୋହନ ଥିଲେ ଜଣେ ମହାନ୍ ଜନନାୟକ ତଥା ଓଡ଼ିଆ ଭାଷା ଆନ୍ଦୋଳନର ପ୍ରମୁଖ ପୁରୋଧା। ଏହି ବିଚକ୍ଷଣ ସମାଜ ଶିଳ୍ପୀଙ୍କ ଉପରେ ତଥ୍ୟଭିତ୍ତିକ ଓ ଗବେଷଣା ଆଧାରିତ ଇଂଲିଶ ପୁସ୍ତକ ପ୍ରକାଶିତ ହୋଇଥିବାରୁ ଲେଖକଙ୍କୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି। ମହାପ୍ରଭୁଙ୍କ ଆଶୀର୍ବାଦରୁ ପୁସ୍ତକଟି ସାରା ଦେଶରେ ଜନାଦୃତ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ସେ ଆହୁରି କହିଛନ୍ତି, ଓଡ଼ିଆ ଭାଷା ଆମ ଜାତିର ପରିଚୟ। ଏହି ଭାଷାକୁ ସମୃଦ୍ଧ କରିଥିବା ତଥା ସ୍ୱତନ୍ତ୍ର ଭାଷାର ପରିଚୟ ଦେବା ପାଇଁ ଅନବରତ ଉଦ୍ୟମ କରିଥିବା ବ୍ୟାସକବିଙ୍କ ଉପରେ ଲିଖିତ ପୁସ୍ତକକୁ ବହୁଭାଷାରେ ପ୍ରକାଶ କରିବା ପାଇଁ ଆମେ ସମସ୍ତେ ଉଦ୍ୟମ କରିବା ଜରୁରୀ। କେବଳ ଫକୀରମୋହନ ନୁହନ୍ତି, ତାଙ୍କ ପରି ଅନେକ ଅନାଲୋଚିତ ଓଡ଼ିଆ ସାଧକଙ୍କୁ ଇତିହାସରେ ଯୋଡ଼ିବା ପାଇଁ ପ୍ରଚେଷ୍ଟା କରିବା ଏବଂ ଏକବିଂଶ ଶତାବ୍ଦୀରେ ଓଡ଼ିଆ ଲୋକଙ୍କ ମର୍ଯ୍ୟାଦା, ସଂସ୍କାର ଓ ବିଚାରକୁ ବିଶ୍ୱସ୍ତରକୁ ନେବାର ସଂକଳ୍ପ କରିବା ନିମନ୍ତେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି।

# ଚାପା ଉତ୍ତେଜନା, ୫ପ୍ଲାଟୁନ ଫୋର୍ସ ମୁତୟନ



ଘଟଣାସ୍ଥଳରେ ପୋଲିସ ଫୋର୍ସ ମୁତୟନ କରାଯାଇଛି।

## ସବ୍‌ଡେଗା ବାହୁଡ଼ାଯାତ୍ରାରେ ଭୁଜାଲି ମାଡ଼ ଘଟଣା

- ଆକ୍ରମଣ ଘଟଣାରେ ୪ଜଣଙ୍କୁ ବାନ୍ଧିଲା ପୋଲିସ
- ଅନ୍ୟ ଅଭିଯୁକ୍ତ ଖୁବ୍‌ଶୀଘ୍ର ଗିରଫ ହେବେ: ଏସ୍‌ଡିପିଓ

ସବ୍‌ଡ଼େଗା, ୨୯।୬( ଅନନ୍ତ ପଟେଲ)

ସୁନ୍ଦରଗଡ଼ ଜିଲା ସବ୍‌ଡ଼େଗାରେ ବାହୁଡ଼ାଯାତ୍ରା ଦେଖିବାକୁ ଆସିଥିବା ୫ ବଜରଙ୍ଗ ଦଳର ସଦସ୍ୟଙ୍କୁ ଭୁଜାଲି ମାଡ଼କୁ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ ଦାବି କରି ବଜରଙ୍ଗ ଦଳ ପକ୍ଷରୁ ଗୁରୁବାର ସବ୍‌ଡ଼େଗା ବନ୍ଦ ଡାକରା ଦିଆଯାଇଥିଲା। ବନ୍ଦକୁ ଗ୍ରାମବାସୀ ଓ ଦୋକାନୀମାନେ ସମର୍ଥନ ଜଣାଇଥିଲେ। ଫଳରେ ଦିନସାରା ଦୋକାନ ବଜାର ବନ୍ଦ ରହିଥିଲା। ପରିସ୍ଥିତିକୁ ନଜରରେ ରଖି ସବ୍‌ଡ଼େଗାରେ ୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଆଗାମୀ ୨୪ ଘଣ୍ଟା ଭିତରେ ସମସ୍ତ ୨୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ଜୁଲାଇ ୧ରୁ ରାସ୍ତାରୋକୋ ସହ ସବ୍‌ଡ଼େଗାରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଦୋକାନବଜାର ବନ୍ଦ କରାଯିବ ବୋଲି ବଜରଙ୍ଗ ଦଳର କର୍ମୀମାନେ ଚେତାବନୀ ଦେଇଛନ୍ତି। ଘଟଣା ସମ୍ପର୍କରେ ବଜରଙ୍ଗ ଦଳ କର୍ମକର୍ତ୍ତାଙ୍କ ସହ ତଳସରା ବିଧାୟକ ଭବାନୀ ଭୋଇ ଏବଂ ପୋଲିସ ପ୍ରଶାସନ ଆଲୋଚନା କରିଥିଲେ। ଏ ବିଷୟରେ କେତେଜଣ ବୁଦ୍ଧିଜୀବୀ କହିଛନ୍ତି, ହିନ୍ଦୁଙ୍କ ପର୍ବରେ ଆସି ଏକ ଭିନ୍ନ ସମ୍ପ୍ରଦାୟର ଯୁବକ ଛୁରି, ଭୁଜାଲି ଆଦି ମାରଣାସ୍ତ୍ରରେ ଆକ୍ରମଣ କରିବା ଠିକ୍ ହୋଇନାହିଁ। ଏହା ଆମର ଧାର୍ମିକ ଭାବନା ଉପରେ ପ୍ରଭାବ ପକାଇଛି। ତେଣୁ ବାହୁଡ଼ା ପରି ପବିତ୍ର ଦିନରେ ଏପରି ଅକ୍ଷମଣୀୟ ଅପରାଧ କରିଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି। ବୁଧବାର ବାହୁଡ଼ାଯାତ୍ରା ଦେଖିବାକୁ ଆସିଥିବା ୫ ଯୁବକଙ୍କୁ ଯାତ୍ରା ପଡ଼ିଆରେ ଦୁର୍ବୃତ୍ତମାନେ ଭୁଜାଲିରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ସେମାନଙ୍କୁ ସବ୍‌ଡ଼େଗା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏଭଳି ଆକ୍ରମଣ ହୋଇଥିବା ଜଣାପଡ଼ିଛି। ଘଟଣା ବିଷୟରେ ଏସ୍‌ଡିପିଓଙ୍କୁ ପଚାରିବାରୁ, ଘଟଣାରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରିଛୁ। ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି।

# ଜଗତ୍‌ସିଂହପୁରରେ ୪୭୮ କୋଟିର ପାନୀୟଜଳ ପ୍ରକଳ୍ପ




ପାରାଦୀପରେ ଆୟୋଜିତ ମିଶନଶକ୍ତି କାର୍ଯ୍ୟକ୍ରମରେ ୫-ଟି ସଚିବ ଭି.କେ.ପାଣ୍ଡିଆନ ଉଦ୍‌ବୋଧନ ଦେଉଛନ୍ତି।

- ବିକାଶମୂଳକ କାର୍ଯ୍ୟ ସମୀକ୍ଷା କଲେ ୫-ଟି ସଚିବ
- କଳା ପୋଷାକ ପିନ୍ଧି ଭାଜପା କର୍ମୀଙ୍କ ବିରୋଧ

ଜଗତ୍‌ସିଂହପୁର, ୨୯।୬ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ଗସ୍ତରେ ୫-ଟି ସଚିବ ଭି. କେ. ପାଣ୍ଡିଆନ ଗୁରୁବାର ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ସେ ପ୍ରଥମେ ଏରସମା ବ୍ଲକର ଶିଆଳି ସମୁଦ୍ର ବେଳାଭୂମି ପରିଦର୍ଶନ କରି ଲୁଣାବନ୍ଧ ସୁରକ୍ଷା ଓ ବିକାଶ ପ୍ରକଳ୍ପକୁ ଅଗ୍ରାଧିକାର ଭିତ୍ତିରେ ହାତକୁ ନିଆଯିବ ବୋଲି କହିଥିଲେ। ଏଥିସହ ୩ ବିଧାନସଭା ନିର୍ବାଚନମଣ୍ଡଳୀର ୪ଟି ବ୍ଲକର ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ନିମନ୍ତେ ୪୭୮ କୋଟି ଟଙ୍କା ବ୍ୟୟରେ ବୃହତ୍ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାମ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ପ୍ରକାଶ କରିଛନ୍ତି। ଏହାପରେ ପାଣ୍ଡିଆନ ପାରାଦୀପସ୍ଥିତ ମିଶନ ଶକ୍ତି ପୋର୍ଟ ସାଇଡ୍ କଣ୍ଟେନର ସେଲ୍ସ ଆଣ୍ଡ୍ କାଫେ ବୁଲି ଦେଖିଥିଲେ। ପରେ ସେ ପାରାଦୀପଗଡ଼ଠାରେ ଥିବା ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ପରିଦର୍ଶନ କରି ଶ୍ରେଣୀଗୃହ ଓ ବିଜ୍ଞାନାଗାର ବୁଲି ଦେଖିବା ସହ ସମସ୍ତ ଟ୍ରେଡ୍‌ର ଛାତ୍ରୀଛାତ୍ରଙ୍କ ଦକ୍ଷତାଭିତ୍ତିକ ବ୍ୟବହାରିକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଛାତ୍ରୀଛାତ୍ରଙ୍କ ଅନୁରୋଧକ୍ରମେ ଆଇଟିଆଇ କେନ୍ଦ୍ର ସମ୍ମୁଖରେ ଥିବା ତାଳଦଣ୍ଡା କେନାଲ ଉପରେ ପୋଲ ନିର୍ମାଣ, ସମ୍ମିଳନୀ ଗୃହ ଓ ଖେଳପଡ଼ିଆର ଉନ୍ନତୀକରଣ କାର୍ଯ୍ୟ ଅଗ୍ରାଧିକାର ଭିତ୍ତିରେ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଗଡ଼କୁଜଙ୍ଗଠାରେ କୁଞ୍ଜବିହାରୀ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିବା ସହ ବି.ବି. ହାଇସ୍କୁଲରେ ୫-ଟି ସଚିବ ପହଞ୍ଚି ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କ ସହ ବିଦ୍ୟାଳୟ ରୂପାନ୍ତରୀକରଣ ଉପରେ ଆଲୋଚନା କରିଥିଲେ। ସେଠାରୁ ଜଗତ୍‌ସିଂହପୁର ଗସ୍ତ କରି ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ପହଞ୍ଚି ଏସ୍‌ଏଚ୍‌ଜି ସଦସ୍ୟ, ଏମ୍‌ବିକେ, ବ୍ୟାଙ୍କ ମିତ୍ର, ସିଆର୍‌ପି, ସାମାଜିକ ସଙ୍ଗଠନ ଓ ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ। ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆରେ ଛାତ୍ରୀଛାତ୍ରମାନଙ୍କ ସହ ଆଲୋଚନା କରିଥିଲେ। ୫-ଟି ରୂପାନ୍ତରୀକରଣରେ ଜିଲାର ୭୦ଟି ଡିଗ୍ରୀ କଲେଜ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସଂସ୍କୃତ କଲେଜ ପାଇଁ ସର୍ବମୋଟ ୩୨.୫୦ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଥିବା ପାଣ୍ଡିଆନ ପ୍ରକାଶ କରିଥିଲେ। ତାଙ୍କର ଏହି ଗସ୍ତ ସମୟରେ ପାରାଦୀପସ୍ଥିତ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ, କୁଜଙ୍ଗ ବଜାର ଓ ରାହାମାରେ ପ୍ରତିବାଦ କରାଯାଇଥିଲା। ପାରାଦୀପରେ ଦଳ ଯୁବନେତା ସମ୍ପଦ ସ୍ୱାଇଁଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ କଳାରଙ୍ଗର ପୋଷାକ ପିନ୍ଧି ଧାରଣା ଦେବା ସହ ପାଣ୍ଡିଆନ ଗୋ ବ୍ୟାକ୍ ନାରା ଦେଇଥିଲେ।

# ମାଣ୍ଡିଆକୁ ପ୍ରୋତ୍ସାହିତ କରିବାକୁ ହେବ ଅନ୍ତର୍ଜାତୀୟ ସମ୍ମେଳନ

ଭୁବନେଶ୍ୱର, ୨୯।୬(ସୁନିତ୍ ମିଶ୍ର)

ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟକୁ ପ୍ରୋତ୍ସାହିତ କରି କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଜୀବନ ଜୀବିକାରେ ଉନ୍ନତି ଆଣିବା ଦିଗରେ ହୋଟେଲ ଓ ରେଷ୍ଟୁରାଣ୍ଟ ଆସୋସିଏସନ, ଓଡ଼ିଶା ସହାୟକ ହୋଇପାରିବ। ଏହାସହ ସହରର ଗ୍ରାହକମାନଙ୍କ ଖାଦ୍ୟାଭ୍ୟାସରେ ପରିବର୍ତ୍ତନ ଆଣିବା ଦିଗରେ ଆସୋସିଏସନ ଏକ ଅଣୁଘଟକର ଭୂମିକା ଗ୍ରହଣ କରିପାରିବ ବୋଲି କୃଷି ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି। ରାଜ୍ୟରେ ମାଣ୍ଡିଆର ପ୍ରଚାର ଓ ପ୍ରସାର ଦିଗରେ ଯୋଜନା ପ୍ରସ୍ତୁତ କରିବା ନେଇ ଓଡ଼ିଶା ମିଲେଟ ମିଶନ ଦ୍ୱାରା କୃଷି ଭବନଠାରେ ହୋଟେଲ ଏବଂ ରେଷ୍ଟୁରାଣ୍ଟ ଆସୋସିଏସନ, ଓଡ଼ିଶାର କର୍ମକର୍ତ୍ତା ଓ ସଦସ୍ୟମାନଙ୍କ ସହ ଗୁରୁବାର ଏକ ବୈଠକ ଆୟୋଜିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ପାଢ଼ୀ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ନଭେମ୍ବର ୧୦କୁ ମାଣ୍ଡିଆ ଦିବସ ଭାବେ ପାଳନ କରାଯାଉଛି। ଏହିଦିନ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଏକ ଅନ୍ତର୍ଜାତୀୟ ସମ୍ମେଳନର ଆୟୋଜନ କରାଯିବ। ହୋଟେଲ ଏବଂ ରେଷ୍ଟୁରାଣ୍ଟ ଆସୋସିଏସନର ସଦସ୍ୟଙ୍କୁ ସେମାନଙ୍କ ହୋଟେଲରେ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟକୁ ବ୍ୟାପକ ଭାବେ ପ୍ରୋତ୍ସାହିତ କରିବା ପାଇଁ ସେ ଅନୁରୋଧ କରିଛନ୍ତି। ବୈଠକରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ହୋଟେଲ ରୁମ୍‌ଗୁଡ଼ିକରେ ଅତିଥିମାନଙ୍କ ନିମନ୍ତେ ମିଲେଟରୁ ପ୍ରସ୍ତୁତ ସ୍ନାକ୍ସ ଓ ସୂଚନା ପୁସ୍ତିକା ଉପଲବ୍ଧ କରାଇବା ସହ ଜନସଚେତନତା ବୃଦ୍ଧି ନିମନ୍ତେ ଭିଡିଓ କ୍ଲିପିଙ୍ଗ୍‌ସ ଏବଂ ଷ୍ଟାଣ୍ଡି ପ୍ରଦର୍ଶନ ଉପରେ ଗୁରୁତ୍ୱ ଦେଇଛନ୍ତି। ବୈଠକରେ ରାଜ୍ୟ ପର୍ଯ୍ୟଟନ ଓ ଅନ୍ୟ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ସ୍ୱସ୍ତି ପ୍ରିମିୟମ, ଫୁଡ୍ ଜଙ୍କ୍‌ସନ, ଦି ନିଉ୍ ମାରିୟନ୍, ପାଲ୍ ହାଇଟସ୍, ସ୍ୱସ୍ତି ଗ୍ରାଣ୍ଡ, ହୋଟେଲ ଏକ୍ସିଲେନ୍ସି, ବାର୍‌ଜୋରିସ୍ ହୋଟେଲ, ସୂର୍ଯ୍ୟାଂଶ ଆଦି ହୋଟେଲ ଏବଂ ଫିକିର ପ୍ରତିନିଧିମାନେ ଯୋଗଦେଇଥିଲେ।

# ନାଲ୍‌କୋ ସିପିପିରେ ବିଦ୍ୟୁତ୍ ଉତ୍ପାଦନ ହ୍ରାସ



## କୋଇଲା ଫିଡିଂରେ ସମସ୍ୟା, ତେଲ ସଙ୍କଟ

ବଁଅରପାଳ, ୨୯।୬(ଉପେନ୍ଦ୍ର ରାଉତ)

ଅନୁଗୋଳ ଜିଲାରେ ଥିବା ନବରତ୍ନ ମାନ୍ୟତାପ୍ରାପ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲ୍‌କୋର ସିପିପିରେ ବିଦ୍ୟୁତ୍ ଉତ୍ପାଦନ ହ୍ରାସ ପାଇଛି। ଷ୍ଟକୟାର୍ଡରେ ବର୍ଷା ପାଣି ପଶିଯିବାରୁ କୋଇଲା ଫିଡିଂରେ ସମସ୍ୟା ହେଉଥିବା ଓ ବଏଲର ଷ୍ଟାର୍ଟ ପାଇଁ ଆବଶ୍ୟକ ପଡୁଥିବା ହେଭି ଫୁଏଲ ଅଏଲ (ଏଚ୍‌ଏଫ୍‌ଓ) ଏବଂ ଲାଇଟ୍ ଡିଜେଲ ଅଏଲ (ଏଲ୍‌ଡିଓ) ଆବଶ୍ୟକ ପରିମାଣର ନ ଥିବାରୁ ବିଦ୍ୟୁତ୍ ଉତ୍ପାଦନ କରୁଥିବା ୨ଟି ୟୁନିଟ୍ ବନ୍ଦ ରହିଛି। ଫଳରେ ପ୍ଲାଣ୍ଟରୁ ଦୈନିକ ୨୪୦ ମେଗାୱାଟ୍ କମ୍ ବିଦ୍ୟୁତ୍ ଉତ୍ପାଦନ ହେଉଛି।

ପ୍ରକାଶ ଯେ, ନାଲ୍‌କୋ ସିପିପିରେ ୧୦ଟି ୟୁନିଟ୍ ରହିଛି। ପ୍ରତି ୟୁନିଟ୍‌ରୁ ଦୈନିକ ୧୨୦ ମେଗାୱାଟ୍ ଲେଖାଏ ମୋଟ୍ ୧୨ଶହ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ପ୍ଲାଣ୍ଟରୁ ଉତ୍ପାଦନ ହୋଇଥାଏ। କିନ୍ତୁ ପ୍ଲାଣ୍ଟର କୋଇଲା ଷ୍ଟକୟାର୍ଡରେ ବର୍ଷା ପାଣି ପଶିବା ଯୋଗୁ କୋଇଲା ଠିକ୍ ଭାବେ ବଙ୍କରରେ ଫିଡିଂ ହୋଇପାରୁନାହିଁ। ସେହିପରି ବଏଲର ଷ୍ଟାର୍ଟ ପାଇଁ ଆବଶ୍ୟକ ଏଚ୍‌ଏଫ୍‌ଓ ଏବଂ ଏଲ୍‌ଡିଓର ପରିମାଣ ମଧ୍ୟ ଆବଶ୍ୟକତାଠାରୁ କମ୍ ରହିଛି। ଏସବୁ କାରଣରୁ ସିପିପିର ୨ଟି ୟୁନିଟ୍‌କୁ ବନ୍ଦ ରଖାଯାଇଛି। ଫଳରେ ଏବେ ଦୈନିକ ୮ଟି ୟୁନିଟ୍‌ରୁ ୯୬୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ହୋଇପାରୁଛି। ତେଲ ସମସ୍ୟାର ସମାଧାନ ପାଇଁ ନାଲ୍‌କୋ କର୍ତ୍ତୃପକ୍ଷ ସ୍ମେଲଟର ପ୍ଲାଣ୍ଟରୁ ଟ୍ୟାଙ୍କର ଯୋଗେ ତେଲ ଆଣିବା ପାଇଁ ଯୋଜନା କରୁଥିବା ସୂଚନା ମିଳିଛି। ଏ ସମ୍ପର୍କରେ ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନର ଉପସଭାପତି ପ୍ରଣବ ଜେନା କହିଛନ୍ତି, ନାଲ୍‌କୋରେ କୋଇଲା ପରେ ତେଲ ସମସ୍ୟା ଦେଖାଦେଇଛି। ତେଲ ଅଭାବ ଯୋଗୁ ବଏଲର ଷ୍ଟାର୍ଟିଂ କରିବାରେ ଅସୁବିଧା ହେଉଛି। ନାଲ୍‌କୋ ଏମ୍ପ୍ଲୋୟିଜ ସଂଘ ସଭାପତି ନିର୍ମଳ ସାମଲ କହିଛନ୍ତି, ସିପିସିରେ କୋଇଲା ସମସ୍ୟା ସାଙ୍ଗକୁ ତେଲର ଅଭାବ ଦେଖାଦେଇଛି। ଏହାର କୁ ପ୍ରଭାବ ସ୍ମେଲଟର ଉପରେ ପଡୁଛି। ପଟ୍‌ଲାଇନ ଯେତିକି କିଲୋ ଆମ୍ପିୟରରେ ଚାଲିବା କଥା ତାହା ହେଉନାହିଁ। ତେଣୁ ଉତ୍ପାଦନ ହ୍ରାସ ପାଉଛି। ନାଲ୍‌କୋ ସିପିସି ଜିଏମ୍ ସୁନୀଲ ମହାପାତ୍ର କହିଛନ୍ତି, ଷ୍ଟକୟାର୍ଡରେ ପାଣି ପଶିଯିବା ଯୋଗୁ ଠିକ୍ ଭାବେ କୋଇଲା ଫିଡିଂ ହୋଇପାରୁନାହିଁ। ତେଣୁ ସମସ୍ୟା ଉପୁଜିଛି। ଏଥିସହ ତେଲର ଅଭାବ ରହିଛି। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହୋଇଯିବ।

# ରାଇପାହାଡ଼ରେ ପହଞ୍ଚିଲା ବ୍ଲକ ପ୍ରଶାସନ

## ନନ୍ଦପୁର ବ୍ଲକର ସୀମାନ୍ତ ଗ୍ରାମ ଉପରେ ଆନ୍ଧ୍ର ନଜର ପକାଇବା ପ୍ରସଙ୍ଗ

## ଖବର ପ୍ରକାଶ ପରେ ତତ୍ପରତା



COLLECTORATE, KORAPUT
(Res. Office)

No. [illegible]/2023-Res (ZP) Date: [illegible] 06 2023

To
The Collector & District Magistrate,
Alluri Sitharamaraju District,
Andhra Pradesh

Sub: Regarding construction of PMAY houses in Raipahad village of Nandapur Block under Koraput District, Odisha.

Dear Sir,

It is learnt from reports of the concerned BDO and Tahsildar, Nandapur that seven numbers of houses under PMAY have been provided to residents of Raipahad village in Nandapur block of this district by concerned officials of your district.

As you are well aware, the state border here is clearly demarcated and there is no scope for any ambiguity. Construction of houses funded by Andhra Pradesh inside the borders of Odisha is therefore unacceptable.

In order to remedy this difference in perception, you are requested to kindly depute your concerned MRO of Araku and other Block level officials to carry out a joint field verification with their counterparts on this site at an early date. My Sub Collector shall also remain present for the same. The existing border stones can be verified and you are requested to kindly have the work stopped for now and the work orders cancelled subsequently.

Yours faithfully,
COLLECTOR, KORAPUT

Memo No. [illegible]/2023 Date [illegible] 06. 2023
Copy to the Sub-Collector, Koraput / Tahasildar, Nandapur / BDO, Nandapur for information and necessary action.
COLLECTOR, KORAPUT

କୋରାପୁଟ ଜିଲାପାଳ ଆନ୍ଧ୍ରର ଆଲୁରି ସିଥାରମନ ଜିଲାପାଳଙ୍କୁ ଲେଖିଥିବା ଚିଠି।



ନନ୍ଦପୁର ବ୍ଲକ ପ୍ରଶାସନ ପକ୍ଷରୁ ଅଧିକାରୀମାନେ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

ନନ୍ଦପୁର, ୨୯।୬(ଶଙ୍କର ପୂଜାରୀ)

କୋରାପୁଟ ଜିଲାର କୋଟିଆ ପରେ ଏବେ ଆନ୍ଧ୍ର ନନ୍ଦପୁର ବ୍ଲକ ସୀମାନ୍ତ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଅନୁପ୍ରବେଶ କରୁଛି। ନନ୍ଦପୁର ବ୍ଲକର ରାଇପାହାଡ଼ ଗ୍ରାମ ଉପରେ ଆନ୍ଧ୍ର ନଜର ପକଇବା ସମ୍ପର୍କିତ ଖବର ମଙ୍ଗଳବାର ପ୍ରକାଶ ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗୁରୁବାର ନନ୍ଦପୁର ବ୍ଲକ ପ୍ରଶାସନ ଗୋଲୁର ପଞ୍ଚାୟତର ରାଇପାହାଡ଼ ଗ୍ରାମ ପରିଦର୍ଶନ କରି ସ୍ଥିତି ପରଖିଛନ୍ତି। ଏ ସମ୍ପର୍କରେ ଜିଲା ପ୍ରଶାସନ ଓ ରାଜ୍ୟ ପ୍ରଶାସନକୁ ଅବଗତ କରିବେ ବୋଲି ଜଣାପଡ଼ିଛି। ଏହି ଗସ୍ତରେ ବିଡିଓ ସୁଜିତ ମିଶ୍ର, ତହସିଲଦାର ନରସିଂହ ଗାଦବା, ଅତିରିକ୍ତ ତହସିଲଦାର ସୀମାଞ୍ଚଳ ପାତ୍ର, ସହକାରୀ ନିର୍ବାହୀଯନ୍ତ୍ରୀ ଜସକେତନ ବେହେରା, ଜିପିଇଓ ବେଦାନ୍ତ ମାଝି, ଗ୍ରାମ୍ୟ ଜଳଯୋଗାଣ ଯନ୍ତ୍ରୀ ରବୀନ୍ଦ୍ରନାଥ ମାର୍ଣ୍ଡି ପ୍ରମୁଖ ଯାଇଥିଲେ।

ଖବରରୁ ଜଣପଡିଛି, ନନ୍ଦପୁର ବ୍ଲକ ସୀମାନ୍ତ ଗ୍ରାମଗୁଡ଼ିକୁ ଆନ୍ଧ୍ର ପ୍ରଶାସନ ନିଜର ବୋଲି ଦର୍ଶାଇ ସୀମାନ୍ତ ଲୋକଙ୍କୁ ପ୍ରଭାବିତ କରି ସେମାନଙ୍କୁ ନିଜ ସପକ୍ଷରେ ନେବାକୁ ଉଦ୍ୟମ କରିଆସୁଛି। ଏଥିପାଇଁ ପୂର୍ବରୁ ସୀମାନ୍ତବାସୀଙ୍କ ଲାଗି ଆନ୍ଧ୍ର ଆଧାର କାର୍ଡ, ରାଶନ କାର୍ଡ, ଭୋଟର କାର୍ଡ, ବିଭିନ୍ନ ଭତ୍ତା, ପାଣି, ବିଦ୍ୟୁତ୍ ବ୍ୟବସ୍ଥା କରି ଆସୁଥିଲା। ଏବେ ଗୋଲୁର ପଞ୍ଚାୟତର ରାଇପାହାଡ଼ ଗ୍ରାମରେ ୬ଟି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୬ଜଣ ହିତାଧିକାରୀଙ୍କୁ ପାଇଁ ଗୃହ ନିର୍ମାଣ ଲାଗି ସହାୟତା ଯୋଗାଇ ଦେଇଥିଲା। ହିତାଧିକାରୀମାନେ ମଧ୍ୟ ଗୃହ ନିର୍ମାଣ ଆରମ୍ଭ କରିଛନ୍ତି। ଏ ସମ୍ପର୍କରେ ଖବର ପ୍ରକାଶ ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ପତ୍ରସଂଖ୍ୟା ୩୯୭/୨୦୨୩, ଆର୍‌ଇଏସ୍‌ଏସ୍ ତା ୨୭।୬।୨୩ରେ ଆନ୍ଧ୍ରର ଆଲୁରି ସିଥାରମନ ଜିଲାର ଜିଲାପାଳଙ୍କୁ ପତ୍ର ଲେଖାଯାଇଥିଲା। ଏପରି ବେନିୟମ ନିର୍ମାଣରେ ରୋକ ଲଗାଇବା ସହ ୨ରାଜ୍ୟର ଅଧିକାରୀଙ୍କ ଉପସ୍ଥିତିରେ ସୀମା ନିର୍ଦ୍ଧାରଣ ଲାଗି ଦିନଧାର୍ଯ୍ୟ କରିବାକୁ ପତ୍ରରେ ଉଲ୍ଲେଖ କରାଯାଇଥିଲା। ସୀମା ନିର୍ଦ୍ଧାରଣ ଦିନ କୋରାପୁଟ ଜିଲା ତରଫରୁ ଉପଜିଲାପାଳ ଓ ନନ୍ଦପୁର ବ୍ଲକ ପ୍ରଶାସନ ଉପସ୍ଥିତ ରହିବେ ବୋଲି ଚିଠିରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ବିଡିଓ, ତହସିଲଦାରଙ୍କ ନେତୃତ୍ୱରେ ଗୁରୁବାର ବ୍ଲକ ପ୍ରଶାସନ ରାଇପାହାଡ଼ ଗ୍ରାମ ପରିଦର୍ଶନ କରି ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ନିର୍ମାଣ ଚାଲିଥିବା ପ୍ରଧାନମନ୍ତ୍ରୀ ଆବାସ ଗୃହଗୁଡ଼ିକ ଆନ୍ଧ୍ର ପ୍ରଶାସନ ପକ୍ଷରୁ କରାଯାଉଛି। ଆନ୍ଧ୍ରର ପ୍ରଶାସନିକ ଅଧିକାରୀ ବିଡିଓ, ତହସିଲଦାର, ପିଇଓ, ଯନ୍ତ୍ରୀ ଓ ଗ୍ରାମସେବକମାନେ ବାରମ୍ବାର ଗ୍ରାମକୁ ଆସି ଗ୍ରାମବାସୀଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଉଥିବା ଆଲୋଚନା ବେଳେ ଅଧିକାରୀମାନେ ଜାଣିବାକୁ ପାଇଥିଲେ। ଏହାକୁ ନେଇ ଜିଲାପାଳ ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସେମାନେ କହିଛନ୍ତି। ଆନ୍ଧ୍ରର ଏଭଳି ଅନୁପ୍ରବେଶକୁ ବୁଦ୍ଧିଜୀବୀମାନେ ନିନ୍ଦା କରିଛନ୍ତି। ଓଡ଼ିଶା ସରକାର, ଜିଲା ପ୍ରଶାସନ ଓ ସ୍ଥାନୀୟ ଜନ ପ୍ରତିନିଧିମାନେ ନିଜ ଅଞ୍ଚଳର ବିକାଶ ପ୍ରତି ଗୁରୁତ୍ୱ ଦେବାକୁ ସାଧାରଣରେ ମତ ପ୍ରକାଶ ପାଉଛି।

**ନୂଆ ରୁଟ୍‌ରେ ଚାଲିବ ମୋ ବସ୍**

ଭୁବନେଶ୍ୱର, (ଅନୁରାଧା ମହାରଣା): କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ) ପକ୍ଷରୁ ଚାଲୁଥିବା 'ମୋ ବସ୍' ଜୁଲାଇ ପହିଲାରୁ ୧୩ଟି ନୂଆ ରୁଟ୍‌ରେ ଚଳାଚଳ ଆରମ୍ଭ କରିବ। ଯାତ୍ରୀଙ୍କଠାରୁ ମିଳିଥିବା ମତାମତ ଆଧାରରେ ଏହି ରୁଟ୍‌ଗୁଡିକ ଚୟନ କରାଯାଇଛି। ଏହି ପଦକ୍ଷେପ ଦ୍ୱାରା ଭୁବନେଶ୍ୱର ସହରାଞ୍ଚଳ ପରିବହନ କ୍ଷେତ୍ରରେ (ବିୟୁଟିଏ), କଟକ ସହରାଞ୍ଚଳ ପରିବହନ କ୍ଷେତ୍ରରେ (ସିୟୁଟିଏ) ଏବଂ ପୁରୀ ସହରାଞ୍ଚଳ ପରିବହନ କ୍ଷେତ୍ରରେ (ପିୟୁଟିଏ) ମଧ୍ୟରେ ପରିବହନ ସହଜ ହେବ ବୋଲି କ୍ରୁଟ ପକ୍ଷରୁ ସୂଚନା ଦିଆଯାଇଛି। ଏହି ନୂଆ ରୁଟରେ ମୋ ବସ୍ ସେବା ଆରମ୍ଭ ହେବା ଫଳରେ ରାଜଧାନୀ ଅଞ୍ଚଳର ପରିବହନ ଦୃଶ୍ୟପଟ ବଦଳିଯିବ। ଏହାଦ୍ୱାରା ସ୍ଥାନୀୟ ଲୋକଙ୍କ ସହ ପର୍ଯ୍ୟଟକ ଉପକୃତ ହେବେ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ବିକ୍ଷୋଭ, ମାଷ୍ଟରକ୍ୟାଣ୍ଟିନ ଛକ, ପୂର୍ବାହ୍ନ ୧୦ଟା।
- ଭାରତଭାରତୀ ପ୍ରକାଶନ ସଂସ୍ଥା ପକ୍ଷରୁ ଦିବଂଗତ ସାହିତ୍ୟିକ ଲକ୍ଷ୍ମୀଧର ମହାପାତ୍ରଙ୍କ ପୁସ୍ତକ 'ଲକ୍ଷ୍ମୀଧର ସଞ୍ଚୟନ' ଉନ୍ମୋଚନ, କଳିଙ୍ଗ ବୁଦ୍ଧ ବିହାର ସଭାଗୃହ, ୟୁନିଟ-୯, ପୂର୍ବାହ୍ନ ୧୦ଟା ୩୦।
- ଜନସଚେତନତା ମଞ୍ଚ ପକ୍ଷରୁ ରାଜ୍ୟସ୍ତରୀୟ ଆଲୋଚନା ସଭା, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ପୁସ୍ତକ ଚର୍ଚ୍ଚା ଏବଂ ଭାଷାପତ୍ର ଲୋକାର୍ପଣ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ସମ୍ମିଳନୀ କକ୍ଷ(ଉପର ମହଲା), କଳ୍ପନା, ଅପରାହ୍ନ ୪ଟା।
- ଶ୍ରୀଜଗନ୍ନାଥ ଭକ୍ତି ଟ୍ରଷ୍ଟ ପକ୍ଷରୁ ଅଧରପଣା, ଶ୍ରୀଜଗନ୍ନାଥ ମନ୍ଦିର, ଫେଜ୨, ଶୈଳଶ୍ରୀ ବିହାର, ଅପରାହ୍ନ ୪ଟା ୩୦।
- ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆନ ମ୍ୟୁଜିକ ପକ୍ଷରୁ କ୍ଲାସିକାଲ ଓଡ଼ିଶୀ ମ୍ୟୁଜିକ କନ୍‌ସର୍ଟ, ବୁଦ୍ଧ ମନ୍ଦିର ପରିସର, ସନ୍ଧ୍ୟା ୬ଟା ୩୦।
- ରୁଦ୍ରାକ୍ଷ ଫାଉଣ୍ଡେଶନର ଷଷ୍ଠ ବର୍ଣ୍ଣାଳୀ ଉତ୍ସବ, ଉତ୍କଳ ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା ୩୦।

# ଭାଜପା ନେତାଙ୍କ ସୁରକ୍ଷାକର୍ମୀ, ସହଯୋଗୀ ଗିରଫ

**ବିଜେଡି କର୍ପୋରେଟରଙ୍କ ଭାଇ, ପୁତୁରାଙ୍କୁ ଗୁଳିମାଡ଼ ଘଟଣା**

- ଉଭୟ ପକ୍ଷରୁ ଏତଲା, ପୃଥକ ମାମଲା ରୁଜୁ
- ଗୋଟିଏ ରିଭଲଭର୍, ବନ୍ଧୁକ, ୮ ଗୁଳି, ୯ ଖୋକା ଜବତ
- ଫେରାର ଅନ୍ୟ ଅଭିଯୁକ୍ତଙ୍କୁ ଖୋଜୁଛି ସ୍ୱତନ୍ତ୍ର ଟିମ୍

ଭୁବନେଶ୍ୱର,୨୯।୬ (ସତ୍ୟଜିତ୍ ରାଉତ):

ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଝାରପଡ଼ାସ୍ଥିତ ପ୍ରଜାପତି ବିବାହ ମଣ୍ଡପ ସାମ୍ନାରେ ୨ଟି କାର୍ ମଧ୍ୟରେ ସାଇଡ୍‌ମରାକୁ ନେଇ ଦୁଇ ରାଜନୈତିକ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ସହ ଗୁଳିମାଡ଼ ଘଟଣାରେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ଦୁଇ ପକ୍ଷର ଏତଲାକ୍ରମେ ପୋଲିସ ପୃଥକ ମାମଲା ରୁଜୁ କରିଛି। ଭାଜପା ନେତା ପ୍ରଭାତ ମାର୍ଥାଙ୍କ ସ୍ତ୍ରୀ ପ୍ରିୟଦର୍ଶିନୀଙ୍କ ଏତଲା ଆଧାରରେ ପ୍ରଥମ ମାମଲା (ନଂ.୨୬୨/୨୦୨୩) ରୁଜୁ ହୋଇଛି। ପ୍ରଭାତ ଓ ତାଙ୍କ ସହଯୋଗୀଙ୍କୁ ପ୍ରତିପକ୍ଷ ଗୋଷ୍ଠୀରୁ ଆକ୍ରମଣ ସହ ଗୁଳିମାଡ଼ କରାଯାଇଥିବା ଏତଲାରେ ଉଲ୍ଲେଖ କରାଯାଇଛି। ଏହି ମାମଲାରେ ୩୨ ନମ୍ବର ୱାର୍ଡର ବିଜେଡି କର୍ପୋରେଟର ଶ୍ରୀଧର ଜେନା, ତାଙ୍କ ବଡ଼ ଭାଇ ଶିଖର ଜେନା, ପୁତୁରା ଦୀପକ ଜେନା ଓ ଆଲୋକ ଜେନାଙ୍କ ସମେତ ଅନ୍ୟମାନଙ୍କୁ ପୋଲିସ ଅଭିଯୁକ୍ତ ଦର୍ଶାଇଛି। ସେହିଭଳି ଶ୍ରୀଧରଙ୍କ ଏତଲା ଆଧାରରେ ପୋଲିସ ରୁଜୁ କରିଥିବା ମାମଲା (ନଂ.୨୬୩/୨୦୨୩)ରେ ପ୍ରଭାତ ମାର୍ଥା, ତାଙ୍କ ବ୍ୟକ୍ତିଗତ ସୁରକ୍ଷାକର୍ମୀ ତଥା ପୂର୍ବତନ ଆର୍ମି ଅଫିସର ଦିବାକର କଳସ, ପ୍ରଦୀପ ମାର୍ଥା, ଅମରଜିତ୍ ମାର୍ଥା, ଅଜିତ୍ ମାର୍ଥା, ଜଗନ୍ନାଥ ପ୍ରଧାନ, ଉଲିଝନ୍ ମଙ୍ଗରାଜ ଓ ରାଜା ସାହୁଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି। ତେବେ ପ୍ରଭାତଙ୍କ ପିଏସ୍‌ଓ ଦିବାକର ଓ ସହଯୋଗୀ ରାଜା ଗୁଳିଚାଳନାରେ ସମ୍ପୃକ୍ତ ଥିବା ପୋଲିସ ପ୍ରାଥମିକ ପ୍ରମାଣ ପାଇବା ପରେ ଉଭୟଙ୍କୁ ଗିରଫ କରିଛି। ଏଥିସହ ପୋଲିସ ଗୋଟିଏ ରିଭଲଭର୍, ଗୋଟିଏ ଦେଶୀ ବନ୍ଧୁକ, ୮ ରାଉଣ୍ଡ ଗୁଳି ଓ ୯ଟି ଖୋକା ଜବତ କରିଛି। କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଦୁଇଟି ମାମଲାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଡିସିପି ପ୍ରତୀକ ସିଂ ଖବରଦାତା ସମ୍ମିଳନୀରେ କହିଛନ୍ତି।



ଗିରଫ ଦୁଇ ଅଭିଯୁକ୍ତ ଏବଂ ଜବତ ବନ୍ଧୁକ, ଗୁଳି।

ଡିସିପିଙ୍କ ସୂଚନାନୁଯାୟୀ, ଦୁଇ ଗୋଷ୍ଠୀ ମଧ୍ୟରେ ପୂର୍ବରୁ ଶତ୍ରୁତା ଥିଲା। ବୁଧବାର ରାତି ପ୍ରାୟ ୧୦ଟା ୪୦ରେ ମଣ୍ଡପ ସାମ୍ନା ରାସ୍ତାରେ କୌଣସି ଏକ କାମରେ ପ୍ରଭାତ ନିଜ ସହଯୋଗୀଙ୍କ ସହ କାର୍‌ରେ ଯାଉଥିଲେ। ଏହି ସମୟରେ ପାଣ୍ଡରା ପଟୁ ଶିଖରଙ୍କ ବଡ଼ ପୁଅ ଦୀପକ ତାଙ୍କ ସାଙ୍ଗଙ୍କ ସହ ଆଉଏକ କାର୍‌ରେ ଆସୁଥିଲେ। ମଣ୍ଡପ ସାମ୍ନାରେ ଉଭୟ ଗୋଷ୍ଠୀର ଦୁଇଟି କାର୍ ମୁହାଁମୁହିଁ ହୋଇଥିଲା। କେହି କାହାକୁ ସାଇଡ୍ ନ ଦେବାରୁ ଉଭୟଙ୍କ ମଧ୍ୟରେ ବଚସାରୁ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ଏହି ସମୟରେ ଉଭୟ ପରିବାର ଲୋକେ ସେମାନଙ୍କ ସହଯୋଗୀ ସହ ଘଟଣାସ୍ଥଳରେ ପହଞ୍ଚିବା ପରେ ଗଣ୍ଡଗୋଳ ତୀବ୍ର ରୂପ ନେଇଥିଲା। ଖବର ପାଇ ପିସିଆର୍ ଟିମ୍ ମଧ୍ୟ ସେଠାକୁ ଆସୁଥିଲା। ତେବେ ଉଭୟ ଗୋଷ୍ଠୀ ମୁହାଁମୁହିଁ ହୋଇଥିବାବେଳେ ପ୍ରଭାତଙ୍କ ପିଏସ୍‌ଓ ଦିବାକର ତାଙ୍କ ଲାଇସେନ୍ସପ୍ରାପ୍ତ ବନ୍ଧୁକରୁ ଗୁଳିଚାଳନା କରିଥିଲେ। ଗୁଳିମାଡ଼ରେ ଶିଖର ଓ ତାଙ୍କ ସାନପୁଅ ଆଲୋକ ଆହତ ହୋଇଥିଲେ। ପୋଲିସକୁ ଦେଖି ଗଣ୍ଡଗୋଳକାରୀ ଦୁଇ ଗୋଷ୍ଠୀ ଘଟଣାସ୍ଥଳ ଛାଡ଼ି ପଳାଇଥିବାବେଳେ ପ୍ରଭାତଙ୍କ ପିଏସ୍‌ଓ ଦିବାକର ଓ ସହଯୋଗୀ ରାଜାଙ୍କୁ କାବୁ କରାଯାଇଥିଲା ବୋଲି ଡିସିପି ସିଂ କହିଛନ୍ତି। କିନ୍ତୁ ଘଟଣାସ୍ଥଳରେ ପ୍ରାୟ ୧୨ ରାଉଣ୍ଡ ଗୁଳିଚାଳନା ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ତେବେ ରାଜାଙ୍କ ପାଖରୁ ଜବତ ହୋଇଥିବା ଦେଶୀ ବନ୍ଧୁକ କାହାର ଓ ସେଥିରେ ଗୁଳିଚାଳନା ହୋଇଥିଲା କି ନାହିଁ ତାହାକୁ ନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ପ୍ରଭାତ ଫେରାର ଥିବାବେଳେ ସେ ଓ ସମ୍ପୃକ୍ତ ଅନ୍ୟମାନେ ଧରାପଡ଼ିଲେ ଗୁଳିକାଣ୍ଡ ଘଟଣାର ଅଧିକ ତଥ୍ୟ ଜଣାପଡ଼ିବ ବୋଲି ଡିସିପି ସିଂ କହିଛନ୍ତି। ଅନ୍ୟପକ୍ଷରେ ଗୁରୁବାର ସକାଳେ ପୋଲିସ ଉପସ୍ଥିତିରେ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିବା ସହ ବିଭିନ୍ନ ନମୁନା ସଂଗ୍ରହ କରିଛି। ସେପଟେ ଆହତ ଶିଖର ଓ ପୁଅ ଆଲୋକ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ସୂଚନା ଦିଆଯାଇଛି।

# ପୁଅ ମୁକେଶଙ୍କ ସମେତ ୪ ଗିରଫ

**ବାପା, ଭାଉଜଙ୍କୁ ଖଣ୍ଡାରେ ହାଣିବା ଘଟଣା**

**ଖଣ୍ଡା, ୨ ବାଇକ୍ ଜବତ**

ଭୁବନେଶ୍ୱର,୨୯।୬ (ସୂର୍ଯ୍ୟକାନ୍ତ ବେହେରା)

ପାରିବାରିକ କଳହକୁ ନେଇ ମଙ୍ଗଳବାର ରାତିରେ ବାପା ଓ ଭାଉଜଙ୍କୁ ସହଯୋଗୀଙ୍କ ସହ ମିଶି ଖଣ୍ଡାରେ ଆକ୍ରମଣ କରିଥିଲେ ଦୁଇ ପୁଅ। ତେବେ ଏହି ଘଟଣାରେ ଖାରବେଳନଗର ଥାନା ପୋଲିସ ୩ଦିନ ପରେ ଆକ୍ରମଣ କରିଥିବା ପୁଅଙ୍କ ସମେତ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କେଦାରପଲ୍ଲୀ ବସ୍ତିର ମୁକେଶ ଓରଫ ମୁଖିଆ ନାଏକ, ପ୍ରବନ ଓରଫ ସୁରଜ ନାଏକ, ସନ୍ଦୀପ ନାଏକ ଓ ବାଦଲ ନାଏକ। ତାଙ୍କଠାରୁ ଗୋଟିଏ ଖଣ୍ଡା ଓ ଦୁଇଟି ବାଇକ୍ ଜବତ ହୋଇଛି। ସୂଚନା ଅନୁଯାୟୀ, ଆକ୍ରମଣର ଶିକାର ହୋଇଥିବା ରବିଙ୍କ ୫ ପୁଅ। ସେ ପରିବାର ସହ କେଦାରପଲ୍ଲୀ ବସ୍ତିରେ ରହି ଆସୁଥିବାବେଳେ କୌଣସି କାରଣକୁ ନେଇ ମଝିଆ ପୁଅ ରାକେଶ ଓ ଦୁଇ ନମ୍ବର ପୁଅ ପ୍ରମୋଦଙ୍କ ମଧ୍ୟରେ ଦୀର୍ଘଦିନ ହେବ ବିବାଦ ଲାଗିରହିଛି। ତେଣୁ ବାପା ରବି ରାକେଶଙ୍କ ପାଖରେ ରହୁଥିବା ବେଳେ ତାଙ୍କ ସ୍ତ୍ରୀ ବାସନ୍ତୀ ପୁଅ ପ୍ରମୋଦଙ୍କ ପାଖରେ ରହୁଥିଲେ। ହେଲେ ମଙ୍ଗଳବାର କୌଣସି କଥାକୁ ନେଇ ରାକେଶ ଓ ପ୍ରମୋଦଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଅଧିକ ହେବାରୁ ରାକେଶଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ପ୍ରେସକ୍ଲବ୍ ପଛପଟସ୍ଥିତ ବାପଘରକୁ ଚାଲିଆସିଥିଲେ। ଏପରିକି ସେ ତାଙ୍କ ସହ ଶ୍ୱଶୁର ରବି, ସ୍ୱାମୀ ରାକେଶ ଓ ପିଲାମାନଙ୍କୁ ମଧ୍ୟ ନେଇ ଆସିଥିଲେ। ହେଲେ ପ୍ରମୋଦ ଓ ଭାଇ ମୁକେଶ କିଛି ସହଯୋଗୀଙ୍କୁ ଧରି ରାତି ପ୍ରାୟ ୧୦ଟାବେଳେ ଲକ୍ଷ୍ମୀପ୍ରିୟାଙ୍କ ବାପଘରକୁ ଆସି ଲକ୍ଷ୍ମୀପ୍ରିୟାଙ୍କୁ ଗାଳିଗୁଲଜ କରିବା ସହ ହଠାତ୍ ଖଣ୍ଡାରେ ଆକ୍ରମଣ କରିଥିଲେ। ଏହି ସମୟରେ ରବି ସେଠାରେ ପହଞ୍ଚି ବିରୋଧ କରିବାରୁ ପୁଅମାନେ ମଧ୍ୟ ତାଙ୍କୁ ଖଣ୍ଡାରେ ଗୋଡ଼ାଇ ହାଣିଥିଲେ। ସ୍ଥାନୀୟ ଲୋକ ପହଞ୍ଚିଯିବାରୁ ଆକ୍ରମଣକାରୀମାନେ ଫେରାର ହୋଇଯାଇଥିଲେ। ତେବେ କ୍ୟାପିଟାଲ ହସ୍ପିଟାଲରେ ଗୁରୁତର ରବିଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାରୁ ତାଙ୍କୁ ଅନ୍ୟ ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ପରେ ପରିବାର ପକ୍ଷରୁ ଅଭିଯୋଗ କରିବାରୁ ପୋଲିସ ତଦନ୍ତ କରି ୪ଜଣଙ୍କୁ ଗିରଫ କରିଛି।



ଗିରଫ ୪ ଅଭିଯୁକ୍ତ।

# ୩ ବର୍ଷ ପରେ ତୃତୀୟ ଅଭିଯୁକ୍ତ ଗିରଫ

**କୋଟିଏରୁ ଊର୍ଦ୍ଧ୍ୱ ବ୍ରାଉନସୁଗାର ଜବତ ଘଟଣା**

**ପୂର୍ବରୁ ଗିରଫ ହୋଇଥିଲେ ଅନ୍ୟ ୨ ଅଭିଯୁକ୍ତ**

ଭୁବନେଶ୍ୱର,୨୯।୬(ସତ୍ୟଜିତ ରାଉତ)

ରାଜଧାନୀରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ ଘଟଣାରେ ଫେରାର ଥିବା ତୃତୀୟ ଅଭିଯୁକ୍ତଙ୍କୁ ୩ ବର୍ଷ ପରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଞ୍ଚଳର ବାପି ଓରଫ ବୀରେନ୍ଦ୍ର ମଙ୍ଗରାଜ। ବାପିଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ପୂର୍ବରୁ ୧ କେଜି ୮ ଗ୍ରାମର ବ୍ରାଉନସୁଗାର ଜବତ ସହ ଜଙ୍କିଆ ଅଞ୍ଚଳର ଅଜୟ ମହାପାତ୍ର ଓ ବେଗୁନିଆ ଅଞ୍ଚଳର ବିଭୂତି ଭୂଷଣ ଜେନାଙ୍କୁ ଏସ୍‌ଟିଏଫ୍ ଗିରଫ କରିଥିଲା।

ସୂଚନା ଅନୁଯାୟୀ, ଅଜୟ ନିଶା କାରବାର ମାମଲାରେ ଗିରଫ ପରେ ଜେଲ ଯାଇ ପୁଣି ବାହାରିଥିଲେ। ୨୦୨୦ରେ କରୋନା ପାଇଁ ଲକ୍‌ଡାଉନ୍ ଜାରି ରହିଥିବା ଅଭିଯୁକ୍ତମାନେ ବେପାର ବନ୍ଦ କରିଦେଇଥିଲେ। ଲକ୍‌ଡାଉନ୍ କଟକଣା କୋହଳ ହେବା ପରେ ଅଭିଯୁକ୍ତମାନେ ବ୍ରାଉନସୁଗାର ବେପାର ଆରମ୍ଭ କରିଥିଲେ। ଅଜୟ, ବିଭୂତି ଓ ବାପି ବାଲେଶ୍ୱରରୁ ବ୍ରାଉନସୁଗାର ଆଣି ତମାଣ୍ଡୋ ଅଞ୍ଚଳରେ ବିକ୍ରି ପାଇଁ ଗ୍ରାହକ ଖୋଜୁଥିବା ବେଳେ ୨୦୨୦ ଜୁନ ୧ରେ ଏସ୍‌ଟିଏଫ୍ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଅଜୟ, ବିଭୂତିଙ୍କୁ କାବୁ କରାଯାଇଥିବାବେଳେ ବାପି ଏସ୍‌ଟିଏଫ୍ ଟିମ୍ କବଳରୁ ଖସି ପଳାଇ ଯାଇଥିଲେ। ଏନେଇ ଏସ୍‌ଟିଏଫ୍ ଏକ ମାମଲା (ନଂ.୧୭/୨୦୨୦) ରୁଜୁ କରି ଅଜୟ ଓ ବିଭୂତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ହେଲେ ସେହି ଦିନଠୁ ଏସ୍‌ଟିଏଫ୍ ଟିମ୍ ବାପିଙ୍କୁ ଗିରଫ କରିବାକୁ ଖୋଜାଖୋଜି କରୁଥିଲା।

## ସଂକ୍ଷେପରେ

### ଶ୍ରୀମନ୍ଦିର ଗର୍ଭଗୃହ ସ୍ଥିତି ଠିକ୍ ଅଛି: ଏଏସ୍‌ଆଇ

ପୁରୀ, ୨୯।୬(ଅଜିତ୍ ମହାନ୍ତି): ମହାପ୍ରଭୁଙ୍କ ଘୋଷଯାତ୍ରା ସମୟରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍‌ଆଇ) ପକ୍ଷରୁ ଶ୍ରୀମନ୍ଦିରର ବିଭିନ୍ନ ମରାମତି କାର୍ଯ୍ୟ କରାଯିବା ସହ ଗର୍ଭଗୃହର ଯାଞ୍ଚ କରାଯାଇଛି। ଗର୍ଭଗୃହ ସ୍ଥିତି ଠିକ୍ ଥିବା ଏଏସ୍‌ଆଇ ପକ୍ଷରୁ କୁହାଯାଇଛି। ମୂଷା ଉପଦ୍ରବ ରୋକିବା ପାଇଁ ଜାଲି ଲଗାଯାଇଛି। ଶ୍ରୀମନ୍ଦିର ଜଗମୋହନରେ ଆବଶ୍ୟକ କାର୍ଯ୍ୟ କରାଯିବା ସହ କିଛି ଲୁହାବିମ୍‌କୁ ସ୍ଥାନାନ୍ତର କରାଯାଇଛି। କଳା ଥିବା ସ୍ଥାନକୁ ସଫା କରାଯାଇଛି। ପାଣି ଲିକ୍ ନ କରିବା ପାଇଁ କାର୍ଯ୍ୟ ହୋଇଛି। ଗର୍ଭଗୃହର ପ୍ରଥମ ମହଲା ସ୍ଥିତି ଅନୁଧ୍ୟାନ କରାଯାଇଛି। ଦ୍ୱିତୀୟ ମହଲା ସ୍ଥିତି ପରେ ଅନୁଧ୍ୟାନ ହେବ। ଏଥିସହ ଶ୍ରୀମନ୍ଦିରର ଅନ୍ୟାନ୍ୟ ସ୍ଥାନ ଯାଞ୍ଚ କରାଯାଇଛି, ଯାହା ମରାମତି ହେବା କଥା କରାଯାଇଛି। ଗତ ୨୨ତାରିଖରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ଅନୁଯାୟୀ ଏହି ପଦକ୍ଷେପ ନିଆଯାଇଛି। ଏଏସ୍‌ଆଇ ଡିଜି କିଶୋର ବାସା କହିଛନ୍ତି, ଶ୍ରୀମନ୍ଦିର ଗର୍ଭଗୃହ ସ୍ଥିତି ଠିକ୍ ଅଛି। ଗର୍ଭଗୃହ, ଜଗମୋହନ ଓ ନାଟମଣ୍ଡପ ସ୍ଥିତି ଯାଞ୍ଚ କରାଯାଇଛି।

### ଆଇଏସ୍‌ବିଟିରୁ ଜବରଦଖଲ ଉଚ୍ଛେଦ

ଭୁବନେଶ୍ୱର,୨୯।୬ (ଅନୁରାଧା ମହାରଣା): ବରମୁଣ୍ଡା ଆନ୍ତଃରାଜ୍ୟ ବସ୍ ଟର୍ମିନାଲ (ଆଇଏସ୍‌ବିଟି) ନିର୍ମାଣ କାର୍ଯ୍ୟରେ ବାଧକ ସାଜିଥିବା ଜବରଦଖଲକୁ ଗୁରୁବାର ଉଚ୍ଛେଦ କରାଯାଇଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ର ଏନଫୋର୍ସମେଣ୍ଟ ସ୍କ୍ୱାଡ ୨୩, ୩୪ ଓ ୨୫ ପକ୍ଷରୁ ପୋଲିସ ଫୋର୍ସର ସହାୟତାରେ ଉଚ୍ଛେଦ କରାଯାଇଛି। ଜବରଦଖଲକାରୀଙ୍କୁ ପଣ୍ଡାକୁଦିଆଠାରେ ଅସ୍ଥାୟୀ ଭାବେ ଥଇଥାନ କରାଯାଇ ଜମି ପ୍ରଦାନ କରାଯାଇଛି। ଉଚ୍ଛେଦରେ ୧୨ଟି ଆଜବେଷ୍ଟସ ଘର ସହ ୩୫ ଫୁଟର ପାଚେରି ଭଙ୍ଗାଯାଇଛି। ତେବେ ପ୍ରମୋଦ କୁମାର ପ୍ରଧାନଙ୍କ ଗୃହକୁ ନେଇ କୋର୍ଟରେ ମାମଲା ଚାଲିଥିବାରୁ ପୂର୍ବରୁ ଏନଫୋର୍ସମେଣ୍ଟ ଟିମ ବାରମ୍ବାର ଆସି ଫେରିଯାଇଥିଲା କିନ୍ତୁ ଆଇଏସ୍‌ବିଟି ବରମୁଣ୍ଡାକୁ ତୁରନ୍ତ କାର୍ଯ୍ୟକ୍ଷମ କରାଇବା ସହ ରାସ୍ତାର ପ୍ରଶସ୍ତୀକରଣ ନିମନ୍ତେ ଗୁରୁବାର ଉକ୍ତ ନିର୍ମାଣକୁ ଭଙ୍ଗାଯାଇ ଅସ୍ଥାୟୀ ଭାବେ ପଣ୍ଡାକୁଦିଆରେ ଜାଗା ଦିଆଯାଇଥିବା କୁହାଯାଇଛି। ଉଚ୍ଛେଦ ସମୟରେ ରାଜେନ୍ଦ୍ର ସାମଲ, ରମେଶ ଚନ୍ଦ୍ର ମହାପାତ୍ର, ମୃତ୍ୟୁଞ୍ଜୟ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ବାହୁଡ଼ା ଯାତ୍ରାରେ ଭକ୍ତଙ୍କଠାରୁ ଚୋରି, ୪ ଅଣଓଡ଼ିଆ ଗିରଫ

ଭୁବନେଶ୍ୱର,୨୯।୬(ସୂର୍ଯ୍ୟକାନ୍ତ ବେହେରା): ଇସ୍କନ ମନ୍ଦିର ବାହୁଡ଼ା ଯାତ୍ରାରେ ଭିଡର ସୁଯୋଗ ନେଇ ଭକ୍ତଙ୍କଠାରୁ ମୋବାଇଲ ଚୋରି କରିବା ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ୪ ଅଣଓଡ଼ିଆ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗର ରାମ ଚରଣ ସିଂ, ବୁଦ୍ଧ ସିଂ, ଦୀପକ ସିଂ ଓ ଅନ୍ୟଜଣେ ବିହାରର ଚୁନୁ କୁମାର ମହତୋ। ଏମାନଙ୍କଠାରୁ ଗୋଟିଏ ମୋବାଇଲ ଜବତ ହୋଇଛି।



ଇଦ୍- ଉଜ୍- ଜୁହା ଅବସରରେ ଗୁରୁବାର ୟୁନିଟ୍-୪ସ୍ଥିତ ମସ୍‌ଜିଦ୍‌ରେ ମୁସଲମାନମାନେ ନମାଜପାଠ କରୁଛନ୍ତି। (ଫଟୋ: ମନୋରଞ୍ଜନ ମିଶ୍ର)

# କୁଷ୍ଠ ନିରାକରଣ ଯୋଜନାରେ ଦୁର୍ନୀତି ଅଭିଯୋଗ

ଭୁବନେଶ୍ୱର,୨୯।୬(ଅନୁରାଧା ମହାରଣା)

ଜାତୀୟ କୁଷ୍ଠ ନିରାକରଣ ଯୋଜନାରେ ଦୁର୍ନୀତି, ମିଥ୍ୟା ରିପୋର୍ଟ, ଜାଲିଆତି ପାଣ୍ଠିର ଅପବ୍ୟବହାର ହେଉଥିବା କୁଷ୍ଠ ରୋଗ ସଂଗଠନ ସମୂହ ମିଳିତ କ୍ରିୟାନୁଷ୍ଠାନ କମିଟି ଅଭିଯୋଗ କରିଛି। ଲୋହିଆ ଏକାଡେମୀରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଗଠନ ସାଧାରଣ ସମ୍ପାଦକ ପ୍ରଭାକର ସାହୁ ଓ ସଭାପତି ଦୁର୍ଯ୍ୟୋଧନ ସାହୁ ବିଭିନ୍ନ ସମସ୍ୟା ଉପସ୍ଥାପନ କରିବା ସହ ରାଜ୍ୟ ସରକାରଙ୍କ ନିକଟରେ ୧୦ ଦଫା ଦାବି ଜଣାଇଛନ୍ତି। ୧୫ଦିନ ମଧ୍ୟରେ ପଦକ୍ଷେପ ଗ୍ରହଣ କରା ନଗଲେ ସଂଗଠନ ପକ୍ଷରୁ ପ୍ରତିବାଦ କରାଯିବ ବୋଲି ଚେତାବନୀ ଦିଆଯାଇଛି। ରାଜ୍ୟର ଲକ୍ଷ ଲକ୍ଷ କୁଷ୍ଠପୀଡିତ ଏବଂ ସେମାନଙ୍କ ପରିବାର ସଦସ୍ୟ ୮୬ଟି କୁଷ୍ଠ କଲୋନୀର ଉନ୍ନତି ପାଇଁ ସ୍ଥାୟୀ ଜମିପଟ୍ଟା, ବାସଗୃହ, ମାଗଣା ବିଜୁଳି ଓ ଜଳଯୋଗାଣ, ରାଜ୍ୟରେ ଖାଲିଥିବା କୁଷ୍ଠକର୍ମୀ ଏବଂ ଭାରତ ସରକାରଙ୍କ ଦ୍ୱାରା ମଞ୍ଜୁରୀପ୍ରାପ୍ତ କୁଷ୍ଠକର୍ମୀ ପଦବୀ ପୂରଣ ପାଇଁ ୨୦୧୪ରେ ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି କାର୍ଯ୍ୟକାରୀ କରିବା ପାଇଁ ସଂଗଠନ ଦାବି କରିଛି। ଏହାସହ କୁଷ୍ଠପୀଡିତଙ୍କୁ ଚଳିବା ପାଇଁ ମାସିକ ୫ହଜାର ଟଙ୍କା ସହାୟତା ରାଶି, ୩୫କେଜି ଚାଉଳ, ଝିଅ ବାହାଘର ପାଇଁ ୫ଲକ୍ଷ ଟଙ୍କା ସହାୟତା ରାଶି ଦାବି କରାଯାଇଛି। ଅନ୍ୟପଟେ ୮୬ଟି କୁଷ୍ଠ କଲୋନୀ, ୧୪ଟି କୁଷ୍ଠ ଚିକିତ୍ସାଳୟ, ୪ଟି କୁଷ୍ଠାଶ୍ରମର ଭିତ୍ତିଭୂମି ବିକାଶ ଓ ମାନବ ସମ୍ବଳ ବ୍ୟବସ୍ଥା ସହ ୧୦୦ ଶଯ୍ୟା ବିଶିଷ୍ଟ କୁଷ୍ଠ ଚିକିତ୍ସାଳୟ ଓ ରିସର୍ଚ୍ଚ ସେଣ୍ଟର ଭୁବନେଶ୍ୱରରେ ସ୍ଥାପନ ଦାବି କରାଯାଇଛି। ସଂଗଠନର ଅଭିଯୋଗ ଅନୁଯାୟୀ, ରାଜ୍ୟରେ ଥିବା ୪୦୪ କୁଷ୍ଠ କର୍ମୀ ପଦବୀର ୩୫୯ ଖାଲି ପଦବୀ ଏବଂ ଭାରତ ସରକାର ମଞ୍ଜୁରୀପ୍ରାପ୍ତ ୧୮୪ କୁଷ୍ଠ କର୍ମୀ ପଦବୀ ପୂରଣ କରାଯାଉ ନଥିବା ସଂଘ ଅଭିଯୋଗ କରିଛି। ରାଜ୍ୟ ସରକାର ୨୦୦୬-୦୭ ମସିହାରେ ରାଜ୍ୟକୁ କୁଷ୍ଠମୁକ୍ତ ଘୋଷଣା କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ୨୦୧୩ଠାରୁ ୨୦୨୦ ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଷ ୧୦ ହଜାରରୁ ଊର୍ଦ୍ଧ୍ୱ ନୂତନ କୁଷ୍ଠ ରୋଗୀ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ଏହି ଧାରା ୫ ହଜାରରୁ ଅଧିକ ରହିଥିବା ସଂଘ ଦର୍ଶାଇଛି। ପୁରୀ କୁଷ୍ଠାଶ୍ରମର ୯ ଏକର ଜାଗା ଏବଂ ବ୍ରହ୍ମଗିରିର ୪୦ ଏକର ଜାଗା ମାଫିଆ କବଳରେ ରହିଥିବା ସଂଗଠନ ସୂଚନା ଦେଇଛି।



ଖବରଦାତା ସମ୍ମିଳନୀରେ କୁଷ୍ଠ ରୋଗ ସଂଗଠନ ସମୂହ ମିଳିତ କ୍ରିୟାନୁଷ୍ଠାନ କମିଟି ସଦସ୍ୟ।

# ଥାନା ପାଖରୁ ମିଳିଲା ନବଜାତ ଶିଶୁ କନ୍ୟା

ବାରଙ୍ଗ,୨୯।୬ (ଲିଙ୍ଗରାଜ ରାଉତ)

ନନ୍ଦନକାନନ ଥାନା ପାଖ ଦଳ ଭିତରୁ ଗୁରୁବାର ବଡ଼ିଭୋର ସମୟରେ ଏକ ନବଜାତ ଶିଶୁ କନ୍ୟା ମିଳିଛି। ଥାନା ପଛପଟ ଲେବର ବ୍ୟାରାକରେ ରହୁଥିବା ପବିତ୍ର ଦାସ ନାମକ ନନ୍ଦନକାନନର ଅସ୍ଥାୟୀ କର୍ମଚାରୀ ଏହି ଛୁଆଟିକୁ ପାଇଛନ୍ତି। ସବୁଦିନ ଭଳି ନନ୍ଦନକାନନ ଜୀବଜନ୍ତୁଙ୍କ ପାଇଁ ପବିତ୍ର ଘାସ କାଟିବାକୁ ଯାଇଥିବାବେଳେ ଥାନା ପାଖରେ ଥିବା ବ୍ରିଜ ଉପରେ କିଛି ସମୟ ପାଇଁ ଛିଡା ହୋଇଥିଲେ। ଏହି ସମୟରେ ବ୍ରିଜ ତଳେ ଥିବା ଘାସ ଓ ଦଳ ଉପରେ ଛୋଟ ପିଲାର କାନ୍ଦିବାର ଶବ୍ଦ ଶୁଣିବାକୁ ପାଇଥିଲେ। ପରେ କାନ୍ଦକୁ ଅନୁସରଣ କରି ପବିତ୍ର ବ୍ରିଜ ତଳକୁ ଓହ୍ଲାଇ ଦଳ ଭିତରୁ ଯିବାବେଳେ ନବଜାତ କନ୍ୟା ସନ୍ତାନକୁ ପଡ଼ିଥିବା ଦେଖି ଉଦ୍ଧାର କରିଥିଲେ। କିନ୍ତୁ ନବଜାତ ଛୁଆଟିର ଶରୀରର କେତେକ ସ୍ଥାନରେ ସାମାନ୍ୟ କ୍ଷତ ଥିବାର ଦେଖିବାକୁ ପାଇଥିଲେ। ଗୋଟେ ପଟେ ଅଭାବ ଭିତରେ କାଳତିପାତ କରୁଥିବାବେଳେ ନିଜର ଝିଅ ନ ଥିବାରୁ ଘରକୁ ନେଇଆସିଥିଲେ। ପରେ ପବିତ୍ର ଝିଅକୁ ନେଇ ଚିକିତ୍ସା ପାଇଁ ଏକ ଘରୋଇ ଡାକ୍ତରଖାନାକୁ ଯାଇଥିଲେ। ସେଠାରେ ଅଧିକ ଅର୍ଥ ଖର୍ଚ୍ଚ ହେବାକୁ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତରଙ୍କ ପରାମର୍ଶକ୍ରମେ କ୍ୟାପିଟାଲ ହସ୍ପିଟାଲକୁ ପିଲାଟିକୁ ନେଇଯାଇଥିଲେ। ପିଲାଟିକୁ ଏକ ପରିତ୍ୟକ୍ତ ଜାଗା ଦଳ ମଧ୍ୟରୁ ପାଇଥିବାର ଡାକ୍ତରଙ୍କୁ ସୂଚନା ଦେଇଥିଲେ। ଏହାପରେ ପିଲାଟିର ଜୀବନ ବଞ୍ଚାଇବା ପାଇଁ ନେହୁରା ହେବାରୁ ଆଇସିୟୁରେ ପିଲାଟିକୁ ଭର୍ତ୍ତି କରିଦେଇଥିଲେ।

# ଡେଙ୍ଗୁ ଦମନ ଅଭିଯାନ ଆରମ୍ଭ

ଭୁବନେଶ୍ୱର,୨୯।୬(ଅନୁରାଧା ମହାରଣା)

ବର୍ଷା ଆରମ୍ଭରୁ ରାଜଧାନୀରେ ମଶା ଉପଦ୍ରବ ଦେଖିବାକୁ ମିଳିଛି। ଏହା ସହ ଡେଙ୍ଗୁ ରୋଗର ଆଶଙ୍କା ମଧ୍ୟ ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଡେଙ୍ଗୁ ଦମନ ଅଭିଯାନ ଆରମ୍ଭ ହୋଇଛି। ବୁଧବାର ବିଏମ୍‌ସି କାର୍ଯ୍ୟାଳୟରେ ପ୍ରସ୍ତୁତି ବୈଠକ ବସିଥିବାବେଳେ ଗୁରୁବାରଠାରୁ ଡେଙ୍ଗୁ ଦମନ ପାଇଁ ପଦକ୍ଷେପ ନିଆଯାଉଛି। ସହରବାସୀ ଗାଡ଼ି ଓ ସାଇକେଲ ଟାୟାର ଏଣେତେଣେ ପକାଇ ରଖୁଥିବାବେଳେ ଏଥିରେ ପାଣି ଜମିରହି ମଶାଙ୍କ ବଂଶ ବୃଦ୍ଧି ପାଉଛି। ତେଣୁ ପ୍ରାଥମିକ ପର୍ଯ୍ୟାୟରେ ସହରର ବିଭିନ୍ନ ସ୍ଥାନରୁ ବିଏମ୍‌ସି ଟିମ୍ ପରିତ୍ୟକ୍ତ ଟାୟାର ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି। ବରମୁଣ୍ଡା, ନୟାପଲ୍ଲୀ,

**ସହରରୁ ସଂଗ୍ରହ ହେଉଛି ପରିତ୍ୟକ୍ତ ଟାୟାର**

ଆଇଆର୍‌ସି ଭିଲେଜ ଆଦି ସ୍ଥାନରୁ ଅନେକ ଟାୟାର ସଂଗ୍ରହ କରାଯାଇଛି। ସେହିପରି ସହରର ବିଭିନ୍ନ ସ୍ଥାନରେ ମଶାମରା ଧୂଆଁ ଦିଆଯାଉଥିବା ନଜରକୁ ଆସିଛି। ଗତବର୍ଷ ସହରରେ ଡେଙ୍ଗୁର ପ୍ରାଦୁର୍ଭାବ ବହୁତ ରହିଥିଲା। ତେବେ ଡେଙ୍ଗୁରେ ଲୋକଙ୍କ ମୃତ୍ୟୁ ପରେ ବିଏମ୍‌ସିକୁ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା। ଗୁରୁବାର ଓ ରବିବାର ଡ୍ରାଏ ଡେ ପାଳନ ପୂର୍ବକ ଲୋକଙ୍କୁ ସଚେତନ କରାଯାଇଥିଲା। ଲୋକେ ନିଜ ଘର ବାଡ଼ିରୁ ପାଣି ଜମୁଥିବା ଖାଲି ପାତ୍ର ହଟାଇଥିଲେ। ମାତ୍ର ସହରରେ ଥିବା ବିଭିନ୍ନ ନାଳ ନର୍ଦ୍ଦମା ସଫେଇରେ ବିଏମ୍‌ସି ସଫଳ ହୋଇପାରି ନ ଥିଲା। ଏହାକୁ ଦୃଷ୍ଟିରେ ରଖି ଚଳିତବର୍ଷ ଡେଙ୍ଗୁ ମୁକାବିଲା ଆଗୁଆ ଆରମ୍ଭ ହୋଇଥିବା କୁହାଯାଉଛି।

# ଗ୍ରାମାଞ୍ଚଳରେ କୃଷି ଉଦ୍ୟୋଗ ବିକାଶ କରିବ ଓୟୁଏଟି

ଭୁବନେଶ୍ୱର,୨୯।୬(ଅଭିଜିତ ଦାସ)

- ସୁନ୍ଦରଗଡ଼ରେ ଖୋଲିବ କୃଷି ଆଦର୍ଶ କେନ୍ଦ୍ର
- ବିକାଶ ଲାଗି ଖର୍ଚ୍ଚ ହେବ ୬୭.୩୭ କୋଟି ଟଙ୍କା

ରାଜ୍ୟରେ କୃଷି ଉଦ୍ୟୋଗ ଲାଗି ଉତ୍ତମ ପରିବେଶ ସୃଷ୍ଟି କରିବା ସହ ଗ୍ରାମୀଣ ଯୁବଗୋଷ୍ଠୀଙ୍କୁ କୃଷି କାର୍ଯ୍ୟରେ ଆବଶ୍ୟକ ତାଲିମ ଓ ବୈଷୟିକ ସହାୟତା ଯୋଗାଇଦେବା ଲାଗି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଓ ଓମ୍ୱାଡ୍‌ସିର ଆର୍ଥିକ ସହାୟତାରେ ଚାଲିଥିବା ଏହି କାର୍ଯ୍ୟକ୍ରମକୁ ଓମ୍ୱାଡସି ଓଭରସାଇଟ୍ ଅଥରିଟି ତଥା ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଅନଙ୍ଗ କୁମାର ପଟ୍ଟନାୟକ ସମୀକ୍ଷା କରିଛନ୍ତି। ଏହି କାର୍ଯ୍ୟକ୍ରମ ଜରିଆରେ ସୁନ୍ଦରଗଡ଼ରେ ପ୍ରଥମ ଆଦର୍ଶ କୃଷି ଉଦ୍ୟୋଗ କେନ୍ଦ୍ରର ପ୍ରତିଷ୍ଠା ହେବାକୁ ଯାଉଥିବା ବେଳେ ଚଳିତବର୍ଷ ସେପ୍ଟେମ୍ବର ସୁଦ୍ଧା ଆଦର୍ଶ କୃଷି ଉଦ୍ୟୋଗ କେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବା ଲାଗି ଜଷ୍ଟିସ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି।

ଓମ୍ୱାଡସି ସହାୟତାରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଅଧୀନରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ନେଇ ଭୁବନେଶ୍ୱରରେ ଏକ ସତନ୍ତ୍ର ସମୀକ୍ଷା ବୈଠକ ହୋଇଥିଲା। ବୈଠକରେ ରାଜ୍ୟର ୮ଟି ଜିଲାରେ ଥିବା ରିଜିଓନାଲ ରିସର୍ଚ୍ଚ ଆଣ୍ଡ ଟେକ୍ନୋଲୋଜି ଟ୍ରାନ୍ସଫର ଷ୍ଟେଶନ(ଆର୍‌ଆର୍‌ଟିଏସ୍) କେନ୍ଦ୍ରଗୁଡ଼ିକର ଭିତ୍ତିଭୂମି ବିକାଶ କରାଯିବା ସହ କୃଷି ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମ ଲାଗି ୨୦୨୩-୨୪ ଆର୍ଥିକ ବର୍ଷରେ ୬୭.୩୭ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହି ବୈଠକରେ ଓୟୁଏଟିର ବରିଷ୍ଠ ବୈଜ୍ଞାନିକ ଡ.ସନତ ମିଶ୍ର ଯୋଗଦେଇ କହିଥିଲେ, ରାଜ୍ୟର ବିଭିନ୍ନ ଅଞ୍ଚଳରେ କୃଷି ଉଦ୍ୟୋଗର ସୃଷ୍ଟି ପାଇଁ କୃଷକ ଓ ଯୁବକମାନଙ୍କ ଦକ୍ଷତା ବୃଦ୍ଧି ଲାଗି ପାଠ୍ୟକ୍ରମ ପ୍ରସ୍ତୁତ ହୋଇଛି। ଏଥିସହ ପ୍ରକଳ୍ପ ନିର୍ମାଣ ଲାଗି ଡିଜାଇନ ଚୂଡ଼ାନ୍ତ କରାଯାଇଛି। ସେହିପରି ଓୟୁଏଟି ପକ୍ଷରୁ କୃଷି, ଉଦ୍ୟାନ କୃଷି, ପ୍ରାଣୀ ପାଳନ ଓ ମତ୍ସ୍ୟପାଳନ ଭଳି ପାଠ୍ୟକ୍ରମ ଗ୍ରାମୀଣ ଯୁବ ଚାଷୀ ଓ ଉଦ୍ୟୋଗୀଙ୍କ ଲାଗି ଅଗଷ୍ଟ ମାସରୁ ଆରମ୍ଭ ହେବାକୁ ଯାଉଛି। କୃଷି କ୍ଷେତ୍ରରେ ବିଶେଷ ସଫଳତା ହାସଲ କରିଥିବା ପଶ୍ଚିମବଙ୍ଗ ଓ କେରଳ ଭଳି ରାଜ୍ୟ ପରିଦର୍ଶନ କରିବା ପାଇଁ ଡ. ମିଶ୍ର ଓୟୁଏଟି ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓମ୍ୱାଡସି ସିଇଓ ଜି. ରାଜେଶ, ଓୟୁଏଟି କୁଳପତି ପ୍ରଫେସର ପି.କେ. ରାଉଳ, ଏକ୍ସଟେନ୍ସନ ଏଜୁକେଶନର ଡିନ ଡ. ପ୍ରସନଜିତ୍ ମିଶ୍ର, ଓମ୍ୱାଡସି ଓଭରସାଇଟ ଅଥରିଟିଙ୍କ ଓଏସ୍‌ଡି ଶେଖ ନଇମୁଦ୍ଦିନ ଓ ଦ୍ୱୈପାୟନ ପଟ୍ଟନାୟକ, ଓମ୍ୱାଡସିର ଜେନେରାଲ ମ୍ୟାନେଜର (ପ୍ରଶାସନ) ସୁଧାକର ବୁର୍ଗି, ଜେନେରାଲ ମ୍ୟାନେଜର (ଅପରେସନ) ଜୟନ୍ତ କୁମାର ଦାସ ଓ ଟିମ ଲିଡର ଅମ୍ବୁଜ ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଭାଜପା ମଣ୍ଡଳ ସଭାପତିଙ୍କ ଦଳରୁ ଇସ୍ତଫା

ବ୍ରହ୍ମଗିରି,୨୯।୬ (ସ୍ୱାଧୀନ ଚମ୍ପତିରାୟ)- ବ୍ରହ୍ମଗିରି ବ୍ଲକ ଖଜୁରିଆ ମଣ୍ଡଳ ଭାଜପା ସଭାପତି ସୁରଥ ଦଳାଇ ସଭାପତି ପଦ ସହ ପ୍ରାଥମିକ ସଭ୍ୟ ପଦରୁ ଗୁରୁବାର ଇସ୍ତଫା ଦେଇଛନ୍ତି। ଏ ନେଇ ସେ ପୁରୀ ଜିଲା ଭାଜପା ସଭାପତି ଓ ବ୍ରହ୍ମଗିରି ବିଧାୟକଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ପ୍ରକାଶ ଥାଉକି, ସୁରଥ ଦଳାଇ ଜଣେ ଭଲ ସଂଗଠକ । ସେ ତାଙ୍କର ରାଜନୀତି ଜୀବନରେ ସମିତି ସଭ୍ୟଠାରୁ ସରପଞ୍ଚ ଭାବେ ଅନେକ ଥର ନିର୍ବାଚନ ଜିତି ଅଞ୍ଚଳ ତଥା ଦଳ ପାଇଁ କାର୍ଯ୍ୟ କରିଛନ୍ତି। ଏହାସହ ଚଳିତ ବର୍ଷ ତ୍ରିସ୍ତରୀୟ ନିର୍ବାଚନରେ ଭାଜପାରୁ ଜିଲା ପରିଷଦ ପ୍ରାର୍ଥୀ ଭାବେ ନିର୍ବାଚନ ଲଢି ପରାଜିତ ହୋଇଥିଲେ ମଧ୍ୟ ଦଳର ଜଣେ ଦକ୍ଷ ସଂଗଠକ ଥିଲେ। କିନ୍ତୁ ଦଳର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେବା ଉକ୍ତ ମଣ୍ଡଳ ପାଇଁ ମହଙ୍ଗା ପଡିବ ବୋଲି ସାଧାରଣରେ ଚର୍ଚ୍ଚା ଧରିଛି ।

### କର୍ମଚାରୀଙ୍କ ବଦଳି ହେଉନି, ବଢୁଛି ଅସନ୍ତୋଷ

ନିରାକାରପୁର,୨୯।୬ (ମାନସ ଚନ୍ଦ୍ର ପଟ୍ଟନାୟକ): ରାଜ୍ୟ ସରକାର ବିଭିନ୍ନ ବିଭାଗରେ ସ୍ୱଚ୍ଛତା ଆଣିବା ପାଇଁ ସରକାରୀ କର୍ମଚାରୀମାନେ ୩ ବର୍ଷରେ ଥରେ ବଦଳି ପ୍ରକ୍ରିୟାର ନିୟମ କରିଛନ୍ତି। ତେବେ ଏହି ନିୟମ କାର୍ଯ୍ୟକାରୀ ହେବାରେ ଅବହେଳା ଯୋଗୁ ଗୋଟିଏ ସ୍ଥାନରେ ଦୀର୍ଘବର୍ଷ ଧରି ରହିବା ଯୋଗୁ କେତେକ ସରକାରୀ କର୍ମଚାରୀ ମନମୁଖି କାର୍ଯ୍ୟ କରୁଛନ୍ତି, ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ନିରାକାରପୁର ଅଞ୍ଚଳରେ ଦେଖିବାକୁ ମିଳିଛି। ନିରାକାରପୁର ଅଞ୍ଚଳରେ ବହୁ ସରକାରୀ କାର୍ଯ୍ୟାଳୟ ରହିଛି। କେତେକ କାର୍ଯ୍ୟାଳୟରେ ଦୀର୍ଘ ୫ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କର୍ମଚାରୀ କାର୍ଯ୍ୟ କରିଆସୁଥିଲେ ମଧ୍ୟ ବଦଳି ହେଉନି। ଅନ୍ୟପକ୍ଷରେ କାହାର ବଦଳି ପାଇଁ ଆଦେଶ ଆସିଲେ ପିଲାମାନେ ପାଠ ପଢୁଥିବା ଆଳ ଦେଖାଇ ରାଜନେତା କିମ୍ବା ଉପରିସ୍ଥ ଅଧିକାରୀଙ୍କ ଶରଣାପନ୍ନ ହୋଇ ବାତିଲ କରିଦେଉଥିବା ଜଣାପଡ଼ିଛି। ବହୁ କର୍ମଚାରୀ ଦୀର୍ଘବର୍ଷ ଧରି କାର୍ଯ୍ୟ କରୁଥିବାରୁ ଏଠାରେ ଜାଗା କିଣି ଘର କରିଥିବା ନଜିର ରହିଛି। ତେବେ ବହୁବର୍ଷଧରି ରହିଥିବା କର୍ମଚାରୀଙ୍କୁ ତୁରନ୍ତ ବଦଳି କରିବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ପକ୍ଷରୁ ଦାବି ହେଉଛି।

### ସବୁଜ ଶାଖାର ସଫେଇ ଅଭିଯାନ

ଅସ୍ତରଙ୍ଗ,୨୯।୬(ମମତା ଜେନା)- ଅସ୍ତରଙ୍ଗ ଅଞ୍ଚଳର ସ୍ୱେଚ୍ଛାସେବୀ ସଂଗଠନ ସବୁଜ ଶାଖାର ପ୍ରତିଷ୍ଠାତା ସାମାଜିକ କର୍ମୀ ଦିବାକର ଛାଟୋଇଙ୍କ ତତ୍ତ୍ୱାବଧାନରେ ଗୁରୁବାର ଏକ ସଫେଇ ଅଭିଯାନ ହୋଇଛି। ଅସ୍ତରଙ୍ଗ ବଜାର ତାରିଣୀ ମନ୍ଦିରଠାରୁ ଆରମ୍ଭ କରି ବସ୍‌ଷ୍ଟାଣ୍ଡ, ମୁଖ୍ୟ ବଜାର, ହାଟ ଗଳି, ମାଛ ବଜାର, ମେଡିକାଲ ଛକ ପ୍ରମୁଖ ସ୍ଥାନରେ ଶାଖାର ଉପଦେଷ୍ଟା ହୃଷୀକେଶ ଛାଟୋଇ ଓ ସଭାପତି ରମାକାନ୍ତ ବସ୍ତିଆଙ୍କ ନେତୃତ୍ୱରେ ସମସ୍ତ ସଭ୍ୟମାନେ ଯୋଗଦେଇ ଏହି ସଫେଇ କାର୍ଯ୍ୟ କରିଥିଲେ। ପ୍ରତ୍ୟେକ ମାସର ଶେଷ ଗୁରୁବାର ବଜାର ବନ୍ଦ ରହୁଥିବାରୁ ଏହି ସଫେଇ କାର୍ଯ୍ୟ କରାଯାଏ। ଏହା ବ୍ୟତୀତ ଅଞ୍ଚଳର ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ପାଠ ପଢିବା ପାଇଁ ଓ ଅସହାୟ, ରୋଗାଗ୍ରସ୍ତ ବୃଦ୍ଧାବୃଦ୍ଧଙ୍କୁ ସାହାଯ୍ୟ କରୁଛନ୍ତି। ଆଗକୁ ବିଭିନ୍ନ ପଞ୍ଚାୟତରେ ସଫେଇ କାର୍ଯ୍ୟ ହେବ ବୋଲି ବରିଷ୍ଠ ସଭ୍ୟ କେଳୁଚରଣ ପ୍ରକାଶ କରିଛନ୍ତି।

### ଚଣ୍ଡୀହର ଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

କୃଷ୍ଣପ୍ରସାଦ,୨୯।୬(କୈଳାସ ଚନ୍ଦ୍ର ପଟ୍ଟନାୟକ): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଓରା ଗ୍ରାମବାସୀଙ୍କ ସହଯୋଗରେ ଚଣ୍ଡୀହର ଦେବଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଯାଇଛି। ଉତ୍ସବରେ କର୍ତ୍ତାଭାବେ ଅଳେଶ୍ୱର ପଲେଇ ଓ ତାଙ୍କ ସହଧର୍ମିଣୀ କାଗଜି ପଲେଇ ଦାୟିତ୍ୱ ନିର୍ବାହ କରୁଛନ୍ତି। ୧୨ ସଙ୍କୀର୍ତ୍ତନ ଦଳ ଯୋଗଦେଇ ନାମ ପରିବେଷଣ କରୁଛନ୍ତି। ପଣ୍ଡିତ ବାଳକୃଷ୍ଣ ଦାଶଙ୍କ ନେତୃତ୍ୱରେ ମୁଖ୍ୟ ପୁରୋହିତ ହରିହର ଦାଶ, ମନ୍ଦିର ପୂଜକ ପ୍ରଦୀପ ସାମନ୍ତରାୟଙ୍କ ସମେତ ଗଞ୍ଜାମ ଜିଲାର ୫ଜଣ ପଣ୍ଡିତ ଯୋଗଦେଇ ଯଜ୍ଞକାର୍ଯ୍ୟ ପରିଚାଳନା କରୁଛନ୍ତି। ଦ୍ୱିତୀୟ ଦିବସରେ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଏବଂ ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ସମର୍ଥକଙ୍କ ସହ ଯୋଗଦେଇଥିଲେ। ଓରା ଗ୍ରାମ୍ୟ କମିଟି ସଭାପତି ଗଦାଧର ନାୟକ, ସମ୍ପାଦକ ବୁଲାମଣି ତରେଇ, ଶଙ୍କର୍ଷଣ ଦାଶ, କୃଷ୍ଣଚନ୍ଦ୍ର ତରେଇ ପ୍ରମୁଖ ଉତ୍ସବ ପରିଚାଳନା କରୁଥିବା ବେଳେ ଅଜୟ ଦଳବେହେରା, ଦିଗମ୍ବର ତରେଇ, ପ୍ରଫୁଲ୍ଲ ତରେଇ, ପୂର୍ଣ୍ଣଚନ୍ଦ୍ର ନାୟକ, ଲଲାଟେନ୍ଦୁ ଶ୍ରୀଚନ୍ଦନ, ଉପେନ୍ଦ୍ର ଶ୍ରୀଚନ୍ଦନ, ବିକ୍ରମ ତରେଇଙ୍କ ସମେତ ଓରା ଗ୍ରାମ୍ୟ କମିଟିର ସମସ୍ତ ସଦସ୍ୟ ଓ କିଶାନ ସେବା ଯୁବ ସଙ୍ଗଠନର ସଭ୍ୟମାନେ ସହଯୋଗ କରୁଛନ୍ତି।

# ୫ ବର୍ଷ ହେଲା ହୋଇନି ପାର୍କିଂ ଟେଣ୍ଡର

■ ୨କୋଟିରୁ ଊର୍ଦ୍ଧ୍ୱ ରାଜସ୍ୱ ହାନି
■ ଉଚ୍ଚସ୍ତରୀୟ ତଦନ୍ତ ଦାବି

କୋଣାର୍କ, ୨୯।୬(ଜ୍ୟୋତିରାଜ ମହାନ୍ତି)




କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକଙ୍କ ଚାରିଚକିଆ ଯାନ, ବସ୍, ଅଟୋରିକ୍ସା ପାର୍କିଂ ନିମନ୍ତେ କୋଣାର୍କ ଏନ୍‌ଏସି ପକ୍ଷରୁ ଗତ ୨୦୧୮ ମସିହାଠାରୁ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ପାର୍କିଂ ସ୍ଥାନ ନିଲାମ କରାଯିବାର ନିୟମ ରହିଛି। ହେଲେ ଦୀର୍ଘ ୫ବର୍ଷ ଧରି ବିଭାଗୀୟ କର୍ତ୍ତୃପକ୍ଷ ଟେଣ୍ଡର ନ କରି ନିଜସ୍ୱ ତରଫରୁ ପାର୍କିଂ ଫି ଆଦାୟ କରାଯାଇ ୨ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ରାଜସ୍ୱ ହାନି ଘଟିଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଥିବା ବେଳେ କେତେଜଣ କର୍ମଚାରୀ ଅର୍ଥ ଲୋଭରେ ଏପରି କରୁଥିବା ଅଭିଯୋଗ ହେଉଛି। ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଅଞ୍ଚଳର ସାମାଜିକ କର୍ମୀ, ସଚେତନ ନାଗରିକ, ବୁଦ୍ଧିଜୀବୀ, ଶିକ୍ଷାବିତ, ବରିଷ୍ଠ ନାଗରିକ ଓ ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଇଛି।

ଖବରରୁ ପ୍ରକାଶ ଯେ, କୋଣାର୍କ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଦ୍ୱାରା କୋଣାର୍କ ଆସୁଥିବା ପର୍ଯ୍ୟଟକଙ୍କ ଗାଡ଼ି ରଖିବା ପାଇଁ ପାର୍କିଂ ଫି ଆଦାୟ ଲାଗି ୨୦୧୮ ପୂର୍ବରୁ ପ୍ରାୟ ୮୦ଲକ୍ଷ ଟଙ୍କାରେ ପାର୍କିଂ ଟେଣ୍ଡର କରାଯାଇ ଏନଏସିର ରାଜସ୍ୱ ବୃଦ୍ଧି କରାଯାଉଥିଲା। ମାତ୍ର ୨୦୧୮ମସିହାଠାରୁ ୨୦୨୩ମସିହା ମଧ୍ୟରେ କୋଣାର୍କ ଏନଏସି ପକ୍ଷରୁ ପାର୍କିଂ ଟେଣ୍ଡର କରା ନ ଯାଇ କାର୍ଯ୍ୟାଳୟ ପକ୍ଷରୁ ଏହି ପାର୍କିଂ ଫି ଆଦାୟ କରାଯାଉଛି। ଏହି ପାର୍କିଂ ସ୍ଥାନ ଟେଣ୍ଡର ନ ହେବା ଯୋଗୁ ଏନଏସି ବାର୍ଷିକ ୬୦ଲକ୍ଷ ଟଙ୍କା ରାଜସ୍ୱ ହାନୀ କରୁଛି ବୋଲି ଦେଖିବାକୁ ମିଳିଛି। ବିଗତ ଦିନରେ ପାର୍କିଂ ଟେଣ୍ଡର ମାଧ୍ୟମରେ ୮୦ଲକ୍ଷ ଟଙ୍କା ଆଦାୟ ହେଉଥିବା ବେଳେ ବର୍ତ୍ତମାନ ଟେଣ୍ଡର ନ ହେବା ଦ୍ୱାରା କାର୍ଯ୍ୟାଳୟ ପକ୍ଷରୁ ୨୦ଲକ୍ଷ ଟଙ୍କା ରାଜସ୍ୱ ଆଦାୟ କରାଯାଉଥିବା ବିଶେଷ ସୂତ୍ରରୁ ଜଣାପଡିଛି। ଏହି ପାର୍କିଂ କାର୍ଯ୍ୟରେ ଏନ୍‌ଏସି କାର୍ଯ୍ୟାଳୟର କେତେଜଣ କର୍ମଚାରୀ ନିଜ ସମ୍ପର୍କୀୟମାନଙ୍କୁ ପାର୍କିଂ ଆଦାୟ କାମରେ ନିୟୋଜିତ କରି ନିଜେ ଟଙ୍କା ନେଇ ପାର୍କିଂ ଫି କମ୍ ଆଦାୟ କରାଯାଉଛି ବୋଲି କାର୍ଯ୍ୟାଳୟକୁ ଅବଗତ କରାଇ ବିଭାଗର ରାଜସ୍ୱ ହାନି ଘଟାଉଥିବା ସାଧାରଣରେ ମତ ପ୍ରକାଶ ପାଉଛି। ଏହି ପାର୍କିଂ ଟେଣ୍ଡର ଦୀର୍ଘ ୫ବର୍ଷ ଧରି କରା ନ ଯିବା ପଛରେ କାହାର ହାତ ରହିଛି ଏହାର ବିଧିବଦ୍ଧ ତଦନ୍ତ କରାଗଲେ ପ୍ରକୃତ ରହସ୍ୟ ଉନ୍ମୋଚନ ହେବ ବୋଲି ସାଧାରଣରେ ଦାବି ହେଉଛି। ଏହି ଘଟଣାରେ କେଉଁମାନେ ସମ୍ପୃକ୍ତ, ତାହାର ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ବିଭାଗୀୟ ମନ୍ତ୍ରୀ, ସଚିବ, ପୁରୀ ଜିଲାପାଳ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଓ କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରମୁଖ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ, ସଚେତନ ନାଗରିକଙ୍କ ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ମିଶ୍ର କୁହନ୍ତି, ପାର୍କିଂ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ଠିକାଦାର ଚୟନ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ। କେତେଜଣ କର୍ମଚାରୀ ଅର୍ଥ ଲୋଭରେ ଏପରି କରୁଥିବା ଅଭିଯୋଗ ଉପରେ ତଦନ୍ତ କରିବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବି ବୋଲି ପ୍ରକାଶ କରିଛନ୍ତି।

# ଗୋ' ଚାଲାଣକୁ ନେଇ ଉତ୍ତେଜନା



ଗୋପ,୨୯।୬(ଭାରତୀ ଭୂଷଣ ଉପାଧ୍ୟାୟ)

ନୟାହାଟ ଫାଣ୍ଡି ଅନ୍ତର୍ଗତ ବିଶୁଳିପଡାରେ ଗୁରୁବାର ସନ୍ଧ୍ୟାରେ ଗୋଟିଏ ଗାଡ଼ିରେ ବେଆଇନ ଭାବେ ଗୋରୁ ଚାଲାଣ ହେଉଥିଲା। ଏହି ଖବର ଗ୍ରାମବାସୀ ଜାଣିବା ପରେ ଉତ୍ତ୍ୟକ୍ତ ହୋଇ ଗୋରୁ ଚାଲାଣ କରୁଥିବା ଲୋକଙ୍କ ସହ ପାଟିତୁଣ୍ଡ କରିବାରୁ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବରପାଇ ଫାଣ୍ଡି ଅଧିକାରୀ କୁନାଲ କୁମାର ପହଞ୍ଚି ଉତ୍ତ୍ୟକ୍ତ ଲୋକମାନଙ୍କୁ ବୁଝାଇବା ପରେ ଗୋରୁ ଗାଡି ସହିତ ସେଥିରେ ଥିବା ଗୋରୁଙ୍କୁ ଜବତ କରିଛି। ପ୍ରକାଶ ଯେ, ଗୋପ ଥାନା ଅଞ୍ଚଳ ଓ ନୟାହାଟ ଫାଣ୍ଡି ଅଧୀନରୁ କିଛି ଦିନ ଧରି ବେଆଇନ ଭାବେ ଗୋରୁ ସହିତ ଗୋମାଂସ ଚାଲାଣ ହେଉଥିବା ଅଭିଯୋଗ ହୋଇ ଆସୁଥିଲା। ମାତ୍ର ପୋଲିସ ସେପରି ଅଭିଯୋଗ ପ୍ରତି ଗୁରୁତ୍ୱ ଦେଉ ନ ଥିଲା। ଗୁରୁବାର କେତେକ ଗୋ ଚାଲାଣ ବେପାରୀ ଏକ ଗାଡ଼ି (ନମ୍ବର ଓଡି ୦୨ ୦୨୭୭) ଯୋଗେ ପ୍ରାୟ

### ଗାଡ଼ି, ଗୋରୁ ଜବତ: ଚାଳକ ଫେରାର

୨୦ରୁ ଊର୍ଦ୍ଧ୍ୱ ଗୋରୁ ବାହାରକୁ ଚାଲାଣ କରିବା ଲାଗି ନେଉଥିଲେ। ଏହି ଘଟଣା କେତେକ ସ୍ଥାନୀୟ ଲୋକ ଜାଣିବା ପରେ ଏହି ବେଆଇନ ଗୋରୁ ଗାଡ଼ିକୁ ଅଟକାଇ ଥିଲେ। ପରେ ଏହାକୁ ନେଇ ଗାଁରେ ଉତ୍ତେଜନା ପ୍ରକାଶ ପାଇବା ସହ ଗାଡ଼ିରେ ଥିବା ଗୋରୁଙ୍କୁ ଖୋଲି ଦେଇଥିଲେ। ଏହି ଘଟଣାକୁ ନେଇ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ଖବରପାଇ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ଉତ୍ତ୍ୟକ୍ତ ଲୋକମାନେ ଗୋରୁ ଗାଡିକୁ ପୋଲିସକୁ ଜିମା ଦେଇଥିଲେ। ପୋଲିସ ଗୋରୁ ଗାଡି ସହିତ ମାତ୍ର ୨ଟି ଗୋରୁ ଜବତ କରି ତଦନ୍ତ ଚଳାଇଛି। ବେଆଇନ ଭାବେ ଗୋରୁ ନେଉଥିବା ବେପାରୀମାନେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛି ବୋଲି ପୋଲିସ କହିଛି।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଗୁରୁବାର ଅନୁଷ୍ଠିତ ଓଡ଼ିଶୀ ନୃତ୍ୟ ସଙ୍ଗୀତ ସମ୍ମାନ ଅବସରରେ କଳାକାରଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ। (ଫଟୋ-ମୌସମ)

# ମିଲେଟ୍‌ର ପ୍ରଚାର ପାଇଁ ମିଳିତ ଉଦ୍ୟମ ଆରମ୍ଭ

ଭୁବନେଶ୍ୱର,୨୯।୬(ଶର୍ମିଷ୍ଠା ପାଣିଗ୍ରାହୀ)

### ଓଡ଼ିଶା ମିଲେଟ ମିଶନ ଓ ହାରୋର ବୈଠକ

ମିଲେଟ୍‌ର ମିଳିତ ପ୍ରଚାର କରିବେ ଓଡ଼ିଶା ମିଲେଟ୍ ମିଶନ ଏବଂ ହୋଟେଲ ଆଣ୍ଡ୍ ରେଷ୍ଟୁରାଣ୍ଟ ଆସୋସିଏଶନ (ହାରୋ)। ଏନେଇ ଏକ ବୈଠକ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ମୁଖ୍ୟ ସଚିବ ଡ. ଅରବିନ୍ଦ ପାଢ଼ୀ ଉପସ୍ଥିତ ପ୍ରତିନିଧିମାନଙ୍କୁ ସ୍ୱାଗତ କରି କହିଲେ, ମିଲେଟ୍ସକୁ ପ୍ରୋତ୍ସାହିତ କରି ହୋଟେଲଗୁଡ଼ିକ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ ତଥା ମହିଳା ସ୍ୱୟଂ ସହାୟକଗୋଷ୍ଠୀଗୁଡ଼ିକର ଜୀବନ ଜୀବିକାରେ ଉନ୍ନତି ଘଟାଇପାରିବେ। ଏହାଛଡ଼ା ହୋଟେଲଗୁଡ଼ିକ ମିଲେଟ୍‌କୁ ନେଇ ପୂର୍ବରୁ ରହିଥିବା ଧାରଣା ଏବଂ ସହରାଞ୍ଚଳ ଗ୍ରାହକଙ୍କ ସ୍ୱାଦକୁ ବଦଳାଇବାରେ ମଧ୍ୟ ଅଗ୍ରଣୀ ଭୂମିକା ଗ୍ରହଣ କରିପାରିବେ। ହାରୋର କାର୍ଯ୍ୟନିର୍ବାହୀ ସେକ୍ରେଟାରୀ କେ.କେ.ରାଓ କହିଛନ୍ତି, ହୋଟେଲଗୁଡ଼ିକ ସ୍ୱତନ୍ତ୍ର ଦିନଗୁଡ଼ିକ ପାଇଁ ସ୍ୱତନ୍ତ୍ର ମିଲେଟ ବଫେଟ୍ ଆରମ୍ଭ କରିସାରିଛନ୍ତି। ଗ୍ରାହକଙ୍କ ମଧ୍ୟରେ ଚାହିଦା ବୃଦ୍ଧି ପାଇଲେ ଏଥିରେ ଆହୁରି ଉନ୍ନତି ଘଟିପାରିବ। ସେହିପରି ଅନେକ ହୋଟେଲ ମଧ୍ୟ ପରୀକ୍ଷାମୂଳକ ଭାବରେ ମିଲେଟ୍ ପ୍ରସ୍ତୁତ ଡିସ୍ ଯୋଗାଇ ଦେଉଥିବା ସେ କହିଛନ୍ତି। କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମ ଚନ୍ଦ୍ର ଚୌଧୁରୀ କହିଲେ, ହାରୋ ସଦସ୍ୟଙ୍କ ସହଯୋଗରେ ମିଲେଟ ଖାଦ୍ୟ ଉତ୍ସବର ଆୟୋଜନ କରାଯାଇପାରିବ। ହୋଟେଲର ରୁମ୍‌ଗୁଡିକରେ ମିଲେଟ୍ସ ସ୍ନାକ୍ସ ରଖାଯାଇପାରିବ। ମିଲେଟ୍ସର ଉପକାରିତା ସମ୍ପର୍କିତ ବ୍ରୋଚରଗୁଡ଼ିକୁ ଅତିଥିଙ୍କ କୋଠରୀରେ ରଖାଯାଇପାରିବ। ଅତିଥିଙ୍କ ମଧ୍ୟରେ ଅଧିକ ସଚେତନତା ସୃଷ୍ଟି କରିବା ପାଇଁ ମିଲେଟ୍ସ ସମ୍ବନ୍ଧୀୟ ଭିଡିଓ କ୍ଲିପ୍ ଏବଂ ଷ୍ଟାଣ୍ଡି ମଧ୍ୟ ରଖାଯାଇପାରିବ। ପର୍ଯ୍ୟଟନ ବିଭାଗର ପ୍ରତିନିଧିମାନେ କହିଛନ୍ତି, ଇକୋ-ରିଟ୍ରିଟ, ପର୍ଯ୍ୟଟନ ସ୍ଥଳ ଆଦିରେ ମିଲେଟ୍ସର ପ୍ରୋତ୍ସାହନ କରିବାକୁ ଲକ୍ଷ୍ୟ ରଖାଯାଇଛି। ନିୟମିତ ପର୍ଯ୍ୟଟନ ସମ୍ବନ୍ଧୀୟ ପ୍ରୋତ୍ସାହନମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ମିଲେଟ୍ସର ପ୍ରସାର କରିବାକୁ ଓ ମିଲେଟ୍ସର ବ୍ରାଣ୍ଡିଂ କରିବାକୁ ପର୍ଯ୍ୟଟନ ବିଭାଗ ଆଗ୍ରହୀ ହୋଇ ରହିଥିବା କହିଛନ୍ତି।

### ୨ଜଣଙ୍କୁ ଓଡ଼ିଶୀ ନୃତ୍ୟ ସଙ୍ଗୀତ ସମ୍ମାନ

ଭୁବନେଶ୍ୱର,୨୯।୬(ଶର୍ମିଷ୍ଠା ପାଣିଗ୍ରାହୀ)

ନୃତ୍ୟାଙ୍ଗନା ପକ୍ଷରୁ ଗୁରୁବାର ୧୨ତମ ଓଡ଼ିଶୀ ନୃତ୍ୟ ସଙ୍ଗୀତ ସମ୍ମାନ ୨୦୨୨-୨୩ ପ୍ରଦାନ ଉତ୍ସବ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଗାଳ୍ପିକ ଡ. ଇନ୍ଦିରା ଦତ୍ତ, ପାସପୋର୍ଟ ସେବାକେନ୍ଦ୍ରର ମ୍ୟାନେଜର ପ୍ରତାପ ଚନ୍ଦ୍ର ନନ୍ଦ, ସଙ୍ଗୀତ ନାଟକ ପୁରସ୍କାରପ୍ରାପ୍ତ ଗୁରୁ ମୀନାକ୍ଷୀ ବେହେରା, ପ୍ରଣତି ମହାନ୍ତି, ଡ. ଇତିଶ୍ରୀ ଦ୍ୱିବେଦୀ, ପ୍ରଫେସର ନବୀନ କୁମାର ସାହୁ, ପ୍ରଫେସର ଡ. ରାଜେଶ ଭୋଳ, ମହେନ୍ଦ୍ର ସାହୁ, ଆସିଷ୍ଟାଣ୍ଟ ପ୍ରଫେସର ଲିପସିତା ସାମନ୍ତରାୟ ଅତିଥିଭାବେ ଯୋଗଦେଇଥିଲେ। ଓଡ଼ିଶୀ ନୃତ୍ୟାଙ୍ଗନା ଗୁରୁ ସିକତା ଦାସ ଓ ସାମ୍ବାଦିକା ମିନତି ସିଂହାଙ୍କୁ ଓଡ଼ିଶୀ ନୃତ୍ୟ ସଙ୍ଗୀତ ସମ୍ମାନ ପ୍ରଦାନ କରାଯାଇଥିଲା।

# ୩ ବର୍ଷ ପରେ ତୃତୀୟ ଅଭିଯୁକ୍ତ ଗିରଫ

### କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନ୍‌ସୁଗାର ଜବତ ଘଟଣା

■ପୂର୍ବରୁ ଗିରଫ ହୋଇଥିଲେ ଅନ୍ୟ ୨ ଅଭିଯୁକ୍ତ

ଭୁବନେଶ୍ୱର,୨୯।୬(ସତ୍ୟଜିତ ରାଉତ)

ରାଜଧାନୀରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ ଘଟଣାରେ ଫେରାର ଥିବା ତୃତୀୟ ଅଭିଯୁକ୍ତଙ୍କୁ ୩ ବର୍ଷ ପରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଞ୍ଚଳର ବାପି ଓରଫ ବୀରେନ୍ଦ୍ର ମଙ୍ଗରାଜ। ବାପିଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ପୂର୍ବରୁ ୧ କେଜି ୮ ଗ୍ରାମର ବ୍ରାଉନସୁଗାର ଜବତ ସହ ଜଙ୍କିଆ ଅଞ୍ଚଳର ଅଜୟ ମହାପାତ୍ର ଓ ବେଗୁନିଆ ଅଞ୍ଚଳର ବିଭୂତି ଭୂଷଣ ଜେନାଙ୍କୁ ଏସ୍‌ଟିଏଫ୍ ଗିରଫ କରିଥିଲା। ସୂଚନା ଅନୁଯାୟୀ, ଅଜୟ ନିଶା କାରବାର ମାମଲାରେ ଗିରଫ ପରେ ଜେଲ ଯାଇ ପୁଣି ବାହାରିଥିଲେ। ୨୦୨୦ରେ କରୋନା ପାଇଁ ଲକ୍‌ଡାଉନ୍ ଜାରି ରହିଥିବା ଯୋଗୁ ଅଭିଯୁକ୍ତମାନେ ବେପାର ବନ୍ଦ କରିଦେଇଥିଲେ। ଲକ୍‌ଡାଉନ୍ କଟକଣା କୋହଳ ହେବା ପରେ ଅଭିଯୁକ୍ତମାନେ ବ୍ରାଉନସୁଗାର ବେପାର ଆରମ୍ଭ କରିଥିଲେ। ଅଜୟ, ବିଭୂତି ଓ ବାପି ବାଲେଶ୍ୱରରୁ ବ୍ରାଉନସୁଗାର ଆଣି ତମାଣ୍ଡୋ ଅଞ୍ଚଳରେ ବିକ୍ରି ପାଇଁ ଗ୍ରାହକ ଖୋଜୁଥିବା ବେଳେ ୨୦୨୦ ଜୁନ ୧ରେ ଏସ୍‌ଟିଏଫ୍ ପକ୍ଷରୁ ଚଢ଼ଉ କରାଯାଇଥିଲା। ଏହି ସମୟରେ ଏସ୍‌ଟିଏଫ୍ ଟିମ୍ ଅଜୟ, ବିଭୂତିଙ୍କୁ କାବୁ କରିଥିଲେ। ହେଲେ ସେହି ସମୟରେ ବାପି ଏସ୍‌ଟିଏଫ୍ ଟିମ୍ କବଳରୁ ଖସି ପଳାଇ ଯାଇଥିଲେ। ଏନେଇ ଏସ୍‌ଟିଏଫ୍ ଏକ ମାମଲା (ନଂ.୧୭/୨୦୨୦) ରୁଜୁ କରି ଅଜୟ, ବିଭୂତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ହେଲେ ସେହି ଦିନଠୁ ଏସ୍‌ଟିଏଫ୍ ଟିମ୍ ବାପିଙ୍କୁ ଗିରଫ କରିବାକୁ ଖୋଜାଖୋଜି କରୁଥିଲା।

# ପୁଅ ମୁକେଶଙ୍କ ସମେତ ୪ ଗିରଫ

### ବାପା, ଭାଉଜଙ୍କୁ ଖଣ୍ଡାରେ ହାଣିବା ଘଟଣା

■ଖଣ୍ଡା, ୨ ବାଇକ୍ ଜବତ

ଭୁବନେଶ୍ୱର,୨୯।୬(ସୂର୍ଯ୍ୟକାନ୍ତ ବେହେରା)

ପାରିବାରିକ କଳହକୁ ନେଇ ମଙ୍ଗଳବାର ରାତିରେ ବାପା ଓ ଭାଉଜଙ୍କୁ ସହଯୋଗୀଙ୍କ ସହ ମିଶି ଖଣ୍ଡାରେ ଆକ୍ରମଣ କରିଥିଲେ ଦୁଇ ପୁଅ। ତେବେ ଏହି ଘଟଣାରେ ଖାରବେଳନଗର ଥାନା ପୋଲିସ ୩ଦିନ ପରେ ଆକ୍ରମଣ କରିଥିବା ପୁଅଙ୍କ ସମେତ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କେଦାରପଲ୍ଲୀ ବସ୍ତିର ମୁକେଶ ଓରଫ ମୁଖିଆ ନାଏକ, ପ୍ରବନ ଓରଫ ସୁରଜ ନାଏକ, ସନ୍ଦୀପ ନାଏକ ଓ ବାଦଲ ନାଏକ। ତାଙ୍କଠାରୁ ଗୋଟିଏ ଖଣ୍ଡା ଓ ଦୁଇଟି ବାଇକ୍ ଜବତ ହୋଇଛି। ସୂଚନା ଅନୁଯାୟୀ, ଆକ୍ରମଣର ଶିକାର ହୋଇଥିବା ରବିଙ୍କ ୫ ପୁଅ। ସେ ପରିବାର ସହ କେଦାରପଲ୍ଲୀ ବସ୍ତିରେ ରହି ଆସୁଥିବାବେଳେ କୌଣସି କାରଣକୁ ନେଇ ମଝିଆ ପୁଅ ରାକେଶ ଓ ଦୁଇ ନମ୍ବର ପୁଅ ପ୍ରମୋଦଙ୍କ ମଧ୍ୟରେ ଦୀର୍ଘଦିନ ହେବ ବିବାଦ ଲାଗିରହିଛି। ତେଣୁ ବାପା ରବି ରାକେଶଙ୍କ ପାଖରେ ରହୁଥିବା ବେଳେ ତାଙ୍କ ସ୍ତ୍ରୀ ବାସନ୍ତୀ ପୁଅ ପ୍ରମୋଦଙ୍କ ପାଖରେ ରହୁଥିଲେ। ହେଲେ ମଙ୍ଗଳବାର କୌଣସି କଥାକୁ ନେଇ ରାକେଶ ଓ ପ୍ରମୋଦଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଅଧିକ ହେବାରୁ ରାକେଶଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ପ୍ରେସକ୍ଲବ୍ ପଛପଟସ୍ଥିତ ବାପଘରକୁ ଚାଲିଆସିଥିଲେ। ଏପରିକି ସେ ତାଙ୍କ ସହ ଶ୍ୱଶୁର ରବି, ସ୍ୱାମୀ ରାକେଶ ଓ ପିଲାମାନଙ୍କୁ ମଧ୍ୟ ନେଇ ଆସିଥିଲେ। ହେଲେ ପ୍ରମୋଦ ଓ ଭାଇ ମୁକେଶ କିଛି ସହଯୋଗୀଙ୍କୁ ଧରି ରାତି ପ୍ରାୟ ୧୦ଟାବେଳେ ଲକ୍ଷ୍ମୀପ୍ରିୟାଙ୍କ ବାପଘରକୁ ଆସି ଲକ୍ଷ୍ମୀପ୍ରିୟାଙ୍କୁ ଗାଳିଗୁଲଜ କରିବା ସହ ହଠାତ୍ ଖଣ୍ଡାରେ ଆକ୍ରମଣ କରିଥିଲେ। ଏହି ସମୟରେ ରବି ସେଠାରେ ପହଞ୍ଚି ବିରୋଧ କରିବାରୁ ପୁଅମାନେ ମଧ୍ୟ ତାଙ୍କୁ ଖଣ୍ଡାରେ ଗୋଡ଼ାଇ ହାଣିଥିଲେ। ସ୍ଥାନୀୟ ଲୋକ ପହଞ୍ଚିଯିବାରୁ ଆକ୍ରମଣକାରୀମାନେ ଫେରାର ହୋଇଯାଇଥିଲେ। ତେବେ କ୍ୟାପିଟାଲ ହସ୍ପିଟାଲରେ ଗୁରୁତର ରବିଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାରୁ ତାଙ୍କୁ ଅନ୍ୟ ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ପରେ ପରିବାର ପକ୍ଷରୁ ଅଭିଯୋଗ କରିବାରୁ ପୋଲିସ ତଦନ୍ତ କରି ୪ଜଣଙ୍କୁ ଗିରଫ କରିଛି।

# ମେଡିକାଲ ସାମଗ୍ରୀ ବିକ୍ରି ଉଦ୍ୟମ ବେଳେ ଧରାପଡ଼ିଲା

ପିପିଲି,୨୯।୬(ପ୍ରଭାତ ମହାପାତ୍ର):

ପିପିଲି ସରକାରୀ ଡାକ୍ତରଖାନାର ବିଭିନ୍ନ ସାମଗ୍ରୀ ଚତୁରତା ସହ ବିକ୍ରି ଉଦ୍ୟମ କରାଯାଉଛି। ପ୍ରାୟ ଲକ୍ଷାଧିକ ଟଙ୍କାର କେତେକ ସାମଗ୍ରୀ ଚୋରାରେ କମ୍ ଦାମ୍‌ରେ କବାଡ଼ିଆଙ୍କୁ ବିକ୍ରି ପାଇଁ ଯାଉଥିବାବେଳେ ଗୁରୁବାର ଧରାପଡ଼ିଛି। ଖବର ପାଇ ପିପିଲିର ପୂର୍ବତନ ବିଧାୟକ ଯୁଧିଷ୍ଠିର ସାମନ୍ତରାୟ ସେଠାରେ ପହଞ୍ଚି ସାମଗ୍ରୀ ଚାଲାଣକୁ ବିରୋଧ କରିବା ସହ ଅନୁସନ୍ଧାନ କରାଯାଇ ଚାଲାଣକାରୀ ମେଡିକାଲ କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ମିଳିଥିବା ସୂଚନା ଅନୁସାରେ, ସକାଳେ ଦୁଇଟି ମିନିଟ୍ରକରେ ପିପିଲି ଡାକ୍ତରଖାନାର କିଛି ଖଟିଆ, ୨ଟି ଏସି, ଇନଭର୍ଟରେ, ବ୍ୟାଟେରି ସହ ଅନ୍ୟାନ୍ୟ ସାମଗ୍ରୀ ଚାଲାଣ ପାଇଁ ଲୋଡ୍ ହେଉଥିଲା। ତେବେ ସନ୍ଦେହଜନକ ଅବସ୍ଥାରେ ଗାଡ଼ିରେ ସବୁ ସାମଗ୍ରୀ ରଖାଯାଉଥିବା ଜାଣିପାରି ସ୍ଥାନୀୟ ଲୋକ ଓ କେତେଜଣ ଖବରଦାତା ସେଠାରେ ପହଞ୍ଚିଥିଲେ। ହେଲେ ସେତେବେଳକୁ ଗୋଟିଏ ଗାଡି ବାହାରି ଯାଇଥିବା ବେଳେ ଦ୍ୱିତୀୟ ଗାଡିଟି ଡାକ୍ତରଖାନାରୁ ବାହାରୁଥିଲା। ଏହି ସାମଗ୍ରୀ କୁଆଡେ



ଯାଉଛି, କେଉଁ ଅଧିକାରୀଙ୍କର ନିର୍ଦ୍ଦେଶ ଅଛି କି ପଚାରିବାରେ ଗାଡି ଚାଳକ ୬ହଜାର ଟଙ୍କାରେ ଏହିସବୁ ସାମଗ୍ରୀ ବିକ୍ରି ହେଉଥିବା କହି ସେଠାରୁ ଦୌଡ଼ି ପଳାଇଥିଲେ। ପରେ ପୂର୍ବତନ ବିଧାୟକ ସାମନ୍ତରାୟ ଉକ୍ତ ହସ୍ପିଟାଲରେ ପହଞ୍ଚି ସରକାରୀ ସାମଗ୍ରୀର ବିକ୍ରି ଉଦ୍ୟମକୁ ନେଇ ବିରକ୍ତି ପ୍ରକାଶ କରିବା ସହ ଚାଲାଣକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଅଟକ ରହିଥିବା ଗାଡିରୁ ଡାକ୍ତରଖାନାର ସାମଗ୍ରୀ ଖାଲି କରାଯାଇ ଡାକ୍ତରଖାନା ଷ୍ଟୋରରେ ରଖାଯାଇଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ତେବେ ବିକ୍ରି ଉଦ୍ୟମ ଅଭିଯୋଗରୁ ବର୍ତ୍ତିବା ପାଇଁ ଅଧିକାରୀମାନେ ପିଛିଲା

### ଗାଡ଼ି ଛାଡ଼ି ଚାଳକ ଫେରାର

ତାରିଖ ଦର୍ଶାଇ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତିରେ ଲାଗିପଡ଼ିଥିବା ଉକ୍ତ ହସ୍ପିଟାଲର ଜଣେ କର୍ମଚାରୀ ନିଜ ନାମ ଗୋପନ ସର୍ତ୍ତରେ କହିଛନ୍ତି। ଏ ନେଇ ପିପିଲି ଡାକ୍ତରଖାନା ଭାରପ୍ରାପ୍ତ ଅଧିକାରୀ ଡା. ଜ୍ୟୋତିରଞ୍ଜନ ସାହୁଙ୍କୁ ପଚାରିବାରେ ସାମଗ୍ରୀ ବିକ୍ରି ପାଇଁ ବ୍ଲକ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶ ଥିବା କହିଥିଲେ। ଅପରପକ୍ଷେ ବ୍ଲକ ଚିକିତ୍ସାଧିକାରୀ ଡା. ବିନୟ କୁମାର ପଣ୍ଡା କୁହନ୍ତି, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶ ଅନୁସାରେ ବିକ୍ରି ହେଉଛି। ହେଲେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତା ମିଶ୍ରଙ୍କୁ ପଚାରିବାରେ ଅଦରକାରୀ ଓ ନଷ୍ଟ ହୋଇଥିବା ସାମଗ୍ରୀର ତାଲିକା ହୋଇଛି। କିନ୍ତୁ ଚାଲାଣ ପାଇଁ କୌଣସି ନିର୍ଦ୍ଦେଶ ନ ଥିବା ସେ କହିଥିଲେ। ତେବେ ଡାକ୍ତରଖାନାର ସାମଗ୍ରୀ କିଏ ବିକ୍ରି ପାଇଁ ଯୋଜନା କରିଛି, ସେନେଇ ସାଧାରଣରେ ପ୍ରଶ୍ନ ସୃଷ୍ଟି ହେଉଛି। ସୂଚନା ଅନୁସାରେ ପୂର୍ବରୁ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ମଧ୍ୟ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରା ଚାଲାଣ ହୋଇଥିବା ଅଭିଯୋଗ ହୋଇଛି।

# ସୁନାରେ ଝଲସିଲେ ଚତୁର୍ଦ୍ଧାମୂର୍ତ୍ତି

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୯।୬।୨୦୨୩

| ୩,୭୪,୧୩୮ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

## ସଂକ୍ଷେପରେ

### ନିମାପଡ଼ାର ଶ୍ରୀପତିତପାବନଙ୍କ ସୁନାବେଶ



ନିମାପଡ଼ା,୨୯।୬ (ଭାରତୀ ଭୂଷଣ ଉପାଧ୍ୟାୟ)- ପୁରୀ ଜିଲା ନିମାପଡ଼ା ଅଞ୍ଚଳର ଆରାଧ ଦେବତା ପ୍ରଭୁ ଶ୍ରୀପତିତପାବନଙ୍କ ସୁନାବେଶ ଗୁରୁବାର ଆଷାଢ଼ ମାସ ଏକାଦଶ ତିଥିରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀକ୍ଷେତ୍ର ପୁରୀରେ ରଥାରୂଢ଼ ଶ୍ରୀଜୀଉଙ୍କ ସୁନାବେଶରେ ସୁନା ଅଳଙ୍କାର ଲାଗି ହେଉଥିବାବେଳେ ନିମାପଡ଼ାରେ ଶ୍ରୀପତିତପାବନଙ୍କଠାରେ ସୁନାବେଶରେ ସୁନା ରଙ୍ଗର ଜରିରେ ବେଶ ହେଉଛି। ସକାଳୁ ଠାକୁରଙ୍କ ମଇଲମ, ମହାସ୍ନାନ, ଆଳତି, ବାଲଭୋଗ ହୋଇ ମଧ୍ୟାହ୍ନରେ ଛେନାପୁରୀ, ମହାପ୍ରସାଦ, ଭୋଗ ନୀତିକାନ୍ତି ଯଥାବିଧି ଅନୁଷ୍ଠିତ ହୋଇଥିଲା। ଏହାପରେ ଅପରାହ୍ନ ୩ଟାରେ ଠାକୁରଙ୍କ ସୁନାବେଶ ଅନୁଷ୍ଠିତ ହୋଇଥିବା ବେଳେ ୪ଟାରୁ ଏହି ବେଶ ରାତି ୧୦ଟା ପର୍ଯ୍ୟନ୍ତ ଚାଲିଥିଲା। ଘଣ୍ଟ, ଘଣ୍ଟା, ବାଦ୍ୟ ସହ ଶ୍ରଦ୍ଧାଳୁଙ୍କ ହରିବୋଲ, ହୁଳହୁଳି, ଜୟ ଜଗନ୍ନାଥ, ଜୟ ପତିତପାବନ ଧ୍ୱନିରେ ସ୍ଥାନୀୟ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ମନ୍ଦିର ବେଢ଼ାରେ ଭଜନ, କୀର୍ତ୍ତନ, ସଂକୀର୍ତ୍ତନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ପୁରୀର ଶ୍ରୀଜୀଉମାନଙ୍କ ସୁନାବେଶ ନୀତିକାନ୍ତି ଅନୁଯାୟୀ ଏଠାରେ ପତିତପାବନଙ୍କ ନୀତିକାନ୍ତି ହୋଇଥିବା ପୂଜକ ଲକ୍ଷ୍ମୀଧର ଦାଶ କହିଛନ୍ତି।

### ପୋଲିସର ଅବ୍ୟବସ୍ଥା ନେଇ ଅସନ୍ତୋଷ

ପୁରୀ, ୨୯।୬(ଅଜିତ୍ ମହାନ୍ତି) - ସୁନାବେଶକୁ ଶୃଙ୍ଖଳିତ କରିବା ପାଇଁ ପୋଲିସ ଏବଂ ଜିଲା ପ୍ରାଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ବ୍ୟାରିକେଡର ବ୍ୟବସ୍ଥା ମଧ କରାଯାଇଥିଲା। ମାତ୍ର ଉକ୍ତ ବ୍ୟାରିକେଡରେ ଅନେକ ସମୟ ଧରି ଭକ୍ତ ଫସି ରହିଥିଲେ। ଏପରିକି ଅସ୍ଥାୟୀ ଶୌଚାଳୟ ନ ଥିବାରୁ ଲୋକମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସେହିପରି ରାସ୍ତା ବ୍ଲକ ହେବାରୁ ଯାତାୟାତରେ ସାହିବାସିନ୍ଦା, ଭକ୍ତମାନେ ନାନା ହଇରାଣ ହୋଇଥିଲେ। ଅଧିକାଂଶ ସ୍ଥାନରେ ଭକ୍ତମାନଙ୍କୁ ପୋଲସ ଦୁର୍ବ୍ୟବହାର କରିବା ସହ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ପାସ୍‌କୁ ଚିରି ଫିଙ୍ଗି ଦେଇଥିଲେ। ଯାହାକୁ ନେଇ ଭକ୍ତଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

### ସନ୍ଧ୍ୟାରେ ଭଜନ ସମାରୋହ

କୋଣାର୍କ,୨୯।୬(ଜ୍ୟୋତିରାଜ ମହାନ୍ତି)





କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଭଜନ ପରିବେଷଣ କରୁଛନ୍ତି ।

କୋଣାର୍କ ରାଜରାମ ମଠରେ ଗୁରୁବାର ବଡ଼ଏକାଦଶୀ ତିଥିରେ ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖରେ ଥିବା ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ରୀତିନୀତି ଅନୁଯାୟୀ ଅପରାହ୍ନ ୩ଟାରେ ସର୍ଣ୍ଣ ଅଳଙ୍କାରରେ ସୁସଜ୍ଜିତ କରାଯାଇଛି। ଠାକୁରଙ୍କ ଏହି ସୁନାବେଶକୁ ଦେଖିବା ପାଇଁ ଦିନତମାମ ଲକ୍ଷାଧିକ ଭକ୍ତଙ୍କ ଭିଡ଼ ଜମିରହିଥିଲା। ପରେ ସନ୍ଧ୍ୟାରେ କୋଣାର୍କ ସୁନାବେଶ କମିଟି ପକ୍ଷରୁ ୧୪ ତମ ଭଜନ ସନ୍ଧ୍ୟାକୁ ନିମାପଡା ଏସ୍‌ଡିପିଓ ଦେବାଶିଷ ମିଶ୍ର, କୋଣାର୍କ ଥାନାଧିକାରୀ ପଞ୍ଚାନନ ପରିଡା, ଚମ୍ପାହର ଅଗ୍ନିଶମ ଅଧିକାରୀ ଜ୍ୟୋତିପ୍ରକାଶ ରଥ ପ୍ରଦୀପ ପ୍ରଯୋଜନ କରି ଉଦ୍‌ଘାଟନ କରିଥିଲେ। ସୁନାବେଶ ଭଜନ ସମାରୋହ ଜଗନ୍ନାଥ ମନ୍ଦିର ସମ୍ମୁଖ ବଡ଼ଦାଣ୍ଡ ଉପରେ ରାତ୍ରି ପର୍ଯ୍ୟନ୍ତ ଚାଲିଥିଲା। କଣ୍ଠ ଶିଳ୍ପୀ ଗଗନବିହାରୀ ଜେନା ଓ ସାଥୀଙ୍କ ଭଜନ ପରିବେଷଣ ଉପସ୍ଥିତ ଭକ୍ତଙ୍କୁ ଭଜନ ମାଧମରେ ଭକ୍ତି ରସରେ ବାନ୍ଧି ରଖିଥିଲେ। ତାଙ୍କୁ କଣ୍ଠଶିଳ୍ପୀ କ୍ଷେତ୍ରମୋହନ ପାଢ଼ୀ ସହଯୋଗ କରିଥିଲେ। ଅନରୁପ ଭାବେ ପ୍ରଭୁଙ୍କ ନାମ ସଂକୀର୍ତ୍ତନ କୋଣାର୍କ ବାଣପଦା ଗ୍ରାମର ଜ୍ୟୋତ୍ସ୍ନା ରାଣୀ ନାୟକଙ୍କ ନେତୃତ୍ୱରେ 'ମହିଳାସଂକୀର୍ତ୍ତନ' ଗ୍ରୁପ ଦ୍ୱାରା ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଚାଲିଥିଲା। ଏହି ଭଜନ ସମାରୋହକୁ କୋଣାର୍କ ସୁନାବେଶ କମିଟିର ସଭାପତି ବିରବର ସ୍ୱାଇଁ, ସମ୍ପାଦକ ସ୍ୱାଧୀନ କୁମାର ନାୟକ, ସୁବୋଧ ଖଟୁଆ, ଆଲୋକ କୁମାର ବିଶ୍ୱାଳ, ଚନ୍ଦ୍ରଶେଖର ନାୟକ, ମିତ୍ରଭାନୁ ମାର୍ଥ, କୋଷାଧକ୍ଷ ଅଜିତ ବାରିକ, ମିଲନ କୁମାର ରାଉତ, ଜିତେନ୍ଦ୍ର ମହାପାତ୍ର, ଜିତେନ୍ଦ୍ର ଖଟୁଆ, ମିଥୁନ ବେହେରା, ପ୍ରତାପ କାଣ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲାବେଳେ ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ।

## ଶ୍ରୀମନ୍ଦିର ସିଂହଦ୍ୱାରରେ ଲାଗିଲା ରୁପା ଛାଉଣି କବାଟ

ପୁରୀ, ୨୯।୬(ଅଜିତ୍ ମହାନ୍ତି):



ଶ୍ରୀମନ୍ଦିର ସିଂହଦ୍ୱାରରେ ଚାଲିଥିବା ରୁପା ଛାଉଣି କାମ ଶେଷ ହୋଇଛି। ବର୍ମାଟିକ୍ କାଠରେ ନବନିର୍ମିତ କବାଟ ସୁନାଛାଉଣି ହୋଇ ସିଂହଦ୍ୱାରରେ ଲାଗିବା ପରେ ଝଲସୁଛି । ଏହାକୁ ଦେଖି ଭକ୍ତ, ସେବାୟତ ଖୁସିବ୍ୟକ୍ତ କରିଛନ୍ତି। ଶ୍ରୀମନ୍ଦିର ସିଂହଦ୍ୱାର କବାଟ ରୁପା ଛାଉଣି ପାଇଁ ଜଣେ ଦାତା ରୁପା ଦାନ କରିଥିଲେ।

ଶ୍ରୀବିଗ୍ରହମାନଙ୍କ ନବଦିନାତ୍ମକ ଯାତ୍ରା ସମୟରେ କଡ଼ା ସୁରକ୍ଷା ଭିତରେ ଶ୍ରୀମନ୍ଦିର ସିଂହଦ୍ୱାରକୁ ରୁପା ଛାଉଣୀ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ସେହି ନିଷ୍ପତ୍ତି ଅନୁଯାୟୀ ରଥଯାତ୍ରା ସମୟରେ ରୁପା ଛାଉଣୀ କାର୍ଯ୍ୟ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲ। ପ୍ରଥମେ ଡିମ କବାଟ ଲଗାଯାଇଥିଲା । ପରେ ରୁପା ଛାଉଣୀ କାର୍ଯ୍ୟ ଆରମ୍ଭ ହୋଇଥିଲା। ମୁମ୍ବାଇରୁ ଆସିଥିବା କାରିଗରମାନେ ଏହା ଉପରେ ବିଭିନ୍ନ ଡିଜାଇନର ରୁପା ପ୍ଲେଟ ସବୁ ଲଗାଇଥିଲେ । ଶ୍ରୀମନ୍ଦିର ସିଂହଦ୍ୱାର ସମ୍ପୂର୍ଣ୍ଣ ଭାବେ ନୂଆ ତିଆରି କରାଯାଇଛି । ପୁରୁଣା ଦ୍ୱାରକୁ ହଟାଇ ଶାଗୁଆନ କାଠରେ ନୂଆ ଦ୍ୱାର ଲଗାଯାଇଛି । ମୁମ୍ବାଇରୁ ଆସିଥିବା ୧୩ ଜଣ କାରିଗର ଶାଗୁଆନ କାଠରେ ପୂର୍ବର ସିଂହଦ୍ୱାର ଭଳି ଅବିକଳ ଦ୍ୱାର ନିର୍ମାଣ କରିଥିଲେ । ଏହା ଉପରେ ରୁପାର କାରୁକାର୍ଯ୍ୟ ରହିଛି । କବାଟର ଚାରିକୋଣରେ ରୁପାର ପତଳା ପ୍ଲେଟ୍ ଲାଗିବା ପରେ ମଝିରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଡିଜାଇନର ବର୍ଗାକାର ରୁପା ପ୍ଲେଟ୍ ଲଗାଯାଇଛି । ସେହିପରି ଦୁଇ ପାର୍ଶ୍ୱରେ ଦୁଇଟି ସିଂହମୂର୍ତ୍ତି ଲଗାଯାଇଛି । ସିଂହଦ୍ୱାରର ପୁରୁଣା ପିତଳଦ୍ୱାରକୁ ବାହାର କରାଯାଇ ଲୁହାଫ୍ରେମରେ ବର୍ମାଟିକ କାଠର କବାଟ ସଂଯୋଗ କରାଯାଇଥିଲା । ତା' ଉପରେ ଉଚ୍ଚକ୍ଲୀୟ ଢାଞ୍ଚାରେ ପ୍ରସ୍ତୁତ ରୁପା ଚାଦରକୁ ଛାଉଣି କରାଯାଇଥିଲା । ନୀତିକାନ୍ତିକୁ ନେଇ ରୁପାଦ୍ୱାର ସଂଯୋଗ ହେବା ପର୍ଯ୍ୟନ୍ତ ଏକ ଅସ୍ଥାୟୀ ଦ୍ୱାର ଲଗାଯାଇଥିଲା । ବର୍ମାଟିକି କାଠରେ ପ୍ରସ୍ତୁତ ଏହି ଦ୍ୱାର ଉପରେ ସମ୍ପୂର୍ଣ୍ଣ ରୁପା ଛାଉଣି କରାଯାଇଥିଲା ଏହି ଦ୍ୱାରରେ ମଧ ଏକ ଚୋରା କବାଟ ରହିଛି। ସିଂହଦ୍ୱାର ରୁପା ଛାଉଣି ସମୟରେ କଡା ସୁରକ୍ଷା ପ୍ରଦାନ କରାଯାଇଥିବା ବେଳେ ସିସିଟିଭି କ୍ୟାମେରା ଲଗାଯାଇଥିଲା। ସେହିପରି ଭକ୍ତଙ୍କ ଯିବା ଆସିବା ବନ୍ଦ କରାଯାଇଥିଲା। ପୂର୍ବରୁ ଶ୍ରୀମନ୍ଦିର ଭିତରେ ୮ଟି ଦ୍ୱାର ରୁପା ଛାଉଣି କରାଯାଇଥିଲା।



୫–ଟି ସଚିବ ଭି.କେ. ପାଣ୍ଡିଆନ ଗୁରୁବାର ପୁରୀରେ ରଥାରୂଢ଼ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ କରୁଛନ୍ତି। (ଫଟୋ–ଯଜ୍ଞେଶ୍ୱର)

## କୃଷ୍ଣପ୍ରସାଦ ଗଡ଼ରେ ଶ୍ରୀଜୀଉଙ୍କ ସୁନାବେଶ

କୃଷ୍ଣପ୍ରସାଦ,୨୯।୬(କୈଳାସ ଚନ୍ଦ୍ର ପଟ୍ଟନାୟକ):

ପୁରୀ ଜିଲା କୃଷ୍ଣପ୍ରସାଦ ଗଡ଼ରେ ଶ୍ରୀଜୀଉଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜୀଉମାନେ ସୁନାରେ ସଜ୍ଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟପୂଜକ ପ୍ରସନ୍ନ ପଣ୍ଡା, ପଣ୍ଡିତ ନୀଳକଣ୍ଠ ତ୍ରିପାଠୀ ରଥରେ ରଥାରୂଢ଼ ମହାପ୍ରଭୁଙ୍କ ପୂଜାର୍ଚ୍ଚନାକୁ ଯଥାବିଧି ରୀତିନୀତିରେ ସମ୍ପାଦନ କରିଥିଲେ। ରଥ ନିକଟରେ ଜଗନ୍ନାଥ ସଂସ୍କୃତି ଉପରେ ପ୍ରବଚନ ଓ ଭଜନ ପରିବେଷଣ ହୋଇଥିଲା। ରଥଯାତ୍ରା ପରିଚାଳନା କମିଟି ସଭାପତି ସୁବାସ ଚନ୍ଦ୍ର ଗୌଡ଼, ସମ୍ପାଦକ ସୁବ୍ରତ ପଣ୍ଡା, ଉପସଭାପତି ମକଦ୍ଦମ ସିଂହ, ସହ ସମ୍ପାଦକ ପ୍ରମୋଦ ସାହୁଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା, ସ୍ଥାନୀୟ ୫ ମୌଜା ପରିଚାଳନା କମିଟି ସଭାପତି ଅଶୋକ ପଣ୍ଡା, ସମ୍ପାଦକ ଈଶ୍ୱର ପଲେଇ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଶୃଙ୍ଖଳିତ ଦର୍ଶନ ନେଇ କୃଷ୍ଣପ୍ରସାଦ ଥାନା ଆଇଆଇସି ଶରତ କୁମାର ନାୟକଙ୍କ ନେତୃତ୍ୱରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।

## ଚଣ୍ଡୀହର ଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

କୃଷ୍ଣପ୍ରସାଦ,୨୯।୬(କୈଳାସ ଚନ୍ଦ୍ର ପଟ୍ଟନାୟକ):

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଓରା ଗ୍ରାମବାସୀଙ୍କ ସହଯୋଗରେ ଚଣ୍ଡୀହର ଦେବଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଯାଇଛି। ଉତ୍ସବରେ କର୍ତ୍ତାଭାବେ ଅଳେଶ୍ୱର ପଲେଇ ଓ ତାଙ୍କ ସହଧର୍ମିଣୀ କାଗଜି ପଲେଇ ଦାୟିତ୍ୱ ନିର୍ବାହ କରୁଛନ୍ତି। ୧୨ ସଙ୍କୀର୍ତ୍ତନ ଦଳ ଯୋଗଦେଇ ନାମ ପରିବେଷଣ କରୁଛନ୍ତି। ପଣ୍ଡିତ ବାଳକୃଷ୍ଣ ଦାଶଙ୍କ ନେତୃତ୍ୱରେ ମୁଖ୍ୟ ପୁରୋହିତ ହରିହର ଦାଶ, ମନ୍ଦିର ପୂଜକ ପ୍ରଦୀପ ସାମନ୍ତରାୟଙ୍କ ସମେତ ଗଞ୍ଜାମ ଜିଲାର ୫ଜଣ ପଣ୍ଡିତ ଯୋଗଦେଇ ଯଜ୍ଞକାର୍ଯ୍ୟ ପରିଚାଳନା କରୁଛନ୍ତି। ଦ୍ୱିତୀୟ ଦିବସରେ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଏବଂ ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ସମର୍ଥକଙ୍କ ସହ ଯୋଗଦେଇଥିଲେ। ଓରା ଗ୍ରାମ୍ୟ କମିଟି ସଭାପତି ଗଦାଧର ନାୟକ, ସମ୍ପାଦକ ବୁଲାମଣି ତରେଇ, ଶଙ୍କର୍ଷଣ ଦାଶ, କୃଷ୍ଣଚନ୍ଦ୍ର ତରେଇ ପ୍ରମୁଖ ଉତ୍ସବ ପରିଚାଳନା କରୁଛନ୍ତି। ଓରା ଗ୍ରାମ୍ୟ କମିଟିର ସମସ୍ତ ସଦସ୍ୟ ଓ କିଶାନ ସେବା ଯୁବ ସଙ୍ଗଠନର ସଭ୍ୟମାନେ ସହଯୋଗ କରୁଛନ୍ତି ।

## ଶ୍ରୀପତିତପାବନଙ୍କ ପ୍ରତୀକାତ୍ମକ ସୁନାବେଶ

ପୁରୀ, ୨୯।୬(ଅଜିତ୍ ମହାନ୍ତି):

ଆଷାଢ଼ ଶୁକ୍ଳ ଏକାଦଶୀରେ ଗୁରୁବାର ରଥାରୂଢ଼ ଦାରୁବିଗ୍ରହମାନଙ୍କ ସୁନାବେଶ ଅନୁଷ୍ଠିତ ହୋଇଛି। ଏହି କ୍ରମରେ ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟରେ ଥିବା ଶ୍ରୀପତିତପାବନଙ୍କୁ ପ୍ରତୀକାତ୍ମକ ଭାବେ ସୁନାବେଶ କରାଯାଇଛି। ପୂଜାପଣ୍ଡା ନିଯୋଗ ଉଦ୍ୟମରେ ସୁନେଲି ରଙ୍ଗର ସୋଲ, ଜରି, ଜମ୍ବୁରା ଆଦି ସାମଗ୍ରୀରେ ଏହି ବେଶ ପ୍ରସ୍ତୁତ କରାଯାଇଥିବାବେଳେ ରୁପାରେ ଚିତା, କୁଣ୍ଡଳ ଏବଂ ମାଳ ତିଆରି ହୋଇଛି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଶ୍ରୀମନ୍ଦିର ପୂଜାପଣ୍ଡା ନିଯୋଗର ଠାକୁର ହେଉଛନ୍ତି ଶ୍ରୀପତିତପାବନ। ତେଣୁ ଗତ କିଛିବର୍ଷ ହେଲା ପତିତପାବନଙ୍କୁ ସୁନାବେଶ କରାଯାଉଛି।

## ରଥାରୂଢ଼ ଠାକୁରଙ୍କୁ ଚୁଡ଼ାଘଷା ଭୋଗ ଲାଗିକରାଗଲା

ପୁରୀ,୨୯।୬(ଅଜିତ୍ ମହାନ୍ତି):



ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ଼ଭାଇ ପ୍ରଭୁ ବଳଭଦ୍ର ଏବଂ ଭଉଣୀ ଦେବୀ ସୁଭଦ୍ରାଙ୍କ ସହ ନବଦିନାତ୍ମକ ଯାତ୍ରାରେ ଯାଇ ଆଡ଼ପମଣ୍ଡପରେ ବିଜେ କରିବା ପରେ ଆଷାଢ଼ ଶୁକ୍ଳ ଦଶମୀ ତିଥିରେ ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ମହାପ୍ରଭୁ ଏବେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ରଥାରୂଢ଼ ହୋଇରହିଛନ୍ତି। ଆଷାଢ ଶୁକ୍ଳ ଏକାଦଶୀରେ ଗୁରୁବାର ରଥରେ ମହାପ୍ରଭୁ ସୁନାବେଶରେ ଦର୍ଶନ ଦେଇଛନ୍ତି। ଭକ୍ତମାନେ ରଥାରୂଢ ଠାକୁରଙ୍କୁ ଚୁଡ଼ାଘଷା ଭୋଗ କରୁଥିବା ଦେଖିବାକୁ ମିଳିଥିଲା। ଦୂରଦୂରାନ୍ତରୁ ଆସିଥିବା ଭକ୍ତଙ୍କ ସମେତ ପୁରୀବାସୀ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଚୁଡ଼ାଘଷା ଭୋଗ କରିଥିଲେ। ଚୁଡ଼ାଗୁଣ୍ଡ, ନଡ଼ିଆ, ଘିଅ, ଅଳେଇଚ, ଚିନି, ଗୁଡ଼ ଓ ବିଭିନ୍ନ ପ୍ରକାର ମସଲା ମିଶାଇ ଚୁଡ଼ାଘଷା ପ୍ରସ୍ତୁତ କରାଯାଇଥିଲା। ପରେ ଚୁଡ଼ାଘଷାଗୁଡ଼ିକୁ ତାଳପତ୍ର ଭୋଗେଇରେ ରଖି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭୋଗ କରାଯାଇଥିଲା। ଆଷାଢ଼ ମାସ ଶୁକ୍ଳ ପକ୍ଷ ଏକଦଶୀ ବଡ଼ ଏକାଦଶୀ ଭାବେ ବିବେଚନା କରାଯାଏ। ଏହି ତିଥିରେ ମହାପ୍ରଭୁଙ୍କୁ ଚୁଡ଼ାଘଷା ଭୋଗ ଅର୍ପଣ କରି ଭକ୍ତମାନେ ଅତି ଆନନ୍ଦରେ ତାହାକୁ ପ୍ରସାଦ ଭାବେ ପାଉଥିବା ଦେଖିବାକୁ ମିଳିଥିଲା।

## ସୁନାବେଶ ଦେଖିଲେ ୧୧୦ ବର୍ଷୀୟା ମହିଳା



ପୁରୀ,୨୯।୬(ଅଜିତ୍ ମହାନ୍ତି)

ଆଷାଢ଼ ଶୁକ୍ଳ ଏକାଦଶୀ ତିଥି ଅବସରରେ ରଥ ଉପରେ ଶ୍ରୀବିଗ୍ରହମାନଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁଙ୍କ ସୁନାବେଶ ଦର୍ଶନ କରିବା ପାଇଁ ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଲକ୍ଷାଧିକ ଭକ୍ତଙ୍କ ମଧ୍ୟରେ ଥିଲେ ଜଣେ ଶତାୟୁ ମହିଳା ଭକ୍ତ। ଉକ୍ତ ମହିଳାଙ୍କୁ ୧୧୦ ବର୍ଷ ହୋଇଥିବା ବେଳେ ଠିକ୍ ଭାବେ ଚାଲିପାରୁ ନ ଥାନ୍ତି। ତାଙ୍କ ପୁଅ ତାଙ୍କୁ ଧରି ପୁରୀରେ ପହଞ୍ଚିବା ପରେ ପୁରୀ ରେଳ ଷ୍ଟେଶନଠାରୁ ତାଙ୍କୁ ଅଟୋରେ ବଡ଼ଦାଣ୍ଡ ଯାଏଁ ଆଣିଥିଲେ। ପରେ ସେଚ୍ଛାସେବୀମାନେ ତାଙ୍କୁ ହାତରେ ଆଣି ମହାପ୍ରଭୁଙ୍କ ଦର୍ଶନ କରାଇଥିଲେ। ମହାପ୍ରଭୁଙ୍କ ସୁନାବେଶ ଦର୍ଶନ କରି ବେଶ୍ ଖୁସିଥିବା ସୁନ୍ଦରମଣି ରାଓ କହିଛନ୍ତି। ମହାପ୍ରଭୁଙ୍କ ଦର୍ଶନ କରି ନୂଆ ଜୀବନ ପାଇଥିବା ସେ କହିଛନ୍ତି।

### ଆଶାବାଡ଼ି ସହାୟତାରେ ଯାଜପୁରରୁ ପୁରୀ



ମହାପ୍ରଭୁଙ୍କୁ ଦୁର୍ଲ୍ଲଭ ସୁନାବେଶ ଦେଖିବାକୁ କାହିଁ କେଉଁ ଦୂରରୁ ଭକ୍ତ ଶ୍ରୀକ୍ଷେତ୍ରକୁ ଧାଇଁଆସେ। ଏହି ମଧ୍ୟରେ ଭକ୍ତଙ୍କ ଜନ ସମୁଦ୍ରକୁ ଖାତିର ନ କରି ଜଣେ ଦିବ୍ୟାଙ୍ଗ ଭକ୍ତ କାଳିଆ ଠାକୁରଙ୍କୁ ଦର୍ଶନ କରିବା ପାଇଁ ଆଶା ବାଡି ସାହାଯ୍ୟରେ ଯାଜପୁର ଜିଲା କୋରେଇ ଅଞ୍ଚଳରୁ ଶ୍ରୀକ୍ଷେତ୍ରକୁ ଆସିଥିଲେ। ମହାପ୍ରଭୁଙ୍କୁ ସୁନାବେଶରେ ଦେଖି କଷ୍ଟ ଲାଘବ ହୋଇଥିବା କହିଥିଲେ। ତେବେ ସେ ଜନ୍ମରୁ ଭଲ ଥିବାବେଳେ ତାଙ୍କ ଗୋଡ ଖରାପ ହେବାରୁ ୧୯୮୦ ମସିହାରେ ଗୋଡ କଟା ହୋଇଥିଲା। ତେବେ ସେହିଦିନଠାରୁ ସେ ତାଙ୍କର ଆଶାବାଡିକୁ ଭରସା କରି ପ୍ରତିବର୍ଷ ମହାପ୍ରଭୁଙ୍କ ଦର୍ଶନ କରିବା ପାଇଁ ପୁରୀ ଆସନ୍ତି। ମହାପ୍ରଭୁଙ୍କ ଦର୍ଶନ କରି ଫେରନ୍ତି।

### ଛାତରେ ଚଢ଼ି ସୁନାବେଶ ଦେଖିଲେ

ମହାପ୍ରଭୁଙ୍କ ସୁନାବେଶ ଦିନ ପୁରୀ ଅସଂଖ୍ୟ ଭକ୍ତଙ୍କ ଭିଡ଼ ରହିଥିବା ବେଳେ ଅନେକ ଶ୍ରଦ୍ଧାଳୁ ଗହଳିକୁ ଯାଇପାରି ନ ଥିଲେ। ପୋଲିସ ମଧ କିଛି ଜଣଙ୍କୁ ରଥ ନିକଟକୁ ଛାଡି ନ ଥିଲା। ଫଳରେ ଶହ ଶହ ଭକ୍ତ କାକୁତି ଖାଇ ଛକ ନିକଟରେ ଥିବା ଛାତ ଏବଂ ଉଚ୍ଚା ସ୍ଥାନରେ ଠିଆ ହୋଇ ମହାପ୍ରଭୁଙ୍କ ଦୁର୍ଲ୍ଲଭ ସୁନାବେଶକୁ ଦର୍ଶନ କରି ଆଶିଷ ନେଇଥିଲେ।

### ଶ୍ରୀପୟର, ଶ୍ରୀଭୁଜ ଦର୍ଶନରୁ ବଞ୍ଚିତ ଭକ୍ତ

ମହାପ୍ରଭୁଙ୍କ ସୁନାବେଶ ଦର୍ଶନ କରିବା ପାଇଁ ଗୁରୁବାର ଲକ୍ଷାଧିକ ଭକ୍ତ ପୁରୀ ଆସିଥିଲେ। ହେଲେ ସୁନାବେଶ ପରେ ସେବକମାନେ ମହାପ୍ରଭୁଙ୍କ ସମ୍ମୁଖରେ ବସିବା ସହ ଅନେକ ସମୟରେ ମହାପ୍ରଭୁଙ୍କୁ ବେଢି ରହିଥିଲେ। ଫଳରେ ଅଧିକାଂଶ ସମୟ ଭକ୍ତମାନେ ଶ୍ରୀବିଗ୍ରହମାନଙ୍କ ଶ୍ରୀପୟର ଏବଂ ଶ୍ରୀଭୂଜ ଦର୍ଶନ କରିବାରୁ ବଞ୍ଚିତ ହୋଇଥିଲେ। ଫଳରେ ଭକ୍ତମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ।

## ସତ୍ୟବାଦୀରେ ଶିକ୍ଷା ସଚେତନତା ରଥ

ସାକ୍ଷୀଗୋପାଳ,୨୯।୬
(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷା ସଚେତନତା ରଥ ପରିକ୍ରମା କାର୍ଯ୍ୟକ୍ରମ ହୋଇଯାଇଛି। ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷ ସୁନୀଲ କୁମାର ପଣ୍ଡା ପତାକା ଦେଖାଇ ଆରମ୍ଭ କରିଥିଲେ। ସତ୍ୟବାଦୀ ମଣ୍ଡଳ ଶିକ୍ଷା ଅଧିକାରୀ ଭବମ ପ୍ରଧାନ, ଏବିଇଓ ମୃଷା ମଳିକ, କୁମୁଦୁନି ମିଶ୍ର, ବିଆର୍‌ସିସି ପ୍ରଭାସ କୁମାର କରଣ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବିଭିନ୍ନ ସୂଚନା ପ୍ରଦାନ କରିଥିଲେ। ଏଥିସହ ସରକାରଙ୍କ ଶିକ୍ଷା ବିଭାଗର ଏହି କାର୍ଯ୍ୟକ୍ରମ ଜରିଆରେ ପ୍ରତ୍ୟେକ ପିଲାଙ୍କୁ ବିଦ୍ୟାଳୟ ନିକଟରେ ପହଞ୍ଚାଇବା ନିମନ୍ତେ ଅଧିକ ସହାୟକ ହେବ। ବିଇଓ ଭବମ ପ୍ରଧାନ ଏହାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରିଥିଲେ। ଏହି ରଥ ସତ୍ୟବାଦୀ ବ୍ଲକର ସମସ୍ତ ଅଞ୍ଚଳରେ ଥିବା ପ୍ରତ୍ୟେକ ବିଦ୍ୟାଳୟ ଗାଁ ଗଣ୍ଡା ବୁଲି ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ସଚେତନତା ସୃଷ୍ଟି କରିବ। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ସିଆର୍‌ସିସି, ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏହି ରଥ ଆସନ୍ତା ସପ୍ତାହର ମଙ୍ଗଳବାର ପର୍ଯ୍ୟନ୍ତ ଗଡିବ ବୋଲି ବ୍ଲକ ଶିକ୍ଷା ଅଧିକାରୀଙ୍କଠାରୁ ସୂଚନା ମିଳିଛି।



ସଚେତନତା ରଥକୁ ଅତିଥି ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି ।

## 'ମଦରଙ୍ଗ-ଷୋଳପୁର ନଦୀବନ୍ଧ ରାସ୍ତା କାର୍ଯ୍ୟ ଶୀଘ୍ର କର'

ଗୋପ,୨୯।୬(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପସ୍ଥିତ ଶୋଳପୁର–ମଦରଙ୍ଗ ନଦୀବନ୍ଧ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବା ନେଇ ଅଭିଯୋଗ ଆସିବା ପରେ ନିମାପଡ଼ା ଜଳସମ୍ପଦ ବିଭାଗ ଅଧୀକ୍ଷକ ଯନ୍ତ୍ରୀ ବୈକୁଣ୍ଠନାଥ ଦଳାଇ ଗୁରୁବାର ନଦୀବନ୍ଧ ବୁଲିବା ସହ ତୁରନ୍ତ ରାସ୍ତା କାର୍ଯ୍ୟ ମରାମତି କରିବା ପାଇଁ ଗୋପ ଜଳସମ୍ପଦ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କିଶୋର ମହାନ୍ତି ଓ ସହକାରୀ ଯନ୍ତ୍ରୀ ସଞ୍ଜୀବ କୁମାର ସାହୁଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଧୀକ୍ଷଣ ଯନ୍ତ୍ରୀଙ୍କ ନିର୍ଦ୍ଦେଶରେ ଶୁକ୍ରବାରଠାରୁ ମରାମତି କାର୍ଯ୍ୟ କରାଯିବ ବୋଲି ଜଣାପଡ଼ିଛି। ପ୍ରକାଶ ଯେ, ଜଳସମ୍ପଦ ବିଭାଗ ଅଧୀନରେ ଥିବା ଏହି ରାସ୍ତାଟି କିଛିଦିନ ଧରି ସାଧାରଣ ଲୋକମାନେ ଯିବାଆସିବା ବେଳେ ଅସୁବିଧା ହେବାରୁ ଗୋପ ଜଳସମ୍ପଦ ବିଭାଗ ପକ୍ଷରୁ ୨ଟି ଇଷ୍ଟିମେଟ କରାଯାଇଥିଲା। ପରେ ଏହି ୩ କିଲୋମିଟର ନଦୀବନ୍ଧ ରାସ୍ତା କାର୍ଯ୍ୟ ଟେଣ୍ଡର କରାଯାଇଥିଲା। ପ୍ରାୟ ୯୦ ଲକ୍ଷ ଟଙ୍କାର କାର୍ଯ୍ୟକୁ ଟେଣ୍ଡର ମାଧ୍ୟମରେ ଦୁଇଜଣ ଠିକାଦାରଙ୍କୁ କାର୍ଯ୍ୟ ମିଳିଥିଲା। ମଦରଙ୍ଗ ପଟୁ ହୋଇ ଥିବା ଦେଢ଼ କିଲୋମିଟର ପିଚୁ ରାସ୍ତା କାର୍ଯ୍ୟ ଠିକ୍ ଭାବେ ହୋଇଥିବା ସମୟରେ ଆଉ ଅବଶିଷ୍ଟ ପିଚୁ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିଲା। ଠିକାଦାର ଜଣଙ୍କ ନଦୀବନ୍ଧ ରାସ୍ତା କାର୍ଯ୍ୟ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ସଞ୍ଜିବ କୁମାର ସାହୁ ନିର୍ଦ୍ଦେଶକୁ ମାନି ନ ଥିଲେ। ଫଳରେ ମାତ୍ର ଗୋଟିଏ ମାସ ପରେ ଶୋଳପୁର ପଟ ନଦୀବନ୍ଧ ରାସ୍ତାଟି ଦବି ଯିବା ସହିତ ଫାଟିଯାଇଥିଲା। ଏପରି ଏକ ନିମ୍ନମାନର କାର୍ଯ୍ୟ ସମ୍ପର୍କରେ କେତେକ ଖବରକାଗଜରେ ପ୍ରକାଶିତ ହେବା ପରେ ଗୋପ ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଦଳାଇ ଏହି ନିମ୍ନମାନର କାର୍ଯ୍ୟସ୍ଥଳକୁ ଯାଇ ତଦାରଖ କରିଥିଲେ। ଏହି ଅଭିଯୋଗକୁ ନେଇ ଅଧୀକ୍ଷଣ ଯନ୍ତ୍ରୀ ବୈକୁଣ୍ଠନାଥ ଦଳାଇ କୁହନ୍ତି, ନଦୀ ବନ୍ଧ ବୁଲି ଦେଖିବା ସହିତ ତୁରନ୍ତ ମରାମତି କରିବା ପାଇଁ ନିର୍ଦ୍ଦେଶ ଦେଇଛି। ଏଥିସହ ସମ୍ପୃକ୍ତ ଠିକାଦାରଙ୍କ ବିଲ୍ ବନ୍ଦ କରିବା ଲାଗି ମଧ କହିଛି।



ଜଳ ସମ୍ପଦ ବିଭାଗ ଅଧୀକ୍ଷକ ଯନ୍ତ୍ରୀ ବୈକୁଣ୍ଠନାଥ ଦଳାଇ ନଦୀବନ୍ଧ କାର୍ଯ୍ୟ ଦେଖୁଛନ୍ତି ।



ଗୁରୁବାର ସୁନାବେଶ ଅବସରରେ କଟକ ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ସମ୍ମୁଖ ରଥରେ ଶ୍ରୀଜୀଉଙ୍କ ସୁନାବେଶ।



ଦୋଳମୁଣ୍ଡାଇ ଜଗନ୍ନାଥ ମନ୍ଦିର ସମ୍ମୁଖରେ ରଥରେ ସୁନାବେଶରେ ଶ୍ରୀଜୀଉ।

# ସୁନାବେଶରେ ଦର୍ଶନ ଦେଲେ ଶ୍ରୀଜୀଉ

**କଟକ/ ଚୌଦ୍ୱାର/ ଖୁଣ୍ଟୁଣୀ/ ସାଲେପୁର, ୨୯।୬(ସୁପ୍ରିୟା ପ୍ରିୟଦର୍ଶିନୀ/ ଆଶୁତୋଷ ଦାସ/ ସଚ୍ଚିଦାନନ୍ଦ ପଣ୍ଡା/ ଅରବିନ୍ଦ ଭୂୟାଁ)**

ପବିତ୍ର ଏକାଦଶୀ ତିଥିରେ ଗୁରୁବାର ସୁନାବେଶରେ ଶ୍ରୀଜୀଉ ସଜ୍ଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ନବଦିନାତ୍ମକ ଯାତ୍ରା ସାରି ଚତୁର୍ଦ୍ଧା ମୂର୍ତ୍ତି ମନ୍ଦିର ଅଭିମୁଖେ ବାହୁଡିବା ପରେ ରଥ ଉପରେ ସୁନାବେଶରେ ସଜ୍ଜିତ ହୋଇଥିଲେ। ଠାକୁରଙ୍କ ଏହି ବେଶକୁ ଦେଖି ଭକ୍ତମାନେ ଭାବବିହ୍ୱଳ ହୋଇପଡିଥିଲେ। ବହୁସଂଖ୍ୟାରେ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ସହରରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଚାନ୍ଦିନୀଚୌକଠାରେ ଶ୍ରୀଜୀଉଙ୍କ ସୁନାବେଶ ହୋଇଥିଲା। ଏହି ଅବସରରେ ମନ୍ଦିର ପରିଚାଳନା ସମିତି ପକ୍ଷରୁ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଖପୁରିଆ ପ୍ରେସ୍ ଛକସ୍ଥିତ ପ୍ରାର୍ଥନା ଭଜନ ସନ୍ଧ୍ୟା ଆନୁକୂଲ୍ୟରେ ବିଶିଷ୍ଟ କଣ୍ଠଶିଳ୍ପୀମାନେ ଭଜନ ପରିବେଷଣ କରିଥିଲେ। ମନ୍ଦିର କର୍ମକର୍ତ୍ତା ଭିକାରି ଦାସ, ପ୍ରତାପ କିଶୋର ସିଂହ, ଆଇନଜୀବୀ ବିଶ୍ୱନାଥ ଦାସ, ବିଜୟ ବେହେରା, ପ୍ରଦୀପ ସିଂ, କେ. ଭାସ୍କର ରାଓ, ବିଜୟ ଦଳେଇ, ଦିଲ୍ଲୀପ ପ୍ରଧାନ, ଅଜୟ ଦାସ, ରମେଶ ବେହେରାଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଯୋବ୍ରାଠାରେ ରଥ ଉପରେ ମହାପ୍ରଭୁଙ୍କ ସୁନାବେଶ ହୋଇଥିଲା।



ଚୌଦ୍ୱାର ଅଞ୍ଚଳର ରଥ ଉପରେ ଶ୍ରୀଜୀଉଙ୍କ ସୁନାବେଶକୁ ଭକ୍ତ ଦର୍ଶନ କରୁଛନ୍ତି।

କାଶୀନାଥ ନାୟକଙ୍କ ତତ୍ତ୍ୱାବଧାନରେ ପୂଜକମାନେ ରଥ ଉପରେ ଶ୍ରୀଜୀଉଙ୍କ ସୁନାବେଶ କରିଥିଲେ। ଏହି ଅବସରରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, କଟକ ମହାନଗର ଶାନ୍ତି କମିଟି ସମ୍ପାଦକ ଭିକାରି ଦାସ, ସୁଦୀପ୍ତ ସ୍ୱାଇଁ, ଯୋବ୍ରା ଦୁର୍ଗା କମିଟି ସଭାପତି ପ୍ରମୋଦ ଜେନା, କର୍ପୋରେଟର ସ୍ୱର୍ଣ୍ଣପ୍ରଭା ପଶାୟତ, କାମେସ ରାଓ, ଶୁବାଶିଷ ପଟ୍ଟନାୟକ, ବଟ ସାହୁ, ରଞ୍ଜିତା ନାୟକ ଓ ସଞ୍ଜୀବ ଚିନ୍ନାରାଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ସଭାପତି ତନୟ ବେହେରା, ସମ୍ପାଦକ ଅମ୍ବିକା ସାମଲ ଓ ଉପଦେଷ୍ଟା ଶୁଭେନ୍ଦୁ ମହାନ୍ତିଙ୍କ ସହିତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ରାଣୀହାଟ, ହରିପୁର-ଦୋଳମୁଣ୍ଡାଇଠାରେ ଶ୍ରୀଜୀଉଙ୍କ ସୁନାବେଶ ଦେଖିବାକୁ ଭକ୍ତଙ୍କ ଗହଳି ଲାଗିଥିଲା।

ଚୌଦ୍ୱାର ଚାରବାଟିଆସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ନିକଟ ରଥରେ ଗୁରୁବାର ଶ୍ରୀଜୀଉଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଦେଖିବା ପାଇଁ ଭକ୍ତଙ୍କ ସମାଗମ ହୋଇଥିଲା। ଏହି ଅବସରରେ ଭଜନ ସନ୍ଧ୍ୟା ଆୟୋଜିତ ହୋଇଥିଲା। ସେହିପରି ଚୌଦ୍ୱାର ମଙ୍ଗଳା ସାହି ଜଗନ୍ନାଥ ମନ୍ଦିର, ଓଟିଏମ୍ କଲୋନୀ, ବିଲ୍ଟ ବଜାର ଜଗନ୍ନାଥ ମନ୍ଦିରଠାରେ ଶ୍ରୀଜୀଉଙ୍କ ସୁନାବେଶ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଗହଳି ଲାଗିଥିଲା।

ଖୁଣ୍ଟୁଣୀଠାରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ପୂଜକ ସମାଜ ପକ୍ଷରୁ ପ୍ରାୟ ଦେଢ଼ ଘଣ୍ଟାଧରି ଶ୍ରୀଜୀଉଙ୍କ ବେଶ କରାଯାଇଥିଲା। ସନ୍ଧ୍ୟାରେ ବର୍ଷା ଛାଡିବା ପରେ ଭକ୍ତମାନେ ସୁନାବେଶ ଦର୍ଶନ କରିବା ପାଇଁ ରଥ ନିକଟକୁ ଆସିଥିଲେ। ରଥ ପରିଚାଳନା କରୁଥିବା ଯୁବକମାନଙ୍କ ପକ୍ଷରୁ ଚରୁଅର୍ଣ୍ଣ ବଣ୍ଟନ କରାଯାଇଥିଲା।

ସାଲେପୁର ବଜାରସ୍ଥିତ ସାହେଶ୍ୱରୀ ମନ୍ଦିର ପରିସରରେ ଥିବା ଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ରଥାରୂଢ଼ ଚତୁର୍ଦ୍ଧା ମୂର୍ତ୍ତିଙ୍କ ସୁନାବେଶ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ଏହି ବେଶ ଦେଖିବା ପାଇଁ ବହୁ ଭକ୍ତଙ୍କ ଭିଡ଼ ଜମିଥିଲା। ସେହିପରି ବୋଦାମୁଣ୍ଡାଇ, ଛାଣିପୁର, ବେଙ୍ଗସାହୁ କଲୋନୀ, ରୋଧପୁର, ଶିଶୁଆ, ପୁରୁଷୋତ୍ତମପୁର ଆଦି ସ୍ଥାନରେ ଜଗନ୍ନାଥଙ୍କ ସୁନାବେଶ କରାଯାଇଥିଲା।



ଯୋବ୍ରା ନୂଆସାହିରେ ଠାକୁରଙ୍କ ସୁନାବେଶ।



କଟକ ରାଣୀହାଟ ଜଗନ୍ନାଥ ମନ୍ଦିର ସମ୍ମୁଖରେ ସୁନାବେଶରେ ଦର୍ଶନ ଦେଉଥିବା ଶ୍ରୀଜୀଉ। **ଫଟୋ: ରାଜକିଶୋର**

## ସଂକ୍ଷେପରେ

### ବ୍ୟବସାୟୀଙ୍କୁ ଥଇଥାନ ପରେ ଉଚ୍ଛେଦ କରାଯାଉ

**କଟକ ସଦର, ୨୯।୬(ସୁଶାନ୍ତ କୁମାର ଜେନା):** ଆସନ୍ତା ଜୁଲାଇ ୧ରେ ୪୨ ମୌଜା ମୁଖ୍ୟ ରାସ୍ତାର ନବୀକରଣ କାର୍ଯ୍ୟ ପାଇଁ ବେଣ୍ଟକାର ବଜାରରୁ ଜବରଦଖଲ ଉଚ୍ଛେଦ କରାଯିବ। ବର୍ଷାଦିନ ଆସି ଯାଇଥିବାରୁ ପ୍ରଥମେ ବ୍ୟବସାୟୀମାନଙ୍କୁ ଥଇଥାନ ପରେ ଉଚ୍ଛେଦ କରିବାକୁ କଟକ ସଦର ବ୍ଲକ କଂଗ୍ରେସ ସଭାପତି ରାମଚନ୍ଦ୍ର ଗୋଚ୍ଛାୟତ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଉଚ୍ଛେଦ ଦ୍ୱାରା ବହୁ ପରିବାର ଜୀବିକା ହରାଇବେ। ତେଣୁ ସେମାନଙ୍କୁ କ୍ଷତିପୂରଣ ସହ ରାସ୍ତା ପାର୍ଶ୍ୱରେ ଥିବା ସରକାରୀ ଜାଗାରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରି ଘର ଯୋଗାଇବା ପାଇଁ ଗୋଚ୍ଛାୟତ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

### ପାଲାଗାୟକଙ୍କ ବିୟୋଗରେ ସ୍ମୃତିସଭା

**ଫୁଲନଖରା, ୨୯।୬(ସତ୍ୟରଞ୍ଜନ ଦାସମହାପାତ୍ର):** ପାହାଳ ଥାନା ଅନ୍ତର୍ଗତ ମନ୍ଦାରିଆ ପାଟଣା ଗ୍ରାମର ପାଲାଗାୟକ ଶିବ ଚରଣ ମହାପାତ୍ରଙ୍କ ବିୟୋଗରେ ଗୁରୁବାର ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସାମାଜିକ ଅନୁଷ୍ଠାନ ସହଯୋଗ ଓଡ଼ିଶାର ସଭାପତି ଗଣେଶ ପ୍ରସାଦ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ, ଅନ୍ୟ ଅତିଥି ଭାବେ ଗାୟକ ଯୁଧିଷ୍ଠିର ପରିଜା, ମୁରଲୀଧର ପଣ୍ଡା, ବ୍ୟଙ୍ଗକବି ବିଜୟ କୁମାର ବାରିକ, ସାମ୍ବାଦିକ ସୁରେନ୍ଦ୍ର ନାଥ ମହାପାତ୍ର, ରମେଶ ଚନ୍ଦ୍ର ପ୍ରଧାନ, ପାର୍ଥସାରଥି ସେନାପତି, ବେହେଲା ବାଦକ ଦୁଃଖୀଶ୍ୟାମ ସାହୁ, ଅଜୟ କୁମାର ଦାଶ, ପ୍ରତାପ କେଶରୀ ପାତ୍ର ଯୋଗଦେଇ ମହାପାତ୍ରଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୁର୍ଗା ଚରଣ ମହାପାତ୍ର, କାହ୍ନୁ ଚରଣ ମହାପାତ୍ର, ନୃସିଂହ ଚରଣ ମହାପାତ୍ର, ଆଲୋକ ମହାପାତ୍ର ଉପସ୍ଥିତ ଥିଲେ।



କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ଗ୍ରାମଠାରେ ରାମଲୀଳା ପ୍ରଚାର ସମିତିର ସମ୍ବର୍ଦ୍ଧନା ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

## ରାମଲୀଳା ପ୍ରଚାର ସମିତିର ସମ୍ବର୍ଦ୍ଧନା ସମାରୋହ

**କଟକ ସଦର, ୨୯।୬ (ସୁଶାନ୍ତ କୁମାର ଜେନା)**

କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ଗ୍ରାମଠାରେ ହଂସନାଥ ରାମଲୀଳା ପ୍ରଚାର ଓ ପ୍ରସାର ସମିତି ଆନୁକୂଲ୍ୟରେ ବୁଧବାର ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ କଟକ ଜିଲାର ୧୮ଟି ରାମଲୀଳା ପ୍ରଚାର ସମିତିର ସଭାପତି ଓ ସମ୍ପାଦକ ଯୋଗଦେଇଥିଲେ। ପରମହଂସ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅକ୍ଷୟ କୁମାର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜୟ ଭାରତ ମସଲାର ସଭାପତି ସୁରେନ୍ଦ୍ର ନାଥ ପଣ୍ଡା, ମୁଖ୍ୟବକ୍ତା ଭାବେ ୧୯ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀର ଅଧିକାରୀ ବୀରେନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ବିଜେଡିର ବରିଷ୍ଠ ସଙ୍ଗଠକ ପ୍ରଫୁଲ୍ଲ କୁମାର ସିଂହ, ପୂର୍ବତନ ସମିତି ସଭ୍ୟ ପ୍ରଭାକର ବେହେରା, ପଞ୍ଚାୟତ ବିଜେଡି ସଭାପତି ରବିନାରାୟଣ ଦାଶ, ସମର୍ପଣ ପରିବାର ପକ୍ଷରୁ ତୀର୍ଥବାସୀ ବେହେରା ଓ କିନ୍ନର ସଂଘର କଟକ ଜିଲା ସଭାପତି ତନୁଶ୍ରୀ ବେହେରା ଯୋଗଦେଇଥିଲେ। ଏହି ଅବସରରେ ରାମଲୀଳାର ପ୍ରଚାର ପ୍ରସାର ପାଇଁ ନିରବଚ୍ଛିନ୍ନ ଉଦ୍ୟମ ଜାରି ରଖିଥିବା କଟକ ଜିଲାର ପ୍ରଚାର ସମିତିର ପୃଷ୍ଠପୋଷକ, ସଭାପତି ଓ ସମ୍ପାଦକମାନଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ହଂସନାଥ ମନ୍ଦିରରେ ବହୁ ବର୍ଷ ଧରି ରାମଲୀଳା ପରିବେଷଣ କରିଆସୁଥିବା କଳାକାରମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ରାମଲୀଳା ପରିବେଷଣ କରାଯାଇଥିଲା। ଅବସରପ୍ରାପ୍ତ ଯବାନ ପ୍ରସନ୍ନ ପଣ୍ଡା, ରାମଚନ୍ଦ୍ର ପଣ୍ଡା, ବେଣୁଧର ରାଉଳ, ପାଲାଗାୟକ ବାଉରୀବନ୍ଧୁ ନାୟକ ଓ ରବୀନ୍ଦ୍ର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅଗଷ୍ଟ ୯ କ୍ରାନ୍ତି ଦିବସରେ ଏଆଇଟିୟୁସିର ଗଣଧାରଣା

**କଟକ, ୨୯।୬ (କାର୍ତ୍ତିକ ସାହୁ)**

କଟକ ଜିଲା ଏଆଇଟିୟୁସିର ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ବୈଠକ ପାଲିତପଡ଼ାସ୍ଥିତ ନବଯୁଗ ପ୍ରେସ୍‌ଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି କିଶୋର ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ଯୋଗଦେଇ କହିଥିଲେ, ଦେଶର ଶ୍ରମିକ ଓ ଜନସାଧାରଣଙ୍କ ଉପରେ କେନ୍ଦ୍ର ସରକାରଙ୍କ ଆକ୍ରମଣ ବିରୋଧରେ ଆସନ୍ତା ଅଗଷ୍ଟ ୯ କ୍ରାନ୍ତି ଦିବସରେ ଭୁବନେଶ୍ୱରଠାରେ ଏକ ମିଳିତ ଗଣଧାରଣା ଅନୁଷ୍ଠିତ ହେବ। ବହୁସଂଖ୍ୟକ କର୍ମୀ ଏଥିରେ ଯୋଗଦେବାକୁ ସେ ନିବେଦନ କରିଥିଲେ। ଏଥିସହ କେନ୍ଦ୍ର ସରକାରଙ୍କ ଶ୍ରମ ବିରୋଧୀ ଶ୍ରମକୋଡ, ବେକାରି, ଦରବୃଦ୍ଧି, ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ, ପାଚିକା ପ୍ରମୁଖଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କୃଷକମାନଙ୍କ ଦାବି ପୂରଣ, ବ୍ୟାଙ୍କ ଓ ଅନ୍ୟାନ୍ୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ବନ୍ଦ କରିବା ଆଦି ଦାବି ହାସଲ ନିମନ୍ତେ ଆଗାମୀ ବର୍ଷ ତମାମ ବିଭିନ୍ନ ଆନ୍ଦୋଳନ ସମ୍ପର୍କରେ ସେ ସୂଚନା ଦେଇଥିଲେ। ସମ୍ପାଦକ ବିନୋଦ କୁମାର ବେହେରା ବିବରଣୀ ପାଠ କରିଥିଲେ। ଅମରେନ୍ଦୁ ମହାନ୍ତି, ଉଦୟ କେଶରୀ ବର୍ମା, ଗୋବିନ୍ଦ ଚନ୍ଦ୍ର ନାୟକ, ରଞ୍ଜନ କୁମାର ଓଝା, ହରିହର ମହାନ୍ତି, ବାସନ୍ତୀ ସ୍ୱାଇଁ, ସୌଦାମିନୀ ଦେଈ, ମନୋଜ ରଥ, ବିପିନ ବିହାରୀ ପାଢ଼ୀ, ବିପିନ ବିହାରୀ ମହାନ୍ତି, କ୍ଷୀରୋଦ କୁମାର ବିଶ୍ୱାଳଙ୍କ ସହ ଅନ୍ୟମାନେ ଆଲୋଚନାରେ ନିଜର ମତ ଉପସ୍ଥାପନ କରିଥିଲେ। ବଂଶୀଧର ସେଠୀ, ଦେବେନ୍ଦ୍ର କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା ଓ କସ୍ତୁରୀ ପାତ୍ର ଧନ୍ୟବାଦ ଦେଇଥିଲେ।

## ମହାନ୍ ସମ୍ରାଟଙ୍କୁ ଇତିହାସ ନ୍ୟାଯ୍ୟ ସ୍ଥାନ ପ୍ରଦାନ କରିନାହିଁ

**କଟକ, ୨୯।୬(ସୁପ୍ରିୟା ପ୍ରିୟଦର୍ଶିନୀ)**

କଟକ ଓ ଭୁବନେଶ୍ୱରର ବିଭିନ୍ନ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ମହାନ୍ ସୂର୍ଯ୍ୟବଂଶୀ ଗଜପତି କପିଳେନ୍ଦ୍ର ଦେବଙ୍କର ୫୮୮ତମ ରାଜ୍ୟାଭିଷେକ ଦିବସ ଗୁରୁବାର ପାଳିତ ହୋଇଯାଇଛି। ରିଡିସ୍କଭର ଲଷ୍ଟ ହେରିଟେଜ ଗ୍ରୁପ, ସିଲଭର ସିଟି କଟକ ପବ୍ଲିକ ଚାରିଟେବଲ ଟ୍ରଷ୍ଟ, ମା' ଜାଗେଶ୍ୱରୀ ଯୁବ ସଂଘ ଓ ଇଣ୍ଡିଆନ ନ୍ୟାଶନାଲ ଟ୍ରଷ୍ଟ ଫର୍ ଆର୍ଟ ଆଣ୍ଡ୍ କଲଚରାଲ ହେରିଟେଜ (ଇନ୍‌ଟାକ୍) ଭୁବନେଶ୍ୱର ଶାଖାର ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଭୁବନେଶ୍ୱରର କପାଳୀମଠ ଓ କଟକ ଗୋପୀନାଥପୁର ଶାସନ ଗ୍ରାମସ୍ଥିତ ବଡ଼ଠାକୁର ମନ୍ଦିରରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଐତିହ୍ୟ ଗବେଷକ ତଥା ରିଡିସ୍କଭର ଲଷ୍ଟ ହେରିଟେଜ୍ ଗ୍ରୁପର ପ୍ରତିଷ୍ଠାତା ଦୀପକ କୁମାର ନାୟକ କହିଥିଲେ, ଓଡ଼ିଶା ଇତିହାସରେ ମହାମେଘବାହନ ଖାରବେଳଙ୍କ ପରେ ସବୁଠାରୁ ପ୍ରଭାବଶାଳୀ ଓ ସଫଳ ସମ୍ରାଟ୍ ଥିଲେ ଗଜପତି କପିଳେନ୍ଦ୍ରଦେବ। ଭୁବନେଶ୍ୱର ପାପନାଶିନୀ ପୁଷ୍କରିଣୀ ନିକଟବର୍ତ୍ତୀ କପାଳୀମଠ ସନ୍ନିକଟ ସ୍ଥାନରେ ଏହି ରାଜ୍ୟାଭିଷେକ ହୋଇଥିଲା ବୋଲି ଜନଶ୍ରୁତି ରହିଛି। କପାଳୀମଠ କାନ୍ଥରେ ଆଜି ମଧ୍ୟ କପିଳେନ୍ଦ୍ର ଦେବଙ୍କର ରାଜକୀୟ ଶୋଭାଯାତ୍ରାର ଏକ ପ୍ରସ୍ତର ମୂର୍ତ୍ତି ଓ ତାଙ୍କ ରାଜ୍ୟ ଶାସନର ୧୭ ଅଙ୍କରେ ଖୋଦିତ ଏକ ଶିଳାଲେଖ ଦେଖିବାକୁ ମିଳେ। ସେହିପରି କଟକ ଗୋପୀନାଥପୁର ଶାସନ ଗ୍ରାମଟି ଗଜପତିଙ୍କର ବୀର-ମନ୍ତ୍ରୀ ଗୋପୀନାଥ ମହାପାତ୍ରଙ୍କ ଦ୍ୱାରା ବସାଯାଇଥିଲା ବୋଲି ନାୟକ କହିଛନ୍ତି।

ଇନ୍‌ଟାକ୍ ଭୁବନେଶ୍ୱର ଶାଖାର ଆବାହକ ଅନୀଲ ଧୀର କହିଥିଲେ, ଓଡ଼ିଆ ବୀରତ୍ୱ, ଭାଷା ଓ ସଂସ୍କୃତି ଦିଗରେ ଗଜପତି କପିଳେନ୍ଦ୍ର ଦେବଙ୍କ ଅବଦାନ ଅବର୍ଣ୍ଣନୀୟ। କିନ୍ତୁ ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ଏହି ମହାନ୍ ସମ୍ରାଟ୍‌ଙ୍କୁ ଇତିହାସ ତାଙ୍କ ନ୍ୟାଯ୍ୟ ସ୍ଥାନ ପ୍ରଦାନ କରିନାହିଁ।




ବଡ଼ଠାକୁର ମନ୍ଦିରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା।

### ଗଜପତି କପିଳେନ୍ଦ୍ର ଦେବଙ୍କର ରାଜ୍ୟାଭିଷେକ ଦିବସ ପାଳିତ

କପାଳୀମଠ ଓ ବଡ଼ଠାକୁର ମନ୍ଦିର ଏବେ ଅବହେଳିତ। ଉଭୟ ସ୍ଥାନରେ ଗଜପତିଙ୍କ ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରୁଥିବା ଶିଳାଲେଖ ଦ୍ୱୟ ଖରାବର୍ଷା ଖାଇ ନଷ୍ଟ ହେଉଛି। ଏ ସଂକ୍ରାନ୍ତରେ ରାଜ୍ୟ ସଂସ୍କୃତି ଓ ପ୍ରତ୍ନତତ୍ତ୍ୱ ବିଭାଗର ଗୁରୁଦାୟିତ୍ୱ ରହୁଛି। କିପରି ଏହି ଐତିହାସିକ କୀର୍ତ୍ତିରାଜିର ପୁନରୁଦ୍ଧାର ଓ ରକ୍ଷଣାବେକ୍ଷଣ ହୋଇପାରିବ, ସେଥିପାଇଁ ସରକାରୀ ସଂସ୍ଥାସବୁ ଗମ୍ଭୀରତାର ସହ ବିଚାର କରନ୍ତୁ ବୋଲି ଅନିଲ କହିଛନ୍ତି। ସିଲଭର ସିଟି କଟକ ପବ୍ଲିକ ଚାରିଟେବଲ ଟ୍ରଷ୍ଟ ସଭାପତି ଆକାଶ ପଟ୍ଟନାୟକ, ମା' ଜାଗେଶ୍ୱରୀ ଯୁବ ସଙ୍ଗଠନର ସଦସ୍ୟ ପ୍ରଫୁଲ୍ଲ କୁମାର ସ୍ୱାଇଁ କଟକ ଓ ଭୁବନେଶ୍ୱରରେ ଗଜପତି କପିଳେନ୍ଦ୍ର ଦେବଙ୍କ ବିଶାଳ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ଦାବି କରିଛନ୍ତି।

# ସୁନାବେଶରେ ଝଟକିଲେ ୩ ଠାକୁର


ଇସ୍କନ ମନ୍ଦିର: ସୁନାବେଶରେ ମହାପ୍ରଭୁ ଶ୍ରୀଜଗନ୍ନାଥ


ବାଲିଅନ୍ତା ଅଣ୍ଡିଲୋ ଗ୍ରାମରେ ରଥ ଉପରେ ତିନିଠାକୁରଙ୍କ ସୁନାବେଶ।

ଭୁବନେଶ୍ୱର,୨୯।୬(ଶର୍ମିଷ୍ଠା ପାଣିଗ୍ରାହୀ)

ହରିଶୟନ ଏକାଦଶୀ ଅବସରରେ ତିନିଠାକୁରଙ୍କ ସୁନାବେଶ ବା ରାଜାଧିରାଜ ବେଶ ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥ, ଭାଇ ବଳଭଦ୍ର ଓ ଦେବୀ ସୁଭଦ୍ରା ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ରାଜଧାନୀର କେତେକ ସ୍ଥାନରେ ରଥ ଉପରେ ଠାକୁରମାନେ ସୁନାରେ ଝଟକିଥିବାବେଳେ ରଥଯାତ୍ରା ହୋଇ ନ ଥିବା ସ୍ଥାନରେ ମନ୍ଦିର ଭିତରେ ଶ୍ରୀଜୀଉଙ୍କ ସୁନାବେଶ କରାଯାଇଥିଲା। ବିଭିନ୍ନ ପ୍ରକାର ସ୍ୱର୍ଣ୍ଣ ଅଳଙ୍କାରରେ ଆଭୂଷିତ ଠାକୁରଙ୍କ ଦର୍ଶନ ପାଇଁ ଭକ୍ତଙ୍କ ମଧ୍ୟରେ ଉତ୍କଣ୍ଠା ଦେଖିବାକୁ ମିଳିଥିଲା। ଏଥିପାଇଁ ସହରରେ ଥିବା ବିଭିନ୍ନ ଜଗନ୍ନାଥ ମନ୍ଦିରରେ ଭକ୍ତଙ୍କ ସମାଗମ ରହିଥିଲା। ଜୟ ଜଗନ୍ନାଥ ଧ୍ୱନିରେ ମନ୍ଦିର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା।

ଇସ୍କନ ମନ୍ଦିରରେ ପ୍ରଭୁଙ୍କ ସୁନାବେଶ ଦର୍ଶନ ପାଇଁ ଗୁରୁବାର ଭକ୍ତଙ୍କ ଭିଡ ଲାଗିଥିଲା। ଅପରାହ୍ଣ ୪ଟାରୁ ଦର୍ଶନ ଆରମ୍ଭ ହୋଇଥିଲା। ଏହାପରେ ରଥ ଉପରେ ସୁନାବେଶ କରାଯାଇ ସନ୍ଧ୍ୟା ୬ରେ ପୁନଃଦର୍ଶନ ବ୍ୟବସ୍ଥା କରାଯାଇଥିଲା। ଦର୍ଶନ ପରେ ଠାକୁର ପହଣ୍ଡି କରି ମନ୍ଦିରକୁ ଫେରିଯାଇଥଲେ। ରାତ୍ରିରେ ପ୍ରସାଦ ସେବନର ଆୟୋଜନ କରାଯାଇଥିଲା।

ସେହିପରି କିସ୍ ପରିସରସ୍ଥିତ ଶ୍ରୀବାଣୀକ୍ଷେତ୍ରରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରାଙ୍କ ସୁନାବେଶ ସୁରୁଖୁରୁରେ ସମ୍ପନ୍ନ ହୋଇଯାଇଛି।


ଇସ୍କନ ମନ୍ଦିର ସମ୍ମୁଖରେ ରଥାରୂଢ଼ ତିନିଠାକୁରଙ୍କ ସୁନାବେଶକୁ ଶ୍ରଦ୍ଧାଳୁମାନେ ଦର୍ଶନ କରୁଛନ୍ତି। (ଫଟୋ: ମନୋରଞ୍ଜନ ମିଶ୍ର)

ଏଠାରେ ତିନି ଠାକୁରଙ୍କ ବାହୁଡ଼ା ଯାତ୍ରା ମଧ୍ୟ ମହାଆଡ଼ମ୍ବରରେ ସମ୍ପନ୍ନ ହୋଇଥିଲା। ଗୁଣ୍ଡିଚା ମନ୍ଦିରରୁ ଠାକୁରମାନେ ଫେରିବା ପରେ ଗୁରୁବାର ରଥ ଉପରେ ସୁନାବେଶ ଆୟୋଜିତ ହୋଇଥିଲା। ଭକ୍ତମାନେ ଠାକୁରମାନଙ୍କ ସ୍ୱର୍ଣ୍ଣ ଅଙ୍ଗ ପ୍ରତ୍ୟଙ୍ଗ ମଧ୍ୟ ଦେଖିବାର ସୁଯୋଗ ପାଇଥିଲେ। ସୁନାବେଶରେ ସାଧାରଣତଃ ଠାକୁରଙ୍କ ଶ୍ରୀପୟର, ଶ୍ରୀଭୁଜ, ଶ୍ରୀକିରୀଟି, ସୂର୍ଯ୍ୟ, ଚନ୍ଦ୍ର, ମାଳି, ତିଳକ, ଚନ୍ଦ୍ରିକା, ଝୋବାକଣ୍ଠି ଓ ଆୟୁଧମାନ ଲାଗି କରାଯାଇଥାଏ। ପରମ୍ପରା ଅନୁସାରେ ଉପରୋକ୍ତ ଅଳଙ୍କାର ଠାକୁରଙ୍କ ଦେହରେ ଶୋଭା ପାଇଥିଲା। ଶୃଙ୍ଖଳିତ ଦର୍ଶନ ପାଇଁ କିଟ ମନ୍ଦିର ଟ୍ରଷ୍ଟ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଏହି ଅବସରରେ ଶ୍ରୀବାଣୀକ୍ଷେତ୍ରରେ ଭଜନ ସମାରୋହ ମଧ୍ୟ ଅନୁଷ୍ଠିତ ହୋଇଥିଲା। ସେହିଭଳି ଚନ୍ଦ୍ରଶେଖରପୁର, ଶୈଳଶ୍ରୀବିହାର, ପଟିଆ, ୟୁନିଟ୍-୮, ରସୁଲଗଡ଼, ଭିଏସ୍ଏସ୍ନଗର, ବାଣୀବିହାର ଆଦି ବିଭିନ୍ନ ସ୍ଥାନରେ ରଥ ଉପରେ ସୁନାବେଶ କରାଯାଇଥିଲା।


ରସୁଲଗଡ଼ ଗାଁ


ୟୁନିଟ୍-୫ ଜଗନ୍ନାଥ ମନ୍ଦିର


ଭିଏସ୍ଏସ୍ନଗର

## ପଦ୍ମଶ୍ରୀ ହଳଧର ନାଗ ପାଇବେ 'କାଦମ୍ବିନୀ ସମ୍ମାନ'

ଭୁବନେଶ୍ୱର,୨୯।୬(ଶର୍ମିଷ୍ଠା ପାଣିଗ୍ରାହୀ)

ପାରିବାରିକ ପତ୍ରିକା 'କାଦମ୍ବିନୀ'ର ଚତୁର୍ଦ୍ଦଶ ଏବଂ ଶିଶୁ-କିଶୋର ପତ୍ରିକା 'କୁନିକଥା'ର ତ୍ରୟୋଦଶ ସ୍ୱନକ୍ଷତ୍ର ଉତ୍ସବ ଜୁଲାଇ ୨ରେ ସୂଚନା ଭବନଠାରେ ଅନୁଷ୍ଠିତ ହେବ। ଏହି ଅବସରରେ ଚଳିତ ବର୍ଷ ପାଇଁ 'କାଦମ୍ବିନୀ ସମ୍ମାନ' ସମେତ 'କାଦମ୍ବିନୀ'ର ବିଭିନ୍ନ ବିଭାଗର ପୁରସ୍କାର ପ୍ରଦାନ କରାଯିବ। ପଦ୍ମଶ୍ରୀ ହଳଧର ନାଗଙ୍କୁ 'କାଦମ୍ବିନୀ ସମ୍ମାନ', ଅରବିନ୍ଦ ରାୟଙ୍କୁ 'କାଦମ୍ବିନୀ ଗଳ୍ପ ପୁରସ୍କାର', ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କୁ 'କାଦମ୍ବିନୀ କବିତା ପୁରସ୍କାର', ସ୍ୱରାଜ ବାରିକ ଓ ସନ୍ଲିସା ପଟେଲଙ୍କୁ 'କାଦମ୍ବିନୀ ପ୍ରଚ୍ଛଦଶିଳ୍ପୀ ପୁରସ୍କାର', ବିନ୍ଧ୍ୟବାସିନୀ ଜେନାଙ୍କୁ 'କାଦମ୍ବିନୀ ଆମ ରୋଷେଇ ପୁରସ୍କାର', ଇନ୍ଦୁମତୀ ରାୟ ଓ ମେଜର ଡ. ସୁମିତ୍ରା ମିଶ୍ରଙ୍କୁ 'କାଦମ୍ବିନୀ ପ୍ରିୟ ପାଠକ ସମ୍ବର୍ଦ୍ଧନା' ପ୍ରଦାନ କରାଯିବ। ମୁଖ୍ୟ ଅତିଥି ଭାବେ ଗୋଆ ରାଜ୍ୟପାଳ ପି.ଏସ. ଶ୍ରୀଧରନ ପିଲାଇ ଓ ସମ୍ମାନିତ ଅତିଥି ଭାବରେ ଭୋପାଳସ୍ଥିତ ରବୀନ୍ଦ୍ରନାଥ ଟାଗୋର ବିଶ୍ୱବିଦ୍ୟାଳୟ ଏବଂ ଛତିଶଗଡ଼ ସିଭିରମଣ ବିଶ୍ୱବିଦ୍ୟାଳୟର କୁଳାଧିପତି ଡ. ସନ୍ତୋଷ ଚୌବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ୫-ଟି ସଚିବଙ୍କ ଜିଲା ଗସ୍ତ ସପକ୍ଷରେ ବାହାରିଲେ ବିଜେଡି ନେତା

ଭୁବନେଶ୍ୱର,୨୯।୬(ସୁନିତ୍ ମିଶ୍ର)

- ଏହି ଗସ୍ତ ଏକ ସ୍ୱାଭାବିକ ପ୍ରକ୍ରିୟା: ପ୍ରସନ୍ନ
- ୫-ଟି ସଚିବ ଯେମିତି ଲୋକଙ୍କ ସମସ୍ୟା ବୁଝୁଛନ୍ତି ସେଥିରେ ବିରୋଧୀ ଚିନ୍ତିତ: ରାଜେନ୍ଦ୍ର
- ବିଧାୟକ, ମନ୍ତ୍ରୀମାନେ ଏଥିପାଇଁ ଦାୟୀ: ତାରା
- ଲୋକେ ଖୁସିହେଉଛନ୍ତି ନା ନାହିଁ ସମୟ ଆସିଲେ ପ୍ରସନ୍ନବାବୁ ଜାଣିବେ: ପୂଜାରୀ

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ(୫-ଟି)ଙ୍କ ଜିଲା ଗସ୍ତ କାର୍ଯ୍ୟକ୍ରମକୁ ବିରୋଧୀଙ୍କ ବାରମ୍ବାର ଟାର୍ଗେଟ ପରେ ଏକାଧିକ ବିଜେଡି ନେତା ଗୁରୁବାର ପାଲଟା ଜବାବ ଦେବା ଆରମ୍ଭ କରିଦେଇଛନ୍ତି। ଏହାକୁ ନେଇ ଏବେ ରାଜନୀତି ଆହୁରି ଜୋର୍ ଧରିଛି। ଅପରପକ୍ଷେ ଭାଜପା ଓ କଂଗ୍ରେସ କିନ୍ତୁ ପୁଣି ଶାସକ ଦଳକୁ ଟାର୍ଗେଟ କରିଛନ୍ତି।

ବିଜେଡି ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ୫-ଟି ସଚିବଙ୍କ ବିଭିନ୍ନ ଜିଲା ଗସ୍ତ ଏକ ସ୍ୱାଭାବିକ ପ୍ରକ୍ରିୟା, ଏଥିରେ କିଛି ନୂଆ କଥା ନାହିଁ। ଆଉ ଏଥିରେ କ'ଣ ଉଲ୍ଲଂଘନ ହେଲା ବୁଝିହେଉନାହିଁ। ମୁଖ୍ୟମନ୍ତ୍ରୀଙ୍କ ସରକାରୀ ଘର ମଧ୍ୟ ଏବେ ଏକ ଜନଶୁଣାଣି କାର୍ଯ୍ୟାଳୟରେ ପରିଣତ ହୋଇଛି। ବହୁ ରାଜ୍ୟ ବୁଲିଥିଲେ ବି ମୁଁ ଏମିତି କେଉଁଠାରେ ଦେଖିନାହିଁ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଯେଉଁଭଳି ଲୋକଙ୍କ ନିକଟତର ହେଉଛି ଭାରତବର୍ଷରେ ସେମିତି କେଉଁଠି ଏପରି ଦେଖନାହିଁ। ଶାସନର ମୁଖ୍ୟ କେନ୍ଦ୍ର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ହୋଇଥିବାବେଳେ ତାହାଯଦି ଲୋକଙ୍କ ପାଖରେ ପହଞ୍ଚିବେ ତେବେ ଅସୁବିଧା କେଉଁଠି ରହିଲା ବୋଲି ପ୍ରସନ୍ନ ପ୍ରଶ୍ନ କରିଛନ୍ତି। ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ତାଙ୍କ ସଚିବ ପାଣ୍ଡିଆନ ସାର୍ ଯଦି ବିଭିନ୍ନ ଜିଲା ବୁଲି ପ୍ରକଳ୍ପ ସମୀକ୍ଷା କରୁଛନ୍ତି ଏଥିରେ ଅସୁବିଧା କ'ଣ ରହିଲା। ୫-ଟି ସଚିବ ଯେମିତି ଲୋକଙ୍କ ସମସ୍ୟା ବୁଝୁଛନ୍ତି ସେଥିରେ ବିରୋଧୀ ଚିନ୍ତିତ ବୋଲି ସେ କହିଛନ୍ତି। ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ଯଦି ୫-ଟି ସଚିବ ବୁଲିଲେ ତେବେ ସେଥିପାଇଁ କେଉଁମାନେ ଦାୟୀ। ନିର୍ବାଚିତ ପ୍ରତିନିଧିମାନେ ଅର୍ଥାତ୍ ବିଧାୟକ,ମନ୍ତ୍ରୀମାନେ ଏଥିଲାଗି ଦାୟୀ। ଲୋକ ପ୍ରତିନିଧିମାନେ ପାଣ୍ଡିଆନ୍ ଫେରିବା ପରେ ଟଙ୍କା ଦେବା କ୍ଷଣି ଧନ୍ୟବାଦ ଦେଉଛନ୍ତି। ଜଣେ ଏମ୍ପି ୫-ଟି ସଚିବଙ୍କୁ ମୁଖ୍ୟମନ୍ତ୍ରୀ ବୋଲି କହିଲେ ଏଥିରେ ଅସୁବିଧା କେଉଁଠି ରହିଲା। ଲୋକ ପ୍ରତିନିଧିମାନଙ୍କର ଯଦି ସ୍ୱାଭିମାନ ନାହିଁ ସାଧାରଣ ଲୋକଙ୍କୁ ଯଦି ଅର୍ଥ ମିଳିଲା ସେମାନେ ଖୁସି ହେଉଛନ୍ତି। ଲୋକ ପ୍ରତିନିଧିମାନେ ନିର୍ବାଚନକୁ ଯିବା ବେଳେ ଯେତେବେଳେ ଟିକେଟ କଟିବ ସେତେବେଳେ ବୁଝିବେ। ଲୋକଙ୍କୁ ବିଜେଡି ନେତାମାନେ ଯେତେବେଳେ କହିବେ ଆମେ ଏହିସବୁ କାମ କରିଛୁ ସେତେବେଳେ ଲୋକମାନେ କହିବେ ତୁମେ କେତେବେଳେ ଆଣିଲ, ଏସବୁ ପାଣ୍ଡିଆନ ଦେଇଛନ୍ତି। ଭାଜପା ଏମ୍ପି ସୁରେଶ ପୂଜାରୀ କହିଛନ୍ତି, ଲୋକମାନେ ଖୁସି ହେଉଛନ୍ତି ନା ଅପମାନ ବୋଧ କରୁଛନ୍ତି ସେକଥା ସମୟ ଆସିଲେ ପ୍ରସନ୍ନବାବୁ ଆଉ ବିଜେଡି ନେତୃତ୍ୱ ମଧ୍ୟ ଜାଣିବେ। ଓଡ଼ିଶାର ଲୋକମାନେ ସଚେତନ ନାଗରିକ। ଯେଉଁ ଲୋକମାନେ ସ୍ୱାଧୀନତା ପାଇଁ ବହୁ ମୂଲ୍ୟ ଦେଇଛନ୍ତି ସେମାନଙ୍କ ସାମ୍ନାରେ ଗଣତନ୍ତ୍ରର ହତ୍ୟା ହେଉଛି। ସେମାନେ ଯଦି ଖୁସି ହେଉଛନ୍ତି ବୋଲି ବିଜେଡି ନେତୃତ୍ୱ ଭାବୁଛନ୍ତି ତେବେ ଭୁଲ୍ ଭାବୁଛନ୍ତି। ସମୟ ଆସିଲେ ଜନସାଧାରଣ ଗଣତନ୍ତ୍ରକୁ ବୁଦ୍ଧିମନ୍ତ କରୁଥିବା ଲୋକଙ୍କୁ ପୁରସ୍କାର ଦିଅନ୍ତି ଆଉ ଗଣତନ୍ତ୍ରକୁ ହତ୍ୟା କରୁଥିବା ଲୋକଙ୍କୁ ଦଣ୍ଡ ମଧ୍ୟ ଦିଅନ୍ତି। ବୋଧହୁଏ ଦଣ୍ଡ ଦେବାର ସମୟ ଆସିଗଲାଣି। ଦଣ୍ଡ ନେବାକୁ ଏମାନେ ପ୍ରସ୍ତୁତ ହୁଅନ୍ତୁ ବୋଲି କହିଛନ୍ତି।

## ସୁନାବେଶ ଦର୍ଶନବେଳେ ଯୁବତୀଙ୍କ ମୃତ୍ୟୁ

ପୁରୀ,୨୯।୬(ଅଜିତ ମହାନ୍ତି) : ଗୁରୁବାର ମହାପ୍ରଭୁଙ୍କ ସୁନାବେଶ ଦର୍ଶନ ଚାଲିଥିବାବେଳେ ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଭୁବନେଶ୍ୱରର ସଂଘମିତ୍ରା ବାରିକ। ସଂଘମିତ୍ରା ଭିଡ଼ ମଧ୍ୟରେ ବ୍ୟାରିକେଡରେ ରହି ଠାକୁରଙ୍କୁ ଦର୍ଶନ କରୁଥିଲେ। ଏହି ସମୟରେ ସେ ହଠାତ୍ ଅଣନିଃଶ୍ୱାସୀ ହେବା ସହ ଅଚେତ ହୋଇ ତଳେପଡ଼ି ଯାଇଥିଲେ। ସ୍ଥାନୀୟ ଲୋକ ଓ ପୋଲିସ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କର ଚିକିତ୍ସା କରି ମୃତ ଘୋଷଣା କରିଥିଲେ।


ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ରସ୍ଥିତ ଉତ୍କଳ ରଙ୍ଗମଞ୍ଚଠାରେ ରୁଦ୍ରାକ୍ଷ ଫାଉଣ୍ଡେଶନର ଷଷ୍ଠ ସଙ୍ଗୀତ ଓ ନୃତ୍ୟ ଉତ୍ସବ 'ବର୍ଣ୍ଣାଳି'ରେ ପଦ୍ମଶ୍ରୀ ଗୁରୁ ଗୀତା ମହାଲିକଙ୍କୁ ଅତିଥିମାନେ 'ବର୍ଣ୍ଣାଳି ସମ୍ମାନ' ପ୍ରଦାନ କରୁଛନ୍ତି। (ଫଟୋ-ବିକାଶ ନାୟକ)

## ୨ଜଣଙ୍କୁ ଓଡ଼ିଶୀନୃତ୍ୟ ସଙ୍ଗୀତ ସମ୍ମାନ

ଭୁବନେଶ୍ୱର,୨୯।୬(ଶର୍ମିଷ୍ଠା ପାଣିଗ୍ରାହୀ)

ନୃତ୍ୟାଙ୍ଗନା ପକ୍ଷରୁ ଗୁରୁବାର ୧୨ତମ ଓଡ଼ିଶୀ ନୃତ୍ୟ ସଙ୍ଗୀତ ସମ୍ମାନ ୨୦୨୨-୨୩ ପ୍ରଦାନ ଉତ୍ସବ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଗାଳ୍ପିକ ଡ. ଇନ୍ଦିରା ଦତ୍ତ, ପାସପୋର୍ଟ ସେବାକେନ୍ଦ୍ରର ମ୍ୟାନେଜର ପ୍ରତାପ ଚନ୍ଦ୍ର ନନ୍ଦ, ସଙ୍ଗୀତ ନାଟକ ପୁରସ୍କାରପ୍ରାପ୍ତ ଗୁରୁ ମୀନାକ୍ଷୀ ବେହେରା, ଓଡ଼ିଶୀ ନୃତ୍ୟାଙ୍ଗନା ପ୍ରଣତି ମହାନ୍ତି, ଓଡ଼ିଶୀ ନୃତ୍ୟାଙ୍ଗନା ଡ. ଇତିଶ୍ରୀ ଦ୍ୱିବେଦୀ, ପ୍ରଫେସର ନବୀନ କୁମାର ସାହୁ, ପ୍ରଫେସର ଡ. ରାଜେଶ କୁମାର ଭୋଳ, ମହେନ୍ଦ୍ର କୁମାର ସାହୁ, ଆସିଷ୍ଟାଣ୍ଟ ପ୍ରଫେସର ଲିପସିତା ସାମନ୍ତରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶୀ ନୃତ୍ୟାଙ୍ଗନା ଗୁରୁ ସିକତା ଦାସ ଓ ସାମ୍ବାଦିକା ମିନତି ସିଂହାଙ୍କୁ ଓଡ଼ିଶୀ ନୃତ୍ୟ ସଙ୍ଗୀତ ସମ୍ମାନ ପ୍ରଦାନ କରାଯାଇଛି। ପରେ ଓଡ଼ିଶୀରେ ଗୀତଗୋବିନ୍ଦ, ଶ୍ରୀ ଜଗନ୍ନାଥ, ଦୁର୍ଗାସ୍ତୁତି, ଆହେ ନୀଳ ଶଇଳ ପରିବେଷଣ କରାଯାଇଥିଲା। ଏହାପରେ ଆଦିବାସୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ ହୋଇଥିଲା।


ଓଡ଼ିଶୀ ନୃତ୍ୟ ସଙ୍ଗୀତ ସମ୍ମାନ ୨୦୨୨-୨୩ ପ୍ରଦାନ ଉତ୍ସବରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ: ମୌସମ ନନ୍ଦ)

## ମିଲେଟ୍ର ପ୍ରଚାର ପାଇଁ ମିଳିତ ଉଦ୍ୟମ ଆରମ୍ଭ

ଭୁବନେଶ୍ୱର,୨୯।୬(ଶର୍ମିଷ୍ଠା ପାଣିଗ୍ରାହୀ)

### ଓଡ଼ିଶା ମିଲେଟ ମିଶନ ଓ ହାରୋର ବୈଠକ

ମିଲେଟ୍ର ପ୍ରଚାର ପାଇଁ ଓଡ଼ିଶା ମିଲେଟ୍ ମିଶନ ଏବଂ ହୋଟେଲ ଆଣ୍ଡ୍ ରେଷ୍ଟୁରାଣ୍ଟ ଆସୋସିଏଶନ (ହାରୋ) ହାତ ମେଳାଇଛନ୍ତି। ଉଭୟ ମିଳିତ ଭାବେ କାର୍ଯ୍ୟ କରିବେ ସେନେଇ ଆଲୋଚନା କରାଯାଇଛି। ଏନେଇ ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଆୟୋଜିତ ବୈଠକରେ ପ୍ରତିନିଧିମାନେ ଯୋଗଦେଇଥିଲେ। ପ୍ରାରମ୍ଭରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ମୁଖ୍ୟ ସଚିବ ଡ. ଅରବିନ୍ଦ ପାଢ଼ୀ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରିଥିଲେ। ମିଲେଟ୍ସର ପ୍ରୋତ୍ସାହିତ କରି ହୋଟେଲଗୁଡ଼ିକ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ ତଥା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ଜୀବନ ଜୀବିକାରେ ଉନ୍ନତି ଘଟାଇପାରିବେ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଏହାଛଡ଼ା ହୋଟେଲଗୁଡ଼ିକ ମିଲେଟ୍କୁ ନେଇ ପୂର୍ବରୁ ରହିଥିବା ଧାରଣା ଏବଂ ସହରାଞ୍ଚଳ ଗ୍ରାହକମାନଙ୍କ ସ୍ୱାଦକୁ ବଦଳାଇବାରେ ମଧ୍ୟ ଅଗ୍ରଣୀ ଭୂମିକା ଗ୍ରହଣ କରିପାରିବେ ବୋଲି ସେ କହିଥିଲେ। ହାରୋର କାର୍ଯ୍ୟନିର୍ବାହୀ ସେକ୍ରେଟାରୀ କେ.କେ.ରାଓ କହିଛନ୍ତି, ହୋଟେଲଗୁଡ଼ିକ ସ୍ୱତନ୍ତ୍ର ଦିନଗୁଡ଼ିକ ପାଇଁ ସ୍ୱତନ୍ତ୍ର ମିଲେଟ ବଫେଟ୍ ଆରମ୍ଭ କରିସାରିଛନ୍ତି। ଗ୍ରାହକଙ୍କ ମଧ୍ୟରେ ଚାହିଦା ବୃଦ୍ଧି ପାଇଲେ ଏଥିରେ ଆହୁରି ଉନ୍ନତି ଘଟିପାରିବ। ସେହିପରି ଅନେକ ହୋଟେଲ ମଧ୍ୟ ପରୀକ୍ଷାମୂଳକ ଭାବରେ ମିଲେଟ୍ ପ୍ରସ୍ତୁତ ଡିସ୍ ଯୋଗାଇ ଦେଉଥିବା ସେ କହିଛନ୍ତି। କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମ ଚନ୍ଦ୍ର ଚୌଧୁରୀ ପରାମର୍ଶ ଦେଇ କହିଛନ୍ତି, ହାରୋ ସଦସ୍ୟଙ୍କ ସହଯୋଗରେ ମିଲେଟ ଖାଦ୍ୟ ଉତ୍ସବର ଆୟୋଜନ କରାଯାଇପାରିବ। ହୋଟେଲର ରୁମମାନଙ୍କରେ ମିଲେଟ୍ସ ସ୍ନାକ୍ସ ରଖାଯାଇପାରିବ। ମିଲେଟ୍ସର ଉପକାରିତା ସମ୍ପର୍କିତ ବ୍ରୋଶରଗୁଡ଼ିକୁ ଅତିଥିମାନଙ୍କ କୋଠରିରେ ରଖାଯାଇପାରିବ। ଅତିଥିମାନଙ୍କ ମଧ୍ୟରେ ଅଧିକ ସଚେତନତା ସୃଷ୍ଟି କରିବା ପାଇଁ ମିଲେଟ୍ସ ସମ୍ବନ୍ଧୀୟ ଭିଡିଓ କ୍ଲିପ୍ ଏବଂ ଷ୍ଟାଣ୍ଡି ମଧ୍ୟ ରଖାଯାଇପାରିବ। ପର୍ଯ୍ୟଟନ ବିଭାଗର ପ୍ରତିନିଧିମାନେ କହିଛନ୍ତି, ଇକୋ-ରିଟ୍ରିଟ, ପର୍ଯ୍ୟଟନ ସ୍ଥଳ ଆଦିରେ ମିଲେଟ୍ସର ପ୍ରୋତ୍ସାହନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ନିୟମିତ ପର୍ଯ୍ୟଟନ ସମ୍ବନ୍ଧୀୟ ପ୍ରୋତ୍ସାହନମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ମିଲେଟ୍ସର ପ୍ରସାର ସହ ଏହାର ବ୍ରାଣ୍ଡିଂ କରିବାକୁ ପର୍ଯ୍ୟଟନ ବିଭାଗ ଆଗ୍ରହୀ ହୋଇ ରହିଥିବା ସେମାନେ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୩୦ ଜୁନ୍, ୨୦୨୩



## ସଂକ୍ଷେପରେ

### କର୍କଟ ପୀଡ଼ିତଙ୍କୁ ସହାୟତା



ଫୁଲନଖରା,୨୯।୬(ସତ୍ୟରଞ୍ଜନ ଦାସମହାପାତ୍ର)- କଟକ ସଦର ଥାନା ଅନ୍ତର୍ଗତ ଉଷୁମା ଗ୍ରାମର ଜଗନ୍ନାଥ ଭୋଇ ଦୀର୍ଘଦିନ ହେବ କର୍କଟ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଛନ୍ତି। ହେଲେ ତାଙ୍କ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାରୁ ପରିବାର ଚଳିବା ମଧ କଷ୍ଟକର ହୋଇପଡିଛି। ଏ ସମ୍ପର୍କରେ ଖବର ପାଇବା ପରେ ଇଂ. ଅଭିଷେକ ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଜଗନ୍ନାଥଙ୍କୁ ସହାୟତା ପ୍ରଦାନ କରାଯାଇଛି। ଏହି ଅବସରରେ କାଜିପାଟଣା ଗ୍ରାମର ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରାଙ୍ଗଣରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ ରଞ୍ଜନ କୁମାର ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଆଦିତ୍ୟ ବିର୍ଲାର ସିଇଓ ସଂପୃକ୍ତ ମିଶ୍ର ଓ ଅନ୍ୟତମ ଅତିଥି ସୁବ୍ରତ ମହାପାତ୍ର ଯୋଗଦେଇ ଟ୍ରଷ୍ଟ ପକ୍ଷରୁ ଦିଆଯାଇଥିବା ୭୦ ହଜାର ଟଙ୍କାର ଚେକ୍ ଜଗନ୍ନାଥଙ୍କୁ ପ୍ରଦାନ କରିଥିଲେ। ଗୋ ମଙ୍ଗଳ ସମିତି ସମ୍ପାଦକ ଚିନ୍ମୟ ପାତ୍ର ଧନ୍ୟବାଦ ଦେଇଥିଲେ।

କୋଟିଏରୁ ଊର୍ଦ୍ଧ୍ୱ ବ୍ରାଉନସୁଗାର ଜବତ ଘଟଣା

### ୩ ବର୍ଷ ପରେ ତୃତୀୟ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୯।୬(ସତ୍ୟଜିତ ରାଉତ) - ରାଜଧାନୀରୁ କୋଟିଏରୁ ଊର୍ଦ୍ଧ୍ୱ ବ୍ରାଉନସୁଗାର ଜବତ ଘଟଣାରେ ଫେରାର ଥିବା ତୃତୀୟ ଅଭିଯୁକ୍ତଙ୍କୁ ୩ ବର୍ଷ ପରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଞ୍ଚଳର ବାପି ଓରଫ ବୀରେନ୍ଦ୍ର ମଙ୍ଗରାଜ। ବାପିଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ପୂର୍ବରୁ ୧ କେଜି ୮ ଗ୍ରାମର ବ୍ରାଉନସୁଗାର ଜବତ ସହ ଜଙ୍କିଆ ଅଞ୍ଚଳର ଅଜୟ ମହାପାତ୍ର ଓ ବେଗୁନିଆ ଅଞ୍ଚଳର ବିଭୂତି ଭୂଷଣ ଜେନାଙ୍କୁ ଏସ୍‌ଟିଏଫ୍ ଗିରଫ କରିଥିଲା।

ସୂଚନା ଅନୁଯାୟୀ, ଅଜୟ ନିଶା କାରବାର ମାମଲାରେ ଗିରଫ ପରେ ଜେଲ ଯାଇ ପୁଣି ବାହାରିଥିଲେ। ୨୦୨୦ରେ କରୋନା ପାଇଁ ଲକ୍‌ଡାଉନ୍ ଜାରି ରହିଥିବା ଯୋଗୁ ଅଭିଯୁକ୍ତମାନେ ବେପାର ବନ୍ଦ କରିଦେଇଥିଲେ। ଲକ୍‌ଡାଉନ୍ କଟକଣା କୋହଳ ହେବା ପରେ ଅଭିଯୁକ୍ତମାନେ ବ୍ରାଉନସୁଗାର ବେପାର ଆରମ୍ଭ କରିଥିଲେ। ଅଜୟ, ବିଭୂତି ଓ ବାପି ବାଲେଶ୍ୱରରୁ ବ୍ରାଉନସୁଗାର ଆଣି ତମାଣ୍ଡୋ ଅଞ୍ଚଳରେ ବିକ୍ରି ପାଇଁ ଗ୍ରାହକ ଖୋଜୁଥିବା ବେଳେ ୨୦୨୦ ଜୁନ ୧ରେ ଏସ୍‌ଟିଏଫ୍ ପକ୍ଷରୁ ଚଢ଼ଉ କରାଯାଇଥିଲା। ଏହି ସମୟରେ ଏସ୍‌ଟିଏଫ୍ ଟିମ୍ ଅଜୟ, ବିଭୂତିଙ୍କୁ କାବୁ କରିଥିଲେ। ହେଲେ ସେହି ସମୟରେ ବାପି ଏସ୍‌ଟିଏଫ୍ ଟିମ୍ କବଳରୁ ଖସି ପଳାଇ ଯାଇଥିଲେ। ଏନେଇ ଏସ୍‌ଟିଏଫ୍ ଏକ ମାମଲା (ନଂ.୧୭/୨୦୨୦) ରୁଜୁ କରି ଅଜୟ, ବିଭୂତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ହେଲେ ସେହି ଦିନଠୁ ଏସ୍‌ଟିଏଫ୍ ଟିମ୍ ବାପିଙ୍କୁ ଗିରଫ କରିବାକୁ ଖୋଜାଖୋଜି କରୁଥିଲା।

# ଭାଜପା ନେତାଙ୍କ ସୁରକ୍ଷାକର୍ମୀ, ସହଯୋଗୀ ଗିରଫ

**ବିଜେଡି କର୍ପୋରେଟରଙ୍କ ଭାଇ, ପୁତୁରାଙ୍କୁ ଗୁଳିମାଡ଼ ଘଟଣା**

- ଉଭୟ ପକ୍ଷରୁ ଏତଲା, ପୃଥକ ମାମଲା ରୁଜୁ
- ଗୋଟିଏ ରିଭଲଭର୍, ବନ୍ଧୁକ, ୮ ଗୁଳି, ୯ ଖୋକା ଜବତ
- ଫେରାର ଅନ୍ୟ ଅଭିଯୁକ୍ତଙ୍କୁ ଖୋଜୁଛି ସ୍ୱତନ୍ତ୍ର ଟିମ୍

ଭୁବନେଶ୍ୱର,୨୯।୬ (ସତ୍ୟଜିତ୍ ରାଉତ):

ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଝାରପଡ଼ାସ୍ଥିତ ପ୍ରଜାପତି ବିବାହ ମଣ୍ଡପ ସାମ୍ନାରେ ୨ଟି କାର୍ ମଧ୍ୟରେ ସାଇଡ୍‌ମରାକୁ ନେଇ ଦୁଇ ରାଜନୈତିକ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ସହ ଗୁଳିମାଡ଼ ଘଟଣାରେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ଦୁଇ ପକ୍ଷର ଏତଲାକ୍ରମେ ପୋଲିସ ପୃଥକ ମାମଲା ରୁଜୁ କରିଛି। ଭାଜପା ନେତା ପ୍ରଭାତ ମାର୍ଥାଙ୍କ ସ୍ତ୍ରୀ ପ୍ରିୟଦର୍ଶିନୀଙ୍କ ଏତଲା ଆଧାରରେ ପ୍ରଥମ ମାମଲା (ନଂ.୨୬୨/୨୦୨୩) ରୁଜୁ ହୋଇଛି। ପ୍ରଭାତ ଓ ତାଙ୍କ ସହଯୋଗୀଙ୍କୁ ପ୍ରତିପକ୍ଷ ଗୋଷ୍ଠୀରୁ ଆକ୍ରମଣ ସହ ଗୁଳିମାଡ଼ କରାଯାଇଥିବା ଏତଲାରେ ଉଲ୍ଲେଖ କରାଯାଇଛି। ଏହି ମାମଲାରେ ୩୨ ନମ୍ବର ୱାର୍ଡର ବିଜେଡି କର୍ପୋରେଟର ଶ୍ରୀଧର ଜେନା, ତାଙ୍କ ବଡ଼ ଭାଇ ଶିଖର ଜେନା, ପୁତୁରା ଦୀପକ ଜେନା ଓ ଆଲୋକ ଜେନାଙ୍କ ସମେତ ଅନ୍ୟମାନଙ୍କୁ ପୋଲିସ ଅଭିଯୁକ୍ତ ଦର୍ଶାଇଛି। ସେହିଭଳି ଶ୍ରୀଧରଙ୍କ ଏତଲା ଆଧାରରେ ପୋଲିସ ରୁଜୁ କରିଥିବା ମାମଲା (ନଂ.୨୬୩/୨୦୨୩)ରେ ପ୍ରଭାତ ମାର୍ଥା, ତାଙ୍କ ବ୍ୟକ୍ତିଗତ ସୁରକ୍ଷାକର୍ମୀ ତଥା ପୂର୍ବତନ ଆର୍ମି ଅଫିସର ଦିବାକର କଳସ, ପ୍ରଦୀପ ମାର୍ଥା, ଅମରଜିତ୍ ମାର୍ଥା, ଅଜିତ୍ ମାର୍ଥା, ଜଗନ୍ନାଥ ପ୍ରଧାନ, ଉଲିଝନ୍ ମଙ୍ଗରାଜ ଓ ରାଜା ସାହୁଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି। ତେବେ ପ୍ରଭାତଙ୍କ ପିଏସ୍‌ଓ ଦିବାକର ଓ ସହଯୋଗୀ ରାଜା ଗୁଳିଚାଳନାରେ ସମ୍ପୃକ୍ତ



ଗିରଫ ଅଭିଯୁକ୍ତ ଓ ଜବତ ବନ୍ଧୁକ, ଗୁଳି।

ଥିବା ପୋଲିସ ପ୍ରାଥମିକ ପ୍ରମାଣ ପାଇବା ପରେ ଉଭୟଙ୍କୁ ଗିରଫ କରିଛି। ଏଥିସହ ପୋଲିସ ଗୋଟିଏ ରିଭଲଭର୍, ଗୋଟିଏ ଦେଶୀ ବନ୍ଧୁକ, ୮ ରାଉଣ୍ଡ ଗୁଳି ଓ ୯ଟି ଖୋକା ଜବତ କରିଛି। କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଦୁଇଟି ମାମଲାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଡିସିପି ପ୍ରତୀକ ସିଂ ଖବରଦାତା ସମ୍ମିଳନୀରେ କହିଛନ୍ତି।

ଡିସିପିଙ୍କ ସୂଚନାନୁଯାୟୀ, ଦୁଇ ଗୋଷ୍ଠୀ ମଧ୍ୟରେ ପୂର୍ବରୁ ଶତ୍ରୁତା ଥିଲା। ବୁଧବାର ରାତି ପ୍ରାୟ ୧୦ଟା ୪୦ରେ ମଣ୍ଡପ ସାମ୍ନା ରାସ୍ତାରେ କୌଣସି ଏକ କାମରେ ପ୍ରଭାତ ନିଜ ସହଯୋଗୀଙ୍କ ସହ କାର୍‌ରେ ଯାଉଥିଲେ। ଏହି ସମୟରେ ପାଣ୍ଡରା ପଟୁ ଶିଖରଙ୍କ ବଡ଼ ପୁଅ ଦୀପକ ତାଙ୍କ ସାଙ୍ଗଙ୍କ ସହ ଆଉଏକ କାର୍‌ରେ ଆସୁଥିଲେ। ମଣ୍ଡପ ସାମ୍ନାରେ ଉଭୟ ଗୋଷ୍ଠୀର ଦୁଇଟି କାର୍ ମୁହାଁମୁହିଁ ହୋଇଥିଲା। କେହି କାହାକୁ ସାଇଡ୍ ନ ଦେବାରୁ ଉଭୟଙ୍କ ମଧ୍ୟରେ ବଚସାରୁ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ଏହି ସମୟରେ ଉଭୟ ପରିବାର ଲୋକେ ସେମାନଙ୍କ ସହଯୋଗୀ ସହ ଘଟଣାସ୍ଥଳରେ ପହଞ୍ଚିବା ପରେ ଗଣ୍ଡଗୋଳ ତୀବ୍ର ରୂପ ନେଇଥିଲା। ଖବର ପାଇ ପିସିଆର୍ ଟିମ୍ ମଧ୍ୟ ସେଠାକୁ ଆସୁଥିଲା। ତେବେ ଉଭୟ ଗୋଷ୍ଠୀ ମୁହାଁମୁହିଁ ହୋଇଥିବାବେଳେ ପ୍ରଭାତଙ୍କ ପିଏସ୍‌ଓ ଦିବାକର ତାଙ୍କ ଲାଇସେନ୍ସପ୍ରାପ୍ତ ବନ୍ଧୁକରୁ ଗୁଳିଚାଳନା କରିଥିଲେ। ଗୁଳିମାଡ଼ରେ ଶିଖର ଓ ତାଙ୍କ ସାନପୁଅ ଆଲୋକ ଆହତ ହୋଇଥିଲେ। ପୋଲିସକୁ ଦେଖି ଗଣ୍ଡଗୋଳକାରୀ ଦୁଇ ଗୋଷ୍ଠୀ ଘଟଣାସ୍ଥଳ ଛାଡ଼ି ପଳାଇଥିବାବେଳେ ପ୍ରଭାତଙ୍କ ପିଏସ୍‌ଓ ଦିବାକର ଓ ସହଯୋଗୀ ରାଜାଙ୍କୁ କାବୁ କରାଯାଇଥିଲା ବୋଲି ଡିସିପି ସିଂ କହିଛନ୍ତି। କିନ୍ତୁ ଘଟଣାସ୍ଥଳରେ ପ୍ରାୟ ୧୨ ରାଉଣ୍ଡ ଗୁଳିଚାଳନା ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ତେବେ ରାଜାଙ୍କ ପାଖରୁ ଜବତ ହୋଇଥିବା ଦେଶୀ ବନ୍ଧୁକ କାହାର ଓ ସେଥିରେ ଗୁଳିଚାଳନା ହୋଇଥିଲା କି ନାହିଁ ତାହାକୁ ନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ପ୍ରଭାତ ଫେରାର ଥିବାବେଳେ ସେ ଓ ସମ୍ପୃକ୍ତ ଅନ୍ୟମାନେ ଧରାପଡ଼ିଲେ ଗୁଳିକାଣ୍ଡ ଘଟଣାର ଅଧିକ ତଥ୍ୟ ଜଣାପଡ଼ିବ ବୋଲି ଡିସିପି ସିଂ କହିଛନ୍ତି। ଅନ୍ୟପକ୍ଷରେ ଗୁରୁବାର ସକାଳେ ପୋଲିସ ଉପସ୍ଥିତିରେ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିବା ସହ ବିଭିନ୍ନ ନମୁନା ସଂଗ୍ରହ କରିଛି। ସେପଟେ ଆହତ ଶିଖର ଓ ପୁଅ ଆଲୋକ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ସୂଚନା ଦିଆଯାଇଛି।

## ବେଆଇନ ଗୋଚାଲାଣ, ୪ ଗିରଫ

କଟକ ସଦର,୨୯।୬ (ସୁଶାନ୍ତ କୁମାର ଜେନା)

ବେଆଇନ ଗୋଚାଲାଣ ଅଭିଯୋଗରେ କନ୍ଦରପୁର ପୋଲିସ ୪ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କଟକ ଖାନ୍‌ନଗର ଅଞ୍ଚଳର ଅଜୟ ଦାସ(୫୫), ନାଉଗାଁ ଅଞ୍ଚଳର ବିଜୟ ବେହେରା(୪୪), ଡ୍ରାଇଭର ବାପିନା ବେହେରା(୩୫) ଓ ଦେବେନ୍ଦ୍ର ସେଠୀ(୩୦)। ବୁଧବାର ସନ୍ଧ୍ୟାରେ ଗୋରୁ ବୋଝେଇ ଦୁଇଟି ଗାଡ଼ି ପାରାଦୀପରୁ କଟକ ଅଭିମୁଖେ ଯାଉଥିଲା। ଖବରପାଇ ହିନ୍ଦୁ ସେନାର ସଦସ୍ୟମାନେ ଫକୀରପଡା ନିକଟରେ ଚଢ଼ାଉ କରି ଗୋରୁ ଗାଡି ଜବତ କରିଥିଲେ। ପରେ ଉକ୍ତ ଗାଡିକୁ ପୋଲିସ ଜିମା ଦିଆଯାଇଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୧୨୩/୨୩) ରୁଜୁ ହୋଇଛି।

## ସ୍ୱାସ୍ଥ୍ୟସେବା ଶିବିର



ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

କଟକ,୨୯।୬ (କାର୍ତ୍ତିକ ସାହୁ)

ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ (ଏନ୍‌ଏଲ୍‌ୟୁ) ପକ୍ଷରୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସୌଜନ୍ୟରେ ଏକ ସ୍ୱାସ୍ଥ୍ୟସେବା ଶିବିର ନରାଜ ନିକଟସ୍ଥ ବ୍ରଜବିହାରୀପୁରଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏଲ୍‌ୟୁ ଓ କୁଟୁମ୍ବ ପ୍ରକଳ୍ପ ଅଧୀନରେ ପୋଷ୍ୟ ଗ୍ରହଣ କରାଯାଇଥିବା ବ୍ରଜବିହାରୀପୁର, ବାଲ୍ମୀକିନଗର ମୁଣ୍ଡାସାହି ଏବଂ ବାବା ତିଲ୍‌କାନଗରରେ ଗର୍ଭବତୀ ମହିଳା, ଶିଶୁମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏନ୍‌ଏଲ୍‌ୟୁର କୁଳପତି ପ୍ରଫେସର ବେଦ୍ କୁମାରୀଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା। ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର୍ ପ୍ରଫେସର ରଙ୍ଗିନ୍ ପଲ୍ଲବ ତ୍ରିପାଠୀ, ପ୍ରକଳ୍ପ ସଂଯୋଜିକା ଡ. ସୁମନ ଦାସ ଭଟ୍ଟ ମିଶ୍ର, ଡ. କୁନ୍ତିରାଣୀ ପଧାନ, ଅଙ୍କିତା ଗୁପ୍ତା, ନିକିତା ପାଟଯୋଶୀ, ଅନନ୍ୟା ଦାସ, ଅକ୍ଷୟ ବର୍ମା, ଉଦିତ ନାରାୟଣ ମିଶ୍ର, ରଶ୍ମିରେଖା ବାଗ୍, କଲ୍ଲୋଳ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଏନ୍‌ଏଲ୍‌ୟୁ ଆଇନ ସହାୟତା କେନ୍ଦ୍ରର ସ୍ୱତନ୍ତ୍ର ଅଧିକାରୀ ଦୂର୍ବାଦଳ ମନ୍ତ୍ରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



ଇଦ୍-ଉଜ୍-ଜୁହା ଅବସରରେ ଗୁରୁବାର କଟକ ସତିଚୌରା ଛକ ନିକଟ ଇଦ୍‌ଗାଠାରେ ମୁସଲମାନମାନେ ସାମୂହିକ ନମାଜ ପାଠ କରୁଛନ୍ତି।

## ସରପଞ୍ଚଙ୍କୁ ଆକ୍ରମଣ: ଅଭିଯୁକ୍ତ ଗିରଫ

କଣ୍ଟାପଡା, ୨୯।୬(ସୁର ନାରାୟଣ ସାହୁ)

କଣ୍ଟାପଡା ବ୍ଲକ ଅନ୍ତର୍ଗତ ବ୍ରାହ୍ମଣବାଟୀ ପଞ୍ଚାୟତର ସରପଞ୍ଚ ସଞ୍ଜୟ ରାଉତରାୟଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଗୋବିନ୍ଦପୁର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ବ୍ରାହ୍ମଣବାଟୀ ଗ୍ରାମର ସୁବ୍ରତ ପାତ୍ର। ପୋଲିସ ସୂତ୍ରରୁ ପ୍ରକାଶ, ମଙ୍ଗଳବାର ସକାଳେ ସଞ୍ଜୟ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଉଥିବାବେଳେ ସୁବ୍ରତ ପାତ୍ର ଓ ତାଙ୍କ ସାନଭାଇ ସ୍ନେହାଂଶୁ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ସଞ୍ଜୟ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୨୯/୨୩) ରୁଜୁ କରିଥିଲା। ବୁଧବାର କଣ୍ଟାପଡା ବ୍ଲକ ଅଧୀନ ୧୪ଟି ପଞ୍ଚାୟତର ସରପଞ୍ଚ କଟକସଦର ଉପଖଣ୍ଡ ପୋଲିସ ଅଧିକାରୀ ରଶ୍ମିରଞ୍ଜନ ସାହୁଙ୍କୁ ଅଡଶପୁରସ୍ଥିତ ତାଙ୍କ କାର୍ଯ୍ୟାଳୟରେ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ୨ ଦିନ ଭିତରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନିଆଗଲେ ସରପଞ୍ଚମାନେ ଗୋବିନ୍ଦପୁର ଥାନା ସମ୍ମୁଖରେ ଧାରଣା ଦେବା ପାଇଁ ଚେତାବନୀ ଦେଇଥିଲେ। ଗୁରୁବାର ସକାଳେ ପୋଲିସ ସୁବ୍ରତଙ୍କୁ ବ୍ରାହ୍ମଣବାଟିରୁ ଗିରଫ କରିଥିଲା। ତେବେ ସୁବ୍ରତଙ୍କ ପାଲଟା ଅଭିଯୋଗକ୍ରମେ ପୋଲିସ ଆଉ ଏକ ମାମଲା(ନଂ.୧୩୦/୨୩) ରୁଜୁ କରି ତଦନ୍ତ ଚଳାଇଛି।

## ଥାନା ପାଖରୁ ମିଳିଲା ନବଜାତ କନ୍ୟା ସନ୍ତାନ

ବାରଙ୍ଗ,୨୯।୬(ଲିଙ୍ଗରାଜ ରାଉତ)

ନନ୍ଦନକାନନ ଥାନା ପାଖ ଦଳ ଭିତରୁ ଗୁରୁବାର ବଡ଼ିଭୋର ସମୟରେ ଏକ ନବଜାତ କନ୍ୟା ସନ୍ତାନ ମିଳିଛି। ଥାନା ପଛପଟ ଲେବର ବ୍ୟାରାକରେ ରହୁଥିବା ପବିତ୍ର ଦାସ ନାମକ ନନ୍ଦନକାନନର ଅସ୍ଥାୟୀ କର୍ମଚାରୀ ଏହି ଛୁଆଟିକୁ ପାଇଛନ୍ତି। ସବୁଦିନ ଭଳି ନନ୍ଦନକାନନ ଜୀବଜନ୍ତୁଙ୍କ ପାଇଁ ପବିତ୍ର ଘାସ କାଟିବାକୁ ଯାଇଥିବାବେଳେ ଥାନା ପାଖରେ ଥିବା ବ୍ରିଜ ଉପର କିଛି ସମୟ ପାଇଁ ଛିଡା ହୋଇଥିଲେ। ଏହି ସମୟରେ ବ୍ରିଜ ତଳେ ଥିବା ଘାସ ଓ ଦଳ ଉପରେ ଛୋଟ ପିଲାର କାନ୍ଦିବାର ଶବ୍ଦ ଶୁଣିବାକୁ ପାଇଥିଲେ। ପରେ କାନ୍ଦକୁ ଅନୁସରଣ କରି ପବିତ୍ର ବ୍ରିଜ ତଳକୁ ଓହ୍ଲାଇ ଦଳ ଭିତରୁ ଯିବାବେଳେ ନବଜାତ କନ୍ୟା ସନ୍ତାନକୁ ପଡ଼ିଥିବା ଦେଖି ଉଦ୍ଧାର କରିଥିଲେ। କିନ୍ତୁ ନବଜାତ ଛୁଆଟିର ଶରୀରର କେତେକ ସ୍ଥାନରେ ସାମାନ୍ୟ କ୍ଷତ ଥିବାର ଦେଖିବାକୁ ପାଇଥିଲେ। ଗୋଟେ ପଟେ ଅଭାବ ଭିତରେ କାଳତିପାତ କରୁଥିବାବେଳେ ନିଜର ଝିଅ ନ ଥିବାରୁ ଏହା ଭଗବାନଙ୍କ ଦାନ ଭାବି ଝିଅଟିକୁ ଅତିଶ୍ରଦ୍ଧାର ସହ ଘରକୁ ନେଇଆସିଥିଲେ। ପରେ ପବିତ୍ର ଝିଅକୁ ନେଇ ଚିକିତ୍ସା ପାଇଁ ଏକ ଘରୋଇ ଡାକ୍ତରଖାନାକୁ ଯାଇଥିଲେ। ସେଠାରେ ଅଧିକ ଅର୍ଥ ଖର୍ଚ୍ଚ ହେବାକୁ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତରଙ୍କ ପରାମର୍ଶକ୍ରମେ କ୍ୟାପିଟାଲ ହସ୍ପିଟାଲକୁ ପିଲାଟିକୁ ନେଇଯାଇଥିଲେ। ପିଲାଟିକୁ ଏକ ପରିତ୍ୟକ୍ତ ଜାଗା ଦଳ ମଧ୍ୟରୁ ପାଇଥିବାର ଡାକ୍ତରଙ୍କୁ ସୂଚନା ଦେଇଥିଲେ। ଏହାପରେ ପିଲାଟିର ଜୀବନ ବଞ୍ଚାଇବା ପାଇଁ ନେହୁରା ହେବାରୁ ଆଇସିୟୁରେ ପିଲାଟିକୁ ଭର୍ତ୍ତି କରିଦେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ପିଲାଟିର ସ୍ୱାସ୍ଥ୍ୟବସ୍ଥା କିପରି ଅଛି ଜାଣିବା ଓ ପିଲାଟିକୁ ଦେଖିବା ପାଇଁ ଡାକ୍ତରଖାନା କର୍ମଚାରମାନେ ଅସହଯୋଗ କରୁଥିବାର ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି।

## ମେଣ୍ଢାଶାଳ ଫାଣ୍ଡି ପାଇଁ ଭୂମି ପୂଜନ

ବାରଙ୍ଗ,୨୯।୬(ଲିଙ୍ଗରାଜ ରାଉତ)

ବାରଙ୍ଗସ୍ଥିତ ଗିରିଙ୍ଗାପୁଟ ପାଖରେ ମେଣ୍ଢାଶାଳ ଫାଣ୍ଡି ପାଇଁ ଭୂମିପୂଜନ କରାଯିବା ସହ କାମ ଆରମ୍ଭ ହୋଇଛି। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ୧୯୮୮ମସିହାରେ ମେଣ୍ଢାଶାଳଠାରେ ଫାଣ୍ଡି କାର୍ଯ୍ୟକ୍ଷମ ହୋଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ଡେରାସ ସରକାରୀ କୃଷି ଫାର୍ମର ଏକ ପରିତ୍ୟକ୍ତ ଟିଣ ଘରେ ଏହା କାର୍ଯ୍ୟ କରିଥିଲା। ବାତ୍ୟା ଫନୀରେ ଉକ୍ତ ଘରଟି ଭାଙ୍ଗିଯିବା ପରେ ଏକ ସରକାରୀ ବିଦ୍ୟାଳୟର ପରିତ୍ୟକ୍ତ ଘରେ ଫାଣ୍ଡି ଚାଲିଥିଲା। ତେବେ ଗିରିଙ୍ଗାପୁଟ ପାଖରେ ଜାଗା ଚିହ୍ନଟ ପରେ ନୂଆକରି ଫାଣ୍ଡି ଘର ପାଇଁ ବାହୁଡା ଯାତ୍ରାରେ ଭୂମିପୂଜନ ସହ କାମ ଆରମ୍ଭ ହୋଇଛି।

## ନୂଆ ରୁଟ୍‌ରେ ଚାଲିବ ମୋ ବସ୍

ଭୁବନେଶ୍ୱର,୨୯।୬(ଅନୁରାଧା ମହାରଣା)

କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ) ପକ୍ଷରୁ ଚାଲୁଥିବା 'ମୋ ବସ୍' ଜୁଲାଇ ପହିଲାରୁ ୧୩ଟି ନୂଆ ରୁଟ୍‌ରେ ଚଳାଚଳ ଆରମ୍ଭ କରିବ। ଯାତ୍ରୀଙ୍କଠାରୁ ମିଳିଥିବା ମତାମତ ଆଧାରରେ ଏହି ରୁଟ୍‌ଗୁଡିକ ଚୟନ କରାଯାଇଛି। ଏହି ପଦକ୍ଷେପ ଦ୍ୱାରା ଭୁବନେଶ୍ୱର ସହରାଞ୍ଚଳ ପରିବହନ କ୍ଷେତ୍ରରେ (ବିୟୁଟିଏ), କଟକ ସହରାଞ୍ଚଳ ପରିବହନ କ୍ଷେତ୍ରରେ (ସିୟୁଟିଏ) ଏବଂ ପୁରୀ ସହରାଞ୍ଚଳ ପରିବହନ କ୍ଷେତ୍ରରେ (ପିୟୁଟିଏ) ମଧ୍ୟରେ ପରିବହନ ସହଜ ହେବ ବୋଲି କ୍ରୁଟ ପକ୍ଷରୁ ସୂଚନା ଦିଆଯାଇଛି। ଏହି ନୂଆ ରୁଟରେ ମୋ ବସ୍ ସେବା ଆରମ୍ଭ ହେବା ଫଳରେ ରାଜଧାନୀ ଅଞ୍ଚଳର ପରିବହନ ଦୃଶ୍ୟପଟ ସମ୍ପୂର୍ଣ୍ଣ ବଦଳିଯିବ। ଏହାଦ୍ୱାରା ସ୍ଥାନୀୟ ଲୋକଙ୍କ ସହ ପର୍ଯ୍ୟଟକମାନେ ମଧ୍ୟ ବିଶେଷ ଭାବେ ଉପକୃତ ହେବେ। ଅଞ୍ଚଳର ପ୍ରମୁଖ ହବ୍‌ଗୁଡିକୁ ସଂଯୋଗ କରୁଥିବା ଏହି ରୁଟ୍‌ଗୁଡିକ ନିରନ୍ତର ବସ ସେବା ସୁନିଶ୍ଚିତ କରିବ। ମୋ ବସ୍ ସେବା ଓ ସମୟ ସୂଚୀ ବିଷୟରେ ଅଧିକ ସୂଚନା ପାଇଁ କ୍ରୁଟର ସୋସିଆଲ ମିଡିଆ ଓ ୱେବ୍‌ସାଇଟ ସେଖିବାକୁ କ୍ରୁଟ ପକ୍ଷରୁ ଯାତ୍ରୀଙ୍କୁ ଅନୁରୋଧ କରାଯାଇଛି।

## ସବୁ ଘରେ ପହଞ୍ଚାଅ ସବ୍‌କା ସାଥ୍, ସବ୍‌କା ବିକାଶ ବାର୍ତ୍ତା



ଭାଜପାର ସଂଯୁକ୍ତ ମୋର୍ଚ୍ଚା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଓ ଦଳୀୟ ନେତୃବୃନ୍ଦ।

ସାଲେପୁର,୨୯।୬(ଅରବିନ୍ଦ ଭୂୟାଁ)

**ଜଳ ସମ୍ପଦ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ପାରାଦୀପ ଗସ୍ତ**

ସାଲେପୁର ଭାଜପା ପକ୍ଷରୁ ନିର୍ବାଚନ ମଣ୍ଡଳୀସ୍ତରୀୟ ସଂଯୁକ୍ତ ମୋର୍ଚ୍ଚା ସମ୍ମିଳନୀ ସ୍ଥାନୀୟ ମଧୁମଣ୍ଡପରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୋଦୀ ସରକାରଙ୍କ ୯ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି ପ୍ରକାଶ ଚନ୍ଦ୍ର ବେହେରା ସଭାପତିତ୍ୱରେ କରିଥିଲେ। ମୁଖ୍ୟ ଅତିଥିଭାବେ କେନ୍ଦ୍ର ଜନସୂଚିତ ଜାତି, ଜନଜାତି ଆଦିବାସୀ ଓ ଜଳସମ୍ପଦ ମନ୍ତ୍ରୀ ବିଶେଶ୍ୱର ଟୁଡୁ ଯୋଗଦେଇ ମୋଦୀ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ଓ ଜନହିତକର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ ହିତକର ଯୋଜନା ଏବଂ 'ସବ୍‌କା ସାଥ ସବ୍‌କା ବିକାଶ' ବାର୍ତ୍ତାକୁ ସବୁ ଘରେ ପହଞ୍ଚାଇବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଟୁଡୁ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ କହିଥିଲେ, ମୋଦୀ ସରକାର ଖାଲି ଦେଶରେ ନୁହେଁ ସମଗ୍ର ବିଶ୍ୱରେ ନିଜର କାର୍ଯ୍ୟଦକ୍ଷତା ଓ ବିକାଶଧାରା ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଅପରପକ୍ଷେ ରାଜ୍ୟ ସରକାର ଲୋକଙ୍କୁ ଭୁଆଁ ବୁଲାଉଥିବା କହି ସେ ବର୍ଷିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଜନଜାତି ମୋର୍ଚ୍ଚାର ଉପସଭାପତି ଭଗୁ ହଂସଦା, ଜିଲା ସାଧାରଣ ସମ୍ପାଦକ ରାମନାରାୟଣ ମହାନ୍ତି, କୋଷାଧ୍ୟକ୍ଷ ଲକ୍ଷ୍ମୀଧର ନାଥ, ଜିଲା ସମ୍ପାଦକ ସ୍ମୃତି ମହାନ୍ତି, ମହିଳାମୋର୍ଚ୍ଚା ସଭାନେତ୍ରୀ ଯାଜ୍ଞସେନୀ ଜେନା, ପୂର୍ବତନ ବ୍ଲକ ଅଧ୍ୟକ୍ଷା ମମତା ରାଉତ, ମଣ୍ଡଳ ସଭାପତି ସରୋଜ କୁମାର କର, ସମ୍ରାଟ କେଶରୀ ଲେଙ୍କା, ବିରଜା ରାଉତ, ସଞ୍ଜିତ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

## ପଞ୍ଚାୟତ କାର୍ଯ୍ୟାଳୟ ଘେରିଲେ ସମିତିସଭ୍ୟା ସମର୍ଥକ

### ବୈଠକକୁ ଡକା ନ ଯିବାରୁ ଉତ୍ତେଜନା

ରଘୁନାଥପୁର, ୨୯।୬ (ରାଜେନ୍ଦ୍ର ନାରାୟଣ ସିଂହ)



ପୁରଣର ସରପଞ୍ଚ ଉତ୍ତ୍ୟକ୍ତ ଜନତାଙ୍କ ସହ ଆଲୋଚନା କରୁଛନ୍ତି।

ରଘୁନାଥପୁର ବ୍ଲକ ପୁରଣଓ ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ସମିତିସଭ୍ୟା ପ୍ରିୟତମା ରାଉତଙ୍କୁ ପଞ୍ଚାୟତର ମାସିକ ବୈଠକରେ ଯୋଗ ଦେବା ପାଇଁ ଚିଠି କରା ନ ଯିବାରୁ ବହୁ ମହିଳା ଓ ପୁରୁଷ ପଞ୍ଚାୟତ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ସମିତିସଭ୍ୟା ରାଉତଙ୍କୁ କାହିଁକି ବୈଠକକୁ ଡକାଗଲା ନାହିଁ ସେମାନେ କୈଫିୟତ ତଲବ କରିଥିଲେ। ସମିତିସଭ୍ୟାଙ୍କ ପାଇଁ ଚିଠି ପ୍ରସ୍ତୁତ ହୋଇ ନ ଥିବାବେଳେ ସରପଞ୍ଚ ଚିଠିରେ ଦସ୍ତଖତ କରି ନ ଥିଲେ। ଏଥିଯୋଗୁ ଚିଠି ଦିଆଯାଇପାରିଲା ନାହିଁ ବୋଲି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱଜିତ ମହାପାତ୍ର କହିଛନ୍ତି। ଏହାଶୁଣି ଉପସ୍ଥିତ ଲୋକେ ଅସନ୍ତୋଷ ବ୍ୟକ୍ତ କରିବା ସହ ସରପଞ୍ଚ ଆସି ସ୍ପଷ୍ଟୀକରଣ ରଖନ୍ତୁ ବୋଲି କହି ହୋ ହାଲ୍ଲା କରିଥିଲେ। ଏହାପରେ ବୈଠକ ସ୍ଥଳକୁ ସରପଞ୍ଚ ଶିବରାମ ସାହୁ ଆସି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ୱାର୍ଡସଭ୍ୟା ଓ ସଭ୍ୟମାନେ ମନା କରିବାରୁ ସମିତିସଭ୍ୟା ରାଉତଙ୍କୁ ଡକାଯାଇ ନ ଥିଲା ବୋଲି ସରପଞ୍ଚ ସାହୁ ପ୍ରକାଶ କରିଥିଲେ। ମାତ୍ର ଲୋକେ ଏହାକୁ ଗ୍ରହଣ କରିପାରି ନ ଥିଲେ। କ୍ରମଶଃ ବିବାଦ ଜଟିଳ ରୂପ ଧାରଣ କରିଥିଲା। ଶେଷରେ ସାହୁ ବାଧ ହୋଇ ସମିତି ସଭ୍ୟା ରାଉତଙ୍କୁ ବୈଠକକୁ ନିମନ୍ତ୍ରଣ କରିଥିଲେ। ଏହି ଘେରାଉ ସମୟରେ ସୁଦର୍ଶନ ଦାସ, ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ପ୍ରତାପ ଚନ୍ଦ୍ର ଭୂୟାଁ, ସନ୍ତୋଷ ସେଠୀ, ସାରଦା ଚୌଧୁରୀ, କବିତା ଦାସ, ସରଳାବାଳା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।


ଖୋର୍ଦ୍ଧା ଜାଗୁଳିପାଟଣାସ୍ଥିତ ଶ୍ରୀଅନନ୍ତ ପୁରୁଷୋତ୍ତମ (ପୂର୍ଣ୍ଣବିଗ୍ରହ)ଙ୍କ ସୁନାବେଶ।


ବୋଲଗଡ଼ ତୃତୀୟାଦେବଙ୍କ ସୁନାବେଶ।


କୃଷ୍ଣପ୍ରସାଦ ଗଡ଼


ଜଟଣୀ କୁଦିଆରୀ ଗ୍ରାମସ୍ଥିତ ପତିତପାବନ ଦେବଙ୍କ ସୁନାବେଶ।

## ସଂକ୍ଷେପରେ

### ସୁନାବେଶ ଦେଖି ଭକ୍ତ ଭାବବିହ୍ୱଳ

ଜଟଣୀ,୨୯।୬(ରବୀନ୍ଦ୍ର ନାଥ ମହାକୁଡ଼): ଜଟଣୀ ବ୍ଲକ ଅଧୀନ ଲବଣଗିରି ପାହାଡ଼ ଜଗନ୍ନାଥ ମନ୍ଦିର, କୁଦିଆରୀ ଗ୍ରାମ ପତିତପାବନ ଦେବ, ବାଛରା ପାଟଣା, ରଥିପୁର, ବୁଢାଙ୍ଗରା ଆଦି ସ୍ଥାନରେ ରୀତିନୀତି ଅନୁସାରେ ଶ୍ରୀଜୀଉଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। କୁଦିଆରୀ ଗ୍ରାମସ୍ଥିତ ପତିତପାବନ ଦେବ ରଥ ଉପରେ ବିରାଜିତ ହୋଇ ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଶୃଙ୍ଖଳିତ ଦର୍ଶନ ପାଇଁ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଶ୍ରଦ୍ଧାଳୁଙ୍କ ପାଇଁ କୁଦିଆରୀ ପତିତପାବନ ସେନା ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସେହିପରି ବାଛରାପାଟଣାସ୍ଥିତ ଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ମଧ ଭଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

### ଇଦ୍-ଉଜ-ଜୁହା ପାଳିତ

ବୋଲଗଡ଼,୨୯।୬(ଦେବବ୍ରତ ହୋତା): ବୋଲଗଡ଼ ବ୍ଲକ ଅଞ୍ଚଳରେ ଇଦ୍-ଉଜ୍-ଜୁହା ପାଳିତ ହୋଇଯାଇଛି। ମାଣିକାଗୋଡା (ଦଳେଇସାହି), ଫାସିଓଦା (ଟାଙ୍ଗୀସାହି), ଅରଖପଲ୍ଲୀ, ଇଚ୍ଛାପୁର, ଚୂଡ଼ା, ହରିପୁର ପାଟଣା, କେନ୍ଦୁପଲ୍ଲୀ, କାଉଁରିପାଟଣା, ଜାମୁସାହି, ଦକ୍ଷଣ ପାରିଖେତା, କଡ଼ବ ଆଦି ଗ୍ରାମରେ ଥିବା ମସଜିଦ ଓ ଇଦ୍‌ଗାରେ ସକାଳେ ସାମୂହିକ ନମାଜ ପାଠ କରାଯିବା ସହ ବକରି ଇଦ୍ ପାଳନ ହୋଇଥିଲା। ସକାଳ ୬ଟାରୁ ଏହି ସମସ୍ତ ଗ୍ରାମର ବିଭିନ୍ନ ମସଜିଦ୍ ଓ ଇଦ୍‌ଗାରେ ମୁସଲମାନ ସମ୍ପ୍ରଦାୟ ଲୋକେ ପହଞ୍ଚି ସାମୂହିକ ନମାଜ ପାଠ କରିଥିଲେ। ପରେ ସମସ୍ତେ ପରସ୍ପରକୁ ଆଲିଙ୍ଗନ କରି ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। ଏହାସହିତ ପରମ୍ପରା ଅନୁସାରେ ଗରିବ ଲୋକଙ୍କୁ ଦାନ କରିଥିଲେ। ପରେ ଘରେ ପ୍ରସ୍ତୁତ ସିମେଇ ସହ ବିଭିନ୍ନ ପ୍ରକାରର ମିଷ୍ଟାନ୍ନ ଖାଇ ଇଦ୍ ପାଳନର ମଜା ନେଇଥିଲେ। ମୁସଲମାନ ପରିବାର ଲୋକେ ନୂତନ ପୋଷାକ ପରିଧାନ ସହ ସାଙ୍ଗସାଥୀ, ଜ୍ଞାତି-କୁଟୁମ୍ବଙ୍କ ମଧରେ ଉପହାର ଆଦାନ ପ୍ରଦାନ କରିଥିଲେ।

# ସୁନାବେଶରେ ଦର୍ଶନ ଦେଲେ ଦାରୁବିଗ୍ରହ

ଖୋର୍ଦ୍ଧା (ପ୍ରଭାତ ପାଣିଗ୍ରାହୀ)/ ବୋଲଗଡ଼, ୨୯।୬ (ଦେବବ୍ରତ ହୋତା)

ଖୋର୍ଦ୍ଧା ଜାଗୁଳିପାଟଣାସ୍ଥିତ ଶ୍ରୀଅନନ୍ତ ପୁରୁଷୋତ୍ତମ (ପୂର୍ଣ୍ଣବିଗ୍ରହ) ଆଷାଢ଼ ଶୁକ୍ଳ ହରିଶୟନ ଏକାଦଶୀ ତିଥିରେ ରଥରେ ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଶ୍ରୀଜୀଉମାନଙ୍କୁ ସୁନା ମୁକୁଟ, କିରୀଟ, କୁଣ୍ଡଳ, ହାର, ବାଜୁ ଆଦି ଲାଗି କରାଯାଇଛି। ଶ୍ରୀଜୀଉଙ୍କ ସୁନାବେଶ ଦର୍ଶନ ଲାଗି ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଭକ୍ତଙ୍କ ଧାଡି ଲାଗିଥିଲା। ରଥାରୂଢ଼ ଠାକୁରଙ୍କ ସୁନାବେଶ ଦର୍ଶନରେ ଭକ୍ତ ବିଭୋର ହୋଇ ଉଠିଥିଲେ। ଘଣ୍ଟ, କାହାଳୀ, ମୃଦଙ୍ଗ ତାଳେ ତାଳେ ଜୟ ଜୟକାରରେ କମ୍ପିଥିଲା ଜାଗୁଳିପାଟଣା ବଡ଼ଦାଣ୍ଡ।

ଗୁରୁବାର ଭୋର ୫ଟାରେ ରଥାରୂଢ଼ ଶ୍ରୀଜୀଉଙ୍କ ମଙ୍ଗଳ ଆଳତି ହୋଇଥିଲା। ମଇଲମ, ତଡ଼ପ ଲାଗି, ଅବକାଶ, ସୂର୍ଯ୍ୟପୂଜା, ଗୋପାଳବଲ୍ଲଭ ଓ ସକାଳ ଧୂପରେ ଖେଚୁଡ଼ି ଭୋଗ ପରେ ବେଶ ସମ୍ପନ୍ନ ହୋଇଥିଲା। ଅପରାହ୍ନ ୩ଟାରେ ଶ୍ରୀଜୀଉଙ୍କ ସୁନାବେଶ ଲାଗି ପ୍ରସ୍ତୁତି ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କ ବେଶ ଲାଗି କରାଯାଇ ସୁନା ଅଳଙ୍କାର ଲାଗି କରାଯାଇଥିଲା। ସନ୍ଧ୍ୟା ୬ଟାରେ ମହାପ୍ରଭୁଙ୍କ ସନ୍ଧ୍ୟା ଆଳତି ହୋଇଥିଲା। ଏହି ସମୟରେ ଶତାଧିକ ଭକ୍ତଙ୍କ ଭିଡ଼ ରହିଥିଲା। ଧାଡିରେ ଆସି ଭକ୍ତମାନେ ରଥାରୂଢ଼ ଠାକୁରଙ୍କ ଦର୍ଶନ ସହ ଭକ୍ତି ନୈବେଦ୍ୟ ଅର୍ପଣ କରି ଫେରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ମନ୍ଦିର ମୁଖ୍ୟ ପୂଜକ କମଳଲୋଚନ ମହାରାଜ କୁହନ୍ତି, ଅପରାହ୍ନ ୫ଟା ସୁଦ୍ଧା ସୁନାବେଶ ନୀତି ସମ୍ପନ୍ନ ପରେ ଭକ୍ତମାନେ ରାତି ୧୦ଟା ପର୍ଯ୍ୟନ୍ତ ଦର୍ଶନ କରିଥିଲେ। ଏସ୍‌ଡିପିଓ(ସଦର) ଦିଲୀପ ଦାସ କହିଛନ୍ତି, ଶୃଙ୍ଖଳିତ ଭାବେ ସୁନାବେଶ ଦର୍ଶନ ଲାଗି ପୋଲିସ ମୁତୟନ କରାଯାଇଥିଲା।

ସେହିପରି ଗଡ଼ଖୋର୍ଦ୍ଧାସ୍ଥିତ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତି ରୁପାବେଶରେ ଦର୍ଶନ ଦେଇଛନ୍ତି। ଗୁରୁବାର ଭୋର ୫ଟାରେ ମଙ୍ଗଳ ଆଳତି ସହ ଅନ୍ୟାନ୍ୟ ନୀତି ହୋଇ ଗୋପାଳବଲ୍ଲଭ ଅର୍ପଣ ପରେ ବେଶ ସମ୍ପନ୍ନ ହୋଇଥିଲା। ଅପରାହ୍ନ ୩ଟାରେ ସୁନାବେଶ ଆରମ୍ଭ ହୋଇ ୪ଟା ସୁଦ୍ଧା ଠାକୁରମାନଙ୍କୁ ସୁନା ଛାଉଣିଦିଆ ମୁକୁଟ, କିରୀଟ, କୁଣ୍ଡଳ, ହାର ଲାଗି ହୋଇଥିଲା। ସୁନାବେଶରେ ଝଟକିଥିଲେ ଶ୍ରୀଜୀଉ। ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଶ୍ରୀଜୀଉଙ୍କ ଦର୍ଶନ ଲାଗି ରହିଥିଲା। ଭକ୍ତମାନେ ରଥାରୂଢ଼ ଠା କୁରଙ୍କ ସୁନାବେଶ ଦର୍ଶନ କରି ଆତ୍ମବିଭୋର ହୋଇଉଠିଥିଲେ। ଭକ୍ତଙ୍କ ଲାଗି ଭଜନ ସନ୍ଧ୍ୟାର ଆୟୋଜନ ମଧ କରାଯାଇଥିଲା।

ବୋଲଗଡ଼ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଗୁରୁବାର ରଥ ଉପରେ ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ଶ୍ରୀତୃତୀୟା ଦେବ। ସକାଳେ ମହାପ୍ରଭୁଙ୍କ ମଙ୍ଗଳ ଆଳତି, ମଇଲମ, ସକାଳ ଧୂପ, ମଧ୍ୟାହ୍ନ ଧୂପ ଆଦି ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ସୁନାବେଶ ନୀତି ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କ ଏହି ବେଶ ରଥ ଉପରେ ଅପରାହ୍ନ ୩ଟାରୁ ଆରମ୍ଭ ହୋଇଥିଲା। ଠାକୁରଙ୍କ ଭଣ୍ଡାର ଘରୁ ଅଳଙ୍କାର ଅଣାଯାଇ ମହାପ୍ରଭୁଙ୍କୁ ସଜ୍ଜାଯାଇଥିଲା। ଏହି ସୁନାବେଶରେ ମହାପ୍ରଭୁ ତୃତୀୟାଦେବ (ଜଗନ୍ନାଥ) ଶ୍ରୀଭୁଜ, ଶ୍ରୀପୟର, କିରୀଟ, ଶଙ୍ଖ, ଚକ୍ର ଓ ବିଭିନ୍ନ ଅଳଙ୍କାରରେ ସଜେଇ ହୋଇଥିଲେ। ସେହିପରି ବଡ଼ଠାକୁର ବଳଭଦ୍ର ମଧ ଶ୍ରୀପୟର, ଶ୍ରୀଭୁଜ, କିରୀଟ, ହଳ ଓ ମୁଷଳ ଆଦି ଅଳଙ୍କାରରେ ବେଶ ହୋଇଥିଲେ। ଦେବୀ ସୁଭଦ୍ରାଙ୍କୁ ମଧ ସୁନ୍ଦର ବେଶରେ ଆଭୂଷିତ କରାଯାଇଛି। ରାତି ୧୧ଟା ପର୍ଯ୍ୟନ୍ତ ଭକ୍ତମାନେ ମହାପ୍ରଭୁଙ୍କ ଏହି ଦିବ୍ୟ ଦର୍ଶନ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ଗଡ଼ ଖୋର୍ଦ୍ଧା: ଶ୍ରୀଜୀଉଙ୍କ ରୁପାବେଶ।

## କୃଷ୍ଣପ୍ରସାଦ ଗଡ଼ରେ ଶ୍ରୀଜୀଉଙ୍କ ସୁନାବେଶ

କୃଷ୍ଣପ୍ରସାଦ,୨୯।୬(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ଗଡ଼ରେ ଶ୍ରୀଜୀଉଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜୀଉମାନେ ସୁନାରେ ସଜ୍ଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟପୂଜକ ପ୍ରସନ୍ନ ପଣ୍ଡା, ପଣ୍ଡିତ ନୀଳକଣ୍ଠ ତ୍ରିପାଠୀ ରଥରେ ରଥାରୂଢ଼ ମହାପ୍ରଭୁଙ୍କ ପୂଜାର୍ଚ୍ଚନାକୁ ଯଥାବିଧି ରୀତିନୀତିରେ ସମ୍ପାଦନ କରିଥିଲେ। ରଥ ନିକଟରେ ଜଗନ୍ନାଥ ସଂସ୍କୃତି ଉପରେ ପ୍ରବଚନ ଓ ଭଜନ ପରିବେଷଣ ହୋଇଥିଲା। ରଥଯାତ୍ରା ପରିଚାଳନା କମିଟି ସଭାପତି ସୁବାସ ଚନ୍ଦ୍ର ଗୌଡ଼, ସମ୍ପାଦକ ସୁବ୍ରତ ପଣ୍ଡା, ଉପସଭାପତି ମକଦ୍ଦମ ସିଂହ, ସହ ସମ୍ପାଦକ ପ୍ରମୋଦ ସାହୁଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା, ସ୍ଥାନୀୟ ୫ ମୌଜା ପରିଚାଳନା କମିଟି ସଭାପତି ଅଶୋକ ପଣ୍ଡା, ସମ୍ପାଦକ ଈଶ୍ୱର ପଲେଇ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।


ଫଟୋ- ରବୀନ୍ଦ୍ରନାଥ ମହାକୁଡ଼)
ଇଦ୍-ଉଜ୍-ଜୁହା ଅବସରରେ ଗୁରୁବାର ଜଟଣୀ ଇଦ୍‌ଗା ପଡ଼ିଆରେ ମୁସଲମାନମାନେ ସାମୂହିକ ନମାଜ ପାଠ କରୁଛନ୍ତି।

## ଏକାଠି ପଢ଼ିଲେ ନମାଜ

ନିରାକାରପୁର,୨୯।୬(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ଥାନା ଅଧୀନ ଖଜୁରିପଡ଼ା, ରାମେଶ୍ୱର, ଛଣଗିରି, ଗୟାବନ୍ଧ, ମେହେରାବପୁରରେ ଇଦ୍-ଉଜ୍-ଜୁହା ପାଳିତ ହୋଇଯାଇଛି। ଏହି ଅବସରରେ ମୁସଲମାନ ଭାଇମାନେ ପ୍ରତ୍ୟୁଷରୁ ସ୍ନାନ ପରେ ନୂତନବସ୍ତ୍ର ପରିଧାନ କରି ଇଦ୍‌ଗା ପଡିଆରେ ଏକତ୍ରିତ ହୋଇଥିଲେ। ପୁରୁଷମାନେ ଇଦଗା ପଡିଆଠାରେ ନମାଜ ପାଠ କରିଥିବା ବେଳେ ମହିଳାମାନେ ଘରେ ନମାଜ ପାଠ କରିଥିଲେ। ଗ୍ରାମର କ୍ରିୟାକମିଟି ପକ୍ଷରୁ ମସଜିଦ୍‌ଗୁଡ଼ିକୁ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ଶାନ୍ତିଶୃଙ୍ଖଳାରେ ଏହି ପର୍ବ ପାଳିତ ହୋଇଥିବା ମୌଲାନା ଅମାନୁଲ ହକ, ମୁଜାକିର ସାହା, କଲାମ ସାହା, ଆନସାରୀ ସାହା, ଦୁଃଖା ଖାଁ ପ୍ରମୁଖ ସୂଚନା ଦେଇଛନ୍ତି।

## ସାଇ ଟ୍ରଷ୍ଟ ସିଏମ୍‌ଡି ଗିରଫ

### କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଅଭିଯୋଗ

ବୋଲଗଡ଼,୨୯।୬ (ଦେବବ୍ରତ ହୋତା)

କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଅଭିଯୋଗରେ ଛତିଶଗଡ଼ ପୋଲିସ ଗୁରୁବାର ସ୍ଥାନୀୟ ପୋଲିସ ସହାୟତାରେ ସାଇ ଟ୍ରଷ୍ଟ ଚିଫ୍ ମ୍ୟାନେଜିଂ ଡାଇରେକ୍ଟର(ସିଏମ୍‌ଡି)ଙ୍କୁ ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅଧୀନ ଚୂଡ଼ା ଗ୍ରାମର ଦୀପକ ବରାଡ଼। ଅଭିଯୋଗ ମୁତାବକ, ବୋଲଗଡ଼ ନିକଟ ବିନୋଦପଡ଼ା ଛକଠାରେ ଏକ ସାଇ ଟ୍ରଷ୍ଟ ନାମକ ସଂସ୍ଥା ଖୋଲିଥିଲା। ଏଠାରେ ବେବି ଫୁଡ୍, ସାଇ କୁଟୀର ଆଦି ବିଭିନ୍ନ ଯୋଜନା କରି ଲୋକମାନଙ୍କୁ ଠକେଇ କରୁଥିଲା ଦୀପକ। ବୋଲଗଡ଼ ଓ ରଣପୁର ବ୍ଲକ ସମେତ ରାଜ୍ୟର ବିଭିନ୍ନ ଜିଲା ଓ ଅନ୍ୟ କେତେକ ରାଜ୍ୟରେ ନେଟ୍‌ୱର୍କ ଚଳାଇଥିଲା ଏହି ଟ୍ରଷ୍ଟ। ହଜାର ହଜାର ଯୁବତୀ ଯୁବକ ଏହି ଟ୍ରଷ୍ଟ ଅଧୀନରେ କାର୍ଯ୍ୟ କରୁଥିଲେ।


ଦୀପକ ବରାଡ଼

ତେବେ ରାଜ୍ୟର ଅନେକ ସ୍ଥାନରୁ ଠକେଇ କରିବା ସହିତ ଛତିଶଗଡ଼ ଅଞ୍ଚଳରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ଛତିଶଗଡ଼ ରାଜ୍ୟ ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ତେବେ ଗୁରୁବାର ଅପରାହ୍ନରେ ଛତିଶଗଡ଼ ପୋଲିସ ରାଜସୁନାଖଳା ଫାଣ୍ଡି ପୋଲିସ ସହାୟତାରେ ବିନୋଦପଡା ସାଇଟ୍ରଷ୍ଟ କାର୍ଯ୍ୟାଳୟରୁ ଦୀପକଙ୍କୁ ଗିରଫ କରିଥିଲା।

## ସ୍କୁଟି ଚାଳକଙ୍କ ଠାରୁ ଝାମ୍ପିନେଲେ ମୋବାଇଲ

ଜଟଣୀ,୨୯।୬ (ରବୀନ୍ଦ୍ର ନାଥ ମହାକୁଡ଼)

ଜଣେ ସ୍କୁଟି ଚାଳକଙ୍କ ଠାରୁ ଦୁଇ ଜଣ ଦୁର୍ବୃତ୍ତ ମୋବାଇଲ ଫୋନ ଝାମ୍ପି ନେଇଥିବା ଗୁରୁବାର ଅଭିଯୋଗ ହୋଇଛି। ଲୁଟର ଶିକାର ହୋଇଛନ୍ତି ଜଟଣୀ ଥାନା ଅଧୀନ ଗଜପତି ନଗର ଅଞ୍ଚଳର ରେଲୱେ କର୍ମଚାରୀ ସେକ୍. ମଂଜୁର। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ମଂଜୁର ଭୁବନେଶ୍ୱରରୁ କାର୍ଯ୍ୟ ସାରି ସ୍କୁଟିରେ ଘରକୁ ଫେରୁଥିବା ବେଳେ ସ୍ଥାନୀୟ ଗ୍ୟାସ ପ୍ଲାଣ୍ଟସ୍ଥିତ ରାସ୍ତାରେ କିଛି ସମୟ କଥା ହୋଇ ଫେରୁଥିଲେ। ଏହି ସମୟରେ ଦୁଇ ଜଣ ଯୁବକ ବାଇକ୍‌ରେ ପଛରୁ ଆସି ତାଙ୍କ ମୋବାଇଲ ଝାମ୍ପିନେଇ ଫେରାର ହୋଇଯାଇଥିଲେ। ଏନେଇ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ।

## ଅବହେଳିତ ଶହୀଦ ସ୍ମୃତିସ୍ତମ୍ଭ

ଖୋର୍ଦ୍ଧା,୨୯।୬ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ସଂସ୍କୃତି ଭବନ ପରିସରରେ ୨୦୧୧ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶହୀଦ ସ୍ତମ୍ଭ ଉଦ୍‌ଘାଟନ କରିଥିଲେ। ଶହୀଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିର୍ମିତ ହୋଇଥିବା ସ୍ତମ୍ଭ ଚାରିପଟେ ଗଛଲତା ମାଡ଼ିଗଲାଣି। ଏକଦା ଏହି ସ୍ତମ୍ଭ ନିର୍ମାଣ ବେଳେ ଦେଶମାତୃକା ଲାଗି ଶହୀଦ ହୋଇଥିବା ବୀରପୁରୁଷଙ୍କ ନାମଫଳକ ଲଗାଇବା ପାଇଁ ସ୍ଥିର ହୋଇଥିଲା। ତାହା ମଧ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ସ୍ତମ୍ଭ ସ୍ମାରକୀ ଚାରିପଟେ ଅନାବନା ଗଛଲତା ସହ ଉପର ଭାଗରେ ବରଗଛ ଉଠିଲାଣି। ଏହା ଭଗ୍ନ ଅବସ୍ଥାରେ ରହିଛି। ସ୍ତମ୍ଭର ଚାରିପଟେ ବୀରତ୍ୱ ଚିହ୍ନ ସ୍ୱରୂପ ପାଇକ ବୀରଙ୍କ ଯୋଦ୍ଧା ବେଶ ଚିତ୍ରିତ ହୋଇଥିବା ବେଳେ ଏହା ଏବେ ନଷ୍ଟ ହେବାକୁ ବସିଛି। ଶହୀଦ ସ୍ତମ୍ଭର ପୁନରୁଦ୍ଧାର ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ସେହିପରି ବରୁଣେଇ ପାହାଡ଼ ପାଦଦେଶରେ ମଧ ଶହୀଦ ସ୍ତମ୍ଭ ରହିଛି। ତେବେ ଏହାର ଚାରିପାଖ ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ଅଳିଆ ଆବର୍ଜନା ମଧରେ ଏହା ଲୁଚିବାକୁ ବସିଲାଣି। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏହା ଭଗ୍ନ ଅବସ୍ଥାକୁ ଚାଲି ଆସିଲାଣି। ତେବେ ଜିଲା ସଂସ୍କୃତି ଭବନଠାରେ ନିର୍ମିତ ଶହୀଦ ସ୍ତମ୍ଭର ପୁନରୁଦ୍ଧାର କେବେ ହେବ ଏ ସମ୍ପର୍କରେ କେହି ମୁହଁ ଖୋଲିବାକୁ ନାରାଜ। ଅନ୍ୟପଟେ ବରୁଣେଇଠାରେ ରହିଥିବା ଶହୀଦ ସ୍ତମ୍ଭର ପୁନରୁଦ୍ଧାର କରାଯିବ ବୋଲି ପୌର ପ୍ରଶାସନ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ବରିଷ୍ଠ ବୁଦ୍ଧିଜୀବୀ ଜ୍ଞାନରଞ୍ଜନ ଦାଶ କହିଛନ୍ତି, ଶହୀଦମାନେ ଏ ଦେଶର ଗର୍ବ ଓ ଗୌରବ। ଆଜି ପର୍ଯ୍ୟନ୍ତ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ଶହୀଦ ହୋଇଥିବା ସଂଗ୍ରାମୀଙ୍କ ଫଳକଟିଏ ମଧ ଶହୀଦ ସ୍ତମ୍ଭ ନିକଟରେ ଲାଗିପାରିଲା ନାହିଁ। ଏନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ଯେଉଁ ଜାତି ନିଜ ପୂର୍ବ ଇତିହାସକୁ ଭୁଲିଯାଏ, ସେ ଜାତିର ପତନ ସୁନିଶ୍ଚିତ। ଆଗାମୀ ପିଢ଼ିଙ୍କ ପାଇଁ ଶହୀଦ ସ୍ତମ୍ଭର ସୌନ୍ଦର୍ଯ୍ୟକରଣ, ପୁନରୁଦ୍ଧାର ଜରୁରୀ ବୋଲି ସେ କହିଛନ୍ତି।

# ପାଇକ ସଂଗ୍ରହାଳୟରେ ପୁଣି ତାଲା



ଖୋର୍ଦ୍ଧା,୨୯।୬ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ପାଇକ ବୀରଙ୍କ ବୀରତ୍ୱ କାହାଣୀ ଏବଂ ସ୍ମୃତିକୁ ସାଉଁଟିବା ସକାଶେ ରାଜ୍ୟ ସରକାର ଖୋର୍ଦ୍ଧାରେ ଏକ ପାଇକ ସଂଗ୍ରହାଳୟ ନିର୍ମାଣ କରିଥିଲେ। ଲକ୍ଷ୍ୟ ଥିଲା ବ୍ରିଟିଶ ସହିତ ଲଢ଼େଇ କରି ବଳିଦାନ ଦେଇଥିବା ପାଇକଙ୍କ ବୀରତ୍ୱର ଗାଥା, ସେମାନେ ବ୍ୟବହାର କରୁଥିବା ଅସ୍ତ୍ରଶସ୍ତ୍ର, ଖଣ୍ଡା, ବର୍ଚ୍ଛା, ଢାଲ, ପାଇକ ବୀରଙ୍କ ତୈଳଚତ୍ର, ପ୍ରାଚନୀ କୀର୍ତ୍ତିରାଜି ଆଦି ଏହି ସଂଗ୍ରହାଳୟରେ ସ୍ଥାନ ପାଇବ। ଆଗାମୀ ପିଢ଼ିଙ୍କୁ ପାଇକ ବୀରଙ୍କ ବୀରତ୍ୱ ସମ୍ପର୍କରେ ଅବଗତ କରାଇବା ତଥା ଏହି ଜାତିର ଗୌରବକୁ ସମାଜରେ ପ୍ରତିଷ୍ଠିତ କରାଇବା ଏହି ସଂଗ୍ରହାଳୟର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ୨୦୧୧ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲା ସଂସ୍କୃତି ଭବନ ପରିସରରେ ଶହୀଦ ସ୍ତମ୍ଭ ଉଦ୍‌ଘାଟନ କରିଥିଲେ। ଏଥିସହିତ ସେଠାରେ ପାଇକ ସଂଗ୍ରହାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ୨୫ଲକ୍ଷ ବ୍ୟୟ ଅଟକଳରେ ଏହି କୋଠା ନିର୍ମାଣ କରାଯାଇଥିଲା। ତେବେ କୌଣସି କାରଣରୁ ଏହି କୋଠା ଉଦ୍‌ଘାଟନ ହୋଇପାରି ନ ଥିଲା। ସେବେଠାରୁ ଏହି କୋଠା ବିପର୍ଯ୍ୟସ୍ତ ହୋଇ ପଡ଼ିରହିଛି। ପରବର୍ତ୍ତୀ ସମୟରେ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଛାତ, କାନ୍ଥ ଫାଟି ଆଁ କରିବା ସହ ଲୁହାର ଫାଟକରେ କଳଙ୍କି ଲାଗିଯାଇଥିଲା। ଏପରିକି କୋଠା ପରିସର ସାପଙ୍କ ବାସସ୍ଥାନ ପାଲଟିଥିବା ବେଳେ ୨୦୧୯ 'ଫନୀ' ବାତ୍ୟାରେ ଏହି କୋଠା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଗତବର୍ଷ ଖୋର୍ଦ୍ଧା ବ୍ଲକ ପ୍ରଶାସନ ପକ୍ଷରୁ କୋଠାର ପୁନରୁଦ୍ଧାର କରାଯାଇ ରଙ୍ଗ ଦିଆଯାଇଛି। ତେବେ ଯେଉଁ ଉଦ୍ଦେଶ୍ୟରେ ଏହି କୋଠା ନିର୍ମାଣ କରାଯାଇଥିଲା, ତାହା ଏବେ ବି ଆଶା ଆକାଂକ୍ଷାରେ ରହିଯାଇଛି। ୨୦୨୨ ଜୁନରେ ଖୋର୍ଦ୍ଧା ବ୍ଲକ ପକ୍ଷରୁ ଏହାର ପୁନରୁଦ୍ଧାର କାର୍ଯ୍ୟ କରାଯାଇଥିଲା। ନିର୍ମାଣ ହେବା ପରଠାରୁ ମୁଖ୍ୟ ଫାଟକରେ ତାଲା ଝୁଲୁଥିବା ବେଳେ ପ୍ରଥମ ଥର ଲାଗି ମୁଖ୍ୟ ଫାଟକ ତାଲା ଖୋଲିଥିଲା। ଦୀର୍ଘ ଦିନ ଧରି ଅନାବନା ଗଛଲତାରେ ମଧ ଲୁଚି ଯାଇଥିବା ଏହି କୋଠାର ପୁନରୁଦ୍ଧାର ଚାଲିଥିବା ନେଇ ପ୍ରଚାରିତ ହେବା ପରେ ବିଭିନ୍ନ ପାଇକ ସଙ୍ଗଠନ ମଧରେ ଆନନ୍ଦ ଖେଳିଯାଇଥିଲା। ତେବେ କୋଠା ମରାମତି ପରେ ପୁଣି ଥରେ ଏଠାରେ ତାଲା ଝୁଲିଲା। ଫଳରେ ପାଇକ ସଙ୍ଗଠନଗୁଡ଼ିକର ଏକପ୍ରକାଶ ଆଶା ମଉଳିଯାଇଛି।

### ୨୦୨୨ ଜୁନରେ ପୁନରୁଦ୍ଧାର କରାଯାଇଥିଲା

### ଏମାନେ ଯାହା କୁହନ୍ତି...

“ ୨୦୧୯ ଡିସେମ୍ବର ୮ରେ ବରୁଣେଇ ପାହାଡ଼ ପାଦଦେଶରେ ପୂର୍ବତନ ରାଷ୍ଟ୍ରପତି ପାଇକ ସ୍ମାରକୀ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରସ୍ତାବିତ ସ୍ଥାନରେ ଖଣ୍ଡେ ଇଟା ପଡିନି। ପ୍ରସ୍ତାବିତ ସ୍ମାରକୀ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ବେଳେ ସଂଗ୍ରହାଳୟ ପ୍ରତିଷ୍ଠା ଆଶା କ୍ଷୀଣ ବୋଲି ସେ କହିଛନ୍ତି।

**କୃଷ୍ଣଚନ୍ଦ୍ର ଶ୍ରୀଚନ୍ଦନ, କଳିଙ୍ଗ ପାଇକ ସଙ୍ଗଠନର ସମ୍ପାଦକ**

“ ଭାରତ ସ୍ୱାଧୀନତା ସଂଗ୍ରାମରେ ଖୋର୍ଦ୍ଧା ପାଇକ ବୀରଙ୍କ ଅବଦାନ ଅତୁଳନୀୟ। ସେହି ପାଇକମାନଙ୍କ ବୀରତ୍ୱର ଗାଥା ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟରେ ଭବିଷ୍ୟତ ପିଢ଼ିଙ୍କ ସକାଶେ ଏଠାରେ ପାଇକ ସଂଗ୍ରହାଳୟ ପାଇଁ ଯୋଜନା ହୋଇଥିଲା। ତାହା କେବଳ ସଭା, ସମିତି, ଚର୍ଚ୍ଚା, ଆଲୋଚନା, ପର୍ଯ୍ୟାଲୋଚନା ମଧରେ ସୀମିତ ହୋଇ ରହିଗଲା।

**ଗୋପାଳକୃଷ୍ଣ ଦାସ, ଐତିହ୍ୟ ଗବେଷକ**

“ ଗୋଟିଏ ଜାତି ତା'ର ବୀରତ୍ୱ, କଳା, ସଂସ୍କୃତି, ଭାସ୍କର୍ଯ୍ୟକୁ ନେଇ ପରିଚୟ ବହନ କରେ। ସଂସ୍କୃତି ପରମ୍ପରା ବିଲୁପ୍ତ ହେଲେ ସେହି ଜାତିର ସମୃଦ୍ଧି ନଷ୍ଟ ହେବା ସହ ଅଧୋପତନ ମଧ ଘଟିଥାଏ ବୋଲି କୁହାଯାଏ। ଯେଉଁ ପାଇକ ପୁଅ ଦିନେ ଇଂରେଜମାନଙ୍କୁ ଧୂଳି ଚଟାଇଥିଲେ, ଯାହାଙ୍କ ନାଁ ଶୁଣିଲେ ବ୍ରିଟିଶ୍ ସାମ୍ରାଜ୍ୟ ଥରି ଉଠୁଥିଲା, ସେହି ବୀରତ୍ୱ ମାଟିର ସୁଯୋଗ୍ୟ ସନ୍ତାନଙ୍କ କାହାଣୀ କେବଳ ଇତିହାସ ପୃଷ୍ଠାରେ ରହିଯାଇଛି।

**ଶୁଭ୍ରାଂଶୁ ଦାସ, ବରିଷ୍ଠ ଖବରଦାତା**

“ ପାଇକଙ୍କ ବୀରତ୍ୱ ଆଗରେ ବ୍ରିଟିଶ ସରକାର ମଥା ନୁଆଁଇଥିଲେ। ସେହି ଲାଲମାଟିର ଗଡ଼ଖୋର୍ଦ୍ଧା ଅବହେଳିତ ଅବସ୍ଥାରେ ରହିଛି। ଗଡ଼ଖୋର୍ଦ୍ଧା ବିଲୁପ୍ତ ଅବସ୍ଥାରେ ରହିଛି। ପାଇକ ସଂଗ୍ରହାଳୟ ସ୍ଥାପନା ହେଲେ ପାଇକଙ୍କ ଯୁଦ୍ଧ ରଣକୌଶଳ ସମ୍ପର୍କରେ ଆଗାମୀ ଯୁବପିଢ଼ି ଜାଣିବାର ସୁଯୋଗ ପାଇଥାନ୍ତେ। ଏ ମାଟିର ଗୌରବ ବଢ଼ିଥାନ୍ତା। ରାଜନୈତିକ ଇଚ୍ଛାଶକ୍ତି ଓ ଜିଲା ପ୍ରଶାସନର ଆନ୍ତରିକତା ଅଭାବରୁ ଏହି କୋଠା କାର୍ଯ୍ୟକ୍ଷମ ନେଇ ଆଶଙ୍କା ରହିଛି।

**ପ୍ଲାବନ ପଟ୍ଟନାୟକ, ସାମାଜିକ କର୍ମୀ**

“ ଜିଲାର କଳା, ସଂସ୍କୃତି, ଐତିହ୍ୟ, ପର୍ଯ୍ୟଟନର ବିକାଶ ଲାଗି ଗୁରୁତ୍ୱ ଦିଆଯାଉଛି। ପାଇକ ସ୍ମାରକୀ ନିର୍ମାଣ ପାଇଁ ରହିଥିବା ଜମି ବିବାଦ ତୁଟିଛି। ଖୁବ୍‌ଶୀଘ୍ର ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ।

**କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲାପାଳ**

## ସଂକ୍ଷେପରେ

### ଭାଜପା ମଣ୍ଡଳ ସଭାପତିଙ୍କ ଇସ୍ତଫା

ବ୍ରହ୍ମଗିରି,୨୯।୬ (ସ୍ୱାଧୀନ ଚମ୍ପତିରାୟ)- ବ୍ରହ୍ମଗିରି ବ୍ଲକ ଖଜୁରିଆ ମଣ୍ଡଳ ଭାଜପା ସଭାପତି ସୁରଥ ଦଳାଇ ସଭାପତି ପଦ ସହ ପ୍ରାଥମିକ ସଭ୍ୟ ପଦରୁ ଗୁରୁବାର ଇସ୍ତଫା ଦେଇଛନ୍ତି। ଏ ନେଇ ସେ ପୁରୀ ଜିଲା ଭାଜପା ସଭାପତି ଓ ବ୍ରହ୍ମଗିରି ବିଧାୟକଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ପ୍ରକାଶ ଥାଉକି, ସୁରଥ ଦଳାଇ ଜଣେ ଭଲ ସଂଗଠକ । ସେ ତାଙ୍କର ରାଜନୀତି ଜୀବନରେ ସମିତି ସଭ୍ୟଠାରୁ ସରପଞ୍ଚ ଭାବେ ଅନେକ ଥର ନିର୍ବାଚନ ଜିତି ଅଞ୍ଚଳ ତଥା ଦଳ ପାଇଁ କାର୍ଯ୍ୟ କରିଛନ୍ତି। ଏହାସହ ଚଳିତ ବର୍ଷ ତ୍ରିସ୍ତରୀୟ ନିର୍ବାଚନରେ ଭାଜପାରୁ ଜିଲା ପରିଷଦ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ ମଧ ଦଳର ଜଣେ ଦକ୍ଷ ସଂଗଠକ ଥିଲେ। କିନ୍ତୁ ଦଳର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେବା ଉକ୍ତ ମଣ୍ଡଳ ପାଇଁ ମହଙ୍ଗା ପଡିବ ବୋଲି ସାଧାରଣରେ ଚର୍ଚ୍ଚା ଧରିଛି ।

### ସବୁଜ ଶାଖାର ସଫେଇ ଅଭିଯାନ

ଅସ୍ତରଙ୍ଗ,୨୯।୬(ମମତା ଜେନା)- ଅସ୍ତରଙ୍ଗ ଅଞ୍ଚଳର ସ୍ୱେଚ୍ଛାସେବୀ ସଂଗଠନ ସବୁଜ ଶାଖାର ପ୍ରତିଷ୍ଠାତା ସାମାଜିକ କର୍ମୀ ଦିବାକର ଛାଟୋଇଙ୍କ ତତ୍ତ୍ୱାବଧାନରେ ଗୁରୁବାର ଏକ ସଫେଇ ଅଭିଯାନ ହୋଇଛି। ଅସ୍ତରଙ୍ଗ ବଜାର ତାରିଣୀ ମନ୍ଦିରଠାରୁ ଆରମ୍ଭ କରି ବସ୍‌ଷ୍ଟାଣ୍ଡ, ମୁଖ୍ୟ ବଜାର, ହାଟ ଗଳି, ମାଛ ବଜାର, ମେଡିକାଲ ଛକ ପ୍ରମୁଖ ସ୍ଥାନରେ ଶାଖାର ଉପଦେଷ୍ଟା ହୃଷୀକେଶ ଛାଟୋଇ ଓ ସଭାପତି ରମାକାନ୍ତ ବସ୍ତିଆଙ୍କ ନେତୃତ୍ୱରେ ସମସ୍ତ ସଭ୍ୟମାନେ ଯୋଗଦେଇ ଏହି ସଫେଇ କାର୍ଯ୍ୟ କରିଥିଲେ। ପ୍ରତ୍ୟେକ ମାସର ଶେଷ ଗୁରୁବାର ବଜାର ବନ୍ଦ ରହୁ ଥିବାରୁ ଏହି ସଫେଇ କାର୍ଯ୍ୟ କରାଯାଏ। ଏହା ବ୍ୟତୀତ ଅଞ୍ଚଳର ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ିବା ପାଇଁ ଓ ଅସହାୟ, ରୋଗାଗ୍ରସ୍ତ ବୃଦ୍ଧାବୃଦ୍ଧଙ୍କୁ ସାହାଯ୍ୟ କରୁଛନ୍ତି। ଆଗକୁ ବିଭିନ୍ନ ପଞ୍ଚାୟତରେ ସଫେଇ କାର୍ଯ୍ୟ ହେବ ବୋଲି ବରିଷ୍ଠ ସଭ୍ୟ କେଳୁଚରଣ କହିଛନ୍ତି।

### ସାଇ ଟ୍ରଷ୍ଟ ସିଏମ୍‌ଡି ଗିରଫ ଠକେଇ ଅଭିଯୋଗ

ବୋଲଗଡ଼,୨୯।୬ (ଦେବବ୍ରତ ହୋତା): କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଅଭିଯୋଗରେ ଛତିଶଗଡ଼ ପୋଲିସ ଗୁରୁବାର ସ୍ଥାନୀୟ ପୋଲିସ ସହାୟତାରେ ସାଇ ଟ୍ରଷ୍ଟ ଚିଫ୍ ମ୍ୟାନେଜିଂ ଡାଇରେକ୍ଟର(ସିଏମ୍‌ଡି)ଙ୍କୁ ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅଧୀନ ଚୂଡ଼ା ଗ୍ରାମର ଦୀପକ ବରାଡ଼। ଅଭିଯୋଗ ମୁତାବକ, ବୋଲଗଡ଼ ନିକଟ ବିନୋଦପଡ଼ା ଛକଠାରେ ଏକ ସାଇ ଟ୍ରଷ୍ଟ ନାମକ ସଂସ୍ଥା ଖୋଲିଥିଲା। ଏଠାରେ ବେବି ଫୁଡ୍, ସାଇ କୁଟୀର ଆଦି ବିଭିନ୍ନ ଯୋଜନା କରି ଲୋକମାନଙ୍କୁ ଠକେଇ କରୁଥିଲା ଦୀପକ। ବୋଲଗଡ଼ ଓ ରଣପୁର ବ୍ଲକ ସମେତ ରାଜ୍ୟର ବିଭିନ୍ନ ଜିଲା ଓ ଅନ୍ୟ କେତେକ ରାଜ୍ୟରେ ନେଟ୍‌ୱାର୍କ ଚଳାଇଥିଲା ଏହି ଟ୍ରଷ୍ଟ। ହଜାର ହଜାର ଯୁବତୀ ଯୁବକ ଏହି ଟ୍ରଷ୍ଟ ଅଧୀନରେ କାର୍ଯ୍ୟ କରୁଥିଲେ। ତେବେ ରାଜ୍ୟର ଅନେକ ସ୍ଥାନରୁ ଠକେଇ କରିବା ସହିତ ଛତିଶଗଡ଼ ଅଞ୍ଚଳରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ଛତିଶଗଡ଼ ରାଜ୍ୟ ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ତେବେ ଗୁରୁବାର ଅପରାହ୍ନରେ ଛତିଶଗଡ଼ ପୋଲିସ ରାଜସୁନାଖଳା ଫାଣ୍ଡି ପୋଲିସ ସହାୟତାରେ ବିନୋଦପଡା ସାଇଟ୍ରଷ୍ଟ କାର୍ଯ୍ୟାଳୟରୁ ଦୀପକଙ୍କୁ ଗିରଫ କରିଥିଲା।

# ୫ ବର୍ଷ ହେଲା ହୋଇନି ପାର୍କିଂ ଟେଣ୍ଡର

କୋଣାର୍କ, ୨୯।୬(ଜ୍ୟୋତିରାଜ ମହାନ୍ତି)




- ୨କୋଟିରୁ ଊର୍ଦ୍ଧ୍ୱ ରାଜସ୍ୱ ହାନି
- ଉଚ୍ଚସ୍ତରୀୟ ତଦନ୍ତ ଦାବି

କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକଙ୍କ ଚାରିଚକିଆ ଯାନ, ବସ୍, ଅଟୋରିକ୍ସା ପାର୍କିଂ ନିମନ୍ତେ କୋଣାର୍କ ଏନ୍‌ଏସି ପକ୍ଷରୁ ଗତ ୨୦୧୮ ମସିହାଠାରୁ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ପାର୍କିଂ ସ୍ଥାନ ନିଲାମ କରାଯିବାର ନିୟମ ରହିଛି। ହେଲେ ଦୀର୍ଘ ୫ବର୍ଷ ଧରି ବିଭାଗୀୟ କର୍ତ୍ତୃପକ୍ଷ ଟେଣ୍ଡର ନ କରି ନିଜସ୍ୱ ତରଫରୁ ପାର୍କିଂ ଫି ଆଦାୟ କରାଯାଇ ୨ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ରାଜସ୍ୱ ହାନି ଘଟିଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଥିବା ବେଳେ କେତେଜଣ କର୍ମଚାରୀ ଅର୍ଥ ଲୋଭରେ ଏପରି କରୁଥିବା ଅଭିଯୋଗ ହେଉଛି। ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଅଞ୍ଚଳର ସାମାଜିକ କର୍ମୀ, ସଚେତନ ନାଗରିକ, ବୁଦ୍ଧିଜୀବୀ, ଶିକ୍ଷାବିତ, ବରିଷ୍ଠ ନାଗରିକ ଓ ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଇଛି।

ଖବରରୁ ପ୍ରକାଶ ଯେ, କୋଣାର୍କ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଦ୍ୱାରା କୋଣାର୍କ ଆସୁଥିବା ପର୍ଯ୍ୟଟକଙ୍କ ଗାଡ଼ି ରଖିବା ପାଇଁ ପାର୍କିଂ ଫି ଆଦାୟ ଲାଗି ୨୦୧୮ ପୂର୍ବରୁ ପ୍ରାୟ ୮୦ଲକ୍ଷ ଟଙ୍କାରେ ପାର୍କିଂ ଟେଣ୍ଡର କରାଯାଇ ଏନଏସିର ରାଜସ୍ୱ ବୃଦ୍ଧି କରାଯାଉଥିଲା। ମାତ୍ର ୨୦୧୮ମସିହା ଠାରୁ ୨୦୨୩ମସିହା ମଧ୍ୟରେ କୋଣାର୍କ ଏନଏସି ପକ୍ଷରୁ ପାର୍କିଂ ଟେଣ୍ଡର କରା ନ ଯାଇ କାର୍ଯ୍ୟାଳୟ ପକ୍ଷରୁ ଏହି ପାର୍କିଂ ଫି ଆଦାୟ କରାଯାଉଛି। ଏହି ପାର୍କିଂ ସ୍ଥାନ ଟେଣ୍ଡର ନ ହେବା ଯୋଗୁ ଏନଏସି ବାର୍ଷିକ ୬୦ଲକ୍ଷ ଟଙ୍କା ରାଜସ୍ୱ ହାନି କରୁଛି ବୋଲି ଦେଖିବାକୁ ମିଳିଛି। ବିଗତ ଦିନରେ ପାର୍କିଂ ଟେଣ୍ଡର ମାଧ୍ୟମରେ ୮୦ଲକ୍ଷ ଟଙ୍କା ଆଦାୟ ହେଉଥିବା ବେଳେ ବର୍ତ୍ତମାନ ଟେଣ୍ଡର ନ ହେବା ଦ୍ୱାରା କାର୍ଯ୍ୟାଳୟ ପକ୍ଷରୁ ୨୦ଲକ୍ଷ ଟଙ୍କା ରାଜସ୍ୱ ଆଦାୟ କରାଯାଉଥିବା ବିଶେଷ ସୂତ୍ରରୁ ଜଣାପଡିଛି। ଏହି ପାର୍କିଂ କାର୍ଯ୍ୟରେ ଏନ୍‌ଏସି କାର୍ଯ୍ୟାଳୟର କେତେଜଣ କର୍ମଚାରୀ ନିଜ ସମ୍ପର୍କୀୟମାନଙ୍କୁ ପାର୍କିଂ ଆଦାୟ କାମରେ ନିୟୋଜିତ କରି ନିଜେ ଟଙ୍କା ନେଇ ପାର୍କିଂ ଫି କମ୍ ଆଦାୟ କରାଯାଉଛି ବୋଲି କାର୍ଯ୍ୟାଳୟକୁ ଅବଗତ କରାଇ ବିଭାଗର ରାଜସ୍ୱ ହାନି ଘଟାଉଥିବା ସାଧାରଣରେ ମତ ପ୍ରକାଶ ପାଉଛି। ଏହି ପାର୍କିଂ ଟେଣ୍ଡର ଦୀର୍ଘ ୫ବର୍ଷ ଧରି କରା ନ ଯିବା ପଛରେ କାହାର ହାତ ରହିଛି ଏହାର ବିଧିବଦ୍ଧ ତଦନ୍ତ କରାଗଲେ ପ୍ରକୃତ ରହସ୍ୟ ଉନ୍ମୋଚନ ହେବ ବୋଲି ସାଧାରଣରେ ଦାବି ହେଉଛି। ଏହି ଘଟଣାରେ କେଉଁମାନେ ସମ୍ପୃକ୍ତ, ତାହାର ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ବିଭାଗୀୟ ମନ୍ତ୍ରୀ, ସଚିବ, ପୁରୀ ଜିଲାପାଳ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଓ କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରମୁଖ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ, ସଚେତନ ନାଗରିକଙ୍କ ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ମିଶ୍ର କୁହନ୍ତି, ପାର୍କିଂ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ଠିକାଦାର ଚୟନ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ। କେତେଜଣ କର୍ମଚାରୀ ଅର୍ଥ ଲୋଭରେ ଏପରି କରୁଥିବା ଅଭିଯୋଗ ଉପରେ ତଦନ୍ତ କରିବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବି ବୋଲି ପ୍ରକାଶ କରିଛନ୍ତି।

# ସୁନାବେଶ ଦର୍ଶନବେଳେ ଯୁବତୀଙ୍କ ମୃତ୍ୟୁ

ପୁରୀ,୨୯।୬(ଅଜିତ ମହାନ୍ତି)

ଗୁରୁବାର ମହାପ୍ରଭୁଙ୍କ ସୁନାବେଶ ଦର୍ଶନ ଚାଲିଥିବାବେଳେ ଏକ ଅଘଟଣ ଘଟିଥିବା ନେଇ ସୂଚନା ମିଳିଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଭୁବନେଶ୍ୱରର ସଂଘମିତ୍ରା ବାରିକ। ସୂଚନା ମୁତାବକ, ମହାପ୍ରଭୁଙ୍କ ସୁନାବେଶ ଦର୍ଶନ ପାଇଁ ସଂଘମିତ୍ରା ଶ୍ରୀକ୍ଷେତ୍ର ଆସିଥିଲେ। ଭିଡ଼ ମଧ୍ୟରେ ବ୍ୟାରିକେଡ ମଧ୍ୟରେ ରହି ଠାକୁରଙ୍କୁ ଦର୍ଶନ କରୁଥିଲେ। ଏହି ସମୟରେ ଭକ୍ତଙ୍କ ପ୍ରବଳ ଭିଡ଼ ଲାଗିରହିଥିଲା। ତେବେ ଗହଳି ମଧ୍ୟରେ ସଂଘମିତ୍ରା ଅଚାନକ ଅଣନିଃଶ୍ୱାସୀ ହେବା ସହ ଅଚେତ ହୋଇ ତଳେପଡ଼ିଯାଇଥିଲେ। ସ୍ଥାନୀୟ ଲୋକ ଓ ପୋଲିସ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କର ଚିକିତ୍ସା କରି ମୃତ ଘୋଷଣା କରିଥିଲେ। ଏଥିସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଶବ ସଂରକ୍ଷଣ ଗୃହକୁ ପଠାଇ ଦିଆଯାଇଛି।

# ଗୋଚାଲାଣକୁ ନେଇ ଉତ୍ତେଜନା



ଗୋପ,୨୯।୬(ଭାରତୀ ଭୂଷଣ ଉପାଧ୍ୟାୟ)

### ଗାଡ଼ି, ଗୋରୁ ଜବତ: ଚାଳକ ଫେରାର

ନୟାହାଟ ଫାଣ୍ଡି ଅନ୍ତର୍ଗତ ବିଶୁଳିପଡାରେ ଗୁରୁବାର ସନ୍ଧ୍ୟାରେ ଗୋଟିଏ ଗାଡ଼ିରେ ବେଆଇନ ଭାବେ ଗୋରୁ ଚାଲାଣ ହେଉଥିଲା। ଏହି ଖବର ଗ୍ରାମବାସୀ ଜାଣିବା ପରେ ଉତ୍ତ୍ୟକ୍ତ ହୋଇ ଗୋରୁ ଚାଲାଣ କରୁଥିବା ଲୋକଙ୍କ ସହ ପାଟିତୁଣ୍ଡ କରିବାରୁ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବରପାଇ ଫାଣ୍ଡି ଅଧିକାରୀ କୁନାଲ କୁମାର ପହଞ୍ଚି ଉତ୍ତ୍ୟକ୍ତ ଲୋକମାନଙ୍କୁ ବୁଝାଇବା ପରେ ଗୋରୁ ଗାଡି ସହିତ ସେଥିରେ ଥିବା ଗୋରୁକୁ ଜବତ କରିଛି। ପ୍ରକାଶ ଯେ, ଗୋପ ଥାନା ଅଞ୍ଚଳ ଓ ନୟାହାଟ ଫାଣ୍ଡି ଅଧୀନରୁ କିଛି ଦିନ ଧରି ବେଆଇନ ଭାବେ ଗୋରୁ ସହିତ ଗୋମାଂସ ଚାଲାଣ ହେଉଥିବା ଅଭିଯୋଗ ହୋଇ ଆସୁଥିଲା। ମାତ୍ର ପୋଲିସ ସେପରି ଅଭିଯୋଗ ପ୍ରତି ଗୁରୁତ୍ୱ ଦେଉ ନ ଥିଲା। ଗୁରୁବାର କେତେକ ଗୋ ଚାଲାଣ ବେପାରୀ ଏକ ଗାଡ଼ି (ନମ୍ବର ଓଡି ୦୨ ୦୨୭୭) ଯୋଗେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଗୋରୁ ବାହାରକୁ ଚାଲାଣ କରିବା ଲାଗି ନେଉଥିଲେ। ଏହି ଘଟଣା କେତେକ ସ୍ଥାନୀୟ ଲୋକ ଜାଣିବା ପରେ ଏହି ବେଆଇନ ଗୋରୁ ଗାଡ଼ିକୁ ଅଟକାଇ ଥିଲେ। ପରେ ଏହାକୁ ନେଇ ଗାଁରେ ଉତ୍ତେଜନା ପ୍ରକାଶ ପାଇବା ସହ ଗାଡ଼ିରେ ଥିବା ଗୋରୁଙ୍କୁ ଖୋଲି ଦେଇଥିଲେ। ଏହି ଘଟଣାକୁ ନେଇ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ଖବରପାଇ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ଉତ୍ତ୍ୟକ୍ତ ଲୋକମାନେ ଗୋରୁ ଗାଡିକୁ ପୋଲିସକୁ ଜିମା ଦେଇଥିଲେ। ପୋଲିସ ଗୋରୁ ଗାଡି ସହିତ ମାତ୍ର ୨ଟି ଗୋରୁ ଜବତ କରି ତଦନ୍ତ ଚଳାଇଛି। ବେଆଇନ ଭାବେ ଗୋରୁ ନେଉଥିବା ବେପାରୀମାନେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛି ବୋଲି ପୋଲିସ କହିଛି।

# ଅଭିନନ୍ଦନ, ଆଶାମୁକୁଳ୍‌ଙ୍କୁ ବିଶ୍ୱାବସୁ ସମ୍ମାନ




ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ ।

ପୁରୀ, ୨୯।୬(ଅଜିତ୍ ମହାନ୍ତି):

- ବଡ଼ଦାଣ୍ଡରେ ୨୬ତମ ସୁନାବେଶ ଭଜନ ସମାରୋହ
- ରଶ୍ମିତା, ଅନ୍ତରା, ସୌଜନ୍ୟା, ଶ୍ୟାମପ୍ରକାଶଙ୍କୁ ସୁନାବେଶ ସମ୍ମାନ

'ତୁମେ ହୋଇ ମୋର ରଥର ସାରଥି ବାହନ୍ତ ଜୀବନ ରଥ, ତୁମକୁ ଭାବିଲେ ଆସେ ଚନ୍ଦନ ଉଚ୍ଛ୍ୱାସ, ଆଖିବୁଜି ଦେଲ' କି ହେ ଚକାନୟନ ଭଳି ଭାବ ଭକ୍ତିମୟ ଭଜନକୁ ବଡ଼ଦାଣ୍ଡରେ ଉପଭୋଗ କରିଛନ୍ତି ଲକ୍ଷାଧିକ ଶ୍ରଦ୍ଧାଳୁ। ପୁରୀ ଜିଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନର ମିଳିତ ସହଯୋଗରେ ଏବଂ ୨୬ତମ ସୁନାବେଶ ଭଜନ ସମାରୋହ ଅନୁଷ୍ଠାନର ସଭାପତି ବଦ୍ରି ମିଶ୍ର ଓ ସମ୍ପାଦକ ମନୋଜ ଦଇତାପତିଙ୍କ ପରିଚାଳନାରେ ସୁନାବେଶ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଅତିଥି ଭାବେ ଜିଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ, ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ଜିଲା ପର୍ଯ୍ୟଟନ ସହନିର୍ଦ୍ଦେଶକ ସରୋଜ ପ୍ରଧାନ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଶିଳ୍ପପତି ତିରୁପତି ପାଣିଗ୍ରାହୀ, ଶିକ୍ଷାବିତ୍ ବଦ୍ରିନାଥ ପଟ୍ଟନାୟକ, ପୁରୀ ବ୍ଲକ ଚେୟାରମ୍ୟାନ ଦିବାକର ପାତ୍ର ଏବଂ ଶିଳ୍ପପତି ସନ୍ତୋଷ ବିଶ୍ୱାଳ ଯୋଗଦେଇଥିଲେ। ଏହି ଅବସରରେ ପ୍ରଯୋଜକ ତଥା ସଂସ୍କୃତି ଗବେଷକ ଅଭିନନ୍ଦନ ଦାସ ଏବଂ କଣ୍ଠଶିଳ୍ପୀ ତଥା ସଂସ୍କୃତି ବିଶ୍ୱବିଦ୍ୟାଳୟର ପ୍ରଧାପକ ଆଶାମୁକୁଳ ବାରିକ୍‌ଙ୍କୁ ବିଶ୍ୱାବସୁ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶାସ୍ତ୍ରୀୟ କଣ୍ଠଶିଳ୍ପୀ ରଶ୍ମିତା ଦାଶ, କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ଓ ସୌଜନ୍ୟା ରଥ ଏବଂ ଉଦ୍‌ଘୋଷକ ଶ୍ୟାମପ୍ରକାଶ ସେନାପତିଙ୍କୁ ସୁନାବେଶ ସମ୍ମାନ ପ୍ରଦାନ କରାଯାଇଥିଲା। ପରେ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ, ସପନ ଚକ୍ରବର୍ତ୍ତୀ, ରିମା ମିଶ୍ର, ନିବେଦିତା ପଟ୍ଟନାୟକ, ଦୀପ୍ତିରେଖା, ମାନସୀ, ରବୀନ୍ଦ୍ର, କୈଳାସ ସାହୁ, ବଦ୍ରି ପଟ୍ଟନାୟକ, ରାଜେନ୍ଦ୍ର ମିଶ୍ର, ଦେବାଂଶୀ ଦାସ, ପ୍ରକାଶ ରଥ, ପୂଜା ପଟ୍ଟନାୟକ, ଅଶୋକ ମହାନ୍ତି, ଡା. ସୁଶାନ୍ତ ପାଣି, ଜଗଦୀଶ ରଥ, ରାମକୃଷ୍ଣ ବେହେରା, ରୋଜାଲିନ୍, ନମ୍ରତା ରାଉତ, ମମତାମୟୀ ବିଶ୍ୱାଳ, ନିରଞ୍ଜନ ନାୟକ, ଜ୍ୟୋତି ପ୍ରକାଶ ମିଶ୍ର ଏବଂ ଶଙ୍ଖମିତ୍ର ସିଂହାରୀ ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ। ସମାରୋହକୁ ସଙ୍ଗୀତ ନିର୍ଦ୍ଦେଶକ ଆଲୋକ ମହାପାତ୍ର ସଞ୍ଚାଳନ ଓ ଶ୍ୟାମ ପ୍ରକାଶ ସେନାପତି ସଂଯୋଜନା କରିଥିଲେ। ରମେଶ ପ୍ରହରାଜ, ସନ୍ତୋଷ ବେହେରା, ନୀଳାଦ୍ରି ମହାନ୍ତି ଓ ରବି ନାରାୟଣ ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମୁକେଶଙ୍କ ସମେତ ୪ ଗିରଫ

### ବାପା, ଭାଉଜଙ୍କୁ ଖଣ୍ଡାରେ ହାଣିବା ଘଟଣା

ଭୁବନେଶ୍ୱର,୨୯।୬(ସୂର୍ଯ୍ୟକାନ୍ତ ବେହେରା):

ପାରିବାରିକ କଳହକୁ ନେଇ ମଙ୍ଗଳବାର ରାତିରେ ବାପା ଓ ଭାଉଜଙ୍କୁ ସହଯୋଗୀଙ୍କ ସହ ମିଶି ଖଣ୍ଡାରେ ଆକ୍ରମଣ କରିଥିଲେ ଦୁଇ ପୁଅ। ତେବେ ଏହି ଘଟଣାରେ ଖାରବେଳନଗର ଥାନା ପୋଲିସ ୩ଦିନ ପରେ ଆକ୍ରମଣ କରିଥିବା ପୁଅଙ୍କ ସମେତ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କେଦାରପଲ୍ଲୀ ବସ୍ତିର ମୁକେଶ ଓରଫ ମୁଖିଆ ନାଏକ, ପ୍ରବନ ଓରଫ ସୁରଜ ନାଏକ, ସନ୍ଦୀପ ନାଏକ ଓ ବାଦଲ ନାଏକ। ତାଙ୍କଠାରୁ ଗୋଟିଏ ଖଣ୍ଡା ଓ ଦୁଇଟି ବାଇକ୍ ଜବତ ହୋଇଛି। ସୂଚନା ଅନୁଯାୟୀ, ଆକ୍ରମଣର ଶିକାର ହୋଇଥିବା ରବିଙ୍କ ୫ ପୁଅ। ସେ ପରିବାର ସହ କେଦାରପଲ୍ଲୀ ବସ୍ତିରେ ରହି ଆସୁଥିବାବେଳେ କୌଣସି କାରଣକୁ ନେଇ ମଝିଆ ପୁଅ ରାକେଶ ଓ ଦୁଇ ନମ୍ବର ପୁଅ ପ୍ରମୋଦଙ୍କ ମଧ୍ୟରେ ଦୀର୍ଘଦିନ ହେବ ବିବାଦ ଲାଗିରହିଛି। ତେଣୁ ବାପା ରବି ରାକେଶଙ୍କ ପାଖରେ ରହୁଥିବା ବେଳେ ତାଙ୍କ ସ୍ତ୍ରୀ ବାସନ୍ତୀ ପୁଅ ପ୍ରମୋଦଙ୍କ ପାଖରେ ରହୁଥିଲେ। ହେଲେ ମଙ୍ଗଳବାର କୌଣସି କଥାକୁ ନେଇ ରାକେଶ ଓ ପ୍ରମୋଦଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଅଧିକ ହେବାରୁ ରାକେଶଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ପ୍ରେସକ୍ଲବ୍ ପଛପଟସ୍ଥିତ ବାପଘରକୁ ଚାଲିଆସିଥିଲେ। ଏପରିକି ସେ ତାଙ୍କ ସହ ଶ୍ୱଶୁର ରବି, ସ୍ୱାମୀ ରାକେଶ ଓ ପିଲାମାନଙ୍କୁ ମଧ୍ୟ ନେଇ ଆସିଥିଲେ। ହେଲେ ପ୍ରମୋଦ ଓ ଭାଇ ମୁକେଶ କିଛି ସହଯୋଗୀଙ୍କୁ ଧରି ରାତି ପ୍ରାୟ ୧୦ଟାବେଳେ ଲକ୍ଷ୍ମୀପ୍ରିୟାଙ୍କ ବାପଘରକୁ ଆସି ଲକ୍ଷ୍ମୀପ୍ରିୟାଙ୍କୁ ଗାଳିଗୁଲଜ କରିବା ସହ ହଠାତ୍ ଖଣ୍ଡାରେ ଆକ୍ରମଣ କରିଥିଲେ। ଏହି ସମୟରେ ରବି ସେଠାରେ ପହଞ୍ଚି ବିରୋଧ କରିବାରୁ ପୁଅମାନେ ମଧ୍ୟ ତାଙ୍କୁ ଖଣ୍ଡାରେ ଗୋଡ଼ାଇ ହାଣିଥିଲେ। ସ୍ଥାନୀୟ ଲୋକ ପହଞ୍ଚିଯିବାରୁ ଆକ୍ରମଣକାରୀମାନେ ଫେରାର ହୋଇଯାଇଥିଲେ।

# ପିସିଆର୍- ବାଇକ୍ ମୁହାଁମୁହିଁ ଧକ୍କା, ଚାଳକ ମୃତ

ସାକ୍ଷୀଗୋପାଳ,(ପ୍ରଶାନ୍ତ ବାରିକ/ କିଶୋର ମହାପାତ୍ର)/ ଡେଲାଙ୍ଗ, ୨୯।୬(ରଶ୍ମିରଞ୍ଜନ ପ୍ରଧାନ)

ସତ୍ୟବାଦୀ ଥାନା ଅନ୍ତର୍ଗତ ପଟ୍ଟନାୟିକିଆ- ଡେଲାଙ୍ଗ ରାସ୍ତାର ପଟ୍ଟନାୟିକିଆ ଛକ ନିକଟରେ ଗୁରୁବାର ଅପରାହ୍ନରେ ଏକ ପିସିଆର୍ ଓ ଏକ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଯାଜପୁର ଥାନା ଅଞ୍ଚଳର ମାଇକେଲ ଦେବନାଥ। ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଡେଲାଙ୍ଗ ଥାନାର ଏକ ପିସିଆର ପୁରୀ ଅଭିମୁଖେ ଯାଉଥିବାବେଳେ ଅପରପକ୍ଷେ ମାଇକେଲ ଏକ ବାଇକ୍ ଯୋଗେ ଭୁବନେଶ୍ୱର ପଟୁ ଆସୁଥିବା ବେଳେ ପଟ୍ଟନାୟିକିଆ ଛକ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ମାଇକେଲ ଛିଟିକି ତଳେ ପଡ଼ି ଗୁରୁତର ହୋଇଥିବାବେଳେ ପିସିଆର୍‌ରେ ଥିବା କେତେଜଣ ପୋଲିସ କର୍ମଚାରୀ ମଧ୍ୟ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟ ପୁରୀ ପଠାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ମାଇକେଲଙ୍କୁ ମୃତ ଘୋଷଣା କରିଥିବା ଜଣାପଡିଛି।

# ଶ୍ରୀମନ୍ଦିର ଗର୍ଭଗୃହ ସ୍ଥିତି ଠିକ୍ ଅଛି: ଏଏସ୍‌ଆଇ

ପୁରୀ, ୨୯।୬(ଅଜିତ୍ ମହାନ୍ତି):

ମହାପ୍ରଭୁଙ୍କ ଘୋଷଯାତ୍ରା ସମୟରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍‌ଆଇ) ପକ୍ଷରୁ ଶ୍ରୀମନ୍ଦିରର ବିଭିନ୍ନ ମରାମତି କାର୍ଯ୍ୟ କରାଯିବା ସହ ଗର୍ଭଗୃହର ଯାଞ୍ଚ କରାଯାଇଛି। ଗର୍ଭଗୃହ ସ୍ଥିତି ଠିକ୍ ଥିବା ଏଏସ୍‌ଆଇ ପକ୍ଷରୁ କୁହାଯାଇଛି। ମୂଷା ଉପଦ୍ରବ ରୋକିବା ପାଇଁ ଜାଲି ଲଗାଯାଇଛି। ଶ୍ରୀମନ୍ଦିର ଜଗମୋହନରେ ଆବଶ୍ୟକ କାର୍ଯ୍ୟ କରାଯିବା ସହ କିଛି ଲୁହାବିମ୍‌କୁ ସ୍ଥାନାନ୍ତର କରାଯାଇଛି। କଳା ଥିବା ସ୍ଥାନକୁ ସଫା କରାଯାଇଛି। ପାଣି ଲିକ୍ ନ କରିବା ପାଇଁ କାର୍ଯ୍ୟ ହୋଇଛି। ଗର୍ଭଗୃହର ପ୍ରଥମ ମହଲା ସ୍ଥିତି ଅନୁଧ୍ୟାନ କରାଯାଇଛି। ଦ୍ୱିତୀୟ ମହଲା ସ୍ଥିତି ପରେ ଅନୁଧ୍ୟାନ ହେବ। ଏଥିସହ ଶ୍ରୀମନ୍ଦିରର ଅନ୍ୟାନ୍ୟ ସ୍ଥାନ ଯାଞ୍ଚ କରାଯାଇଛି, ଯାହା ମରାମତି ହେବା କଥା କରାଯାଇଛି। ଗତ ୨୨ତାରିଖରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ଅନୁଯାୟୀ ଏହି ପଦକ୍ଷେପ ନିଆଯାଇଛି। ଏଏସ୍‌ଆଇ ଡିଜି କିଶୋର ବାସା କହିଛନ୍ତି, ଶ୍ରୀମନ୍ଦିର ଗର୍ଭଗୃହ ସ୍ଥିତି ଠିକ୍ ଅଛି। ଗର୍ଭଗୃହ, ଜଗମୋହନ ଓ ନାଟମଣ୍ଡପ ସ୍ଥିତି ଯାଞ୍ଚ କରାଯାଇଛି।



ଗୁରୁବାର ସୁନାବେଶ ଅବସରରେ ପୁରୀ ବଡଦାଣ୍ଡରେ ତିନିରଥ ସମ୍ମୁଖରେ ଶ୍ରଦ୍ଧାଳୁମାନେ ଦୀପ ଜାଳୁଛନ୍ତି । (ଫଟୋ-ଯଜ୍ଞେଶ୍ୱର)

# ମେଡିକାଲ ସାମଗ୍ରୀ ବିକ୍ରି ଉଦ୍ୟମ ବେଳେ ଧରାପଡ଼ିଲା

ପିପିଲି,୨୯।୬(ପ୍ରଭାତ ମହାପାତ୍ର):



### ଗାଡ଼ି ଛାଡ଼ି ଚାଳକ ଫେରାର

ପିପିଲି ସରକାରୀ ଡାକ୍ତରଖାନାର ବିଭିନ୍ନ ସାମଗ୍ରୀ ଚତୁରତା ସହ ବିକ୍ରି ଉଦ୍ୟମ କରାଯାଉଛି। ପ୍ରାୟ ଲକ୍ଷାଧିକ ଟଙ୍କାର କେତେକ ସାମଗ୍ରୀ ଚୋରାରେ କମ୍ ଦାମ୍‌ରେ କବାଡ଼ିଆଙ୍କୁ ବିକ୍ରି ପାଇଁ ଯାଉଥିବାବେଳେ ଗୁରୁବାର ଧରାପଡ଼ିଛି। ଖବର ପାଇ ପିପିଲିର ପୂର୍ବତନ ବିଧାୟକ ଯୁଧିଷ୍ଠିର ସାମନ୍ତରାୟ ସେଠାରେ ପହଞ୍ଚି ସାମଗ୍ରୀ ଚାଲାଣକୁ ବିରୋଧ କରିବା ସହ ଅନୁସନ୍ଧାନ କରାଯାଇ ଚାଲାଣକାରୀ ମେଡିକାଲ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ମିଳିଥିବା ସୂଚନା ଅନୁସାରେ, ସକାଳେ ଦୁଇଟି ମିନିଟ୍ରକରେ ପିପିଲି ଡାକ୍ତରଖାନାର କିଛି ଖଟିଆ, ୨ଟି ଏସି, ଇନଭର୍ଟର, ବ୍ୟାଟେରି ସହ ଅନ୍ୟାନ୍ୟ ସାମଗ୍ରୀ ଚାଲାଣ ପାଇଁ ଲୋଡ୍ ହେଉଥିଲା। ତେବେ ସନ୍ଦେହଜନକ ଅବସ୍ଥାରେ ଗାଡ଼ିରେ ସବୁ ସାମଗ୍ରୀ ରଖାଯାଉଥିବା ଜାଣିପାରି ସ୍ଥାନୀୟ ଲୋକ ଓ କେତେଜଣ ଖବରଦାତା ସେଠାରେ ପହଞ୍ଚିଥିଲେ। ହେଲେ ସେତେବେଳକୁ ଗୋଟିଏ ଗାଡି ବାହାରି ଯାଇଥିବା ବେଳେ ଦ୍ୱିତୀୟ ଗାଡିଟି ଡାକ୍ତରଖାନାରୁ ବାହାରୁଥିଲା। ଏହି ସାମଗ୍ରୀ କୁଆଡେ ଯାଉଛି, କେଉଁ ଅଧିକାରୀଙ୍କର ନିର୍ଦ୍ଦେଶ ଅଛି କି ପଚାରିବାରେ ଗାଡି ଚାଳକ ୬ହଜାର ଟଙ୍କାରେ ଏହିସବୁ ସାମଗ୍ରୀ ବିକ୍ରି ହେଉଥିବା କହି ସେଠାରୁ ଦୌଡ଼ି ପଳାଇଥିଲେ। ପରେ ପୂର୍ବତନ ବିଧାୟକ ସାମନ୍ତରାୟ ଉକ୍ତ ହସ୍ପିଟାଲରେ ପହଞ୍ଚି ସରକାରୀ ସାମଗ୍ରୀର ବିକ୍ରି ଉଦ୍ୟମକୁ ନେଇ ବିରକ୍ତି ପ୍ରକାଶ କରିବା ସହ ଚାଲାଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଅଟକ ରହିଥିବା ଗାଡିରୁ ଡାକ୍ତରଖାନାର ସାମଗ୍ରୀ ଖାଲି କରାଯାଇ ଡାକ୍ତରଖାନା ଷ୍ଟୋରରେ ରଖାଯାଇଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ତେବେ ବିକ୍ରି ଉଦ୍ୟମ ଅଭିଯୋଗରୁ ବର୍ତ୍ତିବା ପାଇଁ ଅଧିକାରୀମାନେ ପିଛିଲା ତାରିଖ ଦର୍ଶାଇ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତିରେ ଲାଗିପଡ଼ିଥିବା ଉକ୍ତ ହସ୍ପିଟାଲର ଜଣେ କର୍ମଚାରୀ ନିଜ ନାମ ଗୋପନ ସର୍ତ୍ତରେ କହିଛନ୍ତି। ଏ ନେଇ ପିପିଲି ଡାକ୍ତରଖାନା ଭାରପ୍ରାପ୍ତ ଅଧିକାରୀ ଡା. ଜ୍ୟୋତିରଞ୍ଜନ ସାହୁଙ୍କୁ ପଚାରିବାରେ ସାମଗ୍ରୀ ବିକ୍ରି ପାଇଁ ବ୍ଲକ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶ ଥିବା କହିଥିଲେ। ଅପରପକ୍ଷେ ବ୍ଲକ ଚିକିତ୍ସାଧିକାରୀ ଡା. ବିନୟ କୁମାର ପଣ୍ଡା କୁହନ୍ତି, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶ ଅନୁସାରେ ବିକ୍ରି ହେଉଛି। ହେଲେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତା ମିଶ୍ରଙ୍କୁ ପଚାରିବାରେ ଅଦରକାରୀ ଓ ନଷ୍ଟ ହୋଇଥିବା ସାମଗ୍ରୀର ତାଲିକା ହୋଇଛି। କିନ୍ତୁ ଚାଲାଣ ପାଇଁ କୌଣସି ନିର୍ଦ୍ଦେଶ ନ ଥିବା ସେ କହିଥିଲେ। ତେବେ ଡାକ୍ତରଖାନାର ସାମଗ୍ରୀ କିଏ ବିକ୍ରି ପାଇଁ ଯୋଜନା କରିଛି, ସେନେଇ ସାଧାରଣରେ ପ୍ରଶ୍ନ ସୃଷ୍ଟି ହେଉଛି। ସୂଚନା ଅନୁସାରେ ପୂର୍ବରୁ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ମଧ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରା ଚାଲାଣ ହୋଇଥିବା ଅଭିଯୋଗ ହୋଇଛି।

# 'ସୁନା ନୁହେଁ, ପିତଳ ଥାଳିରେ ଖାଉଛନ୍ତି ମହାପ୍ରଭୁ'

## ଅଭିଯୋଗ ଆଣିଲେ ବରିଷ୍ଠ ସେବାୟତ

- ସ୍ଥିତି ଭଲ ନ ଥିବାରୁ ରତ୍ନଭଣ୍ଡାର ଖୋଲାଯାଉ
- ରତ୍ନ ଅଳଙ୍କାର ଯାଞ୍ଚ ସହ ଗଣତି କରାଯାଉ
- ସରକାରଙ୍କ ଆନ୍ତରିକତା ଥିବା ମନେ ହେଉନି



ପୁରୀ, ୨୯।୬(ଅଜିତ୍ ମହାନ୍ତି)

କୋଟି କୋଟି ଓଡ଼ିଆଙ୍କ ମଉଡ଼ମଣି ମହାପ୍ରଭୁ ଶ୍ରୀଜଗନ୍ନାଥ ପିତଳ ଥାଳିରେ ଖାଉଛନ୍ତି ଏବଂ ପୁରୁଣା ଅଳଙ୍କାର ପରିଧାନ କରୁଛନ୍ତି। ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ପ୍ରଚୁର ରତ୍ନଅଳଙ୍କାର ଗଚ୍ଛିତ ରହିଥିଲେ ମଧ୍ୟ ଜଗତ ଠାକୁରଙ୍କ ବ୍ୟବହାରରେ ତାହା ଲାଗିପାରୁନାହିଁ। ଏହାଠୁ ବଳି ଦୁଃଖ ନାହିଁ ବୋଲି କହି କ୍ଷୋଭ ପ୍ରକାଶ କରିଛନ୍ତି ବରିଷ୍ଠ ସେବାୟତ ତଥା ମହାପ୍ରଭୁଙ୍କ ମୁଖ୍ୟ ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର। ଏଥିସହ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯାଇ ରତ୍ନଅଳଙ୍କାର ଯାଞ୍ଚ ଓ ଗଣତି କରାଯିବାକୁ ସେ ଦାବି କରିଛନ୍ତି। ଏକ ବୈଦ୍ୟୁତିକ ଗଣମାଧ୍ୟମକୁ ସ୍ୱାଇଁ ମହାପାତ୍ର ଏହି ସୂଚନା ଦେବା ପରେ ଜଗନ୍ନାଥପ୍ରେମୀଙ୍କୁ ଉକ୍ତ ଘଟଣା ବ୍ୟଥିତ କରିଛି। ରତ୍ନଭଣ୍ଡାର ଖୋଲି ରତ୍ନଅଳଙ୍କାର ସମେତ ଅନ୍ୟାନ୍ୟ ସାମଗ୍ରୀ ଆଣି ବିଶ୍ୱନିୟନ୍ତାଙ୍କ ବ୍ୟବହାରରେ ଲଗାଇବା ପାଇଁ ସେମାନେ ମତ ଦେଇଛନ୍ତି।

ଶ୍ରୀଜଗନ୍ନାଥଙ୍କ ମୁଖ୍ୟ ବାଡ଼ଗ୍ରାହୀ ସ୍ୱାଇଁ ମହାପାତ୍ର ଗଣମାଧ୍ୟମକୁ କହିଛନ୍ତି, ରତ୍ନଭଣ୍ଡାରରେ ପ୍ରଚୁର ସ୍ୱର୍ଣ୍ଣ ଅଳଙ୍କାର ରହିଛି। ଏହାସତ୍ତ୍ୱେ ମହାପ୍ରଭୁ ପୁରୁଣା ଅଳଙ୍କାରରେ ସଜେଇ ହେଉଛନ୍ତି। ସେହିପରି ମହାପ୍ରଭୁ ଖାଉଥିବା ପିତଳ ଥାଳିକୁ ସୁନା ବୋଲି କୁହାଯାଉଛି। ଏହା ତାଙ୍କୁ ବ୍ୟଥିତ କରୁଛି। ମହାପ୍ରଭୁଙ୍କ ଅଳଙ୍କାର ରତ୍ନଭଣ୍ଡାରରେ ଖତ ଖାଉଛି। ତେଣୁ ରତ୍ନଭଣ୍ଡାର ଖୋଲାଯାଉ। ସରକାର ଚାହିଁଲେ ସେହି ଅଳଙ୍କାରରେ ମହାପ୍ରଭୁଙ୍କ ପାଇଁ ୧୦ରୁ ୧୫ଟି ସୁବର୍ଣ୍ଣ ସେଟ୍ ନିର୍ମାଣ କରିପାରିବେ। ସରକାର ଚାହିଁଲେ ସବୁ ହୋଇପାରିବ। ଦାତା ମଧ୍ୟ ଅଳଙ୍କାର ଦେବେ। ମାତ୍ର ସରକାର କାହିଁକି ରତ୍ନଭଣ୍ଡାର ଖୋଲୁନାହାନ୍ତି ତାହା ବୁଝାପଡୁନାହିଁ। ଗଜପତି ମହାରାଜା କହିବା ପରେ ମଧ୍ୟ ସରକାର ଚୁପ୍। ରତ୍ନଭଣ୍ଡାର କାନ୍ଥ ଫାଟି ପାଣି ଗଳୁଛି। ଦିନେ ହୁଏତ ଏହା ଭୁଶୁଡ଼ିପଡ଼ିବ। ତେଣୁ ରତ୍ନଭଣ୍ଡାର ମରାମତି କରାଯିବାର ଆବଶ୍ୟକତା ରହିଛି। ସେହିପରି ମହାପ୍ରଭୁଙ୍କ ଅନେକ ବେଶ ମଧ୍ୟରୁ ରଘୁନାଥ ବେଶ ଅନ୍ୟତମ, ଯାହା ଏବେ କରାଯାଉନାହିଁ। ରଘୁନାଥ ବେଶରେ ମହାପ୍ରଭୁଙ୍କୁ କୁଇଣ୍ଟାଲ କୁଇଣ୍ଟାଲ ସୁନାରେ ସଜାଯାଉଥିଲା। ତେବେ ଅନେକ ବର୍ଷ ହେବ ଏହି ବେଶ ହେଉନାହିଁ। ତେଣୁ ରତ୍ନଭଣ୍ଡାର ଖୋଲାଯାଇ କ'ଣ ସବୁ ଅଛି ଓ କିଭଳି ଅବସ୍ଥାରେ ରହିଛି ତାହା ଯାଞ୍ଚ କରାଯିବା ଉଚିତ ବୋଲି ସ୍ୱାଇଁ ମହାପାତ୍ର କହିଛନ୍ତି।

ସେହିପରି ବରିଷ୍ଠ ଦଇତାପତି ସେବକ ବିନାୟକ ଦାସ ମହାପାତ୍ର କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥ ଏବେ ସୁନାଥାଳିରେ ଖାଉନାହାନ୍ତି। ମହାପ୍ରଭୁଙ୍କୁ ପିତଳ ଥାଳିରେ ଭୋଗ ଲାଗି କରାଯାଉଛି, ଯାହାକୁ ସୁନା ଥାଳି ବୋଲି କୁହାଯାଉଛି। ଭିତର ରତ୍ନଭଣ୍ଡାର ଘରେ ସୁନାଥାଳି ରହିଛି। ତେଣୁ ରତ୍ନଭଣ୍ଡାର ଖୋଲାଯାଉ ବୋଲି ଦାସ ମହାପାତ୍ର କହିଛନ୍ତି। ମହାରାଜା କପିଳେନ୍ଦ୍ର ଦେବ ରାଜ୍ୟ ଜୟ କରି ଯେଉଁ ସୁନା ଅଳଙ୍କାର ସବୁ ଆଣିଥିଲେ, ତାହାକୁ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦାନ କରିଥିଲେ। ସେହି ସୁନାରେ ମହାପ୍ରଭୁଙ୍କ ଅଳଙ୍କାର ନିର୍ମାଣ କରାଯାଇଥିଲା। ତାହାକୁ ମହାପ୍ରଭୁ ଧାରଣ କରିଛନ୍ତି। ତେବେ ବର୍ତ୍ତମାନ ମହାପ୍ରଭୁଙ୍କ ପାଇଁ ନୂତନ ସୁନା ଅଳଙ୍କାର ସେଟ୍ ନିର୍ମାଣ ହେବା ଆବଶ୍ୟକ। ଅଳଙ୍କାର ନିର୍ମାଣ ଲାଗି ଦାତାଙ୍କ ଅଭାବ ନାହିଁ କି ଶ୍ରୀଜଗନ୍ନାଥଙ୍କ ସମ୍ପତ୍ତି କମ୍ ନାହିଁ। ଶ୍ରୀଜଗନ୍ନାଥଙ୍କ ୬୦ ହଜାର ଏକର ଜମି ଲୋକେ ମାଡ଼ି ବସିଛନ୍ତି। ସେହି ସମ୍ପତ୍ତିରୁ ଯଦି କିଛି ଆସିଯାନ୍ତା, ତେବେ ଆଉ ୨-୩ଟି ଅଙ୍କାର ସେଟ୍ ନିର୍ମାଣ ହୋଇପାରନ୍ତା। ତେବେ କାହାର ଉଦ୍ୟମ ତଥା ଆନ୍ତରିକତା ନାହିଁ ବୋଲି ଦାସମହାପାତ୍ର କହିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୨୧ ସୁନାବେଶରେ ମହାପ୍ରଭୁଙ୍କ କିରୀଟର କିଛି ଅଂଶ ଭାଙ୍ଗିଯାଇଥିଲା। ସେହି ଅଂଶକୁ ଲୁଚାଇବାକୁ ମଲ୍ଲୀଫୁଲମାଳ ଦିଆଯାଇଥିଲା। ଅନ୍ୟପକ୍ଷରେ ଗତ ୧୭ ତାରିଖରେ ଏକ ବୈଦ୍ୟୁତିକ ଗଣମାଧ୍ୟମକୁ ସାକ୍ଷାତକାର ଦେବା ଅବସରରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ରତ୍ନଭଣ୍ଡାର ଖୋଲାଯିବା ସପକ୍ଷରେ ମତ ଦେଇଥିଲେ। ଭକ୍ତ ଓ ସେବାୟତମାନଙ୍କ ପକ୍ଷରୁ ମଧ୍ୟ ଏ ନେଇ ଦାବି ହୋଇଆସୁଛି। ତେବେ ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।



ଭୁବନେଶ୍ୱର ସୂଚନା ଭବନଠାରେ ଗୁରୁବାର ପ୍ରଥମ ଟେଲି ଫିଲ୍ମ 'ଉଷା' ପ୍ରଦର୍ଶନ ଅବସରରେ ଅଭିନୟ କରିଥିବା କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ପ୍ରଥମ ଟେଲିଫିଲ୍ମ 'ଉଷା' ପ୍ରଦର୍ଶିତ

ଭୁବନେଶ୍ୱର,୨୯।୬(ଶର୍ମିଷ୍ଠା ପାଣିଗ୍ରାହୀ)

ଫିଲ୍ମ ଜର୍ନାଲିଷ୍ଟ ଫୋରମ ପକ୍ଷରୁ ଅକ୍ଷୟ ମହାନ୍ତି ଟ୍ରଷ୍ଟ ସହଯୋଗରେ ଗୁରୁବାର ସୂଚନା ଭବନଠାରେ ପ୍ରଥମ ଟେଲି ଫିଲ୍ମ 'ଉଷା' ପ୍ରଦର୍ଶିତ ହୋଇଯାଇଛି। ଏହାର ଟାଇଟଲ 'ସ୍ମୃତିଛାୟା ୧୯' ରହିଛି। ୧୯୮୭ ମସିହାରେ ଦୂରଦର୍ଶନରେ ପ୍ରସାରିତ ପ୍ରଥମ ଓଡ଼ିଆ ଟେଲିଫିଲ୍ମ 'ଉଷା' ଆଜି ମଧ୍ୟ ଅନେକ ଦର୍ଶକଙ୍କ ସ୍ମୃତିରେ ରହିଛି। ପ୍ରଖ୍ୟାତ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ନିତାଇ ପାଲିତଙ୍କ କାହାଣୀ, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନାରେ ନିର୍ମିତ ୯୦ ମିନିଟ ଅବଧିର ଏହି ଟେଲିଫିଲ୍ମ ଯୌତୁକ ନିର୍ଯାତନା ଓ ସମାଜ ସଚେତନତାର ବାର୍ତ୍ତା ବହନ କରେ। କିମ୍ବଦନ୍ତୀ ପୁରୁଷ ଅକ୍ଷୟ ମହାନ୍ତି ଏହାର ଗୀତ ଓ ସଂଗୀତ ଦାୟିତ୍ୱରେ ଥିଲେ। ଅଭିନୟ ମଧ୍ୟ କରିଥିଲେ। ନାୟକ ଭୂମିକାରେ ଅମରେଶ, ନାୟିକା ବୀଣା, ଭୀମ ସିଂହ, ଅନନ୍ତ ଭାରତୀ ଓ ମହେନ୍ଦ୍ର ମିଶ୍ର ପ୍ରମୁଖ ଭୂମିକାରେ ରହିଥିଲେ। ସନ୍ଧ୍ୟାରେ 'ଉଷା' ପ୍ରଦର୍ଶିତ ହେବା ପରେ ଚଳଚ୍ଚିତ୍ର ସହ ସଂଶ୍ଳିଷ୍ଟ ଥିବା ବ୍ୟକ୍ତିବିଶେଷ ଅମରେଶ, ବୀଣା, ଅମରଜ୍ୟୋତି, ଅନନ୍ତ ଭାରତୀ, ଦିଲୀପ ମହାନ୍ତି, ମନୋଜ ପଟ୍ଟନାୟକ, ବିନାୟକ ମିଶ୍ର, ଯୁଗଳ ଦେବତା, ମହେନ୍ଦ୍ର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସିନେ ସମୀକ୍ଷକ ସୂର୍ଯ୍ୟ ଦେଓ ଏହି ଚଳଚ୍ଚିତ୍ର ସମ୍ପର୍କିତ ତଥ୍ୟ ଏକତ୍ରିତ କରିବାର ପର୍ଯ୍ୟାୟ ସମ୍ପର୍କରେ ଜଣାଇଥିଲେ। ଟ୍ରଷ୍ଟ ପକ୍ଷରୁ ମିତ୍ରଭାନୁ ମହାନ୍ତି କାର୍ଯ୍ୟକ୍ରମ ସମ୍ପର୍କିତ ଆଭିମୁଖ୍ୟ ପ୍ରଦାନ କରିଥିଲେ।

# କିଟ୍ ପରିସରରେ ଖୋଲିଲା କଳିଙ୍ଗ ଭାରତୀ କମ୍ୟୁନିଟି ରେଡିଓ କେନ୍ଦ୍ର

ଭୁବନେଶ୍ୱର,୨୯।୬
(ଅନୁରାଧା ମହାରଣା)

କିଟ୍ କ୍ୟାମ୍ପସରେ କଳିଙ୍ଗ ଭାରତୀ ୯୦.୦ ଏଫ୍ଏମ୍ କମ୍ୟୁନିଟି ରେଡ଼ିଓ କେନ୍ଦ୍ର ସ୍ଥାପନ କରାଯାଇଥିବାବେଳେ ଗୁରୁବାରଠାରୁ ଏଠାରୁ ଆନୁଷ୍ଠାନିକ ଭାବେ ପ୍ରସାରଣ ଆରମ୍ଭ ହୋଇଛି। ସ୍ଥାନୀୟ କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ, ମିହିର କୁମାର ରାଉତ ଓ ପଟିଆ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ଗଜେନ୍ଦ୍ର ଜେନାଙ୍କ ସମେତ ଚନ୍ଦକା, ଅନ୍ଧାରୁଆ, ଦାରୁଠେଙ୍ଗ, ପଥରଗାଡ଼ିଆ ଆଦି ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ କିଟ୍ ଓ କିସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଏହି କମ୍ୟୁନିଟି ରେଡିଓ କେନ୍ଦ୍ରକୁ ଲୋକାର୍ପଣ କରିଥିଲେ। ୨୫ ବର୍ଗ କିଲୋମିଟର ଅଞ୍ଚଳର ଜନସାଧାରଣଙ୍କୁ ଏହି ରେଡିଓ ମାଧ୍ୟମରେ ବିଭିନ୍ନ ସୂଚନା ଓ ମନୋରଞ୍ଜନ ଯୋଗାଇ ଦିଆଯାଇପାରିବ। ଏହା ବ୍ୟତୀତ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ଆଞ୍ଚଳିକ ବିକାଶ ଦିଗରେ ଏହି ରେଡିଓ କାର୍ଯ୍ୟ କରିବ ବୋଲି ଡ. ସାମନ୍ତ ସୂଚନା ଦେଇଥିଲେ। ସତ୍ୟଜିତ ରାୟ ଫିଲ୍ମ ଆଣ୍ଡ୍ ଟେଲିଭିଜନ ଇନଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ହିମାଂଶୁ ଶେଖର ଖଟୁଆ, କିଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସସ୍ମିତା ସାମନ୍ତ, ଉପକୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଓ କଳିଙ୍ଗ ଭାରତୀ କମ୍ୟୁନିଟି ରେଡିଓର ମୁଖ୍ୟ ଅନାଦି ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ।




କଳିଙ୍ଗ ଭାରତୀ କମ୍ୟୁନିଟି ରେଡିଓ କେନ୍ଦ୍ରକୁ ଲୋକାର୍ପଣ ଉତ୍ସବରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଓ ଅନ୍ୟ ଅତିଥିମାନେ ।

## ଏଯାଏ ସରୁନି ଟ୍ରେନ୍ ଦୁର୍ଘଟଣା ପରର ଯନ୍ତ୍ରଣା

# ଶୁଦ୍ଧିକ୍ରିୟା ହୋଇ ନ ଥିବାରୁ ଗାଁ ବାରଣ

- ୨୫ଦିନ ହେବ ଏମ୍ସରେ ପଡ଼ି ରହିଛନ୍ତି ଝାଡ଼ଖଣ୍ଡ ଦମ୍ପତି
- ପୁଅକୁ ହରାଇବାଠୁ ବଳିଗଲା ମୃତଦେହ ପାଇବା କଷ୍ଟ
- ଆଶା ଭାଙ୍ଗି ଦେଉଛି ଏମ୍ସ

ଭୁବନେଶ୍ୱର,୨୯।୬(ଅଭିଜିତ ଦାସ)

ବାଲେଶ୍ୱର ବାହାନଗା ଟ୍ରେନ୍ ଦୁର୍ଘଟଣାକୁ ଇତିମଧ୍ୟରେ ୨୭ଦିନ ବିତିଛି। ହେଲେ ଏଯାଏ ୮୧ ମୃତଦେହ ଚିହ୍ନଟ ହୋଇପାରୁ ନାହିଁ। ମୃତଦେହକୁ ଅପେକ୍ଷା କରି ନିରାଶ ହେବା ପରେ ବହୁ ଦାବିଦାର ଗାଁକୁ ଫେରିଯାଇଥିବାବେଳେ ଆଉ କିଛି ପରିବାର ଏବେ ବି ଭୁବନେଶ୍ୱର ଏମ୍ସ ପରିସରରେ ପଡି ରହିଛନ୍ତି। ଡିଏନ୍ଏ ରିପୋର୍ଟ ଆସିବା ବିଳମ୍ବ ହେଉଥିବାରୁ ସେମାନେ ନାନା ଯନ୍ତ୍ରଣା ଭିତରେ ଦିନ କାଟୁଛନ୍ତି। ଏପଟେ ଗାଁର ସାମାଜିକ କଟକଣା ସେମାନଙ୍କ ଯନ୍ତ୍ରଣାକୁ ବଢ଼ାଇ ଦେଇଛି। ମୃତଦେହ ମିଳି ନ ଥିବାରୁ ଶୁଦ୍ଧିକ୍ରିୟା କରିପାରୁନାହାନ୍ତି। ପୁଣି ବିନା କ୍ରିୟାକର୍ମରେ ଗାଁ ପ୍ରବେଶକୁ ମନା କରୁଛି ସେମାନଙ୍କ ସମ୍ପ୍ରଦାୟ। ଏପରିକି ଶୁଦ୍ଧିକ୍ରିୟା ନ କରି ଗାଁରେ ରହିଲେ ବାସନ୍ଦ କରାଯିବ ବୋଲି ଧମକ ଦେଉଛି ଗାଁ କମିଟି।

ନିଜ ସାନ ପୁଅର ମୃତଦେହ ପାଇବା ଆଶାରେ ଝାଡଖଣ୍ଡ ପୁରୁଣା ସାହେବଗଞ୍ଜ ଅଞ୍ଚଳର ୬୫ ବର୍ଷୀୟା ମାଆ ଯଶୋଦା ଦେବୀ ଓ ଦିବ୍ୟାଙ୍ଗ ବାପା ଲକ୍ଷ୍ମଣ ଚୌଧୁରୀ ୨୪ଦିନ ହେବ ଏଠାରେ ରହି ଆସିଛନ୍ତି। ସେମାନଙ୍କ କହିବାନୁଯାୟୀ, ପୁଅର ମୃତ୍ୟୁ ଖବର ପାଇବା ପରେ ପ୍ରଥମେ ବଡ଼ ପୁଅ ଏଠାକୁ ଆସି ମୃତଦେହ ଚିହ୍ନଟ କରିଥିଲେ। ତା'ପରେ ମା'ବାପା ଆସିଥିଲେ। ହେଲେ ଡିଏନ୍ଏ ରିପୋର୍ଟ ଆସିବା ପରେ ମୃତଦେହ ଦିଆଯିବ ବୋଲି କହିବାରୁ ବଡ଼ପୁଅ ଗାଁକୁ ପଳାଇଛନ୍ତି। ହେଲେ ଶୁଦ୍ଧିକ୍ରିୟା କରିପାରୁ ନ ଥିବାରୁ ଗାଁରେ ତାଙ୍କୁ ବାସନ୍ଦ କରି ରଖିଛନ୍ତି। ବିନା କ୍ରିୟାକର୍ମରେ ଗାଁ ଲୋକ ଘର ପ୍ରବେଶକୁ ବାରଣ କରୁଛନ୍ତି। ତେଣୁ ଏଠାରେ ପଡି ରହିଛୁ ବୋଲି ସେମାନେ କହିଛନ୍ତି। ଯଶୋଦାଙ୍କ କହିବା ଅନୁଯାୟୀ, ଘଟଣାକୁ ୨୭ ଦିନ ବିତିଯିବ ନିଜ ପୁଅର ମୃତଦେହ ଦେଖିପାରିନାହୁଁ। ଦିବ୍ୟାଙ୍ଗ ବାପା ଲକ୍ଷ୍ମଣ କହିଛନ୍ତି, ସମସ୍ତ ଆଶା ବିଶ୍ୱାସ ଭାଙ୍ଗି ଦେଉଛି ଏମ୍ସ ହସ୍ପିଟାଲ। ଏବେ ମୃତଦେହ ମିଳିବ କି ନାହିଁ ତାହା ମଧ୍ୟ ସନ୍ଦେହ ଲାଗୁଛି। କେବଳ ଝାଡଖଣ୍ଡର ଏହି ପରିବାର ନୁହେଁ, ଏମିତି ଅନେକ ପରିବାର ମୃତଦେହ ପାଇବାକୁ ବହୁ ଦୁଃଖକଷ୍ଟ ଭିତରେ ଆଶା ବାନ୍ଧି ରହିଥିବାବେଳେ ଗାଁର ସାମାଜିକ କଟକଣା ସେମାନଙ୍କ ଜୀବନକୁ ଦହଗଞ୍ଜ କରୁଛି। ତେଣୁ ଶୀଘ୍ର ସେମାନଙ୍କ ଲୋକଙ୍କ ମୃତଦେହକୁ ଚିହ୍ନଟ କରି ହସ୍ତାନ୍ତର କରିବାକୁ ଦାବି କରିଛନ୍ତି।





ପୁଅର ମୃତଦେହ ପାଇବା ଅପେକ୍ଷାରେ ଦିବ୍ୟାଙ୍ଗ ବାପା ଲକ୍ଷ୍ମଣ ଚୌଧୁରୀ ଓ ମାଆ ଯଶୋଦା ଦେବୀ। ଅନ୍ୟ ମୃତକଙ୍କ ଆତ୍ମୀୟସ୍ୱଜନ।

ସୂଚନାନୁସାରେ, ଡିଏନ୍ଏ ରିପୋର୍ଟ ଆସିବା ପରେ ପ୍ରକୃତ ପରିବାରକୁ ସେମାନଙ୍କ ମୃତଦେହ ହସ୍ତାନ୍ତର କରାଯିବ। ଏଥିପାଇଁ ଦାବିଦାର ପରିବାରର ରହିବା ପାଇଁ ରେଳ ବିଭାଗ ତରଫରୁ ଗେଷ୍ଟ ହାଉସ୍‌ର ବ୍ୟବସ୍ଥା କରାଯାଇଛି। ସେମାନେ ରାତିରେ ଗେଷ୍ଟ ହାଉସ୍‌ରେ ରହିବା ସହ ବାକି ସବୁ ସମୟ ଏମ୍ସରେ କାଟୁଛନ୍ତି। କେତେବେଳେ ଡିଏନ୍ଏ ରିପୋର୍ଟ ଆସିବ ଓ ଏମ୍ସ କର୍ତ୍ତୃପକ୍ଷ କାହାକୁ ପୁଅ, ତ ଆଉ କାହାକୁ ପରିବାର ସଦସ୍ୟଙ୍କ ମୃତଦେହ ହସ୍ତାନ୍ତର କରିବ ତାହାକୁ ଅପେକ୍ଷା କରିଛନ୍ତି।

### ୧୦ରୁ ଊର୍ଦ୍ଧ୍ୱ ଡିଏନ୍ଏ ମ୍ୟାଚ୍ କରିଥିବା ସୂଚନା

ଟ୍ରେନ୍ ଦୁର୍ଘଟଣାରେ ୮୧ ମୃତଦେହର ଚିହ୍ନଟ ଲାଗି ଉଭୟ ମୃତଦେହ ଓ ପରିବାର ସଦସ୍ୟଙ୍କ ଡିଏନ୍ଏ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରାଯାଇ ଦିଲ୍ଲୀସ୍ଥିତ ଏମ୍ସକୁ ପଠାଯାଇଛି। ବର୍ତ୍ତମାନ ସିବିଆଇ ଫୋରେନ୍‌ସିକ୍ ଲାବ୍‌ରେ ପରୀକ୍ଷା ଚାଲିଛି। ବିଶେଷସୂତ୍ରରୁ ମିଳିଥିବା ସୂଚନାନୁସାରେ, ପ୍ରଥମ ପର୍ଯ୍ୟାୟ ଟେଷ୍ଟିଂରୁ ୧୦ରୁ ୧୫ ପରିବାରର ଡିଏନ୍ଏ ନମୁନା ମ୍ୟାଚିଂ କରିଛି। ଜୁଲାଇ ୮ ମଧ୍ୟରେ ଏହି ରିପୋର୍ଟ ଆସିପାରେ। ଏହାପରେ ସମ୍ପୃକ୍ତ ପରିବାରକୁ ମୃତଦେହ ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ ହୋଇପାରେ। କିନ୍ତୁ ଏନେଇ ଏମ୍ସ ପକ୍ଷରୁ ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ। ଏମ୍ସ ସୁପରିଣ୍ଟେଣ୍ଡେଣ୍ଟ ତଥା ଆନାଟୋମି ବିଭାଗର ପ୍ରଫେସର ପ୍ରଭାସ ରଞ୍ଜନ ତ୍ରିପାଠୀଙ୍କ ସୂଚନା ଅନୁଯାୟୀ, ସମସ୍ତ ମୃତ ଶରୀରକୁ ଅଧିକ ଦିନ ସଂରକ୍ଷଣ କରିବା ଲାଗି ଚେଷ୍ଟା ଜାରି ରହିଛି। ବର୍ତ୍ତମାନ କଣ୍ଟେନରରେ ୮୧ ମୃତଦେହ ଥିବାବେଳେ ଦାବିଦାର ପରିବାର ଲୋକଙ୍କଠାରୁ ୯୦ଟି ଡିଏନ୍ଏ ନମୁନା ସଂଗ୍ରହ କରାଯାଇଛି। ସମସ୍ତ ଡିଏନ୍ଏ ନମୁନା ସିବିଆଇ ଫୋରେନ୍ସିକ ଲାବ୍‌ରେ ଟେଷ୍ଟି ଚାଲିଛି। ସାଧାରଣତଃ ଡିଏନ୍ଏ ନମୁନାର ଟେଷ୍ଟିଂ ପ୍ରକ୍ରିୟା ୨ରୁ ୩ମାସ ଲାଗିଥାଏ। କିନ୍ତୁ ଏପରିସ୍ଥଳେ ଶୀଘ୍ର କରିବାକୁ ଚେଷ୍ଟା ଜାରିରଖିଛୁ ବୋଲି ସେ କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ କୀର୍ତ୍ତି



@ ଆଶୁତୋଷ



@ ରୋହିତ



@ କିରଣ



@ ଦୀପକ



@ ଗୁପ୍ତ ପ୍ରସାଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ବାହାନଗା ଦୁର୍ଘଟଣା : ଆଜି ହୋଇପାରେ ଦାବିଦାର ନ ଥିବା ମୃତଦେହ ସତ୍କାର

ଭୁବନେଶ୍ୱର,୨୯।୬
(ଅଭିଜିତ ଦାସ/ ଅନୁରାଧା ମହାରଣା)

ବାହାନଗା ଟ୍ରେନ୍ ଦୁର୍ଘଟଣାରେ ୮୧ ଯାତ୍ରୀଙ୍କ ମୃତଦେହକୁ ଚିହ୍ନଟ ପାଇଁ ଏମ୍ସ ପରିସରରେ ସଂରକ୍ଷିତ କରି ରଖାଯାଇଛି। ତେବେ ଏଥିମଧ୍ୟରୁ ଦାବିଦାର ନ ଥିବା ମୃତଦେହଗୁଡ଼ିକୁ ସତ୍କାର ପାଇଁ ବ୍ୟବସ୍ଥା କରାଯାଉଥିବା ସୂଚନା ମିଳିଛି। ଏଥିପାଇଁ ଭରତପୁର ଓ ସତ୍ୟନଗର ଶ୍ମଶାନରେ ଦାହ ପାଇଁ ପ୍ରସ୍ତୁତି ଚାଲିଥିବା ବିଏମ୍‌ସିର ଜଣେ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ଶୁକ୍ରବାର ସକାଳ ୯ଟାରେ ଶବଦାହ କରାଯିବା ଲାଗି ସ୍ଥାନୀୟ ଭରତପୁର ଓ ସତ୍ୟନଗର ଶ୍ମଶାନରେ ସମସ୍ତ ବନ୍ଦୋବସ୍ତ କରାଯାଇଥିବା ସୂଚନା ମିଳିଛି। ଏଥିପାଇଁ ପ୍ରଦୀପ ସେବା ଟ୍ରଷ୍ଟ ସହ ବିଏମ୍‌ସି ଅଧିକାରୀ ଆଲୋଚନା କରିଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ ପୂର୍ବରୁ ଏମ୍ସ କର୍ତ୍ତୃପକ୍ଷ ଏକ ଖବରଦାତା ସମ୍ମିଳନୀରେ ବାହାନଗା ଟ୍ରେନ୍ ଦୁର୍ଘଟଣାରେ ଯେଉଁ ମୃତଦେହଗୁଡ଼ିକର ଦାବିଦାର ନ ଥିବେ ସେଗୁଡ଼ିକର ସାମୂହିକ ଦାହ କରାଯିବ ବୋଲି କହିଥିଲେ। ଏମ୍ସରେ ୮୧ଟି ମୃତଦେହ ଥିବା ବେଳେ ଏବେ ଶବଦାହକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ତେବେ ଶୁକ୍ରବାର କିଛି ଶବଦାହ କରାଯିବା ଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି। ହେଲେ ଭରତପୁର ବିଏମ୍‌ସି ୱାର୍ଡ ୨୨ ଅଧୀନରେ ଆସୁଥିବା ବେଳେ ୱାର୍ଡର କର୍ପୋରେଟର ତଥା ଡେପୁଟି ମେୟର ମଞ୍ଜୁଲତା କହଁର ଶୁକ୍ରବାର ଶବଦାହ କରାଯିବା ନେଇ ପ୍ରସ୍ତୁତି ଖବରକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ପୂର୍ବରୁ ପ୍ରସ୍ତୁତି କରାଯାଇଥିଲା, କିନ୍ତୁ ଶବଦାହକୁ ନେଇ କୌଣସି ସୂଚନା ମିଳିପାରିନାହିଁ। ସେହିପରି ଏମ୍ସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଏମ୍ସ ପରିସରରେ ଥିବା କଣ୍ଟେନରରେ ଶବ ସ୍ଥାନାନ୍ତରଣ ନେଇ ପ୍ରସ୍ତୁତି କରାଯାଉଛି। ଶବଦାହ ଲାଗି ଏପର୍ଯ୍ୟନ୍ତ କୌଣସି ସୂଚନା କର୍ତ୍ତୃପକ୍ଷଙ୍କ ଦ୍ୱାରା ହସ୍ତଗତ ହୋଇପାରିନାହିଁ।

# ଶାହା ଆସିପାରୁଛନ୍ତି, ରାହୁଲ କାହିଁକି ନୁହଁ

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଣିପୁର ପ୍ରସଙ୍ଗରେ ନୀରବତା ଭଙ୍ଗ କରି କିଛି କହିବାକୁ ଉଚିତ ମଣୁନାହାନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଗସ୍ତବେଳେ ଡବଲ ଇଞ୍ଜିନ ସରକାର ବିଷ୍ଣୁପୁରରେ ଏକଛତ୍ରବାଦୀ ପଦ୍ଧତି ଉପଯୋଗ କରି ତାଙ୍କୁ ଅଟକାଇଛି। ରିଲିଫ୍ କ୍ୟାମ୍ପଗୁଡ଼ିକରେ ଥିବା ହିଂସା ପ୍ରଭାବିତ ଲୋକଙ୍କୁ ଭେଟିବା ପାଇଁ ତାଙ୍କ ଉଦ୍ୟମକୁ ମୋଦି ସରକାରଙ୍କ ଭଣ୍ଡୁର ଯୋଜନା ଆଦୌ ଗ୍ରହଣୀୟ ନୁହେଁ। ଏହା ସମ୍ପୂର୍ଣ୍ଣ ଅସାମ୍ବିଧାନିକ ଓ ଅଗଣତାନ୍ତ୍ରିକ।

**- ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ**

**ଇମ୍ଫାଲ,୨୯।୬**

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗୁରୁବାର ୨ ଦିନିଆ ମଣିପୁର ଗସ୍ତ କରିଛନ୍ତି। ମେ' ୩ରୁ ଜାତିଆଣ ସଂଘର୍ଷ ଲାଗି ରହିଥିବା ଏହି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟର ସର୍ବାଧିକ ହିଂସା ପ୍ରଭାବିତ ଚୂଡ଼ାଚାନ୍ଦପୁର ଜିଲାକୁ ରାହୁଲ କାର୍‌ରେ ଯାଉଥିବାବେଳେ ପୋଲିସ ଇମ୍ଫାଲଠାରୁ ୨୦ କି.ମି. ଦୂର ବିଷ୍ଣୁପୁରରେ ତାଙ୍କୁ ଅଟକାଇଥିଲା। ସେ ଇମ୍ଫାଲକୁ ଫେରି ସେଠାରୁ ଏକ ସରକାରୀ ହେଲିକପ୍ଟରରେ ପୁଣି ଯାଇଥିଲେ। ମଣିପୁର ପୋଲିସର କହିବା ହେଉଛି, ରାହୁଲ ଯେଉଁ ରାସ୍ତା ଦେଇ ଯାଉଥିଲେ ସେହି ରୁଟ୍‌ରେ ମହିଳାମାନେ ବିକ୍ଷୋଭ କରୁଥିଲେ। ତେଣୁ ସୁରକ୍ଷା କାରଣରୁ ରାହୁଲଙ୍କୁ ଅଟକାଯାଇଥିଲା। ଅନ୍ୟପକ୍ଷରେ ରାହୁଲଙ୍କୁ ପୋଲିସ ଅଟକାଇବା ପରେ ଏହାର ପ୍ରତିବାଦରେ ମହିଳାମାନେ ବିକ୍ଷୋଭ କରିଥିଲେ। କାରଣ ରାହୁଲ ଚୂଡ଼ାଚାନ୍ଦପୁର ଓ


ଇମ୍ଫାଲ ବିମାନବନ୍ଦରରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, କେସି ଭେନୁଗୋପାଲ ଓ ନେତାମାନେ ।

**■ ମଣିପୁର ଗସ୍ତବେଳେ କାର୍ ଅଟକାଇଲା ପୋଲିସ**
**■ ହିଂସା ପ୍ରଭାବିତଙ୍କୁ ଭେଟିଲେ ରାହୁଲ**

ସେମାନଙ୍କ ଗାଁକୁ ଆସନ୍ତୁ ବୋଲି ମହିଳାମାନେ ଚାହୁଁଥିଲେ ବୋଲି କଂଗ୍ରେସ କହିଛି। ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିଛି। ଜଣେ ବିକ୍ଷୋଭକାରୀ ମହିଳା କହିଛନ୍ତି, ମଣିପୁରରେ କ'ଣ ଚାଲିଛି ତାହା ଜାଣିବା ପାଇଁ ରାହୁଲ ଏଠାକୁ ଆସିଛନ୍ତି। ତାଙ୍କ ଉଦ୍ଦେଶ୍ୟ ରାଜନୀତି କରିବା ନୁହେଁ। ପୋଲିସ କାହିଁକି ରାସ୍ତା ଅବରୋଧ କରିଛି? ଆଉ ଜଣେ ମହିଳା ପ୍ରଶ୍ନ କରିଛନ୍ତି, ଯଦି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଚୂଡ଼ାଚାନ୍ଦପୁର ଆସିପାରୁଛନ୍ତି, ରାହୁଲଙ୍କୁ କାହିଁକି ଅଟକାଉଛ?

ଅଣଆଦିବାସୀ ମେଇତି ସମ୍ପ୍ରଦାୟର ଲୋକେ ତଫସିଲଭୁକ୍ତ ଜନଜାତି (ଏସ୍‌ଟି) ମାନ୍ୟତା ପ୍ରଦାନ ପାଇଁ ଦାବି କରୁଥିବାବେଳେ ପ୍ରାୟ ୨ ମାସ ତଳେ ମଣିପୁର ହାଇକୋର୍ଟ ସେମାନଙ୍କ ସପକ୍ଷରେ ରାୟ ଦେଇଥିଲେ। ଏହାର ପ୍ରତିବାଦରେ ମେ' ୩ରେ ନାଗା ଓ କୁକି ଆଦିବାସୀମାନେ 'ଟ୍ରାଇବାଲ ସୋଲିଡାରିଟି ମାର୍ଚ୍ଚ'ର ଆୟୋଜନ କରିଥିଲେ। ମେଇତି ସମ୍ପ୍ରଦାୟ ସେମାନଙ୍କୁ ଆକ୍ରମଣ କରିବା ପରେ ଜାତିଆଣ ସଂଘର୍ଷ ହୋଇଥିଲା, ଯାହାକି ଅଦ୍ୟାବଧି ଜାରି ରହିଛି। ଏହି ହିଂସାରେ ଏଯାଏ ୧୨୦ରୁ ଊର୍ଦ୍ଧ୍ୱ ପ୍ରାଣ ହରାଇଲେଣି। ଗୁରୁବାର ଭୋର ୫ଟା ୩୦ରେ କାଙ୍ଗ୍‌ପୋକ୍‌ପି ଜିଲା ହରାଓଥେଲ ଗ୍ରାମରେ ସଶସ୍ତ୍ର ଦଙ୍ଗାକାରୀମାନେ ଗୁଳି ଚଳାଇବାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ଆଉ କେତେଜଣ ଆହତ ହୋଇଛନ୍ତି। ଆଇନଶୃଙ୍ଖଳା ଅଣାୟତ୍ତ ହେବା ଆଶଙ୍କା ଥିବାରୁ ସମ୍ପୃକ୍ତ ଅଞ୍ଚଳରେ ସେନା ଯବାନଙ୍କୁ ମୁତୟନ କରାଯାଇଛି। ହିଂସା ଯୋଗୁ ବିସ୍ଥାପିତ ହୋଇଥିବା ଆଦିବାସୀମାନଙ୍କୁ ରିଲିଫ୍ କ୍ୟାମ୍ପ୍‌ରେ ରାହୁଲ ଭେଟିଛନ୍ତି।

# ଦିଶା ବୈଠକ: ୫-ଟି ବୋର୍ଡକୁ ନେଇ ବିଜେଡି-ଭାଜପା ମୁହାଁମୁହିଁ

**ନବରଙ୍ଗପୁର,୨୯।୬**
**(ସଦାଶିବ ପ୍ରହରାଜ)**

## ଅଧାରୁ ବୈଠକ ଛାଡିଲେ ଉମରକୋଟ ବିଧାୟକ



ବୈଠକରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଓ ଅନ୍ୟମାନେ ।

ନବରଙ୍ଗପୁର ଜିଲାସ୍ତରୀୟ ଦିଶା ବୈଠକ ଏମ୍‌ପି ରମେଶ ଚନ୍ଦ୍ର ମାଝିଙ୍କ ଅଧ୍ୟକ୍ଷତାରେ ଗୁରୁବାର ସ୍ଥାନୀୟ ମିଶନ ଶକ୍ତି ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏମ୍‌ପି ମାଝି ଜିଲାର ଉନ୍ନୟନ ଓ ବିକାଶ ପାଇଁ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ବୈଠକରେ ବିଭିନ୍ନ କଥାକୁ ନେଇ କଥା କଟାକଟି ହେବାରୁ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଅଧାରୁ ଉଠି ଚାଲି ଯାଇଥିଲେ। ବୈଠକ ଚାଲିଥିବା ବେଳେ ଗତ ଦିନରେ କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ ସମୟରେ ଅକ୍ସିଜେନ ପ୍ଲାଣ୍ଟରୁ ୫-ଟି ବୋର୍ଡ ହଟାଯିବାକୁ ନେଇ ହଠାତ୍ ଏମ୍‌ପି, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଓ ଉଠାଜଳସେଚନ ବିଭାଗ ଉପଦେଷ୍ଟା ପ୍ରମୋଦ ପାଢୀଙ୍କ ମଧ୍ୟରେ କଥା କଟାକଟି ହୋଇ ଗୃହ ସରଗରମ ହୋଇଥିଲା। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଓ ଏମ୍‌ପି ରମେଶ ମାଝି ୫-ଟି ବୋର୍ଡ ଅକ୍ସିଜେନ ପ୍ଲାଣ୍ଟରୁ ହଟାଯିବାକୁ ନାପସନ୍ଦ କରିଥିଲେ।

ଉମରକୋଟ ବିଧାୟକ କହିଥିଲେ, ଅକ୍ସିଜେନ ପ୍ଲାଣ୍ଟ ୫-ଟି ଅର୍ଥରେ ହୋଇନାହିଁ। ପ୍ରମୋଦ ପାଢୀ କହିଥିଲେ, ଉକ୍ତ ବୋର୍ଡରେ କେଉଁ ଦଳ କଥା ଲେଖାଯାଇ ନାହିଁ। ବିଧାୟକ ଗଣ୍ଡ କହିଥିଲେ, କୋଭିଡ୍ ଟିକା କେନ୍ଦ୍ର ସରକାରଙ୍କର ହୋଇଥିଲେ ମଧ୍ୟ କେବଳ ନବୀନ ପଟ୍ଟନାୟକଙ୍କ ଫଟୋ ରହୁଥିଲା। ଏମ୍‌ପି ମାଝି, କୋଭିଡ୍ ମୃତ୍ୟୁ ପ୍ରମାଣପତ୍ରରେ ମୋଦିଙ୍କ ଫଟୋ କାହିଁକି ରହୁ ନ ଥିଲା ବୋଲି ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ଉମରକୋଟ ବିଧାୟକ ଗଣ୍ଡ ବିଗିଡି ଯାଇ ୫-ଟି କଥା କହୁନ ବୋଲି କହିଥିଲେ। ୫-ଟିରେ ଛାତ ଦବି ଯାଉଛି, ପାଚେରି ଭୁଶୁଡି ପଡୁଛି ବୋଲି କହିଥିଲେ। ଉତ୍ତରରେ ପ୍ରମୋଦ ପାଢୀ ଭାରତମାଳାରେ ହୋଇଥିବା ଦୁର୍ନୀତି କଥା ଉଠାଇଥିଲେ। ଉପଜିଲାପାଳ କୋଟି କୋଟି ଟଙ୍କା ଦୁର୍ନୀତି କରି ଜେଲ ଯାଇଛନ୍ତି। ବିଧାୟକ ଗଣ୍ଡ କହିଥିଲେ, ସରକାରଙ୍କ ଟଙ୍କାରେ ଏସ୍‌ଡିସିରେ ଉଦ୍‌ଘାଟନ କରାଗଲା। ମୋତେ ଡକାଗଲା ନାହିଁ କିମ୍ବା ସୂଚନା ଫଳକରେ ନାମ ରହିଲାନି। ଜଣେ ବିରୋଧୀ ଦଳର ବିଧାୟକ ହୋଇଥିବାରୁ କହିବା ପାଇଁ ସୁଯୋଗ ମିଳୁନି। ଜିଲାରେ ଆଦିବାସୀ ବିଧାୟକଙ୍କୁ ଉପେକ୍ଷା କରାଯାଉଛି। ସ୍ୱାଭିମାନ ଦୃଷ୍ଟିରୁ ବୈଠକରେ ରହିବାର ନାହିଁ କହି ଉଠି ଚାଲିଯାଇଥିଲେ। ଏମ୍‌ପି ମାଝି ବିଧାୟକ ଗଣ୍ଡଙ୍କୁ ଅଟକାଇବା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ସେ ନ ଶୁଣି ପଳାଇ ଯାଇଥିଲେ। ବୈଠକରେ ସ୍ୱାସ୍ଥ୍ୟ ବିଭାଗରେ ଗୋଟିଏ ସ୍ଥାନରେ ୧୦ ବର୍ଷ କାର୍ଯ୍ୟ କରିଥିବା ଏଏନ୍‌ଏମ୍‌ଙ୍କୁ ବଦଳି ପାଇଁ ଏକ କମିଟି ଗଠନ କରିବାକୁ ନିଷ୍ପତ୍ତି ହୋଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ ହେଉଥିବା ରାସ୍ତା କାମ ଠିକ ସମୟରେ କରା ନ ଯିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ସହିତ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ଶେଷ ପାଇଁ ଏମ୍‌ପି ମାଝି ପରାମର୍ଶ ଦେଇଥିଲେ। ନବରଙ୍ଗପୁରର ଜନୈକ ଠିକାଦାର ଏଲ.ଏନ୍.ଜେନାଙ୍କୁ କଳା ତାଲିକାଭୁକ୍ତ କରିବାକୁ ବିଧାୟକ ଓ ଏମ୍‌ପି ଦାବି କରିଥିଲେ। ଜିଲାପାଳ ଡ.କମଳ ଲୋଚନ ମିଶ୍ର ଏ ନେଇ ପଦକ୍ଷେପ ନିଆଯାଇଥିବା କହିଥିଲେ। ବୈଠକରେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ପ୍ରମୁଖ ଯୋଗ ଦେଇଥିଲେ।

# 'ଜନପ୍ରତିନିଧିଙ୍କୁ ଅବହେଳା କରାଯାଉଛି'

**ବାରିପଦା,୨୯।୬**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**


ଖବରଦାତା ସମ୍ମିଳନୀରେ ପୂର୍ବତନ ଏମ୍‌ପି ଲକ୍ଷ୍ମଣ ଟୁଡୁ।

ଓଡ଼ିଶାବାସୀ ଭୋଟ ଦେଇ ନିର୍ବାଚିତ କରିଥିବା ଜନପ୍ରତିନିଧିମାନଙ୍କୁ ଅବହେଳା କରାଯାଉଛି। ମନ୍ତ୍ରୀ, ବିଧାୟକମାନେ ହାତଯୋଡି ଭୟଭୀତ ଅବସ୍ଥାରେ ରହୁଛନ୍ତି। ଏଭଳି କାର୍ଯ୍ୟକଳାପକୁ ଓଡ଼ିଶାବାସୀ ହୃଦୟଙ୍ଗମ କରିସାରିଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଇଁ ଏହା ଏକ ଷଡ଼ଯନ୍ତ୍ର ବୋଲି ମୟୂରଭଞ୍ଜ ଜିଲାର ପୂର୍ବତନ ଏମ୍‌ପି ଲକ୍ଷ୍ମଣ ଟୁଡୁ କହିଛନ୍ତି। ଗୁରୁବାର ବାରିପଦାଠାରେ ଏକ ଖବରଦାତା ସମ୍ମିଳନୀରେ ସେ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ ଆସନର ଲାଳସାରେ ୫-ଟି ସଚିବ ଭି.କେ ପାଣ୍ଡିଆନ ଓଡ଼ିଶା ଭ୍ରମଣ କରିବା ଭଳି ଘଟଣାକୁ ସେ କଳା ପାହାଡ଼ର ଆଖ୍ୟା ଦେଇଛନ୍ତି। ଗଣତନ୍ତ୍ରକୁ ହତ୍ୟା କରି ଅମଲାତନ୍ତ୍ରର ପତିଆରା ଜାହିର କରିଥିବା ପାଣ୍ଡିଆନଙ୍କୁ ଓଡ଼ିଶାରୁ ହଟାଇବା ପର୍ଯ୍ୟନ୍ତ ତାଙ୍କର ଏହି ପ୍ରତିବାଦର ଲଢେଇ ଜାରୀ ରହିବ ବୋଲି ଟୁଡୁ କହିଛନ୍ତି।

# କେନ୍ଦ୍ର ଯୋଜନାକୁ ରାଜ୍ୟ ସରକାର ବାଟମାରଣା କରୁଛନ୍ତି: ଜୁଏଲ

**ମାଲକାନଗିରି,୨୯।୬(ଦୁର୍ଯ୍ୟୋଧନ ପାତ୍ର)/କୋରୁକୋଣ୍ଡା(ଅବିନାଶ ବେହେରା)/ମାଥିଲି, (ସୁବାସ ଚନ୍ଦ୍ର ଖୁଣ୍ଟିଆ)**



ମାଲକାନଗିରି ପଦ୍ମଗିରିରେ ଆୟୋଜିତ ସଭାରେ ଜୁଏଲ ଓରାମ ଓ ଦଳୀୟ ନେତୃବୃନ୍ଦ ।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସଂସଦୀୟ ପ୍ରତିରକ୍ଷା କମିଟି ଅଧ୍ୟକ୍ଷ ଜୁଏଲ ଓରାମ ୨ ଦିନିଆ ମାଲକାନଗିରି ଜିଲା ଗସ୍ତରେ ଆସି ଗୁରୁବାର ମାଲକାନଗିରି, କୋରୁକୋଣ୍ଡା ଓ ମାଥିଲିରେ ଆୟୋଜିତ ସଭାରେ ଯୋଗ ଦେଇଥିଲେ। ଓରାମ ମାଥିଲିଠାରେ ପହଞ୍ଚିବା ପରେ ଦଳୀୟ କର୍ମକର୍ତ୍ତା ଓ କର୍ମୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ପରେ ପରେ ମାଥିଲିଠାରେ ଆୟୋଜିତ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଟଙ୍କିକିଆ ଚାଉଳ ଆଦି ବହୁ କେନ୍ଦ୍ରୀୟ ଯୋଜନାକୁ ରାଜ୍ୟ ସରକାର ବାଟମାରଣା କରି ଏହି ଯୋଜନା ନିଜେ କରୁଥିବା କହି ବାହାବା ନେଉଛନ୍ତି। ପ୍ରକୃତ ହିତାଧିକାରୀ କେନ୍ଦ୍ରୀୟ ଜନ ହିତକର ଯୋଜନାରୁ ବଞ୍ଚିତ ହେଉଛନ୍ତି। ବିଜେଡି ଦଳୀୟ କର୍ମୀଙ୍କଠାରୁ ନେତାଙ୍କ ପର୍ଯ୍ୟନ୍ତ ସବୁ ଯୋଜନାର ସୁଫଳ ନେଉଥିବା ବେଳେ ଓଡ଼ିଶାରେ ପ୍ରକୃତ ଗରିବ ଲୋକମାନେ ବିଭିନ୍ନ ଯୋଜନାର ସୁଫଳ ପାଇପାରୁନାହାନ୍ତି। ତେଣୁ ଆଗାମୀ ଦିନରେ ଭାଜପା ସଙ୍ଗଠନକୁ ସୁଦୃଢ଼ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହାତମୁଠାକୁ ଟାଣ କରିବା ପାଇଁ ଆହ୍ୱାନ ଦେଇଥିଲେ । ପରେ ମାଲକାନଗିରି ବ୍ଲକ ପଦ୍ମଗିରିଠାରେ ଏକ ଜନ ସମାବେଶରେ ଅଂଶ ଗ୍ରହଣ କରି ଅନୁରୂପ ବକ୍ତବ୍ୟ ପ୍ରଦାନ କରିଥିଲେ। ପଦ୍ମଗିରିଠାରେ ହଜାରରୁ ଊର୍ଦ୍ଧ୍ୱ ଦଳୀୟ କର୍ମୀ, ଆଦିବାସୀ ପାରମ୍ପରିକ ନୃତ୍ୟ ଏବଂ ବାଦ୍ୟ ସହ ଓରାମକୁ ପାଛୋଟି ନେଇଥିଲେ।

ସେଠାରୁ କୋରୁକୋଣ୍ଡା ବ୍ଲକ କାମବେଡ଼ାଠାରେ ଏକ ଦଳୀୟ ଜନ ସମାବେଶରେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ବଳଭଦ୍ର ମାଝି, ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ୀ, ଜିଲା ସଭାପତି ନିମାଇଁ ଚନ୍ଦ୍ର ପାଲ, ପୂର୍ବତନ ଏମ୍‌ପି ପର୍ଶୁରାମ ମାଝି, ରାଜ୍ୟ ଏସ୍‌ଟି ମୋର୍ଚ୍ଚା ସମ୍ପାଦକ ଜଳନ୍ଧର ନାୟକ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି, ନବରଙ୍ଗପୁର ଲୋକ ସଭା ପ୍ରଭାରୀ ବିଜୟ ମିଶ୍ର, ନବରଙ୍ଗପୁର ଲୋକ ସଭା ସଂଯୋଜକ ରାମେଶ୍ୱର ଜେନା, ମାଲକାନଗିରି ଜିଲା ସମ୍ପାଦକ ମାଣିକ ଲାଲ ଚକ୍ରବର୍ତ୍ତୀଙ୍କ ସହ ଜିଲାର ସମସ୍ତ କର୍ମକର୍ତ୍ତା ଓ କର୍ମୀ ଯୋଗଦେଇଥିଲେ।

# ଶିମଲାରେ ନୁହେଁ, ବେଙ୍ଗାଲୁରୁରେ ବିରୋଧୀଙ୍କ ବୈଠକ: ପାୱାର

**ନୂଆଦିଲ୍ଲୀ, ୨୯।୬**

ସମ୍ଭାବ୍ୟ ମେଣ୍ଟ ନେଇ ବିରୋଧୀ ଦଳଗୁଡ଼ିକର ପରବର୍ତ୍ତୀ ବୈଠକ ଶିମଲାରେ ନୁହେଁ, ବେଙ୍ଗାଲୁରୁରେ ଜୁଲାଇ ୧୩ ଓ ୧୪ ତାରିଖରେ ଅନୁଷ୍ଠିତ ହେବ। ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ଶରଦ ପାୱାର ଗୁରୁବାର ଏହି ସୂଚନା ଦେଇଛନ୍ତି। ବିରୋଧୀ ଦଳଗୁଡ଼ିକର ପ୍ରଥମ ବୈଠକ ଗତ ୨୩ ତାରିଖରେ ବିହାର ରାଜଧାନୀ ପାଟନାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୬ଟି ଦଳରୁ ୩୨ ଜଣ ବିରୋଧୀ ନେତା ଯୋଗ ଦେଇଥିଲେ। ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ ପରାସ୍ତ କରିବା ଲାଗି ବିରୋଧୀ ଦଳଗୁଡ଼ିକର ମିଳିତ ମେଣ୍ଟ ସମ୍ପର୍କରେ ରଣନୀତି ପ୍ରସ୍ତୁତି ଲାଗି ପରବର୍ତ୍ତୀ ବୈଠକ ଶିମଲାରେ ହେବ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଘୋଷଣା କରିଥିଲେ।

## ଜାତୀୟ/ଅନ୍ତର୍ଜାତୀୟ


ଇଦ୍‌ଅଲ୍-ଆଧା ଅବସରରେ ନୂଆଦିଲ୍ଲୀ ଜାମା ମସଜିଦ୍‌ରେ ପିଲାମାନେ ଖୁସି ମନାଉଛନ୍ତି। (ଫଟୋ: ଚମନ ଗୌତମ)

# ୟୁସିସି ଏବେ କାହିଁକି: ବିରୋଧୀ

**ନୂଆଦିଲ୍ଲୀ,୨୯।୬**



ଏକକ ଦେୱାନୀ ସଂହିତା (ୟୁସିସି) ସପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ତବ୍ୟ ପରେ ରାଜନୈତିକ ବାକ୍‌ଯୁଦ୍ଧ ବଢ଼ିବାରେ ଲାଗିଛି। ପୂର୍ବତନ ଆଇନମନ୍ତ୍ରୀ ତଥା ରାଜ୍ୟ ସଭା ସଦସ୍ୟ କପିଲ ସିବଲ ଟୁଇଟ୍ କରିଛନ୍ତି, ପ୍ରଧାନମନ୍ତ୍ରୀ ଗତ ୯ ବର୍ଷ ମଧ୍ୟରେ କାହିଁକି ଏହି ପ୍ରସଙ୍ଗରେ ମୁହଁ ଖୋଲିଲେ ନାହିଁ। ୨୦୨୪ ଲୋକ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଏବେ ୟୁସିସି କଥା ଉଠାଉଛନ୍ତି। ସେହିପରି ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ଶିବସେନା ୟୁବିଟି ମୁଖପତ୍ର ସାମ୍ନାରେ ମଧ୍ୟ ଏହା ଉପରେ ଆପତ୍ତି ଉଠାଯାଇଛି। କେବଳ ମୁସଲମାନଙ୍କ ଶରିଆ ଆଇନକୁ ବିରୋଧ କରିବା ୟୁସିସିର ଆଧାର ନ ହେଉ। ଆଇନ ଓ ନ୍ୟାୟରେ ସମାନତା ଆଣିବା ମଧ୍ୟ ୟୁସିସି ବୋଲି ଏହାର ସମ୍ପାଦକୀୟରେ ଉଲ୍ଲେଖ କରାଯାଇଛି। ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର କହିଛନ୍ତି, ସରକାର ୟୁସିସି କାର୍ଯ୍ୟକାରୀ କରାଇବା ଉପରେ କହିବା ପୂର୍ବରୁ ଲୋକ ସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କରାନ୍ତୁ। ବିଭିନ୍ନ ସମ୍ପ୍ରଦାୟର ଦାବି ଓ ପ୍ରସ୍ତାବଗୁଡ଼ିକୁ ଅନୁଧ୍ୟାନ କରିବା ପରେ ଏହା ଉପରେ ଏନ୍‌ସିପି ନିଜ ଆଭିମୁଖ୍ୟ ସ୍ପଷ୍ଟ କରିବ। ୟୁସିସିକୁ ଏଏପି ସିଦ୍ଧାନ୍ତଗତ ସମର୍ଥନ କରିବ ବୋଲି ଘୋଷଣା କରିବା ଉପରେ କଂଗ୍ରେସ ପ୍ରଶ୍ନ ଉଠାଇଛି। କଂଗ୍ରେସର ବରିଷ୍ଠ ନେତା ପୱନ ଖେରା କହିଛନ୍ତି, ଏଏପି ଯେଉଁ ଦ୍ରୁତଗତିରେ ସମର୍ଥନ ଘୋଷଣା କଲା ତାହା ସମସ୍ତଙ୍କୁ ବିସ୍ମିତ କରିଛି। ଧର୍ମ ଏକ ବ୍ୟକ୍ତିଗତ ବ୍ୟାପାର ପରିସର ମଧ୍ୟରେ ଆସୁଥିବାରୁ ବିବାହ, ଛାଡ଼ପତ୍ର, ପୋଷ୍ୟଗ୍ରହଣ ଓ ଉତ୍ତରାଧିକାରୀ ଭଳି କ୍ଷେତ୍ରରେ ସମାନ ଆଇନକୁ ମୁସଲମାନ ସମ୍ପ୍ରଦାୟ ବିରୋଧ କରୁଛନ୍ତି। ତେବେ ମୁସଲିମ୍ ସଙ୍ଗଠନ ଓ ବିରୋଧୀ ଦଳଗୁଡ଼ିକ ଯେତେ ବିରୋଧ କରିବେ ଏଥିରୁ ସେତେ ଅଧିକ ଲାଭ ମିଳିବ ବୋଲି ଭାଜପା ମନେକରୁଛି।

# ଏଏପିରେ ଅଭିନେତ୍ରୀ ଚାହତ ପାଣ୍ଡେ

**ନୂଆଦିଲ୍ଲୀ, ୨୯।୬**

ଟିଭି ଅଭିନେତ୍ରୀ ଚାହତ ପାଣ୍ଡେ ଗୁରୁବାର ନୂଆଦିଲ୍ଲୀରେ ଆମ୍ ଆଦ୍‌ମୀ ପାର୍ଟି(ଏଏପି)ରେ ସାମିଲ ହୋଇଛନ୍ତି। ସେ ଏହି ଦଳର ନୀତି ଆଦର୍ଶ ଦ୍ୱାରା ପ୍ରଭାବିତ ହୋଇଛନ୍ତି ଓ ନିଜ ରାଜ୍ୟ ମଧ୍ୟପ୍ରଦେଶର ଜନସାଧାରଣଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରିବାକୁ ଚାହାନ୍ତି ବୋଲି କହିଛନ୍ତି। ଦଳର ରାଷ୍ଟ୍ରୀୟ ସାଂଗଠନିକ ସାଧାରଣ ସମ୍ପାଦକ ସନ୍ଦିପ ପାଠକ ପାଣ୍ଡେଙ୍କୁ ଦଳରେ ସ୍ୱାଗତ କରିଥିଲେ। ମଧ୍ୟପ୍ରଦେଶରେ ଦୁର୍ନୀତି ନିୟନ୍ତ୍ରଣ ବାହାରେ। ଭାଜପା ଓ କଂଗ୍ରେସ ମଧ୍ୟରେ କିଛି ଫରକ ନାହିଁ। ଉଭୟ ସେମାନଙ୍କ ଉଦ୍ଦେଶ୍ୟ ସାଧନ ଲାଗି ରାଜ୍ୟକୁ ଶୋଷଣ କରୁଛନ୍ତି ବୋଲି ପାଠକ କହିଛନ୍ତି।

# ଆମେରିକା କଲେଜରେ ବର୍ଣ୍ଣଭିତ୍ତିକ ନାମଲେଖା ବନ୍ଦ: ସୁପ୍ରିମକୋର୍ଟ

**ୱାଶିଂଟନ୍, ୨୯।୬:** ଆମେରିକାର କଲେଜଗୁଡ଼ିକରେ ଏଣିକି ବର୍ଣ୍ଣଭିତ୍ତିକ ନାମଲେଖା ହୋଇପାରିବ ନାହିଁ ବୋଲି ଗୁରୁବାର ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ହାର୍ଭାର୍ଡ ଏବଂ ନର୍ଥ କାରୋଲିନା ୟୁନିଭର୍ସିଟି ଭଳି ଦେଶର ସର୍ବପୁରାତନ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଆଡ୍‌ମିଶନ ବେଳେ ଚାଲିଥିବା ସଂରକ୍ଷଣ ବ୍ୟବସ୍ଥାକୁ ପ୍ରଧାନ ବିଚାରପତି ଜନ୍ ରବର୍ଟ୍ସ ଅସାମ୍ବିଧାନିକ ଦର୍ଶାଇ ଖାରଜ କରିଦେଇଛନ୍ତି। ଏପରି ଚୟନକୁ ଇତିହାସ ସହ୍ୟ କରିପାରିବ ନାହିଁ ବୋଲି ସେ କହିଛନ୍ତି। ଫଳରେ ଏଣିକି ଯେକୌଣସି ବର୍ଣ୍ଣର ଛାତ୍ରୀଛାତ୍ର ଆମେରିକୀୟ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ନାମ ଲେଖାଇ ପାରିବେ।

# ଟାଇଟାନ୍‌ରୁ ମିଳିଲା ମୃତକଙ୍କ ଅବଶେଷ

**ୱାଶିଂଟନ୍,୨୯।୬**



ନିଖୋଜ ଟାଇଟାନ୍‌ର ଭଗ୍ନାବଶେଷରୁ ଏକ୍ସପର୍ଟମାନଙ୍କୁ ମୃତକଙ୍କ ଅବଶେଷ ମିଳିଥିବା ଆମେରିକୀୟ କୋଷ୍ଟ ଗାର୍ଡ ବୁଧବାର ସୂଚନା ଦେଇଛନ୍ତି। ଆମେରିକୀୟ ମେଡିକାଲ ପ୍ରଫେଶନାଲ୍ସମାନଙ୍କର ଏକ ଟିମ୍ ଏହି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଗତ ୧୮ ତାରିଖରେ ଓସେନ୍‌ଗେଟ୍ ଟାଇଟାନ୍ ବୁଡ଼ାଜାହାଜରେ ଟାଇଟାନିକ୍ ଜାହାଜ ଭଗ୍ନାବଶେଷ ଦେଖିବା ପାଇଁ ୫ ଜଣ ଯାଇଥିଲେ। ସମୁଦ୍ର ଜଳରେ ପ୍ରବେଶ କରିବାର ପ୍ରାୟ ୧ ଘଣ୍ଟା ୪୫ ମିନିଟରେ ଅପରେଟିଂ ଟିମ୍‌ର ବୁଡ଼ାଜାହାଜ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଦୁଇଦିନ ପରେ ବୁଡ଼ାଜାହାଜ କିମ୍ବା ପର୍ଯ୍ୟଟକଙ୍କ ସମ୍ପର୍କରେ କୌଣସି ସୂଚନା ନ ମିଳିବା ପରେ ରେସ୍କ୍ୟୁ ଟିମ୍ ସମୁଦ୍ର ମଧ୍ୟରେ ପ୍ରବେଶ କରିଥିଲା। ଟାଇଟାନିକ୍ ଜାହାଜ ନିକଟରୁ ଟାଇଟାନ୍‌ର ଭଗ୍ନାବଶେଷ ମିଳିବା ଏବଂ ଅମ୍ଳଜାନ ସରିଯିବା କଥା ଜଣାପଡ଼ିବା ପରେ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିବା ଓସେନ୍ ଗେଟ୍ ପକ୍ଷରୁ କୁହାଯାଇଥିଲା।

# କୃତ୍ରିମ ମିଠା କ୍ୟାନ୍‌ସର କାରକ

**ଜେନେଭା,୨୯।୬**



କୃତ୍ରିମ ମିଠା ବା ଆର୍ଟିଫିସିଆଲ୍ ସୁଇଟ୍‌ନର ଦ୍ୱାରା କ୍ୟାନ୍‌ସର ହେବାର ଆଶଙ୍କା ରହିଥିବା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ କୁହାଯାଇଛି। କୋଲ୍ଡ ଡ୍ରିଙ୍କ, ଆଇସ୍ କ୍ରିମ୍, ଚୁଇଂ ଗମ୍ ଆଦି ଖାଦ୍ୟ ତିଆରି ପାଇଁ ବହୁଳ ଭାବେ କୃତ୍ରିମ ମିଠାର ପ୍ରୟୋଗ କରାଯାଉଛି। ଡବ୍ଲ୍ୟୁଏଚ୍‌ଓର କ୍ୟାନ୍‌ସର ରିସର୍ଚ୍ଚ ଟିମ୍ ଏବଂ ଇଣ୍ଟରନ୍ୟାଶନାଲ ଏଜେନ୍ସି ଫର୍ ରିସର୍ଚ୍ଚ ଅନ୍ କ୍ୟାନ୍‌ସର (ଅଇଏଆର୍‌ସି)ର ମିଳିତ ଅଧ୍ୟୟନ ରିପୋର୍ଟ ମୁତାବକ ଉପରୋକ୍ତ ଖାଦ୍ୟ ଗ୍ରହଣ କରୁଥିବା ବ୍ୟକ୍ତିଙ୍କଠାରେ କ୍ୟାନ୍‌ସର ହେବାର ଭୟ ରହିଛି।

ପୂର୍ବରୁ ଆଇଏଆର୍‌ସି ପକ୍ଷରୁ ପ୍ରକାଶ ପାଇଥିବା ଏକ ରିପୋର୍ଟ ଅନୁସାରେ ବିଳମ୍ବିତ ରାତି ପର୍ଯ୍ୟନ୍ତ କାମ କଲେ, ରେଡ୍ ମିଟ୍ (ଗୋମାଂସ) ଖାଇବା ଯୋଗୁଁ ଏବଂ ବହୁଳମାତ୍ରାରେ ମୋବାଇଲ ବ୍ୟବହାର କ୍ୟାନ୍‌ସର ହେବାର ମୂଳ କାରଣ ବୋଲି କୁହାଯାଇଥିଲା। ସେହିପରି କଫିରେ କୃତ୍ରିମ ମିଠା ମିଶାଇ ପିଇବା ଦ୍ୱାରା ହୃଦ୍‌ଜନିତ ସମସ୍ୟା ଦେଖାଦିଏ ବୋଲି ବିଶେଷଜ୍ଞଙ୍କ ଏକ ଅଧ୍ୟୟନରେ କୁହାଯାଇଛି। ଆଇଏଆର୍‌ସି ରିପୋର୍ଟ ଭିତ୍ତିହୀନ ବୋଲି ଇଣ୍ଟରନ୍ୟାଶନାଲ ସୁଇଟନର୍ସ ଆସୋସିଏଶନ୍‌ର ସାଧାରଣ ସମ୍ପାଦକ ଫ୍ରାନ୍ସେସ୍ ହଣ୍ଟ-ଉଡ୍ କହିଛନ୍ତି। କାରଣ ମନୁଷ୍ୟ ଶରୀର ପାଇଁ କୃତ୍ରିମ ମିଠା କ୍ଷତିକାରକ ନୁହେଁ ବୋଲି ପୂର୍ବରୁ ଅନେକ ସ୍ୱାସ୍ଥ୍ୟଭିତ୍ତିକ ସଂସ୍ଥା ସ୍ୱୀକୃତି ପ୍ରଦାନ କରିଛନ୍ତି। ୧୯୮୦ ପରଠାରୁ କୃତ୍ରିମ ମିଠାର ବ୍ୟବହାର ବହୁଳ ଭାବେ ବଢ଼ିଛି।

# ଇଣ୍ଟରନେଟ୍ ବନ୍ଦ ଯୋଗୁ ଭାରତର ୧.୯ ବିଲିୟନ ଡଲାର କ୍ଷତି

**ମୁମ୍ବାଇ, ୨୯।୬:** ମଣିପୁର ଓ ପଞ୍ଜାବରେ ହିଂସାକାଣ୍ଡକୁ ନେଇ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ଇଣ୍ଟରନେଟ୍ ସେବା ବନ୍ଦ କରିବା ଫଳରେ ଚଳିତବର୍ଷର ପ୍ରଥମାର୍ଦ୍ଧରେ ଭାରତର ଅର୍ଥନୀତିକୁ ୧.୯ ବିଲିୟନ ଡଲାର କ୍ଷତି ହୋଇଛି। ଭାରତ ପାଖାପାଖି ୧୧୮ ନିୟୁତ ଡଲାର ବିଦେଶୀ ପୁଞ୍ଜିନିବେଶ ହରାଇବା ସହ ୨୧,୦୦୦ରୁ ଅଧିକ ନିଯୁକ୍ତି ହରାଇଥିବା ଇଣ୍ଟରନେଟ ସୋସାଇଟି ଏହାର 'ନେଟ୍‌ଲସ୍' ରିପୋର୍ଟରେ କହିଛି। ଇଣ୍ଟରନେଟ୍ ଶଟ୍‌ଡାଉନ ଯୋଗୁ ଇ-ବ୍ୟବସାୟ ବନ୍ଦ ହେବା ସହ ସମୟସମ୍ବେଦୀ କାରବାରରେ କ୍ଷତି ଘଟିଥାଏ। ବେରୋଜଗାରୀ ବଢ଼ିବା ସହ ବ୍ୟବସାୟ-ଗ୍ରାହକ ଯୋଗାଯୋଗ ବାଧାପ୍ରାପ୍ତ ହୋଇଥାଏ ଏବଂ କମ୍ପାନୀଗୁଡ଼ିକର ଆର୍ଥିକ କାରବାର ଓ ଖ୍ୟାତି ପ୍ରତି ବିପଦ ସୃଷ୍ଟି ହୋଇଥାଏ ବୋଲି ରିପୋର୍ଟରେ କୁହାଯାଇଛି।


ମହାପ୍ରଭୁଙ୍କ ସୁବର୍ଣ୍ଣ ହସ୍ତ


ସୁବର୍ଣ୍ଣ ହଳ ମୂଷଳ


ସୁବର୍ଣ୍ଣ ପୟର


ସୁବର୍ଣ୍ଣ ଚନ୍ଦ୍ରିକା


ତିନି ରଥରେ ଦାରୁବିଗ୍ରହଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ । **(ଫଟୋ-ଯଜ୍ଞେଶ୍ୱର ମହାନ୍ତି)**


ସୁବର୍ଣ୍ଣ ମକର କୁଣ୍ଡଳ


ଠାକୁରଙ୍କ କିରୀଟ


ସିଂହଦ୍ୱାର ଗୁମୁଟରେ ଥିବା ଶ୍ରୀପତିତପାବନଙ୍କ ପ୍ରତୀକାତ୍ମକ ସୁନାବେଶ ।


ସିଂହଦ୍ୱାର ଗୁମୁଟ ଉପରେ ଥିବା ମହାଲକ୍ଷ୍ମୀଙ୍କ ସୁନାବେଶ ।


ରଥାରୂଢ଼ ଠାକୁରଙ୍କୁ ବୂଢ଼ାଘଷା ଭୋଗ ଅର୍ପଣ କରାଯାଉଛି ।

**ଫୁର୍‌ସତ**


କଙ୍ଗନା ରାଣାଓ୍ବତ

## ଗଣେଶ ପୂଜାରେ ‘ଚନ୍ଦ୍ରମୁଖୀ-୨’

**ମୁମ୍ବାଇ:** କଙ୍ଗନା ରାଣାଓ୍ବତ ଓ ରାଘବ ଲରେନ୍ସଙ୍କ ଫିଲ୍ମ ଚନ୍ଦ୍ରମୁଖୀ-୨ ଗଣେଶ ପୂଜାରେ ମୁକ୍ତିଲାଭ କରିବ। ଏହି ହରର୍ କମେଡି ଫିଲ୍ମର ନିର୍ଦ୍ଦେଶନା ଓ କାହାଣୀ ଲେଖିଛନ୍ତି ବି. ବାସୁ। ଲାଇକା ପ୍ରଡକ୍ସନ ପକ୍ଷରୁ ବହୁ ଭାଷାରେ ନିର୍ମାଣ କରାଯାଇଥିବା ଏହି ଫିଲ୍ମର ପୋଷ୍ଟର ଅନ୍‌ଲାଇନ୍‌ରେ ଶେୟାର କରାଯାଇଛି। ତେବେ ସୋସିଆଲ ମିଡିଆରେ ଶେୟାର ହୋଇଥିବା ଫିଲ୍ମର ପୋଷ୍ଟରରେ କଙ୍ଗନାଙ୍କୁ ଦେଖିବାକୁ ମିଳୁନାହିଁ। ଅନ୍ୟପକ୍ଷେ ରାଘବ ଲରେନ୍ସ ଫିଲ୍ମର ମୁଖ୍ୟ ଭୂମିକାରେ ନଜର ଆସିବେ। ସେପ୍ଟେମ୍ବର ୧୯ରେ ଚନ୍ଦ୍ରମୁଖୀ-୨ ତାମିଲ, ତେଲୁଗୁ, ହିନ୍ଦୀ, ମାଲାୟାଲମ ଏବଂ କନ୍ନଡ଼ ଭାଷାରେ ରିଲିଜ୍ ହେବ। ଗତ ମାର୍ଚ୍ଚରେ ଫିଲ୍ମର ଶୁଟିଂ ଶେଷ ହୋଇଥିଲା। କଙ୍ଗନା, ରାଘବଙ୍କ ଛଡ଼ା ଫିଲ୍ମରେ ରାଧିକା ସରଥକୁମାର, ଭାଦିବେଲୁ, ଲକ୍ଷ୍ମୀ ମେନନ, ମହିମାନାମ୍ବିଆର ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଏହି ଅବସରରେ କଙ୍ଗନା ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରିଥିଲେ।

## ବାନ୍ତିରେ ଝଡ଼ିଗଲା ସବୁ ଦାନ୍ତ





**ଲଣ୍ଡନ:** ଗର୍ଭଧାରଣ ସମୟରେ ବାନ୍ତି ହେବା ସାଧାରଣ କଥା। କିନ୍ତୁ ବ୍ରିଟେନ୍‌ର ଜଣେ ମହିଳାଙ୍କୁ ବାନ୍ତି ଯୋଗୁ ସବୁ ଦାନ୍ତ ହରାଇବାକୁ ପଡ଼ିଛି। ଲୁଇସ୍ କୁପର (୨୬) ୨୦୧୭ରେ ପ୍ରଥମ ଥର ପାଇଁ ଗର୍ଭବତୀ ହେଲେ। ପେଟରେ ପିଲା ରହିବା ପରେ ଅନ୍ୟ ମହିଳାଙ୍କ ଭଳି ତାଙ୍କର ସ୍ୱାଭାବିକ ଭାବେ ବାନ୍ତି ହେଲା, କିନ୍ତୁ ବାନ୍ତି ହେବା ସହ ଧୀରେ ଧୀରେ ତାଙ୍କର ଦାନ୍ତ ଝଡ଼ିବା ଆରମ୍ଭ ହେଲା। ସମସ୍ୟା ନେଇ ଡାକ୍ତରଙ୍କ ପାଖକୁ ଗଲା ପରେ ଲୁଇସ୍ ହାଇପରମେସିସ୍ ଗ୍ରାଭିଡାରମ୍ (ଏଚ୍‌ଜି) ରୋଗରେ ଆକ୍ରାନ୍ତ ହୋଇଥିବା ଜାଣିବାକୁ ପାଇଲେ। ୨୦୧୭ ନଭେମ୍ବରରେ ଲୁଇସ୍‌ଙ୍କର ପ୍ରଥମ ସନ୍ତାନ ଜନ୍ମ ହୋଇଥିବାବେଳେ ଏହାର ୬ ମାସ ପୂର୍ବରୁ ତାଙ୍କର ସବୁ ଦାନ୍ତ ଝଡ଼ିପଡ଼ିଥିଲା। ଏଚ୍‌ଜି ରୋଗ ପାଇଁ ଲୁଇସ୍‌ଙ୍କ ଚିକିତ୍ସା ଜାରି ରହିଥିବାବେଳେ ସେ ପୁଣି ଆଉ ୨ ସନ୍ତାନଙ୍କୁ ଜନ୍ମ ଦେଲେ। ସେ ସମୟରେ ମଧ୍ୟ ସମାନ ପରିସ୍ଥିତିର ସାମ୍ନା ତାଙ୍କୁ କରିବାକୁ ପଡ଼ିଥିଲା। ବିରଳ ରୋଗ ଏଚ୍‌ଜି ପାଇଁ ଲୁଇସ୍‌ଙ୍କୁ ତାଙ୍କ ସୌନ୍ଦର୍ଯ୍ୟ ହରାଇବାକୁ ପଡ଼ିଥିବା ସେ କହିଛନ୍ତି। କୃତ୍ରିମ ଦାନ୍ତ ଲଗାଇଲେ ସୁଦ୍ଧା ତାଙ୍କୁ ଖାଇବାରେ ବହୁ ହଇରାଣ ହେବାକୁ ପଡୁଛି। ଭୋକ ଲାଗିଲେ ସୁଦ୍ଧା ଏକକାଳୀନ ବହୁତଗୁଡ଼ିଏ ଖାଦ୍ୟ ଖାଇପାରୁ ନ ଥିବାବେଳେ ସେ ଏବେ ସମ୍ପୂର୍ଣ୍ଣ ଭାବେ ଶାକାହାରୀ ପାଲଟିଯାଇଛନ୍ତି।

## ବିମାନ ଯାତ୍ରାର ନିଶା
## ୩୩ ବର୍ଷରେ ୩୭ ନିୟୁତ କି.ମି.

**ଓ୍ବାଶିଂଟନ୍:** ଆମେରିକାର ଟମ୍ ଷ୍ଟୁକର (୬୯) ନ୍ୟୁଜର୍ସିର ଏକ ଗାଡ଼ି ନିର୍ମାଣକାରୀ କମ୍ପାନୀରେ କନ୍‌ସଲଟାଣ୍ଟ ଭାବେ କାର୍ଯ୍ୟ କରନ୍ତି। ମାତ୍ର ୩୩ ବର୍ଷ ମଧ୍ୟରେ ଟମ୍ ମୋଟ ୩୭ ନିୟୁତ କି.ମି, ଦୂର ଯାତ୍ରା କରିଛନ୍ତି। ଟ୍ରାଭେଲ କରିବାକୁ ପସନ୍ଦ କରୁଥିବା ଟମ୍ ୩୦ ବର୍ଷ ପୂର୍ବେ ୧୯୯୦ରେ ୨୯୦,୦୦୦ ଡଲାର ଖର୍ଚ୍ଚ କରି ୟୁନାଇଟେଡ୍ ଏୟାରଲାଇନ୍ସଠାରୁ ଲାଇଫ୍ ଟାଇମ୍ ପାସ୍ କିଣିଥିଲେ, ଯାହା ତାଙ୍କ ଜୀବନର ସବୁଠୁ ବଡ଼ ଉପଲବ୍ଧି ବୋଲି ଟମ୍ କହିଛନ୍ତି। ଟମ୍ ହେଉଛନ୍ତି ବିଶ୍ୱର ଜଣେ ମାତ୍ର ଲୋକ ଯେ ବିମାନରେ ଏତେ ଦୂର ପର୍ଯ୍ୟନ୍ତ ଭ୍ରମଣ କରିଛନ୍ତି। ୧୨ ଦିନ କାଳ ନ ଶୋଇ ଟମ୍ ନ୍ୟୁୟର୍କରୁ ସାନ୍ ଫ୍ରାନ୍ସିସ୍କୋ, ସେଠାରୁ ବ୍ୟାଙ୍କକ୍, ଦୁବାଇ ଯାଇ ପୁଣିଥରେ ଆମେରିକା ଫେରିଥିଲେ।



୨୦୧୯ରେ ଟମ୍ ୩୭୩ ବିମାନରେ ମୋଟ ୧.୪୬ ନିୟୁତ ମାଇଲ ଆକାଶ ପଥରେ ଯାତ୍ରା କରିଥିଲେ। ବର୍ତ୍ତମାନ ସୁଦ୍ଧା ଟମ୍ ଯେତିକି ଦୂର ଭ୍ରମଣ କରିଛନ୍ତି ସେତିକିରେ ୬ ଥର ଚନ୍ଦ୍ରପୃଷ୍ଠକୁ ଯାଇଆସି ହେବ।

## ଲୁଣ ଦାନାଠୁ କ୍ଷୁଦ୍ର ଡିଜାଇନର୍ ବ୍ୟାଗ ୫୧ ଲକ୍ଷରେ ନିଲାମ



**ଓ୍ବାଶିଂଟନ୍:** ସବୁଠୁ ଦାମୀ ଲୁଇସ୍ ଭୁଇଟୋନ୍ କମ୍ପାନୀର ଡିଜାଇନର ବ୍ୟାଗ୍ ୬୩,୦୦୦ ଡଲାର (୫୧.୬ ଲକ୍ଷ ଟଙ୍କା)ରେ ନିଲାମ ହୋଇଛି। ମୂଳ କଥା ଏହି ଡିଜାଇନର ବ୍ୟାଗ୍‌ଟି ଲୁଣ ଦାନାଠାରୁ ମଧ୍ୟ ଆହୁରି ଛୋଟ, ଯାହାକୁ ଖାଲି ଆଖିରେ ଦେଖିବା କଷ୍ଟକର। ନ୍ୟୁୟର୍କ ଅକ୍ଟ କଲେକ୍ଟିଭ୍ ଏମ୍‌ଏସ୍‌ସିଏଚ୍‌ଏଫ୍ ବ୍ୟାଗ୍‌କୁ ତିଆରି କରିଛି। ଦାମୀ ଡିଜାଇନର ବ୍ୟାଗ୍‌ଟି ଆୟତନ ୦.୦୩ ଇଞ୍ଚରୁ କମ୍। ବ୍ୟାଗରେ ଏକ ବଡ଼ ହ୍ୟାଣ୍ଡେଲ ଏବଂ ଛୋଟ ହ୍ୟାଣ୍ଡେଲ ରହିଛି। ଦୁଇଟି ଫଟୋ ପଲିମରାଇଜେଶନ୍ ବ୍ୟବହାର କରି ଏହାକୁ ତିଆରି କରାଯାଇଛି। ବ୍ୟାଗ୍‌ଟିକୁ ନିଲାମ ଡାକିଥିବା ବ୍ୟକ୍ତିଙ୍କୁ ଏହା ସହିତ ଏକ ଡିଜିଟାଲ ଡିସ୍‌ପ୍ଲେ ମାଇକ୍ରୋସ୍କୋପ ପ୍ରଦାନ କରାଯାଇଛି, ଯାହାଦ୍ୱାରା ଏହି କ୍ଷୁଦ୍ର ବ୍ୟାଗ୍‌ଟିକୁ ସହଜରେ ଦେଖିହେବ। ୨୦୧୬ରେ ଏମ୍‌ଏସ୍‌ସିଏଚ୍‌ଏଫ୍ କମ୍ପାନୀ ନୂଆ କରି ତିଆରି ହୋଇଥିଲା। ଅନେକ ସମୟରେ ନିଜର ଅଦ୍ଭୁତ ଢଙ୍ଗର ଜିନିଷ ନିର୍ମାଣ କରିବାକୁ ନେଇ କମ୍ପାନୀ ସବୁବେଳେ ଚର୍ଚ୍ଚାରେ ରହିଆସୁଛି। ୨୦୨୧ରେ ଏହି କମ୍ପାନୀ ବିରକିନ୍ ବ୍ୟାଗ୍‌ରେ ସାଣ୍ଡେଲ ତିଆରି କରିଥିଲା, ଯାହାର ମୂଲ୍ୟ ୭୬୦,୦୦୦ଡଲାର ଥିଲା।

# ୨୦ ହଜାର କୋଟି ନିବେଶ କରିବ ଏଟିଜିଏଲ୍

**ଭୁବନେଶ୍ୱର,୨୯।୬(ଅଭୟ ଦାଶ)**

ଦେଶର ପ୍ରମୁଖ ଘରୋଇ ଶିଳ୍ପସଂସ୍ଥା ତଥା ଆଦାନୀ ଗ୍ରୁପ୍‌ର ଅନ୍ୟତମ ସଂସ୍ଥା ଆଦାନୀ ଟୋଟାଲ ଗ୍ୟାସ୍ ଲିମିଟେଡ୍ (ଏଟିଜିଏଲ୍) ଗ୍ୟାସ୍ ବ୍ୟବସାୟ କ୍ଷେତ୍ରରେ ପ୍ରାୟ ୨୦ ହଜାର କୋଟି ଟଙ୍କା ନିବେଶ କରିବ ବୋଲି ଆଦାନୀ ଗ୍ରୁପ୍ ପକ୍ଷରୁ କୁହାଯାଇଛି। ବିଶେଷକରି ଏଟିଜିଏଲ୍ ଆଗାମୀ ୧୦ବର୍ଷ ମଧ୍ୟରେ ୧୮ ରୁ ୨୦ ହଜାର କୋଟି ଟଙ୍କାର ନିବେଶ ପାଇଁ ବ୍ୟାପକ ଯୋଜନା ପ୍ରସ୍ତୁତ କରୁଥିବା ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି। ଗଣମାଧ୍ୟମର ଉକ୍ତ ରିପୋର୍ଟ ଅନୁଯାୟୀ, କମ୍ପାନୀର ଉକ୍ତ ନିବେଶ ଦ୍ୱାରା ବଜାରରେ ସୁଧାର ଆସିବା ସହ ଗାଡ଼ିରେ ବ୍ୟବହାର ହେଉଥିବା ସିଏନ୍‌ଜିର ରିଟେଲ ବିକ୍ରି, ଘରୋଇ ଏବଂ ଶିଳ୍ପ ଉଦ୍ୟୋଗକୁ ପାଇପ୍ ଦ୍ୱାରା ଗ୍ୟାସ୍ ପହଞ୍ଚାଇବା ଭିତ୍ତିଭୂମିକୁ ଆହୁରି ବିସ୍ତାର ହୋଇପାରିବ। ସେହିଭଳି ବର୍ତ୍ତମାନ ଏଟିଜିଏଲ୍ ଦେଶର ୧୨୪ ଜିଲାରେ ଗାଡ଼ି ପାଇଁ ସିଏନ୍‌ଜିର ରିଟେଲ ବିକ୍ରି ବ୍ୟତୀତ ପାଇପ୍ ଯୋଗେ ଘରୋଇ ରୋଷେଇ ଗ୍ୟାସ୍ ମଧ୍ୟ ଯୋଗାଉଛି। ସାରା ଭାରତରେ ଏଟିଜିଏଲ୍‌ର ୪୬୦ ସିଏନ୍‌ଜି ଷ୍ଟେଶନ ରହିଥିବା ବେଳେ ପାଇପ ଯୋଗେ ରୋଷେଇ ଗ୍ୟାସ୍ ମଧ୍ୟ ଲକ୍ଷାଧିକ ଗ୍ରାହକଙ୍କୁ ଯୋଗାଇଦେଉଛି। ତେବେ ନୂଆ ବାର୍ଷିକ ରିପୋର୍ଟ ଅନୁଯାୟୀ, କମ୍ପାନୀ ଅତିରିକ୍ତ ଭିତ୍ତିଭୂମି ନିର୍ମାଣ ଉପରେ ଆର୍ଥିକ ବର୍ଷ ୨୦୨୨-୨୩ ରେ ୧,୧୫୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ଏ ସମ୍ପର୍କରେ କମ୍ପାନୀର ସିଏଫ୍‌ଓ ପରାଗ ପାରିଖ କହିଛନ୍ତ, କମ୍ପାନୀ ଦୀର୍ଘମିଆଦୀ ଗ୍ୟାସ୍ କାରବାର ସମ୍ଭାବନାକୁ ନେଇ ଆଶାବାଦୀ ରହିଛି। କମ୍ପାନୀ ଭିତ୍ତିଭୂମିର ନିର୍ମାଣ ଏବଂ ନେଟ୍‌ୱର୍କ ବିସ୍ତାରରେ ଅଧିକ ନିବେଶ କରିବା ଉପରେ ଯୋଜନା କରୁଛି। କମ୍ପାନୀ ଏହାର ସହରୀ ଗ୍ୟାସ୍ ବିତରଣ କାରବାରକୁ ଆଗାମୀ ୮ରୁ ୧୦ ବର୍ଷରେ ଭିତ୍ତିଭୂମି ନିର୍ମାଣ ପାଇଁ ପ୍ରାୟ ୧୮ ହଜାର- ୨୦ ହଜାର କୋଟି ଟଙ୍କାର ନିବେଶ କରିବାକୁ ଲକ୍ଷ୍ୟ ରଖିଛି। ଏହା ଗ୍ରାହକଙ୍କ ଆଧାରକୁ ବ୍ୟାପକ କରିବା ଏବଂ ରାଜସ୍ୱ ବୃଦ୍ଧି କରିବାରେ ସହାୟକ ହେବ। ସେହିପରି କମ୍ପାନୀର ଲାଇସେନ୍ସପ୍ରାପ୍ତ ଅଞ୍ଚଳରେ ଷ୍ଟିଲ୍ ପାଇପଲାଇନକୁ ବିକଶିତ କରିବା ଏବଂ ସିଏନ୍‌ଜି ଷ୍ଟେଶନକୁ ବଢ଼ାଇବାର ଉଦ୍ଦେଶ୍ୟ ରହିଛି ବୋଲି ଏଟିଜିଏଲ୍ ସିଇଓ ସୁରେଶ ମଙ୍ଗଲାନୀ ଅବଗତ କରାଇଛନ୍ତି। ଅପରପକ୍ଷରେ କମ୍ପାନୀ ଆଗାମୀ ୧୦ବର୍ଷରେ ୧୮୦୦ରୁ ଅଧିକ ସିଏନ୍‌ଜି ଷ୍ଟେଶନ ତିଆରି କରିବାକୁ ଯାଉଛି। ଏହାଦ୍ୱାରା ଅଧିକରୁ ଅଧିକ ଗ୍ରାହକଙ୍କ ପର୍ଯ୍ୟନ୍ତ ସିଏନ୍‌ଜି ଗ୍ୟାସ୍ ଉପଲବ୍ଧ କରାଯାଇପାରିବ ବୋଲି କମ୍ପାନୀ ଆକଳନ କରିଛି।

## ଡିଏସ୍ଏସ୍‌ର ୨୬ତମ ସଂସ୍କରଣ

**ଭୁବନେଶ୍ୱର,୨୯।୬:** ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଦୁବାଇର ବହୁ ପ୍ରତୀକ୍ଷିତ ପ୍ରଦର୍ଶନୀ ଦୁବାଇ ସମର ସରପ୍ରାଇଜ (ଡିଏସ୍ଏସ୍)ର ଶୁଭାରମ୍ଭ ହେବାକୁ ଯାଉଛି। ଏପରିକି ୨୦୨୩ ଜୁନ୍ ୨୯ରୁ ଡିଏସ୍ଏସ୍‌ର ୨୬ତମ ସଂସ୍କରଣ ଆନୁଷ୍ଠାନିକ ଭାବେ ଆରମ୍ଭ ହେଉଛି। ଉଲ୍ଲେଖଯୋଗ୍ୟ, ଦୁବାଇର ଫେଷ୍ଟିଭାଲ ଏବଂ ରିଟେଲ ପ୍ରତିଷ୍ଠାନ ଦ୍ୱାରା ଆୟୋଜିତ ଡିଏସ୍ଏସ୍‌ର ୨୬ତମ ସଂସ୍କରଣ ୨୦୨୩ ଜୁନ୍ ୨୯ରୁ ଆରମ୍ଭ ହୋଇ ୨୦୨୩ ସେପ୍ଟେମ୍ବର ୩ ପର୍ଯ୍ୟନ୍ତ ଉକ୍ତ ପ୍ରଦର୍ଶନୀ ଜାରି ରହିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷକରି ଏହି ଦୀର୍ଘ ଅବଧି ମଧ୍ୟରେ ପର୍ଯ୍ୟଟକ ଓ ଭ୍ରମଣାର୍ଥୀମାନେ ଡିଏସ୍ଏସ୍ ପ୍ରଦର୍ଶନୀରେ ଯୋଗ ଦେଇପାରିବେ। ଏପରିକି ଦୀର୍ଘ ୨ମାସରୁ ଅଧିକ ସମୟ (୬୭ ଦିନ) ର ନିରୋଳା ମଜା ଓ ଉତ୍ସାହ ସହିତ କନ୍‌ସର୍ଟ, ଇଭେଣ୍ଟ ଓ ଚିତ୍ତାକର୍ଷକ ଅନୁଭୂତି ହାସଲ କରିପାରିବେ।

## ଡ. ସଞ୍ଜୀବଙ୍କୁ ବିଗ୍ ଇମ୍ପାକ୍ଟ ଆୱାର୍ଡ






**ଭୁବନେଶ୍ୱର,୨୯।୬**

ଦେଶର ପ୍ରମୁଖ ଘରୋଇ ଆୟୁର୍ବେଦିକ ପ୍ରତିଷ୍ଠାନ ତଥା ଏସ୍‌ବିଏସ୍ ବାୟୋଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଡ. ସଞ୍ଜୀବ ଜୁନେଜାଙ୍କୁ ନିକଟରେ ଆଉ ଏକ ଜାତୀୟସ୍ତରର ସମ୍ମାନ ପ୍ରଦାନ କରାଯାଇଛି। ନିକଟରେ ବିଗ୍ ଏଫ୍‌ଏମ୍ ପକ୍ଷରୁ ଶିମ୍‌ଲାରେ ଆୟୋଜିତ 'ବିଗ୍ ଇମ୍ପାକ୍ଟ ଆୱାର୍ଡ-୨୦୨୩' ସମ୍ମାନ ସମାରୋହ ଉତ୍ସବରେ ଡ. ସଞ୍ଜୀବ ଜୁନେଜାଙ୍କୁ ବିଗ୍ ଇମ୍ପାକ୍ଟ ଆୱାର୍ଡ-୨୦୨୩ ସମ୍ମାନରେ ସମ୍ମାନିତ କରାଯାଇଛି। ଉକ୍ତ ସମାରୋହରେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ହିମାଚଳର ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ ଡ.ସଞ୍ଜୀବ ଜୁନେଜାଙ୍କୁ ଉକ୍ତ ସମ୍ମାନ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେଶର ବହୁ ଜଣାଶୁଣା ବ୍ୟକ୍ତିବିଶେଷଙ୍କ ସହ ବିଗ୍ ଏଫ୍‌ଏମ୍‌ର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଏସ୍‌ବିଏସ୍ ବାୟୋଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଡ. ସଞ୍ଜୀବ ଜୁନେଜା କହିଥିଲେ, ଏଭଳି ଏକ ସମ୍ମାନ ସମାରୋହ ଉତ୍ସବରେ ବିଗ୍ ଏଫ୍‌ଏମ୍ ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଥିବାରୁ ସେ ବିଗ୍ ଏଫ୍‌ଏମ୍‌ର ସମସ୍ତ କର୍ମକର୍ତ୍ତା ଓ ଉତ୍ସବରେ ଉପସ୍ଥିତ ଅତିଥିମାନଙ୍କୁ ଧନ୍ୟବାଦ ଜ୍ଞାପନ କରୁଛନ୍ତି।

## ତାଳଚେରରେ ବିଓଏମ୍‌ର ନୂତନ ଶାଖା



**ଭୁବନେଶ୍ୱର,୨୯।୬**

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ୍)ର ଆଉ ଏକ ନୂତନ ଶାଖା ନିକଟରେ ଅନୁଗୋଳ ଜିଲାର ତାଳଚେରସ୍ଥିତ ବାଇପାସ୍ ଛକଠାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ତାଳଚେର ଉପଜିଲାପାଳ ତଥା ଏସ୍‌ଡିଏମ୍ ବିଶ୍ୱରଞ୍ଜନ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଓଏମ୍ ଭୁବନେଶ୍ୱରର ସିପିସି କମର୍ସିଆଲ ମୁଖ୍ୟ ରବିଶଙ୍କର କୁମାରଙ୍କ ସମେତ ତାଳଚେର ଶାଖାର ଶାଖା ପ୍ରବନ୍ଧକ ବୁଦ୍ଧିସୁନ୍ଦର ନାୟକ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ସାରା ରାଜ୍ୟରେ ବିଓଏମ୍‌ର ଏହା ୪୫ ତମ ଶାଖା ହୋଇଥିବା ବେଳେ ଅନୁଗୋଳ ଜିଲାର ୨ୟ ଶାଖା।

## ଲାଲଚାନ୍ଦ୍‌ର ଗ୍ରେଟ୍ ମନ୍‌ସୁନ୍ ଅଫର

**ଭୁବନେଶ୍ୱର,୨୯।୬**



ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଲାଲଚାନ୍ଦ୍ ଜୁଏଲର୍ସର ବହୁ ପ୍ରତୀକ୍ଷିତ 'ଗ୍ରେଟ୍ ମନ୍‌ସୁନ୍ ଅଫର'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଚଳିତ ମୌସୁମୀକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଲାଲଚାନ୍ଦ୍ ଉକ୍ତ ଅଫର ଅଧୀନରେ 'ସିମ୍ପଲି ବିଉଟିଫୁଲ' ନାମକ ଏକ କାରୁକାର୍ଯ୍ୟ ଭରା କଲେକ୍ସନକୁ ସାମିଲ କରାଇଛି। ଉଲ୍ଲେଖଯୋଗ୍ୟ, ଲାଲଚାନ୍ଦ୍ ଜୁଏଲର୍ସ ପକ୍ଷରୁ ଗୁରୁବାର ସ୍ଥାନୀୟ ହୋଟେଲ ଦ ନ୍ୟୁ ମାରିଅନ୍‌ଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଉପରୋକ୍ତ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଉକ୍ତ ଅଫର ଜରିଆରେ ଗ୍ରାହକମାନେ ଅନେକ ସୁବିଧା ଓ ନୂତନ କଲେକ୍ସନର ଗହଣା ସଂଗ୍ରହ କରିପାରିବେ। ବିଶେଷକରି ସମସ୍ତ ଏଚ୍‌ୟୁଆଇଡି ହଲ୍‌ମାର୍କ ସୁନାଗହଣାର ଗ୍ରାମ୍ ପିଛା ଗଢ଼ା ମୂଲ୍ୟ ଫ୍ଲାଟ୍ ୬୯୯ ଟଙ୍କା ଧାର୍ଯ୍ୟ କରାଯାଇଛି। ସେହିଭଳି ହୀରା ମୂଲ୍ୟ ଉପରେ ଫ୍ଲାଟ୍ ୨୫%ର ରିହାତି ରହିଥିବାବେଳେ ମନୋନୀତ ଅନ୍ତର୍ଜାତୀୟ ବ୍ରାଣ୍ଡେଡ୍ ଘଣ୍ଟା ଉପରେ ଫ୍ଲାଟ୍ ୧୫%ର ରିହାତି ଦିଆଯାଉଛି। ଏପରିକି ବ୍ରାଣ୍ଡେଡ୍ ରୁପା ସାମଗ୍ରୀ ଉପରେ ଫ୍ଲାଟ୍ ୧୫% ରିହାତି ସାଙ୍ଗକୁ ରୁପା ଗହଣାର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ୍ ୫୦%ର ରିହାତି ପ୍ରଦାନ କରାଯାଉଛି। ଏ ସମ୍ପର୍କରେ ଲାଲଚାନ୍ଦ୍ ଜୁଏଲର୍ସର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ସଞ୍ଜୟ ହଂସ କହିଛନ୍ତି, ଗତ ୭୫ ବର୍ଷ ଧରି ସାରା ରାଜ୍ୟରେ ଲାଲଚାନ୍ଦ ସବୁଠାରୁ ଭରସାଯୋଗ୍ୟ ବ୍ରାଣ୍ଡ୍ ହୋଇ ରହି ଆସିଛି। ଏପରିକି ଉଚ୍ଚମାନର ସୁନା, ସୁନା ମୂଲ୍ୟ ଏବଂ ସର୍ବନିମ୍ନ ଗଢ଼ା ମୂଲ୍ୟ ହିଁ ଲାଲଚାନ୍ଦକୁ ବେଶ୍ ଲୋକପ୍ରିୟ ଜୁଏଲେରି ବ୍ରାଣ୍ଡ୍ କରାଇପାରିଛି। ଏହି ଅଫର ଭୁବନେଶ୍ୱର, କଟକ ଓ ବ୍ରହ୍ମପୁରସ୍ଥିତ ଲାଲଚାନ୍ଦ ଶୋ'ରୁମ୍‌ରେ ଉପଲବ୍ଧ। ବିଶେଷକରି ଆମର ସମସ୍ତ ଶୋ'ରୁମ୍‌ରେ ଗ୍ରାହକମାନେ ଏଚ୍‌ୟୁଆଇଡି ହଲ୍‌ମାର୍କ ଯୁକ୍ତ ସୁନା, ସାର୍ଟିଫାଏଡ୍ ହୀରା ଏବଂ ରୁପାର ବିଭିନ୍ନ ଡିଜାଇନ୍ ଅଳଙ୍କାର ପାଇପାରିବେ। ଅପରପକ୍ଷରେ ଚଳିତ ବର୍ଷର ମୌସୁମୀ ଆରମ୍ଭ ହୋଇଯାଇଥିବା ବେଳେ ଲାଲଚାନ୍ଦ୍ ପକ୍ଷରୁ 'ସିମ୍ପଲି ବିୟୁଟିଫୁଲ' କଲେକ୍ସନ ସମ୍ପର୍କରେ ଘୋଷଣା କରାଯାଇଛି, ଯେଉଁଥିରେ ଅନେକ ଆକର୍ଷଣୀୟ ଅଫର ସାମିଲ ରହିଛି। ସେହିପରି ବାହୁଡ଼ାଯାତ୍ରା ଉପଲକ୍ଷେ ହଂସ ସମସ୍ତ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ କହିଛନ୍ତି, ବଜାରରେ ଅନେକ ପ୍ରକାର ଆକର୍ଷଣୀୟ ଅଫର ଦିଆଯାଉଛି। ତେବେ ସେମାନଙ୍କ ଅଫରରେ ଅନେକ ପ୍ରକାର ଲୁକ୍କାୟିତ ସର୍ତ୍ତାବଳୀ ଥିବା ବେଳେ ଲାଲଚାନ୍ଦ୍ ସର୍ବଦା ସ୍ୱଚ୍ଛ ଏବଂ ବିନା କୌଣସି ସର୍ତ୍ତରେ ଅଫର ପ୍ରଦାନ କରିଥାଏ।

## ଆଜିଠୁ ହିଲ୍‌ସା ଫୁଡ୍ ଫେଷ୍ଟିଭାଲ



**ଭୁବନେଶ୍ୱର,୨୯।୬**

ରାଜ୍ୟର ପ୍ରମୁଖ ତଥା ପ୍ରିମିୟମ ହୋଟେଲ ଚେନ୍ ସ୍ୱିସ୍ତି ପ୍ରିମିୟର ହୋଟେଲ ଭୁବନେଶ୍ୱରର ଗୁର୍‌ମିତ ରେଷ୍ଟୁରାଣ୍ଟରେ ଶୁକ୍ରବାରଠାରୁ ହିଲ୍‌ସା ଫୁଡ୍ ଫେଷ୍ଟିଭାଲ ଆରମ୍ଭ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଗୁର୍‌ମିତ ରେଷ୍ଟୁରାଣ୍ଟ ପକ୍ଷରୁ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏ ସମ୍ପର୍କରେ ସ୍ୱସ୍ତି ପ୍ରିମିୟର ହୋଟେଲ ଭୁବନେଶ୍ୱରର ଜିଏମ୍ ସୁମିତ ଦାସଗୁପ୍ତା ହିଲ୍‌ସା ଫୁଡ୍ ଫେଷ୍ଟିଭାଲ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିବାବେଳେ ଗୁର୍‌ମିତ ରେଷ୍ଟୁରାଣ୍ଟର ମୁଖ୍ୟ ଚେଫ୍ ଫେଷ୍ଟିଭାଲ ପରିପ୍ରେକ୍ଷୀରେ ଆୟୋଜିତ ହେବାକୁ ଥିବା ବିଭିନ୍ନ ସୁଷମ ଖାଦ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଫେଷ୍ଟିଭାଲ ୨୦୨୩ ଜୁନ୍ ୩୦ରୁ ଜୁଲାଇ ୧୦ ପର୍ଯ୍ୟନ୍ତ ସବୁ ବର୍ଗର ଗ୍ରାହକ ଓ ଖାଦ୍ୟପ୍ରେମୀଙ୍କ ପାଇଁ ଉପଲବ୍ଧ ରହିବ ବୋଲି ହୋଟେଲ ପକ୍ଷରୁ ସୂଚନା ଦିଆଯାଇଛି।

## ବେଦାନ୍ତ ଆଲୁମିନିୟମରେ ଗୌରବ ମାସ ପାଳିତ



**ଭୁବନେଶ୍ୱର,୨୯।୬**

ବେଦାନ୍ତ ଆଲୁମିନିୟମ ପକ୍ଷରୁ ନିକଟରେ ଗୌରବ ମାସ ପାଳନ କରାଯାଇଥିଲା। ବିଶେଷକରି ଏକ ବିବିଧ କାର୍ଯ୍ୟକ୍ଷେତ୍ରକୁ ପ୍ରତିପାଦିତ କରିବା ଲାଗି କମ୍ପାନୀ ଉତ୍ସର୍ଗୀକୃତତାକୁ ଏକ ଉତ୍ସବ ଭାବେ ପାଳନ କରୁଛି। ଏପରିକି କମ୍ପାନୀ ନିକଟରେ ୨ ଜଣ ଟ୍ରାନ୍ସଜେଣ୍ଡର ବୃତ୍ତିଧାରୀଙ୍କୁ ଓଡ଼ିଶାର ଲାଞ୍ଜିଗଡ଼ ୟୁନିଟ୍‌ରେ ନିଯୁକ୍ତି ପ୍ରଦାନ କରିଥିଲା। ସେହିଭଳି ବେଦାନ୍ତ ଲାଞ୍ଜିଗଡ଼ ଓ ବେଦାନ୍ତ ବାଲ୍‌କୋରେ ମଧ୍ୟ ଟ୍ରାନ୍ସଜେଣ୍ଡର ବୃତ୍ତିଧାରୀଙ୍କୁ ସ୍ୱାଗତ କରାଯାଇଥିଲା। ବିଶେଷକରି କମ୍ପାନୀର ବୃହତ୍ ମିଶନରେ ଏହା ଏକ ମହତ୍ତ୍ୱପୂର୍ଣ୍ଣ ସଫଳତା ଭାବେ ପ୍ରମାଣିତ ହୋଇଛି, ଯେଉଁଠାରେ ବିବିଧ କାର୍ଯ୍ୟକ୍ଷେତ୍ରକୁ ପ୍ରତିପାଦିତ କରିବା ସହ ଭାରତ ତଥା ବିଶ୍ୱର ଉତ୍ପାଦନ ଓ ଭାରି ଇଞ୍ଜିନିୟରିଂ ଫାର୍ମରେ ମଧ୍ୟ ଏଲ୍‌ଜିବିଟିକ୍ୟୁଏ+ କର୍ମଚାରୀଙ୍କୁ ବିଭିନ୍ନ ଭୂମିକାରେ ସାମିଲ କରାଯାଇଛି। ସେହିପରି ସମାଜର ପାରିପାର୍ଶ୍ୱିକ ସ୍ଥାନରୁ ଆରମ୍ଭକରି ସ୍ମାର୍ଟ ଉତ୍ପାଦନ କାରଖାନା ଓ ଗୋଷ୍ଠୀ ପରିବର୍ତ୍ତନକୁ ସହଜିଆ କରିବା ଓ ସେମାନଙ୍କୁ ଅର୍ଦ୍ଧକୁଶଳୀ ବ୍ୟକ୍ତିରୁ ବୃତ୍ତିଗତ ଭାବେ ବିକଶିତ କରିବାରେ ବେଦାନ୍ତ ଆଲୁମିନିୟମ ତ୍ରିସ୍ତରୀୟ ପ୍ରଣାଳୀ ଅନ୍ତର୍ଭୁକ୍ତ କରିଛି।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଇଓ(ଆଲୁମିନିୟମ ବିଜ୍‌ନେସ୍) ରାହୁଲ ଶର୍ମା କହିଛନ୍ତି, ଆମର ବିଶ୍ୱ ବଜାର ଓ ଗ୍ରାହକଙ୍କ ବିବିଧ ତଥା ଜଟିଳ ଦୃଶ୍ୟକୁ ନେଭିଗେଟ କରିବା ବେଳେ ଏହାର ବିବିଧତାକୁ ଗ୍ରହଣ କରିବାର ଅମୂଲ୍ୟ ଅବଦାନକୁ ଆମେ ଜାଣିପାରିଛୁ। ଏପରିକି ଆମେ ଭବିଷ୍ୟତ ପାଇଁ ଏହି ଉଦ୍ୟମ ଜାରି ରଖିବୁ, ଯେଉଁଠାରେ ବିବିଧତା, ନୂତନତା ଓ ସଫଳତାର ଏକ ଅନୁକ୍ରମଣିକା ଭାବେ ପାଳିତ ହେବ।

## ନେକ୍ସନ ଇଭିର ନୂତନ ମାଇଲଖୁଣ୍ଟ

**ଭୁବନେଶ୍ୱର,୨୯।୬**




ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ତଥା ସର୍ବବୃହତ୍ ବୈଦ୍ୟୁତିକ ଯାନ (ଇଭି) ନିର୍ମାଣକାରୀ ଟାଟା ମୋଟର୍ସ ନିକଟରେ ଏକ ନୂତନ ମାଇଲଖୁଣ୍ଟ ହାସଲ କରିଛି। ଟାଟା ମୋର୍ଟସର ନେକ୍ସନ ଇଭି ୫୦,୦୦୦ ୟୁନିଟ୍ ଗାଡ଼ି ଭାରତୀୟ ବଜାରରେ ବିକ୍ରୟ କରିଥିବା କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୦ରେ ନେକ୍ସନ ଇଭିର ଶୁଭାରମ୍ଭ ପରଠାରୁ ଉପଭୋକ୍ତାଙ୍କର ଏକ ପସନ୍ଦୀୟ ଯାନ ଭାବେ ନେକ୍ସନ ଇଭି ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ଏପରିକି ନେକ୍ସନ ଇଭି ବର୍ତ୍ତମାନ ଭାରତର ୫୦୦ରୁ ଅଧିକ ସହରରେ ବିକ୍ରି ହେଉଥିବା ବେଳେ ଦେଶର ଭିନ୍ନଭିନ୍ନ ଅଞ୍ଚଳରେ ୯୦୦ମିଲିୟନ କି.ମି.ରୁ ଅଧିକ ଗତି କରିଥିବା ବ୍ରାଣ୍ଡ୍ ପକ୍ଷରୁ ଆକଳନ କରାଯାଇଛି। ସେହିଭଳି ହାରାହାରି ୧୦୦ରୁ ୪୦୦ କି.ମି. ପର୍ଯ୍ୟନ୍ତ ସିଟି ଭିତରେ ଏବଂ ବାହାର ଯାତ୍ରା କରୁଛି, ନେକ୍ସନ ଇଭିର ମାଲିକମାନେ ପ୍ରତି ମାସରେ ପ୍ରାୟ ୬.୩ ନିୟୁତ କି.ମି. ଚଳାଉଛନ୍ତି। ସାରା ଦେଶରେ କମ୍ପାନୀର ୬,୦୦୦ ରୁ ଅଧିକ ଚାର୍ଜ ଷ୍ଟେଶନ ରହିଛି।

ଏ ସମ୍ପର୍କରେ ଟାଟା ପାସେଞ୍ଜର ଇଲେକ୍ଟ୍ରିକ ମୋବିଲିଟି ଲିମିଟେଡ୍‌ର (ବିପଣନ, ବିକ୍ରୟ ଏବଂ ସେବା ରଣନୀତି) ମୁଖ୍ୟ ବିବେକ ଶ୍ରୀବତ୍ସ କହିଥିଲେ, ଭାରତରେ ଶୀଘ୍ର ଇଭି ଆପଣେଇବା ପାଇଁ ଏକ ଚମତ୍କାର, ଷ୍ଟାଇଲିଶ, ବ୍ୟବହାରିକ ବାସ୍ତବ ସମାଧାନ ଲକ୍ଷ୍ୟରେ ନେକ୍ସନ ଇଭି'କୁ ଭାରତର ନିଜସ୍ୱ ବୈଦ୍ୟୁତିକ ଏସ୍‌ୟୁଭି ଭାବେ ପ୍ରସ୍ତୁତ କରାଯାଇଥିଲା।

## ଓଡିଏମ୍‌କୁ ବେଷ୍ଟ ଏଜୁକେଶନ ବ୍ରାଣ୍ଡ୍ ସମ୍ମାନ

**ନୂଆଦିଲ୍ଲୀ,୨୯।୬**




ଓଡିଏମ୍ ପବ୍ଲିକ୍ ସ୍କୁଲକୁ ନିକଟରେ ଆଉ ଏକ ଜାତୀୟ ସମ୍ମାନ ଓ ସ୍ୱୀକୃତି ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଦ ଇକୋନୋମିକ୍ ଟାଇମ୍ସ ପକ୍ଷରୁ ନୂଆଦିଲ୍ଲୀସ୍ଥିତ ହ୍ୟାଟ୍ ରିଜେନ୍ସି ହୋଟେଲ ପରିସରରେ ଏକ ସମ୍ମାନ ସମାରୋହର ଆୟୋଜନ କରାଯାଇଥିଲା। ଉକ୍ତ ସମାରୋହରେ ଓଡିଏମ୍ ପବ୍ଲିକ୍ ସ୍କୁଲକୁ ୨୦୨୩ ବର୍ଷ ପାଇଁ ସମଗ୍ର ଭାରତର ବିଭିନ୍ନ ଶିକ୍ଷା ପ୍ରତିଷ୍ଠାନ ମଧ୍ୟରେ ଏକ ସର୍ବୋତ୍ତମ ଶିକ୍ଷାନୁଷ୍ଠାନ (ବେଷ୍ଟ ଏଜୁକେଶନ ବ୍ରାଣ୍ଡ୍-୨୦୨୩) ଭାବେ ପୁରସ୍କୃତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଓଡିଏମ୍ ଶିକ୍ଷାସମୂହର ଚେୟାରମ୍ୟାନ ଡ. ସତ୍ୟବ୍ରତ ମୀନକେତନ ନାଗାଲାଣ୍ଡର ଶିକ୍ଷା ଓ ପର୍ଯ୍ୟଟନ ମନ୍ତ୍ରୀ ଟେମଜେନ୍ ଇମନା ଆଲଙ୍ଗଙ୍କ ଠାରୁ ଉପରୋକ୍ତ ସମ୍ମାନ ଗ୍ରହଣ କରିଥିଲେ। ଏହି ଅବସରରେ ଦ ଇକୋନୋମିକ୍ ଟାଇମ୍ସର ବହୁ ଉଚ୍ଚପଦସ୍ଥ ଅଧିକାରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଓ ଭାରତର ବହୁ ଜଣାଶୁଣା ଶିକ୍ଷାନୁଷ୍ଠାର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଓଡିଏମ୍ ପବ୍ଲିକ୍ ସ୍କୁଲ ପାଇଁ ଏହି ସୁଖଦ ଓ ସନ୍ତୋଷପୂର୍ଣ୍ଣ ମୁହୂର୍ତ୍ତରେ ଡ. ସତ୍ୟବ୍ରତ ମୀନକେତନ ବିଦ୍ୟାଳୟ ପ୍ରବନ୍ଧନ ସମିତିର ସମସ୍ତ ସଦସ୍ୟ, ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରୀଛାତ୍ର ତଥା ଅଭିଭାବକମାନଙ୍କୁ ଅଭିନନ୍ଦନ ତଥା କୃତଜ୍ଞତା ଜ୍ଞାପନ କରିବା ସହିତ ଭବିଷ୍ୟତରେ ଓଡିଏମ୍ ଏମିତି ନିଜର ଉତ୍କୃଷ୍ଟତା ପ୍ରମାଣିତକରି ଚାଲିଥିବ ବୋଲି ସେ ଦୃଢ଼ ଆଶାବ୍ୟକ୍ତ କରିଛନ୍ତି।

## କାବେରୀ ଜୀ ସାର୍ଥକର ଲକ୍ଷପତି ବିଜେତା

**ଭୁବନେଶ୍ୱର,୨୯।୬**




ରାଜ୍ୟର ପ୍ରମୁଖ ଓଡ଼ିଆ ମନୋରଞ୍ଜନ ଚ୍ୟାନେଲ ଜୀ ସାର୍ଥକର ମେଗା ପ୍ରତିଯୋଗିତା 'ଦେଖିବା ନିତି ହେବା ଲକ୍ଷପତି'ର ବିଜେତାଙ୍କ ନାମ ନିକଟରେ ଘୋଷଣା କରାଯାଇଛି। କାବେରୀ ନାୟକ ଉକ୍ତ ପ୍ରତିଯୋଗିତାର ବିଜେତା ହୋଇଛନ୍ତି ବୋଲି ଜୀ ସାର୍ଥକ ପକ୍ଷରୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ହୋଟେଲ ନିଉ ମାରିୟନ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହ ଅବସରରେ ଲାଲଚାନ୍ଦର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ସଞ୍ଜୟ ହଂସ ବିଜେତା କାବେରୀଙ୍କୁ ୧ଲକ୍ଷ ଟଙ୍କାର ଧନରାଶି ପୁରସ୍କାର ଆକାରରେ ପ୍ରଦାନ କରିଥିଲେ। ଏ ସମ୍ପର୍କରେ ଜୀ-ସାର୍ଥକର ଚିଫ୍ ଚ୍ୟାନେଲ ଅଫିସର ପ୍ରତୀକ ସିଲ୍ କହିଛନ୍ତି, ଦୀର୍ଘଦିନ ଜାରି ରହିଥିବା ଉକ୍ତ ପ୍ରତିଯୋଗିତାରେ ବହୁ ସଂଖ୍ୟାରେ ପ୍ରତିଯୋଗୀ ଭାଗନେଇ ପୁରସ୍କାର ପାଇବା ସହ ନିଜର ଅଭିଜ୍ଞତା ଓ ଭଲ ପାଇବା ଦେଇଥିବାରୁ ସେ ସମସ୍ତଙ୍କୁ ଜୀ ସାର୍ଥକ ପରିବାର ପକ୍ଷରୁ ଧନ୍ୟବାଦ ଜଣାଉଛି।

ଉଲ୍ଲେଖଯୋଗ୍ୟ, ୨୦୨୩ ଏପ୍ରିଲ ୩ରୁ ମେ ୨୭ ପର୍ଯ୍ୟନ୍ତ ଚାଲିଥିବା ଉକ୍ତ ମେଗା ପ୍ରତିଯୋଗିତାର ନିୟମ ମୁତାବକ ପ୍ରତିଦିନ ସନ୍ଧ୍ୟା ୭ ଘଟିକାରୁ ରାତି ୯ଟା ୩୦ମଧ୍ୟରେ ପ୍ରସାରିତ ହେଉଥିବା ଧାରାବାହିକଗୁଡ଼ିକରେ କିଛି ସରଳ ପ୍ରଶ୍ନର ଉତ୍ତର ମିସ୍‌ଡ କଲ୍ ମାଧ୍ୟମରେ ପ୍ରତିଯୋଗୀମାନେ ଦେଇ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିପାରିବେ। ଏପରିକି ରାଜ୍ୟ ତଥା ରାଜ୍ୟ ବାହାରୁ ଓଡ଼ିଆ ଦର୍ଶକମାନେ ଉକ୍ତ ପ୍ରତିଯୋଗିତାରେ ଭାଗନେଇ ସେମାନଙ୍କର ଉତ୍ତର ଦେଉଥିଲେ। ଯେଉଁଠାରେ ବମ୍ପର ପୁରସ୍କାର ରାଶି ୧ଲକ୍ଷ ଟଙ୍କା ରଖାଯାଇଥିଲା। ଓଡ଼ିଶାର ଲୋକପ୍ରିୟ ସ୍ୱର୍ଣ୍ଣ ଅଳଙ୍କାର ବିକ୍ରେତା, ଲାଲ୍‌ଚାନ୍ଦ ପ୍ରାୟୋଜିତ ଏହି ମେଗା ପ୍ରତିଯୋଗିତା ଆଇପିଏଲ୍ ସମୟରେ ପୂରା ୪୫ଦିନ ଧରି ଜୀ ସାର୍ଥକରେ ଚାଲିଥିଲା। ସେହିଭଳି ଉକ୍ତ ପ୍ରତିଯୋଗିତାରେ ଭାଗନେଇଥିବା ପ୍ରତିଯୋଗୀମାନେ ଜୀ ସାର୍ଥକ ଧାରାବାହିକ ଦେଖୁଥିବା ସମୟରେ ଟିଭି ସ୍କ୍ରିନ୍‌ରେ ଦିଆଯାଇଥିବା ନମ୍ବରରେ ମିସ୍‌ଡ କଲ୍ ଦେବା ସହ ପ୍ରତିଦିନ ଠିକ୍ ଉତ୍ତର ଦେଇଥିବା ୨୪୦ ଭାଗ୍ୟଶାଳୀ ବିଜେତାଙ୍କୁ ୧୦୦୦ ଟଙ୍କାର ଭାଉଚର ମିଳିଥିଲା।

## ସମ୍ମାନିତ ହେଲେ ପିଜିଡିଏସ୍-୨୦୨୨ର ବିଜେତା

**ଭୁବନେଶ୍ୱର,୨୯।୬**



ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ(ବିଆଇପିଏଫ୍) ପକ୍ଷରୁ ଉଚ୍ଚଶିକ୍ଷା ପାଇଁ ପ୍ରଦାନ କରାଯାଉଥିବା ପ୍ରଫେସର ଘନଶ୍ୟାମ ଦାଶ ବୃତ୍ତି (ପିଜିଡିଏସ୍)-୨୦୨୨ର ବିଜେତା ଛାତ୍ରୀଛାତ୍ରମାନଙ୍କୁ ସମ୍ମାନିତ କରାଯାଇଛି। ବିଶେଷକରି ଇଞ୍ଜିନିୟରିଂ, ମେଡିସିନ ଏବଂ ଉଦାରବାଦୀ କଳା କ୍ଷେତ୍ରରେ ପେସାଦାର ଡିଗ୍ରୀ ହାସଲ କରିବା ପାଇଁ ପ୍ରତ୍ୟେକ ବର୍ଷ ୬ ମେଧାବୀ ଛାତ୍ରୀଛାତ୍ରଙ୍କୁ ବିଆଇପିଏଫ୍ ପକ୍ଷରୁ ଉପରୋକ୍ତ ବୃତ୍ତି ପ୍ରଦାନ କରାଯାଇଥାଏ। ଉକ୍ତ ବୃତ୍ତି ଅନ୍ତର୍ଗତ ଏକାଡେମିକ୍ ଫି'ର ୯୦% ଓ ୪ ବର୍ଷ ମଧ୍ୟରେ ହେବାକୁ ଥିବା ଅନ୍ୟାନ୍ୟ ଖର୍ଚ୍ଚକୁ ମିଶାଇ ପ୍ରତ୍ୟେକ ବୃତ୍ତିଧାରୀଙ୍କୁ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ବିଆଇପିଏଫ୍ ପକ୍ଷରୁ ପ୍ରଦାନ କରାଯାଇଥାଏ। ଏ ସମ୍ପର୍କରେ ବିଆଇପିଏଫ୍‌ର ଟ୍ରଷ୍ଟି ତଥା ପ୍ରତିଷ୍ଠାତା ସିଇଓ ଶୈଫାଳିକା ପଣ୍ଡା କହିଥଲେ, ପ୍ରଫେସର ଘନଶ୍ୟାମ ଦାଶ ବୃତ୍ତି ମେଧାବୀ ଛାତ୍ରୀଛାତ୍ରମାନଙ୍କ ପାଇଁ ବେଶ୍ ପ୍ରେରଣାଦାୟୀ ହୋଇପାରିଛି। ବିଶେଷକରି ପ୍ରତିଭାବାନ୍ ଛାତ୍ରୀଛାତ୍ରମାନଙ୍କୁ ଉଚ୍ଚଶିକ୍ଷା ପାଇଁ ଆବଶ୍ୟକ ସହାୟତା ରାଶି ଯୋଗାଇ ଦେଇପାରୁଥିବାରୁ ଆମେ ଗୌରବାନ୍ୱିତ ଅନୁଭବ କରୁଛୁ। ଚଳିତବର୍ଷଠାରୁ ସେମାନଙ୍କ ପାଇଁ ଆରମ୍ଭ କରାଯାଇଥିବା ମାର୍ଗଦର୍ଶନ ବ୍ୟବସ୍ଥା ଏହି ଯୁବପ୍ରତିଭାଙ୍କୁ ଏକ ସଫଳ ଯାତ୍ରାରେ ଅଗ୍ରସର କରାଇବା ସହିତ ନିଜ ପେସାଦାର କ୍ଷେତ୍ରରେ ସେମାନଙ୍କ ନେତୃତ୍ୱ କ୍ଷମତାକୁ ବୃଦ୍ଧି କରିବାରେ ସହାୟକ ହୋଇପାରିବ। ଉଲ୍ଲେଖଯୋଗ୍ୟ,୨୦୨୨-୨୩ ଶିକ୍ଷା ବର୍ଷରେ ୩ ବୃତ୍ତିଧାରୀ ଯଥା ଅଙ୍କିତ ଝା (ଆଇଆଇଟି, ମୁମ୍ବାଇ), ଆଦିତ୍ୟ ନାରାୟଣ ରାଉତ (ଆଇଆଇଟି, ଦିଲ୍ଲୀ) ଏବଂ ଅନୀଶା ସାମନ୍ତରାୟ (ଆଇଆଇଟି ,ରୁର୍‌କି) ଇଞ୍ଜିନିୟରିଂ ପାଠ୍ୟକ୍ରମରେ ଉଚ୍ଚଶିକ୍ଷା ହାସଲ କରୁଥିବାବେଳେ ଅନ୍ୟ ୩ ବୃତ୍ତିଧାରୀ ଯଥା ରୋହନ ରୂପମ୍ (ଏନ୍‌ଆଇଟି, ରାଉରକେଲା), ପ୍ରକାଶ କୁମାର ସାହୁ (ଭିସୁଟ୍, ବୁର୍ଲା) ଇଞ୍ଜିନିୟରିଂ କରୁଥିବା ବେଳେ ବାଦଲ କୁମାର ସାହୁ (ଏମ୍‌କେସିଜି ମେଡିକାଲ କଲେଜ) ମେଡିକାଲ ଡିଗ୍ରୀ ପାଠ୍ୟକ୍ରମରେ ଶିକ୍ଷା ଲାଭ କରୁଛନ୍ତି। ସୂଚନାଯୋଗ୍ୟ, ୨୦୦୫ରୁ ଇମ୍ଫା ପକ୍ଷରୁ ଆରମ୍ଭ ହୋଇଥିବା ଏହି ମେଧାବୃତ୍ତି ସ୍ୱର୍ଗତ ପ୍ରଫେସର ଘନଶ୍ୟାମ ଦାଶ(ସ୍ୱର୍ଗତ ଇଲା ପଣ୍ଡାଙ୍କ ପିତା)ଙ୍କ ନାମରେ ନାମିତ କରାଯାଇଛି। ଏପରିକି ୨୦୧୬ରୁ ବିଆଇପିଏଫ୍ ପକ୍ଷରୁ ଏହି ମେଧାବୃତ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରାଯାଉଥିବାବେଳେ ବର୍ତ୍ତମାନ 'ମେଣ୍ଟରଶିପ୍' କାର୍ଯ୍ୟକ୍ରମ (ଉତ୍ସାହ) ପାଇଁ ଏଥିରେ ଆଉ ଏକ ଅର୍ଥପୂର୍ଣ୍ଣ ଦିଗନ୍ତକୁ ସଂଯୁକ୍ତ କରାଯାଇଛି।

# ଓଡ଼ିଶାର ପ୍ରସିଦ୍ଧ କ୍ରୀଡ଼ାବିତ୍ ଭାଇ ଓ ଭଉଣୀ

(ଭାଗ-୧)


ଅଶୋକ ମହାନ୍ତି

**କ୍ରୀଡ଼ା କ୍ଷେତ୍ରରେ ଗୋଟିଏ ପରିବାରର ରକ୍ତ ସମ୍ପର୍କ ଭାଇ ଓ ଭଉଣୀମାନେ ନିଜ ରାଜ୍ୟ ଓ ଦେଶକୁ ପ୍ରତିନିଧିତ୍ୱ କରି ନିଜ ପରିବାର, ରାଜ୍ୟ ଓ ଦେଶକୁ ଗୌରବାନ୍ୱିତ କରିବାର ବହୁ ନଜିର ରହିଛି। ଏହି ପୃଷ୍ଠଭୂମିରେ ଓଡ଼ିଶାର ଏପରି ଅନେକ କ୍ରୀଡ଼ାମନସ୍କ ପରିବାର ଅଛନ୍ତି, ଯାହାଙ୍କ ଏକାଧିକ ସନ୍ତାନ କ୍ରୀଡ଼ାରେ ରାଜ୍ୟ ବା ଦେଶକୁ ପ୍ରତିନିଧିତ୍ୱ କରି ନିଆରା ପରମ୍ପରା ସୃଷ୍ଟି କରିଛନ୍ତି। ଏହାର ପ୍ରଥମ ଭାଗକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...**

ଅନ୍ୟାନ୍ୟ କ୍ଷେତ୍ରଭଳି କ୍ରୀଡ଼ା କ୍ଷେତ୍ରରେ ମଧ ଗୋଟିଏ ପରିବାରର (ପିତା ଓ ମାତା) ରକ୍ତ ସମ୍ପର୍କ ଭାଇ ଓ ଭଉଣୀମାନେ ନିଜ ରାଜ୍ୟ ଓ ଦେଶକୁ ପ୍ରତିନିଧିତ୍ୱ କରି ନିଜ ପରିବାର ଏବଂ ରାଜ୍ୟ ଓ ଦେଶକୁ ଗୌରବା,ନ୍ୱିତ କରିବାର ବହୁ ନଜିର ରହିଛି। ଅନ୍ତର୍ଜାତୀୟ କ୍ରୀଡ଼ା କ୍ଷେତ୍ରରେ ସୁଖ୍ୟାତି ଅର୍ଜନ କରିଥିବା ଏବଂ ସର୍ବାଧିକ ଚର୍ଚ୍ଚିତ ଓ ଲୋକପ୍ରିୟ ଖେଳାଳି ଭାଇ ଭଉଣୀମାନଙ୍କ ମଧ୍ୟରେ ଅଛନ୍ତି- ଅଷ୍ଟ୍ରେଲିଆର କ୍ରିକେଟ ଚାପେଲ ଭ୍ରାତା (ଇଆନ, ଗ୍ରେଗ୍ ଓ ଟ୍ରେଭର), ଆମେରିକାର ଟେନିସ୍ ସୁପରଷ୍ଟାର୍ସ ଉଇଲିୟମ୍ସ ଭଉଣୀ (ସେରେନା ଓ ଭେନସ), ନ୍ୟୁଜିଲାଣ୍ଡ କ୍ରିକେଟର୍ସ 'କ୍ରୋ ଭ୍ରାତା (ମାର୍ଟିନ ଓ ଜେଫ୍), ଇଂଲଣ୍ଡ ଫୁଟବଲର୍ସ ଚାର୍ଲଟନ୍ ଭ୍ରାତା (ବବି ଓ ଜ୍ୟାକି- ଉଭୟ ବିଶ୍ୱକପ୍ ଖେଳାଳି), ଦକ୍ଷିଣ ଆଫ୍ରିକାର ପୋଲକ ଭ୍ରାତା (ଗ୍ରେମ ଓ ପିଟର), ଅଷ୍ଟ୍ରେଲିଆର ୱ' ଭ୍ରାତା (ମାର୍କ ଓ ଷ୍ଟିଭ୍), ଆମ ଦେଶର ଅମରନାଥ ଭ୍ରାତା (ମହିନ୍ଦର, ସୁରିନ୍ଦର ଓ ରାଜିନ୍ଦର), ପଠାନ୍ ଭ୍ରାତା (ଇରଫାନ ଓ ୟୁସୁଫ), ଫୁଟବଲରେ 'ବାନାର୍ଜୀ ଭ୍ରାତା' (ପି.କେ. ଏବଂ ପ୍ରସୁନ୍), ଟେନିସ୍‌ରେ ଅମୃତରାଜ ଭ୍ରାତା (ବିଜୟ, ଆନନ୍ଦ), ସର୍ବାଧିକ ପ୍ରସିଦ୍ଧି ଲାଭ କରିଥିବା କିମ୍ବଦନ୍ତୀ ହକି ଖେଳାଳି ଧ୍ୟାନଚାନ୍ଦ ଓ ରୁପ ସିଂ ଏବଂ ଆମ ଦେଶର ଗୋଟିଏ ପରିବାରର ସର୍ବାଧିକ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିବା ୟୁପି-ବନାରସ୍‌ର ବାସ୍କେଟବଲ ଖେଳାଳି 'ସିଂ' ଭଉଣୀମାନେ (ବାସ୍କେଟବଲ ଖେଳୁଥିବା ପାଞ୍ଚ ଭଉଣୀଙ୍କ ମଧ୍ୟରୁ ସବୁଠାରୁ ବଡ଼ ପ୍ରିୟଙ୍କା ୟୁପିର ରାଜ୍ୟସ୍ତରୀୟ ଖେଳାଳି ହୋଇଥିବାବେଳେ ସାନ ଚାରି ଭଉଣୀ ଦିବ୍ୟା, ପ୍ରଶାନ୍ତି, ଆକାଂକ୍ଷା ଏବଂ ପ୍ରତିମା ସମସ୍ତେ ଭାରତୀୟ ଦଳରୁ ଖେଳିଛନ୍ତି। ଦିବ୍ୟା ଓ ପ୍ରଶାନ୍ତି ଭାରତୀୟ ଦଳର ଅଧିନାୟିକା ଦାୟିତ୍ୱ ତୁଲାଇଛନ୍ତି)।

ଏହି ବର୍ଗରେ ଗୋଟିଏ ଦେଶର ଗୋଟିଏ ପରିବାରର ଚାରି ଭାଇ ଟେଷ୍ଟ କ୍ରିକେଟ ଖେଳିବାର ବିରଳ କୀର୍ତ୍ତିମାନ ରହିଛି ପାକିସ୍ତାନର ମହମ୍ମଦ ଭ୍ରାତାଙ୍କ ନାମରେ। ବଡ଼ଭାଇ ହନିଫ ମହମ୍ମଦଙ୍କ ସହିତ ସାନ ତିନି ଭାଇ ମୁସ୍ତାକ, ସାଦିକ୍ ଏବଂ ୱାଜିର ଟେଷ୍ଟ କ୍ରିକେଟ ଖେଳିଥିଲା ବେଳେ ପଞ୍ଚମ ଭାଇ ରିଆଜ୍ ମହମ୍ମଦ ପାକିସ୍ତାନରେ ପ୍ରଥମ ଶ୍ରେଣୀ କ୍ରିକେଟ ଖେଳିଛନ୍ତି।


ସୁପ୍ତିକାନ୍ତ ଓ ସତୀକାନ୍ତ ଘୋଷ

ଉପରୋକ୍ତ ପୃଷ୍ଠଭୂମିରେ ଆମ ରାଜ୍ୟ ଓଡ଼ିଶାର ଏପରି ଅନେକ କ୍ରୀଡ଼ା ମନସ୍କ ପରିବାର ଅଛନ୍ତି ଯାହାଙ୍କ ଏକାଧିକ ସନ୍ତାନ କ୍ରୀଡ଼ାରେ ରାଜ୍ୟ ବା ଦେଶକୁ ପ୍ରତିନିଧିତ୍ୱ କରି ନିଆରା ପରମ୍ପରା ସୃଷ୍ଟି କରିଛନ୍ତି। ବିଭିନ୍ନ ସୂତ୍ରରୁ ସଂଗ୍ରହ କରି ଏହିପରି କିଛି ପ୍ରସିଦ୍ଧ ଭାଇ ଓ ଭଉଣୀମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ଉପସ୍ଥାପନା...

### ହକି -ଇଗ୍ନେସ ତିର୍କୀ ଏବଂ ପ୍ରବୋଧ ତିର୍କୀ

ଅନ୍ତର୍ଜାତୀୟ ସ୍ତରରେ ଦୁଇଭାଇ ଭାରତୀୟ ଦଳର ନେତୃତ୍ୱ ନେବାର ବିରଳ କୀର୍ତ୍ତିମାନର ଅଧିକାରୀ ହେଉଛନ୍ତି ପଦ୍ମଶ୍ରୀ ଅଲିମ୍ପିଆନ୍ ଏବଂ ଅର୍ଜୁନ ପୁରସ୍କାର ବିଜେତା ଇଗ୍ନେସ ତିର୍କୀ ଓ ପ୍ରବୋଧ ତିର୍କୀ। ୧୯୮୧ରେ ଜନ୍ମିତ ଇଗ୍ନେସ୍ ୨୦୦୧ରୁ ୨୦୧୨ ମଧ୍ୟରେ ୨୫୦ରୁ ଅଧିକ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ଦୁଇଥର ଏସିଆ କପ୍ ସ୍ୱର୍ଣ୍ଣ, ଏସିଆନ୍ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ଏବଂ ଏସିଆନ୍ ଗେମ୍ସ ରୌପ୍ୟ ପଦକ ଜିତିବାର କୃତିତ୍ୱ ହାସଲ କରିଥିବାବେଳେ ସାନଭାଇ ପ୍ରବୋଧ (ଜନ୍ମ-୧୯୮୪) ଭାରତ ପାଇଁ ୧୬୧ଟି ମ୍ୟାଚ୍ ଖେଳି ଏସିଆ କପ୍ ସ୍ୱର୍ଣ୍ଣପଦକ ସହିତ ଏସିଆନ୍ ଗେମ୍ସ, ଆଜଲାନ୍ ସାହା ଏବଂ ଚାମ୍ପିୟନ ଚାଲେଞ୍ଜରେ ବ୍ରୋଞ୍ଜ ପଦକ ବିଜେତା ହେବାର ଗୌରବ ହାସଲ କରିଛନ୍ତି।

**-ଦିଲୀପ ତିର୍କୀ, ଅନୁପ ଓ ଅଜିତ ତିର୍କୀ**

ସମ୍ପ୍ରତି ହକି ଇଣ୍ଡିଆର ସଭାପତି ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ଦିଲୀପ ତିର୍କୀ ଭାରତ ପାଇଁ ତିନୋଟି ଅଲିମ୍ପିକ୍ସ ଓ ବିଶ୍ୱକପ୍ ସହିତ ସର୍ବାଧିକ ୪୧୨ ଅନ୍ତର୍ଜାତୀୟ ମ୍ୟାଚ (ଭାରତୀୟ ରେକର୍ଡ) ଖେଳିଥିଲା ବେଳେ ତାଙ୍କର ଦୁଇ ସାନ ଭାଇ ଅନୁପ ଓ ଅଜିତ ଏକାଧିକ ଥର ରାଜ୍ୟ ହକି ଦଳକୁ ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିଛନ୍ତି।

### ଦୌଡ଼କୁଦ

**-ଦୂତୀ ଚାନ୍ଦ ଓ ସରସ୍ୱତୀ ଚାନ୍ଦ**

ଦୂତୀ ଚାନ୍ଦ (ଜ -୧୯୯୬) – ଆମ ରାଜ୍ୟ ତଥା ଦେଶର ଅନ୍ୟତମ ଶ୍ରେଷ୍ଠ ସ୍ପ୍ରିଣ୍ଟର ଅର୍ଜୁନ ପୁରସ୍କାର ବିଜେତା


ଦୂତୀ ଚାନ୍ଦ


ସରସ୍ୱତୀ ଚାନ୍ଦ

ଦୂତୀ ଏସୀୟ କ୍ରୀଡ଼ା (୨୦୧୮)ରେ ୧୦୦ମି. ଓ ୨୦୦ମି. ରୌପ୍ୟ ପଦକ ଜିତିବା ସହିତ ଭାରତର ପ୍ରଥମ ଆଥ୍‌ଲେଟ୍ ଭାବେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ୧୦୦ ମିଟରରେ ସ୍ୱର୍ଣ୍ଣପଦକ ଜିତି ବିରଳ କୃତିତ୍ୱ ହାସଲ କରିଛନ୍ତି। ୧୦୦ମି. ଦୌଡ଼ରେ ଜାତୀୟ କୀର୍ତ୍ତିମାନର ଅଧିକାରିଣୀ ଦୂତୀଙ୍କ ବଡ଼ଭଉଣୀ ସରସ୍ୱତୀ (ଜ-୧୯୮୨) ମଧ ଜଣେ ଜାତୀୟ /ଅନ୍ତର୍ଜାତୀୟ ସ୍ତରର ପ୍ରତିଷ୍ଠିତ ଆଥ୍‌ଲେଟ୍। ଜାତୀୟ ସ୍ତରରେ ୪୦୦ମି. ଦୌଡ଼ରେ ରୌପ୍ୟ ପଦକ ହାସଲ କରିଥିବା ସରସ୍ୱତୀ ଭାରତୀୟ ପୋଲିସକୁ ପ୍ରତିନିଧିତ୍ୱ କରି ୨୦୦୯ ଏବଂ ୨୦୧୧ରେ ବିଶ୍ୱ ପୋଲିସ ଏବଂ ଫାୟାର ଗେମ୍ସରେ ୪ଟି ସ୍ୱର୍ଣ୍ଣ ସହିତ ସମୁଦାୟ ୧୦ଟି ମେଡାଲ ଜିତିବାର ବିରଳ କୃତିତ୍ୱ ହାସଲ କରିଥିଲେ।


ଦିଲୀପ ତିର୍କୀ

**-ଡ. ସତୀକାନ୍ତ, ଜ୍ୟୋତିକାନ୍ତ, ରତିକାନ୍ତ, ସୁପ୍ତିକାନ୍ତ, ସୁକାନ୍ତ ଓ ଶିଶିରକାନ୍ତ ଘୋଷ:** ଓଡ଼ିଶାର ଏକ ପ୍ରତିଷ୍ଠିତ କ୍ରୀଡ଼ା ପରିବାର ସଦସ୍ୟମାନଙ୍କ ମଧ୍ୟରୁ ବଡ଼ଭାଇ ସତୀକାନ୍ତ ଘୋଷ (୧୯୩୧) ହେଉଛନ୍ତି ପଚାଶ ଦଶକର ଦେଶର ଅନ୍ୟତମ ଶ୍ରେଷ୍ଠ ସ୍ପ୍ରିଣ୍ଟର। ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ୧୦୦ମି. ଦୌଡ଼ରେ ରେକର୍ଡ କରିଥିବା ସତୀକାନ୍ତ ଫିଲିପାଇନ୍ସର ମାନିଲାଠାରେ ଅନୁଷ୍ଠିତ ଦ୍ୱିତୀୟ ଏସିଆ କ୍ରୀଡ଼ାରେ ଭାରତୀୟ ଦଳର ସଦସ୍ୟ (ଆଥଲେଟିକ୍ସ) ଭାବେ ଯୋଗଦାନ କରିଥିଲେ। ସାନଭାଇ ଜ୍ୟୋତିକାନ୍ତ ବିହାର ରାଜ୍ୟ ଆଥଲେଟିକ୍ ଚାମ୍ପିୟନ ହୋଇଥିବାବେଳେ, ସମ୍ପର୍କୀୟ ଭାଇ ସୁକାନ୍ତ ଘୋଷ (ଅନେକଥର ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନ), ରତିକାନ୍ତ (ଉତ୍କଳ ବିଶ୍ୱବିଦ୍ୟାଳୟ ହକି ଓ କାନପୁର ଆଇଆଇଟି ହକି କ୍ୟାପ୍‌ଟେନ), ସୁପ୍ତିକାନ୍ତ (ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଶା ରଣଜି ୧୯୬୮-୭୧ କ୍ରିକେଟ ଦଳର ସଦସ୍ୟ) ଏବଂ ଶିଶିରକାନ୍ତ (ସନ୍ତୋଷ ଟ୍ରଫିରେ ଓଡ଼ିଶା ଦଳର ସଦସ୍ୟ-୧୯୯୪) କ୍ରୀଡ଼ା କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିଲେ।

### କ୍ରିକେଟ

କୌଣସି ଗୋଟିଏ କ୍ରୀଡ଼ା ଶୃଙ୍ଖଳାରେ ଗୋଟିଏ ପରିବାରର ପାଞ୍ଚ ଭାଇ ରାଜ୍ୟକୁ ପ୍ରତିନିଧିତ୍ୱ କରିବା ନିଶ୍ଚିତ ଭାବେ ଏକ ବିରଳତମ ଘଟଣା। ଓଡ଼ିଶା କ୍ରିକେଟରେ ପ୍ରସିଦ୍ଧି ଲାଭ କରିଥିବା କଟକର 'ଜେନା ବ୍ରଦର୍ସ' ହେଉଛନ୍ତି ଏପରି ଏକ ବିରଳ କୃତିତ୍ୱର ଅଧିକାରୀ। ପାଞ୍ଚ ଭାଇମାନେ ବିବେକାନନ୍ଦ ଜେନା (୧୯୩୭), ବିଶୁଦ୍ଧାନନ୍ଦ ଜେନା (୧୯୩୯), ଅଶୋକାନନ୍ଦ ଜେନା (୧୯୪୬), ଆଲୋକାନନ୍ଦ ଜେନା (୧୯୪୮) ଏବଂ ଚିନ୍ମୟାନନ୍ଦ ଜେନା (୧୯୫୦) ସମସ୍ତେ ଥିଲେ ମେଧାବୀ, ଉଚ୍ଚ ପଦାଧିକାରୀ ଏବଂ ପ୍ରତିଭାବାନ କ୍ରୀଡ଼ାବିତ୍ (କ୍ରିକେଟର)। ବଡ଼ଭାଇ ବିବେକାନନ୍ଦ ଜେନା (୧୯୬୧-୬୨ ଏବଂ ୧୯୬୬-୬୭ରେ ଦୁଇଥର ପ୍ରଥମ ଶ୍ରେଣୀ ରଣଜିରେ ଓଡ଼ିଶାକୁ ପ୍ରତିନିଧିତ୍ୱ), ବିଶୁଦ୍ଧାନନ୍ଦ ଜେନା (୧୯୫୭-୫୮ରୁ ୧୯୬୯-୭୦: ୩୩ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଏବଂ ୧୯୬୭ରେ ଓଡ଼ିଶାର ଅଧିନାୟକ), ଅଶୋକାନନ୍ଦ ଜେନା (୧୯୬୦ରୁ ୧୯୭୩ ମଧ୍ୟରେ ୨୬ଟି ପ୍ରଥମ ଶ୍ରେଣୀ ରଣଜି ଟ୍ରଫି, ୭ଟି ମ୍ୟାଚ୍‌ରେ ଅଧିନାୟକ), ଆଲୋକାନନ୍ଦ ଜେନା (୧୯୬୨-୬୩ ଏବଂ ୧୯୭୦-୭୧ରେ ଦୁଇଟି ପ୍ରଥମ ଶ୍ରେଣୀ ରଣଜି), ଚିନ୍ମୟାନନ୍ଦ ଜେନା (୧୯୭୩-୭୪ରେ ଓଡ଼ିଶାକୁ ରଣଜିରେ ପ୍ରତିନିଧିତ୍ୱ)।


ଇଗ୍ନେସ ତିର୍କୀ


ପ୍ରବୋଧ ତିର୍କୀ

**ସାନ୍ତନୁ ଶତପଥୀ ଏବଂ ଡ. ସଞ୍ଜୟ ଶତପଥୀ**

ସାନ୍ତନୁ ଶତପଥୀ (ଜ-୧୯୪୩) ୩ଟି ରାଜ୍ୟ ଓଡ଼ିଶା, ଉତ୍ତରପ୍ରଦେଶ ଏବଂ ଆନ୍ଧ୍ରପ୍ରଦେଶ ସହିତ ପୂର୍ବାଞ୍ଚଳକୁ ପ୍ରତିନିଧିତ୍ୱ କରି ୧୯୬୦ରୁ ୧୯୭୨ ମଧ୍ୟରେ ୨୨ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିଥିଲେ। ତାଙ୍କ ସାନଭାଇ ଡ. ସଞ୍ଜୟ ଶତପଥୀ (୧୯୪୮-୨୦୨୩) ୧୯୬୬ରୁ ୧୯୭୭ ମଧ୍ୟରେ ୨୩ଟି ପ୍ରଥମ ଶ୍ରେଣୀ ରଣଜୀ ମ୍ୟାଚ୍ ସହିତ ୧୯୭୫ରେ ପୂର୍ବାଞ୍ଚଳ ପକ୍ଷରୁ ୱେଷ୍ଟଇଣ୍ଡିଜ ଏବଂ ଶ୍ରୀଲଙ୍କା ବିପକ୍ଷରେ ଖେଳିବାର ସୁଯୋଗ ପାଇଥିଲେ।

**ରଞ୍ଜୀବ ବିଶ୍ୱାଳ ଓ ଚିରଞ୍ଜୀବ ବିଶ୍ୱାଳ**

ରଞ୍ଜୀବ ବିଶ୍ୱାଳ (ଜ-୧୯୭୦) ପ୍ରଥମ ଶ୍ରେଣୀ- ୩୨ ମ୍ୟାଚ୍, ଦୁଲିପ୍ ଟ୍ରଫି- ୯ଟି ମ୍ୟାଚ୍, ୧୯ ବର୍ଷରୁ କମ୍ ଭାରତୀୟ ଦଳର ଅଧିନାୟକ (୪ ଟେଷ୍ଟ ଓ ୬ଟି ଦିନିକିଆ ମ୍ୟାଚ୍), ଭାରତୀୟ ଦଳର ପୂର୍ବତନ ମ୍ୟାନେଜର, ଜାତୀୟ କ୍ରିକେଟ ଏକାଡେମୀ ଓ ଆଇପିଏଲର ପୂର୍ବତନ ଅଧକ୍ଷ)। ବଡ଼ଭାଇ ଚିରଞ୍ଜୀବ (ଜ-୧୯୬୩) ପ୍ରଥମ ଶ୍ରେଣୀ ରଣଜୀ ମ୍ୟାଚ୍-୮, ଲିଷ୍ଟ 'ଏ' ମ୍ୟାଚ୍ (୧)।

**ଅବିନାଶ ଖଟୁଆ ଓ ଅବକାଶ ଖଟୁଆ**

ଅବିନାଶ ଖଟୁଆ (ଜ. ୧୯୫୯)- ୧୯୮୦ରୁ ୯୦ ମଧ୍ୟରେ ପ୍ରଥମ ଶ୍ରେଣୀ ରଣଜୀରେ ୧୭ଟି ଏବଂ ଲିଷ୍ଟ-ଏ'ରେ ଗୋଟିଏ ମ୍ୟାଚ ଖେଳିଥିଲେ। ସାନ ଭାଇ ଅବକାଶ- (ଜ- ୧୯୬୭)- ୧୯୮୬ରୁ ୯୬ ମଧ୍ୟରେ ପ୍ରଥମ ଶ୍ରେଣୀ ରଣଜୀ ମ୍ୟାଚ ୨୪ଟି ଏବଂ ଲିଷ୍ଟ 'ଏ' ୱାନ ଡେ ମ୍ୟାଚ ୧୪ଟି ଖେଳିଥିଲେ।

**ଦୀପକ ମଙ୍ଗରାଜ ଓ ଆଲୋକ ମଙ୍ଗରାଜ**

ଦୀପକ ମଙ୍ଗରାଜ (ଜ-୧୯୮୨) ୨୦୦୩ରୁ ୨୦୦୬ ମଧ୍ୟରେ ପ୍ରଥମ ଶ୍ରେଣୀରେ ଓଡ଼ିଶାରୁ ଏବଂ ପୂର୍ବାଞ୍ଚଳରୁ ମୋଟ ୧୬ଟି ମ୍ୟାଚ ଏବଂ ଲିଷ୍ଟ- 'ଏ'ରେ ୧୫ ମ୍ୟାଚ୍ ଖେଳିଛନ୍ତି। ଆଲୋକ ମଙ୍ଗରାଜ (ଜ- ୧୯୮୮), ଓଡ଼ିଶା ପକ୍ଷରୁ ପ୍ରଥମଶ୍ରେଣୀରେ ୨୨ଟି ଏବଂ ଲିଷ୍ଟ 'ଏ'ରେ ୧୧ ମ୍ୟାଚରେ ପ୍ରତିନିଧିତ୍ୱ କରିଛନ୍ତି।

**ସୁଜିତ ମହାନ୍ତି, ଅସିତ ମହାନ୍ତି ଓ ବିଶ୍ୱଜିତ ମହାନ୍ତି**

୨୦୧୬ରେ ପରଲୋକ ହୋଇଥିବା ବଡ଼ଭାଇ ସୁଜିତ ମହାନ୍ତି ୧୯୭୦ରୁ ୧୯୭୬ ମଧ୍ୟରେ ୧୬ଟି ପ୍ରଥମ ଶ୍ରେଣୀ ରଣଜୀ ମ୍ୟାଚ ଖେଳିଥିଲା ବେଳେ ସାନ ଦୁଇଭାଇ ଅସିତ ଏବଂ ବିଶ୍ୱଜିତ ମଧ ରାଜ୍ୟକୁ ରଣଜୀ ଟ୍ରଫି କ୍ରିକେଟରେ ପ୍ରତିନିଧିତ୍ୱ କରିଥିଲେ।

(ଅବଶିଷ୍ଟାଂଶ ପରେ ପ୍ରକାଶ ପାଇବ)

---

# ସାଉଦି ଲିଗ୍‌ର ଲୋକପ୍ରିୟତା

ୟୁରୋପୀୟ ଏବଂ ଦକ୍ଷିଣ ଆମେରିକୀୟ ଦେଶଗୁଡ଼ିକରେ ଫୁଟବଲ୍ ବେଶ୍ ଲୋକପ୍ରିୟ। ଏହାର ପ୍ରଭାବ ସ୍ଥାନୀୟ ଫୁଟବଲ୍ ଲିଗ୍‌ଗୁଡିକରେ ଦେଖିବାକୁ ମିଳିଥାଏ। ଲା ଲିଗା, ବୁନ୍ଦେସ ଲିଗା, ସେରୀ ଏ, ଇଂଲିଶ ପ୍ରିମିୟର ଲିଗ୍ ପରି ଲିଗ୍‌ଗୁଡିକ ସମଗ୍ର ବିଶ୍ୱରେ ଲୋକପ୍ରିୟ। ତେବେ ଏହି ଚିରାଚରିତ ଧାରାକୁ ଭାଙ୍ଗି ପ୍ରଥମ ଥର ପାଇଁ ଲୋକପ୍ରିୟତାର ଶୀର୍ଷ ଛୁଇଁବାକୁ ଯାଉଛି ସାଉଦି ପ୍ରଫେଶନାଲ ଲିଗ୍ ବା ସାଉଦି ଆରବ ଫୁଟବଲ୍ ଲିଗ୍। ୧୯୭୬ରେ ସ୍ଥାପିତ ଏହି ଲିଗ୍‌କୁ ମାତ୍ର ୪୭ ବର୍ଷ ହୋଇଥିବା ବେଳେ ଏହା ବିଦେଶୀ ଲିଗ୍‌ଗୁଡିକୁ କଡା ଟକ୍କର ଦେବାରେ ଲାଗିଛି। ବିଦେଶୀ ଲିଗ୍‌ର ଅନେକ ଲୋକପ୍ରିୟ ଖେଳାଳି ଏହି ଲିଗ୍ ସହିତ ଜଡିତ ହେଉଛନ୍ତି ବା ହେବାକୁ ଯାଉଛନ୍ତି। ଫଳରେ ଆଗାମୀ ଦିନରେ ଏହା ବିଶ୍ୱର ଅନ୍ୟତମ ଧନଶାଳୀ ଲିଗ୍ ହେବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ....

ସାଉଦି ପ୍ରଫେଶନାଲ ଲିଗ୍ ୨୦୨୨ରେ ପ୍ରଥମ ଥର ପାଇଁ ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରେ। କାତାରରେ ଅନୁଷ୍ଠିତ ବିଶ୍ୱକପ୍ ମ୍ୟାଚ୍‌ରେ ଯେତେବେଳେ ଆର୍ଜେଣ୍ଟିନାକୁ ସାଉଦି ଆରବ ପରାସ୍ତ କରେ ସେତେବେଳେ ବିଶ୍ୱ ଫୁଟବଲରେ ନିଜର ଏକ ପରିଚୟ ସୃଷ୍ଟି କରେ ସାଉଦି ଆରବ। ଏହାର ଫୁଟବଲ ପ୍ରତିଭା ଏବଂ ଲିଗ୍ ସମସ୍ତଙ୍କ ନଜରକୁ ଆସନ୍ତି। ବିଶ୍ୱକପ୍‌ର ଠିକ୍ ପରେ ପରେ ପର୍ତ୍ତୁଗାଲର ଅଧିନାୟକ କ୍ରିଷ୍ଟିଆନୋ ରୋନାଲ୍ଡୋ ରେକର୍ଡ ଚୁକ୍ତି ସହିତ ଅଲ ନାସେର କ୍ଲବରେ ସାମିଲ ହେବା ପରେ ଏହି ଲିଗ୍ କ୍ରମଶଃ ୟୁରୋପୀୟ କ୍ଲବ୍ ମାନଙ୍କ ମଧ୍ୟରେ ପରିଚିତ ହୁଏ ଏବଂ ଅନେକ ପ୍ରସିଦ୍ଧ ଖେଳାଳି ଏହି ଲିଗ୍‌ରେ ସାମିଲ ହୁଅନ୍ତି।

ଏସିଆନ୍ ଫୁଟବଲ କନଫେଡେରେଶନ ଅଧୀନରେ ଥିବା ଏହି ଲିଗ୍‌ରେ ସମୁଦାୟ ୧୮ଟି ଦଳ ଖେଳିଥାନ୍ତି। ରାଉଣ୍ଡ ରବିନ୍ ଲିଗ୍ ଫର୍ମାଟରେ ଏହି ଟୁର୍ନାମେଣ୍ଟ ଖେଳା ଯାଇଥାଏ। ପ୍ରତି ଦଳ ଘରୋଇ ଗ୍ରାଉଣ୍ଡରେ ଗୋଟିଏ ମ୍ୟାଚ ଏବଂ ବିପକ୍ଷ ଦଳର ଘରୋଇ ଗ୍ରାଉଣ୍ଡରେ ଗୋଟିଏ ଲେଖାଏ ମ୍ୟାଚ୍ ଖେଳିଥାନ୍ତି। ପଏଣ୍ଟ ଆଧାରରେ ବିଜେତା ନିର୍ଣ୍ଣୟ କରାଯାଇଥାଏ। ପ୍ରଥମ ଦୁଇ ସ୍ଥାନରେ ରହୁଥିବା ଦଳ ଏସିଆନ୍ ଚାମ୍ପିୟନ୍ସ ଲିଗ୍ ପାଇଁ ଯୋଗ୍ୟତା ଅର୍ଜନ କରିଥାନ୍ତି। ଅଲ ହିଲାଲ୍ ଏହି ଟୁର୍ନାମେଣ୍ଟର ସବୁଠାରୁ ସଫଳତମ ଦଳ। ଏହା ୧୮ ଥର ଚାମ୍ପିୟନ ଓ ୧୫ ଥର ରନର୍ସ ଅପ୍ ରହିଛି। ଅନ୍ୟ ପକ୍ଷରେ ଅଲ ଇଟିହାଡ ୯ ଥର ଚାମ୍ପିୟନ ଓ ୮ ଥର ରନର୍ସ ଅପ୍ ରହିବା ସହିତ ଦ୍ୱିତୀୟ ସଫଳତମ ଦଳ ରହିଛି। ତୃତୀୟ ସ୍ଥାନରେ ରହିଛି ଅଲ୍ ନାସେର୍ କ୍ଲବ୍। ରୋନାଲ୍ଡୋଙ୍କ ଏହି କ୍ଲବ ୯ ଥର ଚାମ୍ପିୟନ ଓ ୭ ଥର ରନର୍ସ ଅପ୍ ରହିଛି। ଅଲ ନାସେର ପାଇଁ ୧୯୭୭-୧୯୯୭ ପର୍ଯ୍ୟନ୍ତ ଖେଳିଥିବା ମାଜେଦ୍ ଅବଦୁଲ୍ଲା ୧୯୪ ମ୍ୟାଚ୍‌ରୁ ୧୮୯ ଗୋଲ୍ ସ୍କୋର କରିଛନ୍ତି। ଏହି ଲିଗ୍‌ରେ କ୍ରିଷ୍ଟିଆନୋ ରୋନାଲ୍ଡୋ ବିଗତ ସିଜନ ଖେଳିଥିବା ବେଳେ ଆଗାମୀ ସିଜନ ମଧ ଖେଳିବାର ସମ୍ଭାବନା ରହିଛି। ତେବେ ଆସନ୍ତୁ ଜାଣିବା ଏହି ଲିଗ୍ ସହିତ ସାମିଲ ହୋଇଥିବା ଲୋକପ୍ରିୟ ଖେଳାଳିଙ୍କ ତାଲିକା...

**ୟୁରୋପୀୟ ଏବଂ ଦକ୍ଷିଣ ଆମେରିକୀୟ ଦେଶଗୁଡ଼ିକରେ ଫୁଟବଲ୍ ବେଶ୍ ଲୋକପ୍ରିୟ। ଏହାର ପ୍ରଭାବ ସ୍ଥାନୀୟ ଫୁଟବଲ୍ ଲିଗ୍‌ଗୁଡ଼ିକରେ ଦେଖିବାକୁ ମିଳିଥାଏ। ମାତ୍ର ଏହି ଧାରାକୁ ଭାଙ୍ଗି ଏବେ ଲୋକପ୍ରିୟତାର ଶୀର୍ଷ ଛୁଇଁବାକୁ ଯାଉଛି ସାଉଦି ପ୍ରଫେଶନାଲ ଲିଗ୍ ବା ସାଉଦି ଆରବ ଫୁଟବଲ୍ ଲିଗ୍।**



ଏନ୍‌ଗୋଲୋ କାଣ୍ଟେ



ରୁବେନ୍ ନିଭ୍‌ସ (ବାମ)

**କ୍ରିଷ୍ଟିଆନୋ ରୋନାଲ୍ଡୋ:** ପର୍ତ୍ତୁଗାଲ ଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ ଏହି ତାଲିକାର ସର୍ବାଗ୍ରେ ରହିବେ। ୪୪୦୦ କୋଟିର ଲୋଭନୀୟ ମୂଲ୍ୟରେ ଅଲ ନାସେର କ୍ଲବରେ ସାମିଲ ହୋଇଥିଲେ ରୋନାଲ୍ଡୋ। ମାଞ୍ଚେଷ୍ଟର ୟୁନାଇଟେଡ, ରିୟଲ ମାଡ୍ରିଡ୍ ଓ ଜୁଭେଣ୍ଟସ ପରି କ୍ଲବ ପକ୍ଷରୁ ଖେଳି ସାରିଥିବା ରୋନାଲ୍ଡୋ ସାଉଦି ଲିଗ୍‌ର ଅନ୍ୟତମ ମୁଖ୍ୟ ଆକର୍ଷଣ। ପ୍ରଥମ ସିଜନରେ ସେ ୧୬ ମ୍ୟାଚ୍‌ରୁ ୧୪ ଗୋଲ ସ୍କୋର କରିଥିବା ବେଳେ ଅଲ ନାସେର କିନ୍ତୁ ଚାମ୍ପିୟନ ହୋଇ ପାରି ନ ଥିଲା।

**କରିମ୍ ବେଞ୍ଜେମା:** ଫ୍ରାନ୍ସ ଫୁଟବଲର ତଥା ବିଶ୍ୱର ଅନ୍ୟତମ ପ୍ରତିଭାଶାଳୀ ଷ୍ଟ୍ରାଇକର କରିମ୍ ବେଞ୍ଜେମା ସାଉଦି ଲିଗ୍ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ଚଳିତ ସିଜନର ଚାମ୍ପିୟନ ଅଲ ଇଟିହାଡ ସହିତ ବେଞ୍ଜେମା ୩ ବର୍ଷର ଚୁକ୍ତି କରିଛନ୍ତି। ଲା ଲିଗାରେ ରିୟଲ ମାଡ୍ରିଡ ପକ୍ଷରୁ ଖେଳୁଥିବା ବେଞ୍ଜେମା ୫ ଥର ଚାମ୍ପିୟନ୍ସ ଲିଗ୍ ବିଜୟୀ ହୋଇଛନ୍ତି। ମାଡ୍ରିଡ୍ ପକ୍ଷରୁ ୪୩୯ ମ୍ୟାଚ୍ ଖେଳି ସେ ୨୩୮ ଗୋଲ ସ୍କୋର କରିଛନ୍ତି।

**ଏନ୍‌ଗୋଲୋ କାଣ୍ଟେ:** ଫ୍ରାନ୍ସ ଫୁଟବଲର ଅଭେଦ୍ୟ ପ୍ରାଚୀର ଭାବେ ପରିଚିତ ୩୨ ବର୍ଷୀୟ ଏନ୍‌ଗୋଲୋ କାଣ୍ଟେ। ଜାତୀୟ ଦଳ ପକ୍ଷରୁ ୫୩ ମ୍ୟାଚ୍ ଖେଳି ସେ ମାତ୍ର ୨ ଗୋଲ ଦେଇଥିବା ବେଳେ ତାଙ୍କର ଡିଫେନ୍ସ ଦକ୍ଷତା ପ୍ରତିପକ୍ଷ ଶିବିରରେ ଭୀତି ସଞ୍ଚାର ପାଇଁ ଯଥେଷ୍ଟ। କ୍ଲବ୍ ସ୍ତରରେ ବୁଲୋନ୍, କାଏନ୍, ଲିସେଷ୍ଟର ସିଟି ଓ ଚେଲ୍‌ସୀ ପକ୍ଷରୁ ଖେଳିଛନ୍ତି। ୨୦୧୬ରେ ଚେଲ୍‌ସୀ ପକ୍ଷରୁ ୧୯୦ ମ୍ୟାଚ୍‌ରେ ଖେଳିଥିଲେ। ଜାତୀୟ ଦଳର ସାଥୀ ଖେଳାଳି କରିମ ବେଞ୍ଜେମାଙ୍କ ସହ ମିଶି ସେ ଅଲ ଇଟିହାଡ କ୍ଲବରେ ସାମିଲ ହୋଇଛନ୍ତି। ୮୬ ମିଲିୟନ୍ ଡଲାରରେ ସେ ଏକ ବର୍ଷ ପାଇଁ ଚୁକ୍ତି କରିଛନ୍ତି।

**ରୁବେନ୍ ନିଭ୍‌ସ:** ପୂର୍ବତନ ପର୍ତ୍ତୁଗାଲ ଖେଳାଳି ତଥା ଓଲଭରହାମ୍ପଟନ ୱାଣ୍ଡରର୍ସ ଅଧିନାୟକ ରୁବେନ୍ ନିଭ୍‌ସ ସାଉଦି ଲିଗ୍‌ରେ ସାମିଲ ହୋଇଛନ୍ତି। ୫୯.୭ ମିଲିୟନ ଡଲାର ବା ଭାରତୀୟ ମୁଦ୍ରାରେ ୪୮୯ କୋଟି ଟଙ୍କାର ଟ୍ରାନ୍ସଫର ଫିରେ ସେ ସାଉଦି କ୍ଲବ୍ ଅଲ ହିଲାଲରେ ସାମିଲ ହୋଇଛନ୍ତି।

-ସରୋଜ ଜେନା

# କୃତୀ ଆଥ୍‌ଲେଟଙ୍କୁ ଆର୍ଥିକ ପ୍ରୋତ୍ସାହନ

ଭୁବନେଶ୍ୱର, ୨୯।୬
(ତପନ ସ୍ୱାଇଁ)

ଜର୍ମାନୀର ବର୍ଲିନଠାରେ ଅନୁଷ୍ଠିତ ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲ୍ଡ ସମର ଗେମ୍ସରେ ଅଂଶଗ୍ରହଣ କରି ଚମତ୍କାର ପ୍ରଦର୍ଶନ କରିଥିବା ଓଡ଼ିଶା ଆଥଲେଟ୍‌ଙ୍କୁ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଗୁରୁବାର ଆର୍ଥିକ ପ୍ରୋତ୍ସାହନ ଦେଇ ସମ୍ବର୍ଦ୍ଧିତ

**ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲ୍ଡ ସମର ଗେମ୍ସ**

କରିଛନ୍ତି। ପ୍ରଥମଥରପାଇଁ ଓଡ଼ିଶାର ୭ ଆଥଲେଟ୍ ଉକ୍ତ ପ୍ରତିଯୋଗିତାରେ ପ୍ରଭାବୀ ପ୍ରଦର୍ଶନ କରି ରାଜ୍ୟକୁ ଗର୍ବିତ କରିଥିଲେ। ୪୦୦ ମିଟର ରେସ୍‌ରେ ରୌପ୍ୟ ଓ ଶଟ୍‌ପୁଟ୍‌ରେ ବ୍ରୋଞ୍ଜ ପଦକ ଜିତିଥିବା ଡବଲ ମେଡାଲିଷ୍ଟ ଅରିଦିତା ଚକ୍ରବର୍ତ୍ତୀଙ୍କୁ ୪ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ସେହିପରି ଶଟ୍‌ପୁଟ୍ ଓ ସାଇକ୍ଲିଂରେ ରୌପ୍ୟ ପଦକ ଜିତିଥିବା ବୈଷ୍ଣବ ରାଜପାଲିଆ ଓ କଳ୍ପନା ଜେନାଙ୍କୁ ୩ ଲକ୍ଷ ଲେଖାଏ ଦିଆ ଯାଇଥିଲା। ୟୁନିଫାଏଡ୍ ଭଲିବଲ ଦଳର ସଦସ୍ୟଭାବେ ରୌପ୍ୟ ପଦକ ଜିତିଥିବା ଶିବାନୀ ପ୍ରିୟଦର୍ଶିନୀ ଓ ମାମାଲି ନାଗ୍‌ଙ୍କୁ ୫୦,୦୦୦ ଟଙ୍କା ଲେଖାଏ ଏବଂ ପ୍ରଭାବୀ ପ୍ରଦର୍ଶନ କରିଥିବା ଫୁଟସାଲ ଦଳର ସଦସ୍ୟଥିବାରୁ ସଚିନ ବାରିକଙ୍କୁ ୨୫,୦୦୦ଟଙ୍କା ପ୍ରଦାନ କରାଯାଇଥିଲା। କ୍ରୀଡ଼ାମନ୍ତ୍ରୀ କୃତୀ ଆଥଲେଟ୍‌ଙ୍କୁ ଅଭିନନ୍ଦନ ଜଣାଇବା ସହ ଏପରି ପ୍ରଦର୍ଶନ ଜାରି ରଖିବାକୁ ଉତ୍ସାହିତ କରିଥିଲେ। ''ଓଡ଼ିଶାର ଏହି ସ୍ୱତନ୍ତ୍ର ଆଥଲେଟ୍‌ଙ୍କୁ ଅଭିନନ୍ଦନ। ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲ୍ଡ ଗେମ୍ସରେ ସେମାନଙ୍କ ପ୍ରଦର୍ଶନ ରାଜ୍ୟପାଇଁ ଗୌରବ ଆଣିଛି। ଏମାନେ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ଉଚ୍ଚସ୍ତରକୁ ଯିବାପାଇଁ ଯାହା ଆବଶ୍ୟକ ପଡ଼ିବ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇ ଏମାନଙ୍କୁ ସଶକ୍ତିକରଣ କରାଯିବ'' ବୋଲି ତୁଷାରକାନ୍ତି କହିଛନ୍ତି। ପୁରସ୍କାର ଗ୍ରହଣ ପରେ ଆଥଲେଟ୍ ଅରିଦିତା ଚକ୍ରବର୍ତ୍ତୀ କହିଛନ୍ତି ଯେ, ''ମୁଁ ମୋ ପ୍ରଦର୍ଶନକୁ ନେଇ ଗର୍ବିତ। ଉଭୟ ଭାରତ ଓ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିବାରୁ ନିଜକୁ ଗର୍ବିତ ମନେକରୁଛି। ଆମର କଠିନ ପରିଶ୍ରମ ଏବଂ ତ୍ୟାଗକୁ ସ୍ୱୀକୃତି ଦିଆଯିବାର ଅନୁଭୂତି ସ୍ୱତନ୍ତ୍ର। ଆଶା କରୁଛି ଯେ ଏହା ରାଜ୍ୟ ଏବଂ ଦେଶକୁ ଗର୍ବିତ କରିବାପାଇଁ ଅନ୍ୟମାନଙ୍କୁ ପ୍ରେରିତ କରିବ''। ଓଡ଼ିଶା ଆଥଲେଟ୍‌ମାନେ ବୁଧବାର ଭୁବନେଶ୍ୱର ଫେରିବା ପରେ ବିମାନବନ୍ଦରରେ ସେମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା।


ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲ୍ଡ ସମର ଗେମ୍ସର କୃତୀ ଆଥ୍‌ଲେଟ୍‌ଙ୍କ ସହ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଅନ୍ୟମାନେ।

# ଅବସରରୁ ଫେରିଲେ ଓଜ୍‌ନିଆକି

ନ୍ୟୁୟର୍କ, ୨୯।୬ (ଏପି)

ପୂର୍ବତନ ନମ୍ବର ୱାନ ର୍‍ୟାଙ୍କିଙ୍ଗ ଖେଳାଳି ତଥା ୨୦୧୮ ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ ଡେନମାର୍କର କାରୋଲିନ୍ ଓଜ୍‌ନିଆକି ଅବସର ନେବାର ୩ ବର୍ଷ ପରେ ପୁଣି ପ୍ରତିଯୋଗିତାମୂଳକ ଟେନିସକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଗୁରୁବାର ସେ ତାଙ୍କର ନିଷ୍ପତ୍ତି ଘୋଷଣା କରିଛନ୍ତି। ଏଣେ ୟୁ.ଏସ୍. ଓପନରେ ଅଂଶଗ୍ରହଣ ପାଇଁ ତାଙ୍କୁ ଏକ ୱାଇଲ୍ଡ କାର୍ଡ ପ୍ରଦାନ କରାଯିବ ବୋଲି ୟୁଏସ୍ ଟେନିସ ଆସୋସିଏଶନ ପ୍ରକାଶ କରିଛି। ଗତ ୩ ବର୍ଷ ହେଲା ସେ ଖେଳରୁ ନିଜକୁ ଦୂରେଇ ରଖିଥିଲେ। ପରିବାରକୁ ସମୟ ଦେଇଥିଲେ। ଇତିମଧ୍ୟରେ ସେ ଦୁଇଟି ସନ୍ତାନର ମାତୃତ୍ୱ ଲାଭ କରିସାରିଛନ୍ତି। ତାଙ୍କର ଏବେ ସୁଦ୍ଧା ଲକ୍ଷ୍ୟ ପୂରଣ ହୋଇ ପାରିନି। ତାହା ହାସଲ କରିବାକୁ ହେବ। ବୟସ କିମ୍ବା ଭୂମିକା ତୁମ ସ୍ୱପ୍ନ ସାକାର କରିବାରେ ପ୍ରତିବନ୍ଧ ସୃଷ୍ଟି କରି ନପାରେ ବୋଲି ସେ ତାଙ୍କ ପିଲାଙ୍କୁ କରି ଦେଖାଇବାକୁ ଚାହାଁନ୍ତି ବୋଲି ଓଜନିଆକି ଟ୍ୱିଟରରେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଆସନ୍ତା ମାସରେ ୩୩ବର୍ଷ ବୟସରେ ପଦାର୍ପଣ କରିବାକୁ ଥିବା ଓଜନିଆକି ୨୦୨୦ ଅଷ୍ଟ୍ରେଲିଆନ ଓପନ ପରଠାରୁ ଆଉ ଖେଳି ନାହାନ୍ତି।


କାରୋଲିନ୍ ଓଜ୍‌ନିଆକି

# ଭାରତୀୟ ହକି ଦଳ ପାଇଁ କାର୍ଯ୍ୟ କରିବେ ଅପ୍‌ଟନ

ନୂଆଦିଲ୍ଲୀ, ୨୯।୬ (ପି.ଟି.)

ଭାରତୀୟ କ୍ରିକେଟ ଟିମ୍ ପାଇଁ ମେଣ୍ଟାଲ କଣ୍ଡିଶନିଂ ଏକ୍ସପର୍ଟ ଭାବେ କାର୍ଯ୍ୟକରୁଥିବା ପ୍ୟାଡି ଅପ୍‌ଟନଙ୍କୁ ହକି ଇଣ୍ଡିଆ ଅନୁବନ୍ଧିତ କରିଛି। ଆଗାମ ଏସିଆନ ଚାମ୍ପିୟନ୍ସ ଟ୍ରଫି ଓ ଏସିଆ ଗେମ୍ସ ଲାଗି ସେ ଜାତୀୟ ପୁରୁଷ ହକି ଦଳକୁ ସହାୟତା କରିବେ। ବେଙ୍ଗାଲୁରୁସ୍ଥିତ ସାଇଠାରେ ଚାଲିଥିବା ଜାତୀୟ କୋଚିଂ କ୍ୟାମ୍ପରେ ଦକ୍ଷିଣ ଆଫ୍ରିକୀୟ ଅପ୍‌ଟନଙ୍କ ୩ ଭାଗ ବିଶିଷ୍ଟ ମେଣ୍ଟାଲ କଣ୍ଡିଶନିଂ ସେସନ ଶନିବାରଠାରୁ ଆରମ୍ଭ ହେବ। ହକି ଇଣ୍ଡିଆ ଓ ଭାରତୀୟ ହକି ଦଳ ସହିତ କାର୍ଯ୍ୟକରିବା ଲାଗି ସୁଯୋଗ ପାଇଥିବାରୁ ସେ ନିଜକୁ ଧନ୍ୟ ମନେକରୁଛନ୍ତି ବୋଲି ଅପ୍‌ଟନ ପ୍ରକାଶ କରିଛନ୍ତି। ଏଇ କିଛି ବର୍ଷ ହେଲା ଭାରତୀୟ ହକି ଦଳର ପ୍ରଦର୍ଶନରେ ବହୁ ଉନ୍ନତି ଘଟିଥିବା ସେ ଲକ୍ଷ୍ୟ କରିଛନ୍ତି। ଦଳର ମାନସିକ ଓ ମନସ୍ତାତ୍ତ୍ୱିକ ସ୍ଥିତିରେ ସୁଧାର ଆଣିବା ଦିଗରେ ସେ ଚେଷ୍ଟା କରିବେ। ଅପଟନଙ୍କର ପ୍ରଚୁର ଅଭିଜ୍ଞତା ରହିଛି। ୨୦୧୧ରେ ୨୮ ବର୍ଷ ବ୍ୟବଧାନରେ ଭାରତର ଦିନିକିଆ ବିଶ୍ୱକପ୍ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଗ୍ୟାରି କର୍ଷ୍ଟେନଙ୍କ କୋଚିଂ ଷ୍ଟାଫ୍‌ର ସେ ଅଂଶବିଶେଷ ଥିଲେ।


ପ୍ୟାଡି ଅପ୍‌ଟନ

# ବିଦେଶରେ ଟ୍ରେନିଂ ନେବେ ଭିନେଶ, ବଜରଙ୍ଗ

ନୂଆଦିଲ୍ଲୀ, ୨୯।୬ (ପି.ଟି.)

ଏସିଆନ ଗେମ୍ସ ଓ ବିଶ୍ୱ ଚାମ୍ପିୟନଶିପ୍ ଟ୍ରାଏଲ୍ସ ପାଇଁ ପ୍ରସ୍ତୁତି ସକାଶେ ଅଗଷ୍ଟ ୧୦ ପର୍ଯ୍ୟନ୍ତ ସମୟ ମାଗିଥିବା କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆ ଓ ଭିନେଶ ଫୋଗଟ ଟ୍ରେନିଂ ଲାଗି ଯଥାକ୍ରମେ କିର୍‌ଗିଜ୍‌ସ୍ତାନ ଓ ହଙ୍ଗେରୀ ଯିବେ। ଉଭୟ କୁସ୍ତିଯୋଦ୍ଧା ଏ ସମ୍ପର୍କରେ ଦେଇଥିବା ପ୍ରସ୍ତାବ କ୍ରୀଡ଼ାମନ୍ତ୍ରଣାଳୟ ଦ୍ୱାରା ଗୃହୀତ ହୋଇଯାଇଛି। ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ସଭାପତି ବ୍ରିଜ ଭୂଷଣ ଶରଣ ସିଂଙ୍କ ବିରୋଧରେ ହୋଇଥିବା ଆନ୍ଦୋଳନର ନେତୃତ୍ୱ ନେଇଥିବା ଏହି ଦୁଇଜଣ କୁସ୍ତି ଯୋଦ୍ଧା କିଛି ଦିନ ପୂର୍ବେ କ୍ରୀଡ଼ା ମନ୍ତ୍ରଣାଳୟକୁ ସେମାନଙ୍କ ପ୍ରସ୍ତାବ ଦେଇଥିଲେ। ଜୁଲାଇ ପ୍ରଥମ ସପ୍ତାହରେ ସେମାନେ ବିଦେଶ ଗସ୍ତରେ ଯିବେ। ସେମାନେ ଆଉ ଧାରଣାରେ ବସିବେ ନାହିଁ ବୋଲି ନିକଟରେ ସୋସିଆଲ ମିଡିଆରେ ଘୋଷଣା କରିଛନ୍ତି। ପୁନିଆ ୩୬ ଦିନ ପାଇଁ କିର୍‌ଗିଜସ୍ତାନର ଇସିକ୍-କୁଲ୍ ଅଭିମୁଖେ ଗସ୍ତ କରିବାକୁ ଥିବା ବେଳେ ଭିନେଶ ତାଙ୍କ ପ୍ରଥମ ଗସ୍ତରେ ବିଶ୍‌କେକ୍‌ଠାରେ ଏକ ସପ୍ତାହ ପାଇଁ ଏବଂ ହଙ୍ଗେରୀର ଟାଟାଠାରେ ୧୮ ଦିନ ଟ୍ରେନିଂ ନେବେ। ଭିନେଶଙ୍କ ସହିତ ଫିଜିଓଥେରାପିଷ୍ଟ ଅଶ୍ୱିନୀ ଜୀବନ ପାଟିଲ, କୋଚ୍ ସୁଦେଶ ଏବଂ ତାଙ୍କ ସ୍ପେୟାରିଂ ପାର୍ଟନର ସଙ୍ଗୀତା ଫୋଗଟ ମଧ୍ୟ ଯିବେ। ସେହିପରି ପୁନିଆଙ୍କ ସହ କୋଚ୍ ସୁଜିତ ମାନ୍, ଫିଜିଓଥେରାପିଷ୍ଟ ଅନୁଜ ଗୁପ୍ତା, ସ୍ପେୟାରିଂ ପାର୍ଟନର ଜିତେନ୍ଦର ଖାନ୍‌ହା ଏବଂ ଷ୍ଟ୍ରେନ୍ଥ୍ ଏବଂ କଣ୍ଡିଶନିଂ ଏକ୍ସପର୍ଟ କାଜି ହସନ ମଧ୍ୟ ଯିବେ। ଅଲିମ୍ପିକ ଗୋଲ୍ଡ କ୍ୱେଷ୍ଟ (ଓଜିକ୍ୟୁ) ହେଉଛି ଏକ ନନ୍ ପ୍ରଫିଟ୍ ପ୍ରମୋଶନ ଫାଉଣ୍ଡେଶନ। ଏହି ସଂସ୍ଥା ପାଟିଲ, ଗୁପ୍ତା ଓ ହସନଙ୍କ ଖର୍ଚ୍ଚ ବହନ କରିବ।


ଭିନେଶ ଫୋଗଟ ଓ ବଜରଙ୍ଗ ପୁନିଆ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ